ବର୍ଷ-୫୨ : ସଂଖ୍ୟା-୧୧ ନଭେମ୍ବର, ୨୦୨୧ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ନଭେମ୍ବର, ୨୦୨୧


| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୩ |
| ୧୯୨୬ ମସିହା, ୨୪ ନଭେମ୍ବର ସମ୍ପର୍କରେ | ... | ଶ୍ରୀମା | ... | ୪ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୫ |
| ଦିବ୍ୟ କୃପା ଓ ଅସତ୍ୟ | ... | ଶ୍ରୀମା | ... | ୬ |
| ତରୁଣ ଓ ଭବିଷ୍ୟତ୍ | ... | ଶ୍ରୀଅରବିନ୍ଦ | ... | ୮ |
| ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ<br>ଦ୍ୱିତୀୟ ଅନୁକ୍ରମ : ପ୍ରଥମ ଭାଗ (ଏକାଦଶ ଅଧ୍ୟାୟ)<br>ବିଶ୍ୱରୂପ ଦର୍ଶନ – ଦୁଇ ବିଭାବ | ... | ଶେଖ ଅବଦୁଲ କାଶମ | ... | ୧୦ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୦୦) | ... | ... | ... | ୧୪ |
| ନିର୍ବୋଧ ବିଚାର (କବିତା) | ... | ସନ୍ତୋଷ ରଥ | ... | ୧୭ |
| ଯଥାର୍ଥ ନେତା ଓ ଜୀବନର ଲକ୍ଷ୍ୟ | ... | ରାମକୃଷ୍ଣ ଦାସ | ... | ୧୮ |
| ତୁମେ ମା ଅବର୍ଣ୍ଣନୀୟା ! (କବିତା) | ... | ଗୋପାଳକୃଷ୍ଣ ପଟ୍ଟନାୟକ | ... | ୨୦ |
| ନୂତନ ସମାଜର ରୂପରେଖ | ... | ପ୍ରପତ୍ତି | ... | ୨୧ |
| ବିବେକୀ ପିଶାଚୀ | ... | ମନୋଜ ଦାସ | ... | ୨୩ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୫୫) | ... | ମହେନ୍ଦ୍ରନାଥ ସ୍ୱାଇଁ | ... | ୨୫ |
| ଶ୍ରୀଅରବିନ୍ଦଙ୍କ ଶରୀର ତ୍ୟାଗ (୨) | ... | ସାହାନା ଦେବୀ | ... | ୨୮ |
| ତୁମେ (କବିତା) | ... | ଝରଣା ଘୋଷାଲ | ... | ୨୯ |
| ସାହସ ସମ୍ପର୍କରେ | ... | କୁମାର ଚନ୍ଦ୍ର ମିଶ୍ର | ... | ୩୦ |
| ତୁମେ ହିଁ ସ୍ରଷ୍ଟା, ତୁମେ ହିଁ ସୃଷ୍ଟି (କବିତା) | ... | ଶକୁନ୍ତଳା ରଥ | ... | ୩୬ |
| କବି ନିଶିକାନ୍ତ (୧୪) | ... | ... | ... | ୩୭ |
| ରୋବ୍ ଏବଂ ଖଳପ୍ରବୃତ୍ତିର ବାମନ | ... | ମୀରା ଗୁଥୀ | ... | ୪୧ |
| ଅର୍ଦ୍ଧସ୍ୱର୍ଗରେ ତ୍ରିଶଙ୍କୁ (କାହାଣୀର ଏକ କାଳ୍ପନିକ ଚିତ୍ରଣ) | ... | ଆର୍ତ୍ତତ୍ରାଣ ମିଶ୍ର | ... | ୪୬ |
| ଅସୀମତା ପରପାରେ (କବିତା) | ... | ଅଞ୍ଜଳି ତ୍ରିପାଠୀ | ... | ୪୭ |
| ପ୍ରାର୍ଥନାର ବର୍ଣ୍ଣମାଳା | ... | ... | ... | ୪୮ |
| ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ (୧୬) | ... | ଗୟାଧର ଦାଶ | ... | ୪୯ |
| ଦିବାସ୍ୱପ୍ନ (୯) | ... | ଗିଜୁଭାଇ ବଧେକା | ... | ୫୨ |
| ଜଣେ ବୁଦ୍ଧିମାନ୍ ଜ୍ଞାନୀ ହୋଇପାରନ୍ତି – କିନ୍ତୁ<br>ବୁଦ୍ଧିମାନ୍ ମାତ୍ରେ ଜ୍ଞାନୀ ନୁହନ୍ତି | ... | ମନୋଜ ଦାସ | ... | ୫୬ |


❖

# ପ୍ରାର୍ଥନା

ଏକମାତ୍ର ପ୍ରଧାନ ବିଷୟ ହେଲା ଲକ୍ଷ୍ୟପ୍ରାପ୍ତି; ପଥ ଏତେ ମହତ୍ତ୍ୱପୂର୍ଣ୍ଣ ନୁହେଁ, ଏବଂ ଅନେକ ସମୟରେ ଆଗରୁ ଏହା ନ ଜାଣିବା ବରଂ ଭଲ । କିନ୍ତୁ ଯାହା ଆମ୍ଭମାନଙ୍କର ଜାଣିବା ଉଚିତ, ତାହା ହେଲା ପୃଥିବୀରେ ଯଥାର୍ଥରେ ଦିବ୍ୟ କର୍ମର ମୁହୂର୍ତ୍ତ ଆସିଛି କି ନାହିଁ, ଯେଉଁ ବୀଜ ଅତି ଗଭୀରରେ ଉପ୍ତ ତା'ର ବହିଃପ୍ରକାଶର ସମୟ ହୋଇଛି କି ନାହିଁ ।

ହେ ଭଗବାନ୍ ! ଏଥିରେ ସନ୍ଦେହ ନାହିଁ, ତୁମେ ଆମ୍ଭମାନଙ୍କୁ ପ୍ରତିଶ୍ରୁତି ଦେଇଛ – ଆଉ ତୁମର ସେହି ପ୍ରତିଶ୍ରୁତି ସଙ୍ଗେ ପ୍ରକୃତି, ବିଶ୍ୱଚେତନା ଯଥାସାଧ୍ୟ ପୂର୍ଣ୍ଣ ସ୍ୱୀକୃତି ଦେଇଛନ୍ତି ।... ସୁତରାଂ ଆମ୍ଭମାନଙ୍କର ଏହି ସ୍ଥିର ନିଶ୍ଚିତ ବୋଧ ଆସିଛି ଯେ ଯାହା ହେବାର କଥା ତାହା ନିଶ୍ଚୟ ହେବ; ଫଳତଃ ଆମ୍ଭମାନଙ୍କର ଏହି ବ୍ୟକ୍ତିଗତ ଆଧାରକୁ ଆହ୍ୱାନ କରାଯାଇଛି ଯେପରି ସେ ଏହି ମହାଗୌରବମୟ ବିଜୟ, ଏହି ନବ ପ୍ରକାଶର ସହଯୋଗୀ ହୋଇପାରିବ । ଏହାଠାରୁ ଆଉ ଅଧିକ କ'ଣ ଜାଣିବା ଦରକାର ? କିଛି ନାହିଁ । ସ୍ଥିର ନିର୍ଭରତା ସହ ଆମ୍ଭେମାନେ କ'ଣ ଏକ ପ୍ରବଳ ଯୁଦ୍ଧରେ ଯୋଗ ଦେଇ ପାରିବୁ ନାହିଁ, ସେହିସବୁ ଅପଶକ୍ତିଙ୍କ ଉଦ୍ଦାମ ଆକ୍ରମଣର ସମ୍ମୁଖୀନ ହୋଇପାରିବୁ ନାହିଁ – ଯେଉଁମାନେ ସେମାନଙ୍କ ଅଜ୍ଞାତସାରରେ ତୁମ ଉଦ୍ଦେଶ୍ୟ ସାଧନରେ ହିଁ ସହାୟତା କରୁଛନ୍ତି । ଏହି ଅପଶକ୍ତି କି ଉପାୟରେ ତୁମ ଉଦ୍ଦେଶ୍ୟ ସାଧନ କରନ୍ତି, କି ଉପାୟରେ ସକଳ ବାଧା ଉପରେ ତୁମେ ବିଜୟ ଲାଭ କରିବ ଏ ବିଷୟରେ ଆମେ ଚିନ୍ତାନ୍ୱିତ ହେବା ଅନୁଚିତ । କାରଣ ତୁମ ବିଜୟ ଏପରି ପରିପୂର୍ଣ୍ଣ ଯେ ତୁମ ବିରୋଧରେ ଛିଡ଼ା ହୋଇଥିବା ସକଳ ବାଧା, ପ୍ରତ୍ୟେକ ମନ୍ଦ ଇଚ୍ଛା, ପ୍ରତ୍ୟେକ ବିଦ୍ୱେଷ ଏକ ବିଶାଳତର ଓ ବୃହତ୍ତର ବିଜୟର ଭବିଷ୍ୟଦ୍‌ବାଣୀ ନେଇଆସେ ।... ...

... ...ହେ ଦିବ୍ୟପ୍ରଭୁ ! ତୁମେ ମୋତେ ଏହି ଯେଉଁ ଦିବ୍ୟଜ୍ଞାନ ଦେଇଛ, ତାହା ସମସ୍ତଙ୍କୁ ସମାନଭାବେ ବିତରଣ କର, ଯେପରି ଆମ୍ଭମାନଙ୍କ ହୃଦୟରେ ପ୍ରତିଷ୍ଠିତ ହେବ ନିଶ୍ଚିତ ବୁଦ୍ଧିର ପ୍ରଶାନ୍ତି, ଯେପରି ତୁମର ସେହି ପରମ ନିଶ୍ଚୟତାର ଶାନ୍ତି ସହ ମସ୍ତକ ଉନ୍ନତ କରି ଛିଡ଼ା ହୋଇପାରିବୁ ସେମାନଙ୍କ ବିରୋଧରେ ଯେଉଁମାନେ ଅଜ୍ଞାତରେ ରୂପାନ୍ତର ପ୍ରତି ଆକୃଷ୍ଟ ହେଲେ ମଧ୍ୟ ଅନ୍ଧ ଅଜ୍ଞାନ ଆଡ଼କୁ ମାଡ଼ି ଚାଲନ୍ତି ଏବଂ ମନେ କରନ୍ତି ଯେ ଏହା ସେହି ରୂପାନ୍ତରକାରୀ ଦିବ୍ୟ ପ୍ରେମକୁ ଧ୍ୱଂସ କରି ଦେଇ ପାରିବ ।

ନଭେମ୍ବର ୧୫, ୧୯୧୪ — ଶ୍ରୀମା

# ୧୯୨୬ ମସିହା, ୨୪ ନଭେମ୍ବର ସମ୍ପର୍କରେ

The 24th November is called the day of Victory in remembrance of a very important spiritual event which took place in 1926.

(CWM - Vol. 13, p. 106) – The Mother

୧୯୨୬ରେ ସଂଘଟିତ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଆଧ୍ୟାତ୍ମିକ ଘଟଣାର ସ୍ମୃତିରେ ନଭେମ୍ବର ୨୪ ବିଜୟ ଦିବସ ଭାବରେ ଅଭିହିତ ।

— ଶ୍ରୀମା

*

[In 1926] Sri Aurobindo had given me charge of the outer work because he wanted to withdraw into concentration in order to hasten the manifestation of the Supramental consciousness and he had announced to the few people who were there that he was entrusting to me the work of helping and guiding them, that I would remain in contact with him, naturally, and that through me he would do the work.

– The Mother

[୧୯୨୬ରେ] ଶ୍ରୀଅରବିନ୍ଦ ମୋତେ ବହିଃକର୍ମର ଦାୟିତ୍ୱ ଦେଇଥିଲେ ଯେହେତୁ ସେ ଅତିମାନସ ଚେତନାର ଆବିର୍ଭାବକୁ ତ୍ୱରାନ୍ୱିତ କରିବା ନିମନ୍ତେ ଏକାଗ୍ରତାରେ ନିମଜ୍ଜିତ ରହିବାକୁ ଚାହୁଁଥିଲେ ଏବଂ ଏଠାରେ ଥିବା ସ୍ୱଳ୍ପ ସଂଖ୍ୟକ ବ୍ୟକ୍ତିଙ୍କୁ ଜଣାଇ ଦେଇଥିଲେ ଯେ ସେମାନଙ୍କୁ ସହାୟତା ଓ ଦିଗ୍‌ଦର୍ଶନ ଦେବା କର୍ମ ସେ ମୋ ଉପରେ ନ୍ୟସ୍ତ କରୁଛନ୍ତି ଏବଂ ମୁଁ ସ୍ୱାଭାବିକ ଭାବେ ତାଙ୍କ ସଂସ୍ପର୍ଶରେ ରହିଥିବି ଏବଂ ମୋ ମାଧ୍ୟମରେ ସେ କର୍ମ ସମ୍ପାଦନ କରୁଥିବେ ।

— ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଦଶମ ସର୍ଗ, କ୍ଷୁଦ୍ର ମାନସର ରାଜ୍ୟ ଓ ଦେବଗଣ

**(The Kingdoms and Godheads of the Little Mind)**

**(୧୧୦)**

**ଶ୍ରୀଅରବିନ୍ଦ**

Then from the secret heights
a wave swept down,
A brilliant chaos of rebel light arose;
It looked above and saw the dazzling peaks,
It looked within and woke the sleeping god.

ତା'ପରେ ନିଭୃତ ଉଚ୍ଚତା ସକଳରୁ ଏକ ତରଙ୍ଗ ସବେଗ ଓହ୍ଲାଇ ଆସିଲା ତଳକୁ, ବିଦ୍ରୋହୀ ଆଲୋକର ଏକ ସମୁଜ୍ଜ୍ୱଳ ବିଶୃଙ୍ଖଳା ଜାଗିଉଠିଲା; ଏହା ଊର୍ଦ୍ଧ୍ୱକୁ ଦୃଷ୍ଟିପାତ କରି ଝଲମଲ କରୁଥିବା ଶିଖରରାଜିକୁ ଦେଖିଲା, ଅଭ୍ୟନ୍ତରକୁ ଦୃଷ୍ଟିପାତ କରି ନିଦ୍ରିତ ଦେବତାଙ୍କୁ ଜଗାଇ ଦେଲା ।

Imagination called her shining squads
That venture into undiscovered scenes
Where all the marvels lurk
none yet has known :
Lifting her beautiful and miraculous head,
She conspired with inspiration's sister brood
To fill thought's skies with glimmering nebulae.

କଳ୍ପନା ଆହ୍ୱାନ କଲା ତାହାର ସଂଦୀପ୍ତ ବାହିନୀକୁ ଯାହା ଦୁଃସାହସପୂର୍ବକ ଅଭିଯାନ ଚଳାଇଲା ଅନାବିଷ୍କୃତ ରାଜ୍ୟସକଳ ଅଭିମୁଖେ, ଯେଉଁଠାରେ ଲୁଚିରହିଥିଲା ଅଦ୍ୟାବଧି କେହି ବି ଜାଣି ନଥିବା ସେହିସବୁ ବିସ୍ମୟ : ଆପଣାର ସୁନ୍ଦର ଓ ଅଲୌକିକ ଶିର ଉତ୍ତୋଳନ କରି ଭାବନାର ଆକାଶକୁ ଝଟକୁଥିବା ନୀହାରିକାପୁଞ୍ଜରେ ଭରିଦେବା ପାଇଁ ଅନୁପ୍ରେରଣାର ଭଗିନୀଦଳଙ୍କ ସହିତ କଳ୍ପନା ଗୁପ୍ତ ମନ୍ତ୍ରଣା କଲା ।

A bright Error fringed the
mystery-altar's frieze;
Darkness grew nurse to wisdom's occult sun,
Myth suckled knowledge with
her lustrous milk;
The infant passed from dim to radiant breasts.

ରହସ୍ୟ-ବେଦୀର ପ୍ରାନ୍ତଦେଶକୁ ଶୋଭାମଣ୍ଡିତ କରୁଥିଲା ଏକ ଭାସ୍ୱର ମହାଭ୍ରାନ୍ତି; ଅନ୍ଧକାର ସାଜିଥିଲା ନିଗୂଢ଼ ପ୍ରଜ୍ଞା-ସୂର୍ଯ୍ୟର ଧାତ୍ରୀ, କଳ୍ପକଥା ଆପଣାର ଆଲୋକଦୀପ୍ତ ଦୁଗ୍ଧରେ ଜ୍ଞାନକୁ ସ୍ତନ୍ୟପାନ କରାଉଥିଲା; ଅନୁଜ୍ଜ୍ୱଳ ବକ୍ଷୋଜ ସକଳକୁ ଅତିକ୍ରମ କରି ଶିଶୁଟି ଚାଲିଥିଲା ଜ୍ୟୋତିର୍ମୟ ସ୍ତନରାଜି ଅଭିମୁଖେ ।

Thus worked the Power upon
the growing world;
Its subtle craft withheld the full-orbed blaze,
Cherished the soul's childhood and
on fictions fed
Far richer in their sweet and nectarous sap
Nourishing its immature divinity
Than the staple or dry straw of Reason's tilth,
Its heaped fodder of innumerable facts,
Plebeian fare on which today we thrive.

ଏହିପରି ଭାବରେ ବର୍ଦ୍ଧିଷ୍ଣୁ ଜଗତରେ କ୍ରିୟା କରୁଥିଲା ମହାଶକ୍ତି; ଏହାର ସୂକ୍ଷ୍ମ କୌଶଳ ପୂର୍ଣ୍ଣ-ମଣ୍ଡଳାକାର ଦୀପ୍ତ ଦହନକୁ ଦୃଷ୍ଟିପଥରୁ ନିବର୍ତ୍ତାଇ ରଖିଥିଲା, ଅନ୍ତରାତ୍ମାର ଶୈଶବକୁ ଲାଳନପାଳନ କରୁଥିଲା ଏବଂ କପୋଳକଳ୍ପିତ କାହାଣୀର ଆହାର ଭୁଞ୍ଜାଉ ଥିଲା, ବିଚାରବୁଦ୍ଧିର କର୍ଷଣଜାତ ମୁଖ୍ୟ ଶସ୍ୟ ଅଥବା ଶୁଷ୍କ ତୃଣଠାରୁ ସମୃଦ୍ଧତର ସୁମଧୁର ତଥା ସୁଧାମୟ ରସରେ ତାହାର ଅପରିଣତ ଦେବତ୍ୱର ପୁଷ୍ଟିସାଧନ କରୁଥିଲା; ଅନ୍ତରାତ୍ମା ପାଇଁ ସେଠାରେ ଥିଲା ଅଗଣିତ ତଥ୍ୟର ରାଶିକୃତ

ଖାଦ୍ୟ ସମ୍ଭାର, ସାଧାରଣ ମଣିଷର ଭୋଜ୍ୟ, ଯାହାକୁ ଅବଲମ୍ବନ କରି ଆମେ ଆଜି ଅଭିବୃଦ୍ଧି ଲାଭ କରୁଛୁ ।

Thus streamed down from
the realm of early Light
Ethereal thinkings into Matter's world;
Its gold-horned herds trooped
into earth's cave-heart.

ପ୍ରଥମ ଆଲୋକର ରାଜ୍ୟରୁ ଏହିଭାବେ ନିମ୍ନଦେଶକୁ ପ୍ରବାହିତ ହୋଇ ଆସିଲା, ଜଡ଼ର ଜଗତ୍ ମଧ୍ୟକୁ ଓହ୍ଲାଇ ଆସିଲା ସୂକ୍ଷ୍ମଚିନ୍ତାରାଜି; ତାହାର ସ୍ୱର୍ଣ୍ଣଶୃଙ୍ଗ ଯୂଥସବୁ ପୃଥିବୀର ହୃଦୟ କନ୍ଦରକୁ ଦଳ ଦଳ ହୋଇ ପ୍ରବେଶ କରିଗଲେ ।

Its morning rays illume our twilight's eyes,
Its young formations move the mind of earth
To labour and to dream and new-create,
To feel beauty's touch and know
the world and self :
The Golden Child began to think and see.

ତାହାରି ପ୍ରଭାତ କିରଣମାଳା ଆମର ଗୋଧୂଳି ଆଲୋକର ଆଖିଗୁଡ଼ିକୁ ଉଦ୍ଭାସିତ କରେ, ତାହାରି ତରୁଣ ରୂପାୟନସକଳ ପୃଥିବୀର ମାନସକୁ ଶ୍ରମ କରିବାକୁ, ସ୍ୱପ୍ନ ଦେଖିବାକୁ, ନବସର୍ଜନା କରିବାକୁ, ସୁଷମାର ସ୍ପର୍ଶକୁ ଅନୁଭବ କରିବାକୁ ତଥା ଜଗତ୍ ଓ ଆତ୍ମାକୁ ଜାଣିବାକୁ ଅନୁପ୍ରାଣିତ କରେ : ଏବେ ସେହି ସ୍ୱର୍ଣ୍ଣ ଶିଶୁ ଚିନ୍ତା କରିବାକୁ ଏବଂ ଦେଖିବାକୁ ଆରମ୍ଭ କଲା ।

*(କ୍ରମଶଃ...)*

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

## ମୁଁ ଯାହା ଚାହେଁ

### ଶ୍ରୀମା

ଏହି ସ୍ଥୂଳ ଜଗତରେ, ପୃଥିବୀପୃଷ୍ଠରେ ମୁଁ ଯେଉଁ ପରିବର୍ତ୍ତନ ଆଣିବାକୁ ଚାହେଁ :

୧. ଅଖଣ୍ଡ ଚେତନା;
୨. ପୂର୍ଣ୍ଣ ଜ୍ଞାନ ଓ ସର୍ବଜ୍ଞତା;
୩. ଏପରି ଶକ୍ତି ଯାହା ଅପରାଜେୟ, ଅପ୍ରତିରୋଧ, ନିରବଚ୍ଛିନ୍ନ ସର୍ବଶକ୍ତିମତ୍ତା;
୪. ଏପରି ସ୍ୱାସ୍ଥ୍ୟ ଯାହା ଅଖଣ୍ଡ, ନିରବଚ୍ଛିନ୍ନ ଦୃଢ଼, ନିତ୍ୟନବୀନ ଶକ୍ତି;
୫. ଚିରତାରୁଣ୍ୟ, ନିରନ୍ତର ଅଭିବୃଦ୍ଧି, ଅବିରତ ଉନ୍ନତି;
୬. ଅଖଣ୍ଡ ସୌନ୍ଦର୍ଯ୍ୟ, ବହୁମୁଖୀ ଓ ପୂର୍ଣ୍ଣ ସଙ୍ଗତି;
୭. ଅକ୍ଷୟ ଓ ଅତୁଳନୀୟ ଐଶ୍ୱର୍ଯ୍ୟ, ପୃଥିବୀର ସମସ୍ତ ଐଶ୍ୱର୍ଯ୍ୟ ଉପରେ ନିୟନ୍ତ୍ରଣ;
୮. ଆରୋଗ୍ୟ ଓ ଆନନ୍ଦପ୍ରଦାନର ଶକ୍ତି;
୯. ସମସ୍ତ ଦୁର୍ଘଟଣାରୁ ମୁକ୍ତି, ସମସ୍ତ ବିରୋଧିଶକ୍ତିର ଆକ୍ରମଣକୁ ପ୍ରତିରୋଧ କରିବାର ଶକ୍ତି;
୧୦. ସବୁ କ୍ଷେତ୍ରରେ ଓ ସମସ୍ତ କ୍ରିୟାକଳାପରେ ଯଥାର୍ଥ ଅଭିବ୍ୟକ୍ତିର ପୂର୍ଣ୍ଣ ଶକ୍ତି;
୧୧. ବାକ୍‌ଶକ୍ତି, ଅନ୍ୟମାନଙ୍କଠାରେ ନିଜର ବକ୍ତବ୍ୟକୁ ପୂର୍ଣ୍ଣତଃ ବୁଝାଇ ପାରିବାର ଶକ୍ତି;
୧୨. ଭଗବତ୍ କର୍ମର ସମ୍ପାଦନ ନିମିତ୍ତ ଅନ୍ୟ ଯାହାସବୁ ଆବଶ୍ୟକ ।

(୨୩ ଅକ୍ଟୋବର, ୧୯୩୭)

ମୁଁ ଚାହେଁ :

୧. ବ୍ୟକ୍ତିଗତ ଭାବେ ଚିରନ୍ତନ ରୂପେ ପରମ ଭଗବାନଙ୍କର ଅଖଣ୍ଡ ଅଭିବ୍ୟକ୍ତି ହେବା ସକାଶେ;
୨. ଅତିମାନସ ବିଜୟ, ଅଭିବ୍ୟକ୍ତି ଏବଂ ରୂପାନ୍ତର ଅବିଳମ୍ବେ ଘଟିବା ଉଚିତ;
୩. ବର୍ତ୍ତମାନ ଓ ଭବିଷ୍ୟତର ଜଗତ୍ ସମୂହରୁ ଚିରକାଳ ସକାଶେ ସମସ୍ତ ଦୁଃଖଯନ୍ତ୍ରଣା ତିରୋହିତ ହେବା ଉଚିତ ।

(CWM. Vol. 13, p. 41-42) ✤

# ଦିବ୍ୟ କୃପା ଓ ଅସତ୍ୟ

## ଶ୍ରୀମା

### (୧)

ଈଶ୍ୱରଙ୍କ କୃପା ଆସିଯାଇଛି; ଏହା ସତ୍ୟକୁ ଉପଲବ୍ଧି କରିବାରେ ସାହାଯ୍ୟ କରେ । କିନ୍ତୁ ଏହା ଉପରେ ଅସତ୍ୟ ଯେଉଁସବୁ ସର୍ତ୍ତ ଆରୋପ କରୁଛି ସେ ଯଦି ତାହାକୁ ଗ୍ରହଣ କରିନିଏ ତେବେ ସେ ଆଉ କିଛି କାର୍ଯ୍ୟ କରିପାରିବ ନାହିଁ । ଏହି ପ୍ରସଙ୍ଗରେ ମୁଁ ତୁମମାନଙ୍କୁ ଅସଂଖ୍ୟ ଉଦାହରଣ ଦେଇ ପାରିବି – ଏପରି ଅନେକ ଲୋକ ଅଛନ୍ତି ଯେଉଁମାନେ ଜିଦ୍ କରନ୍ତି ଯେ ସେମାନଙ୍କୁ ଯାହା ଭଲ ଲାଗେ ଘଟନାଗୁଡ଼ିକ ସେହିପରି ଘଟୁ । ସେମାନେ ପ୍ରାର୍ଥନା କରନ୍ତି, ଏପରିକି ବେଳେ ବେଳେ ଦାବି କରନ୍ତି ଯେ ଘଟନାଗୁଡ଼ିକ ସେହିପରି ଘଟୁ; ଏବଂ ସେମାନେ ଯାହା ଚାହୁଁ ଥାଆନ୍ତି, ତାହା ସମ୍ପୂର୍ଣ୍ଣଭାବେ ସତ୍ୟର ବିପରୀତ ବିଷୟ । ଆଉ ଦେଖ, ଯଦି ବିଭୁ କୃପା ସେମାନଙ୍କ ଦାବି ଅନୁଯାୟୀ କାର୍ଯ୍ୟ କରେ, ତେବେ ତାହା ତା'ର ଉଦ୍ଦେଶ୍ୟ ସାଧନର ବିରୋଧରେ ଯିବ ଓ ତା'ର ଉଦ୍ଦେଶ୍ୟ ବ୍ୟର୍ଥ ହୋଇଯିବ । ଏହାର ଅର୍ଥ, ବିଭୁ କୃପା ତା' ନିଜ ଲକ୍ଷ୍ୟ ଓ କର୍ତ୍ତବ୍ୟ ବିରୋଧରେ କାମ କରି ବସିବ । ସେହି କୃପା ଏଠାକୁ ଆସେ ସତ୍ୟକୁ ଉପଲବ୍ଧି କରିବା ପାଇଁ; ଯଦି ତାହା ମିଥ୍ୟାକୁ ମାନିନିଏ, ତେବେ ତାହା ସତ୍ୟ ଦିଗରୁ ମୁଖ ଫେରାଇ ନେବ । ଆଉ ଲୋକମାନେ କ'ଣ କରନ୍ତି ଜାଣ ? ସେମାନେ ରଥ ଆଗରେ ଘୋଡ଼ାକୁ ନ ଯୋଚି,– ଅଧିକାଂଶ ସମୟରେ ସେମାନଙ୍କ ଅଜ୍ଞାନତା ଓ ନିର୍ବୋଧତା ହେତୁ ଘୋଡ଼ା ଆଗରେ ରଥକୁ ଯୋଚିଥା'ନ୍ତି । କିନ୍ତୁ କେବେ କେବେ ଲୋକେ ସେମାନଙ୍କ ଅସଦିଚ୍ଛା ହେତୁ ସେମାନଙ୍କର ସର୍ତ୍ତ ପୂରଣ କରିବା ପାଇଁ ବିଭୁକୃପାକୁ ବାଧ କରିଥା'ନ୍ତି । ତଦ୍ଦ୍ୱାରା ସେମାନେ ଈଶ୍ୱରଙ୍କ ପାଖରେ ନିଜ ସମର୍ପଣର ପ୍ରତି- ବଦଳରେ କିଛି ଚୁକ୍ତିମୂଳକ ପ୍ରତ୍ୟାଶା ବି କରିଥା'ନ୍ତି ।

### (୨)

ଏପରି ଲୋକ ଅଛନ୍ତି, ଯେଉଁମାନେ କି ଭଗବାନଙ୍କୁ କହନ୍ତି – ''ହେ ଭଗବାନ୍ ! ତୁମେ ଯଦି ଏପରି କିଂବା ସେପରି ହୋଇଥାଅ, ଯଦି ତୁମେ ମୋର ଦେଇଥିବା ସର୍ତ୍ତଗୁଡ଼ିକ ମଞ୍ଜୁର କରିବ, ତା'ହେଲେ ମୁଁ ତୁମ ପାଦତଳେ ମଥା ନତ କରିବି ଓ ତୁମର ଆଜ୍ଞା ପାଳନ କରିବି !'' ଅବଶ୍ୟ ସେମାନେ ମୋ କହିଲା ଭଳି ଢଙ୍ଗରେ କହନ୍ତି ନାହିଁ – କାରଣ ଏପରି ଭାବେ ଭଗବାନଙ୍କୁ ରୋକ୍‌ଠୋକ୍ କହିବା ହାସ୍ୟାସ୍ପଦ କଥା ହେବ । କିନ୍ତୁ ସେମାନେ ପ୍ରାୟ ସବୁବେଳେ ଭଗବାନଙ୍କୁ ଏହି ଭାବରେ ହିଁ କହିଥା'ନ୍ତି । ସେମାନେ କହନ୍ତି – ''ଓଃ ! ଭଗବାନ୍ ହେଉଛନ୍ତି ଏହିପରି । ଭଗବାନ୍ ଏଇସବୁ କଥା କରନ୍ତି । ସେ ମଧ୍ୟ ମୋର ପ୍ରାର୍ଥନା ଅବଶ୍ୟ ପୂରଣ କରିବେ ।'' ଏମାନେ ଏହିପରି ପ୍ରାର୍ଥନା କରିଚାଲିଥା'ନ୍ତି । କିନ୍ତୁ ସେମାନେ ଜାଣିପାରନ୍ତି ନାହିଁ ଯେ ଏତତ୍ ଦ୍ୱାରା ଭଗବାନଙ୍କ ଉପରେ ସେମାନଙ୍କର ଧାରଣାସବୁକୁ ସେମାନେ ଲଦି ଦେଉଛନ୍ତି ଏବଂ ଭଗବାନ୍ କ'ଣ ହେବା ଉଚିତ ଓ କ'ଣ କରିବା ଉଚିତ ସେ ସମ୍ପର୍କରେ ନିଜର ଇଚ୍ଛା ଓ କାମନାଗୁଡ଼ିକୁ ମଧ୍ୟ ଲଦି ଦେଉଛନ୍ତି । ତେଣୁ ଭଗବାନ୍ ଯେତେବେଳେ ସେମାନଙ୍କର ମନୋବାଞ୍ଛା ପୂରଣ ନ କରନ୍ତି କିଂବା ସେମାନଙ୍କ ସର୍ତ୍ତସବୁ ପାଳନ କରନ୍ତି ନାହିଁ – ସେତେବେଳେ ସେମାନେ ଭଗବାନଙ୍କୁ କହନ୍ତି, ''ତୁମେ ତା'ହେଲେ ଭଗବାନ୍ ନୁହଁ ।'' (ହାସ୍ୟ) ଏହା ଅତି ସରଳ କଥା, ''ତୁମେ ମୋର ମନସ୍କାମନା ସବୁ ପୂରଣ କଲ ନାହିଁ, ତେଣୁ ତୁମେ ଭଗବାନ୍ ନୁହଁ !'' ସବୁବେଳେ ସେମାନେ ଏମିତି କରୁଥା'ନ୍ତି, ତୁମେ ଜାଣିଛ । ତେଣୁ ଏହା ସ୍ୱାଭାବିକ ଯେ ଯଦି ଲୋକମାନଙ୍କୁ ସନ୍ତୁଷ୍ଟ କରିବାକୁ ଭଗବତ୍ କୃପା ସେମାନଙ୍କର ଦାବିଗୁଡ଼ିକୁ ମାନି ନିଏ ତେବେ ଏହା ପୂରାପୂରି ନିଜର ଉଦ୍ଦେଶ୍ୟ ବିରୋଧରେ କାର୍ଯ୍ୟ କରିବ ଏବଂ ନିଜର ପ୍ରକୃତ **କାମ**ଟିକୁ ବିନଷ୍ଟ କରିବ ।

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ

❑❑❑

# ତରୁଣ ଓ ଭବିଷ୍ୟତ୍

## ଶ୍ରୀଅରବିନ୍ଦ

ତରୁଣମାନେ ହିଁ ଭବିଷ୍ୟତର ଅଧିକାରୀ । ବର୍ତ୍ତମାନ ଏକ ତରୁଣ ଓ ନୂତନ ଜଗତର ବିକାଶ ହେବାକୁ ଯାଉଛି, ତରୁଣମାନେ ହିଁ ହେବେ ଏହାର ନିର୍ମାତା । ଆମେ ଯେଉଁ ଜଗତ୍ ତିଆରି କରିବାକୁ ଚାହୁଁଛୁ ତାହା ସତ୍ୟ, ସାହସ, ନ୍ୟାୟ, ଉତ୍ତୁଙ୍ଗ ଅଭୀପ୍ସା ଓ ସ୍ୱାଭାବିକ ସାଫଲ୍ୟର ଜଗତ୍ । ଯେ ଭୀରୁ, ଯେ ସ୍ୱାର୍ଥାନ୍ୱେଷୀ, କେବଳ ବାକ୍‌ପଟୁତା ଦେଖାଇ ଆରମ୍ଭରେ କିଛିଟା ଆଗୁଆ ହୁଏ, କିନ୍ତୁ ପରେ ତା'ର ସହଯାତ୍ରୀମାନଙ୍କୁ ବାଧା-ବିପତ୍ତିରେ ଛାଡ଼ି ଚାଲିଯାଏ, ସେପରି ଲୋକର ଏହି ଭବିଷ୍ୟତରେ କୌଣସି ସ୍ଥାନ ନାହିଁ । ଏକ ସାହସୀ, ସ୍ପଷ୍ଟବାଦୀ, ସ୍ୱଚ୍ଛ-ହୃଦୟ, ନିର୍ଭୀକ ଓ ଉଚ୍ଚାଭିଳାଷୀ ତରୁଣ-ସମାଜର ଏକମାତ୍ର ଭିତ୍ତି ଯାହା ଉପରେ ଭବିଷ୍ୟତର ଜାତି ନିର୍ମିତ ହୋଇ ପାରେ ।

ଆମେ ଯଦି ବଞ୍ଚିବାକୁ ଚାହୁଁ ତେବେ ଭାରତର ବାଧାପ୍ରାପ୍ତ ମହାନ୍ ପ୍ରୟାସକୁ ପୁନରୁଜ୍ଜୀବିତ କରିବାକୁ ହେବ । ତା'ର ଉଚ୍ଚତମ ଚେତନା ଓ ଜ୍ଞାନର ପୂର୍ଣ୍ଣ ଓ ସୀମାହୀନ ସତ୍ୟକୁ ଆମକୁ ନିର୍ଭୀକ ଭାବରେ ଗ୍ରହଣ କରିବାକୁ ହେବ ଏବଂ ବ୍ୟକ୍ତି ତଥା ସମାଜ-ଜୀବନରେ, ଆଧ୍ୟାତ୍ମିକ ତଥା ସଂସାର-ଜୀବନରେ ଦର୍ଶନ, ଧର୍ମ, କଳା ଓ ସାହିତ୍ୟ କ୍ଷେତ୍ରରେ, ସମସ୍ତ ଚିନ୍ତାଧାରାର କ୍ଷେତ୍ରରେ, ଏବଂ ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ସମସ୍ତ ଗଠନରେ ତାହାକୁ ନିଖୁଣ ଭାବେ କାର୍ଯ୍ୟକାରୀ କରିବାକୁ ହେବ । ଆମେ ଯଦି ତାହା କରୁ ତା'ହେଲେ ଆମେ ଦେଖିପାରିବୁ ଯେ ପାଶ୍ଚାତ୍ୟର ବେଶରେ ସଜ୍ଜିତ ହୋଇ ଯେଉଁ ସର୍ବୋତ୍ତମ ଭାବଧାରାସବୁ ଆମ ନିକଟକୁ ଆସୁଛି, ତାହା ଆମ ନିଜ ଦେଶର ପ୍ରାଚୀନ ଜ୍ଞାନ ଭଣ୍ଡାରରେ ବରାବର ରହିଆସିଛି । ତେଣୁ ତା'ର ପଶ୍ଚାତରେ ରହିଛି ଏକ ମହତ୍ତର ଚେତନା, ଏକ ଗଭୀରତର ସତ୍ୟ ଓ ଆତ୍ମଜ୍ଞାନ, ଏବଂ ଏକ ଶ୍ରେଷ୍ଠତର ମହତ୍ ଆଦର୍ଶ ନିମନ୍ତେ ସଙ୍କଳ୍ପର କ୍ଷମତା । କେବଳ ଜ୍ଞାନ ଓ ଚେତନାରେ ଆମେ ଯାହା ସର୍ବଦା ଜାଣିଆସିଛୁ, ତାହାକୁ ଜୀବନ କ୍ଷେତ୍ରରେ ନିଖୁଣ ଭାବରେ ରୂପାୟିତ କରିବାକୁ ହେବ । ଅନ୍ୟ କେଉଁଠାରେ ନୁହେଁ, କେବଳ ସେହିଠାରେ ହିଁ ରହିଛି ସେହି ପ୍ରୟୋଜନୀୟ ଗୋପନ ସତ୍ୟ ଯାହା ଆମ ପ୍ରାଚୀନ ସଂସ୍କୃତିର ମୌଳିକ ଅର୍ଥ ଓ ଆମ ଭବିଷ୍ୟତର ପାରିପାର୍ଶ୍ୱିକ ଆବଶ୍ୟକତାକୁ ସମନ୍ୱିତ କରେ । ଆମ୍ଭମାନଙ୍କର ଲକ୍ଷ୍ୟ ହେଲା ଆଧ୍ୟାତ୍ମିକତା ମଧ୍ୟରେ ମାନବଜାତିର ନବଜନ୍ମ; ଏବଂ ସେହି ମହାନ୍ ନବଜନ୍ମ ଓ ନବସୃଷ୍ଟିର କର୍ମକ୍ଷେତ୍ର ସୃଷ୍ଟି କରିବା ସକାଶେ ଆମ୍ଭମାନଙ୍କ ଜୀବନ ସେହି ଆଧ୍ୟାତ୍ମିକତାରେ ଅନୁପ୍ରେରିତ ଏକ ପ୍ରଚେଷ୍ଟା ହେବା ଉଚିତ ।

ଏକ ଆଧ୍ୟାତ୍ମିକ ଆଦର୍ଶ ଚିରକାଳ ହିଁ ଭାରତର ଭାବନା ଓ ଆସ୍ପୃହାର ବିଶେଷତ୍ୱ । କିନ୍ତୁ କାଳର ଅଗ୍ରଗତି ଓ ମାନବଜାତିର ପ୍ରୟୋଜନ ହେତୁ ସେହି ଆଦର୍ଶର ଗୋଟିଏ ନୂତନ ରୂପ ଓ ଗୋଟିଏ ନୂତନ ସଂସ୍କରଣ ଆବଶ୍ୟକ ହୋଇଛି । ସେହି ପୁରାତନ ରୂପ ଓ ପୁରାତନ ପନ୍ଥା ବର୍ତ୍ତମାନ ଯୁଗଧର୍ମର ଲକ୍ଷ୍ୟ ନିମିତ୍ତ ଯଥେଷ୍ଟ ନୁହେଁ । ଆମ୍ଭମାନଙ୍କର ଆଦର୍ଶ ସେହି ଆଧ୍ୟାତ୍ମିକତା ନୁହେଁ ଯାହା ପାର୍ଥିବ ଜୀବନରୁ ମୁଖ ଫେରାଇ ନିଏ, ବରଂ ଆମ୍ଭମାନଙ୍କ ଆଦର୍ଶ ହେଲା ଅଧ୍ୟାତ୍ମ ଶକ୍ତି ଦ୍ୱାରା ଜୀବନରେ ବିଜୟପ୍ରାପ୍ତ ହେବା । ଏହା କେବଳ ଏହି ଜଗତକୁ ଭାଗବତ ଅଭିବ୍ୟକ୍ତିର ଏକ ଉଦ୍ୟମ ବୋଲି ଗ୍ରହଣ କରେ ନାହିଁ, ବରଂ ଭାଗବତ ଅଭିବ୍ୟକ୍ତି ଏକ ବୃହତ୍ତର ଓ ମହତ୍ତର ଉଦ୍ୟମ ଦ୍ୱାରା ମାନବ ସମାଜର ରୂପାନ୍ତର ଚାହେଁ, ଯାହା ଏପର୍ଯ୍ୟନ୍ତ କେବେ ବି ହୋଇ ନାହିଁ ଏବଂ ଯାହାର ପରିଣାମରେ ଭଗବାନ୍ ଓ ମନୁଷ୍ୟ ମଧ୍ୟରେ ଥିବା ପରଦା ଦୂର ହେବ, ଆମ୍ଭମାନଙ୍କ ମଧ୍ୟରେ ଥିବା ସେହି ଦିବ୍ୟ ମାନବତ୍ୱ ମୂର୍ତ୍ତ ହେବ ଏବଂ ଆମ୍ଭମାନଙ୍କ ପାର୍ଥିବ ଜୀବନ ଭାଗବତ ସତ୍ୟ, ଜ୍ୟୋତିଃ ଓ ସାମର୍ଥ୍ୟ ଦ୍ୱାରା ରୂପାନ୍ତରିତ ହେବ ।

ପାଶ୍ଚାତ୍ୟ ଜଗତ୍ ମନୁଷ୍ୟର ବୁଦ୍ଧିଗତ, ଭାବମୟ, ପ୍ରାଣଗତ ଏବଂ ଭୌତିକ ଜୀବନର ବିକାଶକୁ ତାହାର ଆଦର୍ଶ ବୋଲି ଗ୍ରହଣ କରିଛି, ମାତ୍ର ତାହାର ଆଧ୍ୟାତ୍ମିକ ସ୍ଥିତିର ବୃହତ୍ତର ସମ୍ଭାବନାକୁ ଛାଡ଼ିଦେଇଛି । ପାଶ୍ଚାତ୍ୟ ଆଦର୍ଶର ସର୍ବୋଚ୍ଚ ମାନଦଣ୍ଡ ହେଲା ମାନବଜାତିର ପ୍ରଗତି, ଐକ୍ୟ, ସ୍ୱାଧୀନତା, ସାମ୍ୟ, ଭ୍ରାତୃତ୍ୱ, ଯୁକ୍ତି ଓ ବିଜ୍ଞାନ; ସକଳ ପ୍ରକାର ଦକ୍ଷତା, ଉତ୍କୃଷ୍ଟତର ରାଜନୈତିକ, ସାମାଜିକ, ଆର୍ଥନୀତିକ ବ୍ୟବସ୍ଥା ଏବଂ ପାର୍ଥିବ ସୁଖ । ଏହିସବୁ ହେଲା ମହତ୍ ଉଦ୍ୟମ, ମାତ୍ର ପରୀକ୍ଷା

ପରେ ପରୀକ୍ଷା ଦେଖାଇ ଦେଇଛି ଯେ କେବଳ ମନର ଭାବ, ଚିନ୍ତା, ଧାରଣା ଓ ଶକ୍ତି ଦ୍ୱାରା ସେଗୁଡ଼ିକ କାର୍ଯ୍ୟରେ ସାଧିତ ହୋଇପାରିବ ନାହିଁ । ସେସବୁର ଯଥାର୍ଥ ସତ୍ୟ ଓ କାର୍ଯ୍ୟକାରିତା କେବଳ ଆଧ୍ୟାତ୍ମିକ ଭିତ୍ତି ଉପରେ ହିଁ ପ୍ରତିଷ୍ଠିତ ହୋଇପାରିବ । ପାଶ୍ଚାତ୍ୟ ଜଗତ୍ ବିଶ୍ୱାସ ସ୍ଥାପନ କରିଛି ତାହାର ବିଜ୍ଞାନ-ଯନ୍ତ୍ର, କଳ ଓ କବ୍‌ଜା ଉପରେ, କିନ୍ତୁ ଧ୍ୱସ୍ତ ଓ ପିଷ୍ଟ ହେଉଛି ସେହି ବିଜ୍ଞାନ ଏବଂ ଯାନ୍ତ୍ରିକତାର ଗୁରୁଭାରରେ । କିନ୍ତୁ ସେ ଉପଲବ୍ଧି କରୁ ନାହିଁ ଯେ ଏହି ଆଦର୍ଶ ସାଧନ ନିମିତ୍ତ ଆଧ୍ୟାତ୍ମିକ ପରିବର୍ତ୍ତନ ହିଁ ଆବଶ୍ୟକ । ପ୍ରାଚ୍ୟଜଗତ୍ ସେହି ଆଧ୍ୟାତ୍ମିକ ପରିବର୍ତ୍ତନର ଅଧିକାରୀ ଏବଂ ଦୀର୍ଘକାଳ ଧରି ଏହା ପାର୍ଥିବ ଜୀବନରୁ ଦୃଷ୍ଟି ଫେରାଇ ନେଇଛି । ବର୍ତ୍ତମାନ ସେହି ସମୟ ଆସିଛି ଯେତେବେଳେ ଏହି ବିଭେଦ ଦୂର ହେବ ଏବଂ ଜୀବନ ଓ ଆଧ୍ୟାତ୍ମିକତା ମଧ୍ୟରେ ଐକ୍ୟ ସ୍ଥାପିତ ହେବ ।

ଭାରତ ଏହି ରହସ୍ୟର ଅଧିକାରୀ ସତ୍ୟ, କିନ୍ତୁ ତାହାର ଯଥାର୍ଥ ବ୍ୟବହାର କରି ନାହିଁ । ଗୀତାର ମହାକାବ୍ୟରେ 'ଯୋଗସ୍ଥ କୁରୁ କର୍ମାଣି'– ଏହି ସତ୍ୟ ଅତି ସଂକ୍ଷେପରେ କୁହାଯାଇଛି । ଏହାର ନୀତି ହେଲା ସକଳ କର୍ମ କରିବ ଯୋଗର ଭିତ୍ତିରେ, ଭଗବାନଙ୍କ ସଙ୍ଗେ ସଂଯୁକ୍ତ ହୋଇ, ସତ୍ତାର ଉଚ୍ଚତମ ଭିତ୍ତିରେ ପ୍ରତିଷ୍ଠିତ ହୋଇ ଏବଂ ଆମ୍ଭମାନଙ୍କ ସତ୍ତାର ସକଳ ଅଂଶରେ ଆତ୍ମା ଦ୍ୱାରା ପରିଚାଳିତ ହୋଇ । ଆମ୍ଭେମାନେ ବିଶ୍ୱାସ କରୁ ଯେ ଏହା ମନୁଷ୍ୟ ପକ୍ଷରେ କେବଳ ସମ୍ଭବ ନୁହେଁ ବରଂ ଏହା ତାହାର ସକଳ ବାଧାବିଘ୍ନ ଓ ସମସ୍ୟାର ଯଥାର୍ଥ ସମାଧାନ । ତେବେ ଏହାହିଁ ହେଉଛି ସେହି ବାଣୀ ଯାହା ଆମ୍ଭେମାନେ ସର୍ବଦା ଉଚ୍ଚାରଣ କରିବା ଏବଂ ଏହାହିଁ ହେଲା ସେହି ଆଦର୍ଶ ଯାହା ଆମ୍ଭେମାନେ ତରୁଣ ଓ ଉଦୀୟମାନ ଭାରତବର୍ଷ ସମ୍ମୁଖରେ ଉପସ୍ଥାପିତ କରିବା : ଏକ ଅଧ୍ୟାତ୍ମ ଜୀବନ ଯାହା ମାନବ ଜୀବନର ସକଳ କର୍ମକୁ ଗ୍ରହଣ କରିବ ଏବଂ ଯେଉଁ ମହାନ୍ ଯୁଗ ଆସନ୍ନ ସେଥିନିମିତ୍ତ ଜଗତକୁ ରୂପାନ୍ତରିତ ହେବାରେ ସାହାଯ୍ୟ କରିବ । ଭାରତ ଅତି ପ୍ରାଚୀନ କାଳରୁ ସେହି ରହସ୍ୟକୁ ବହନ କରିଆସିଛି । ଏହି ବିରାଟ ରୂପାନ୍ତର କାର୍ଯ୍ୟରେ ସେ (ଭାରତ)ହିଁ କେବଳ ପଥପ୍ରଦର୍ଶକ ହେବ; ଆଉ ବର୍ତ୍ତମାନ ଯାହା ପ୍ରାଚୀନ ଯୁଗର ସନ୍ଧ୍ୟା ତାହା ଏହି ରୂପାନ୍ତରର ଅଗ୍ରଦୂତ । ଯେହେତୁ ଭାରତ ବ୍ୟକ୍ତିର ଅନ୍ତରାତ୍ମିକ ଜୀବନ ଆବିଷ୍କାର କରିଛି, ବର୍ତ୍ତମାନ ମାନବଜାତି ନିମିତ୍ତ ତାହାର ପୂର୍ଣ୍ଣାଙ୍ଗ ସାମୂହିକ ଅଭିବ୍ୟକ୍ତି ପ୍ରତିଷ୍ଠା କରିବା ଏବଂ ନୂତନ ଆଧ୍ୟାତ୍ମିକ ଓ ସାମାଜିକ ସଂସ୍କାରର ଭିତ୍ତି ଆବିଷ୍କାର କରିବା ଭାରତର ଲକ୍ଷ୍ୟ ଓ କାର୍ଯ୍ୟ ହେବା ଉଚିତ ।...

ତରୁଣ ଭାରତକୁ ଆମ୍ଭେମାନେ ଆହ୍ୱାନ କରୁଛୁ । ତରୁଣମାନେ ହିଁ ଏହି ନୂତନ ଜଗତର ନିର୍ମାତା ହେବେ, କିନ୍ତୁ ସେମାନେ ନୁହଁନ୍ତି ଯେଉଁମାନେ ପାଶ୍ଚାତ୍ୟ ଜଗତର ପ୍ରତିଯୋଗିତା ମୂଳକ ବ୍ୟକ୍ତିତନ୍ତ୍ର, ପୁଞ୍ଜିବାଦ ବା ବସ୍ତୁତାନ୍ତ୍ରିକ ସାମ୍ୟବାଦକୁ ଭାରତର ଭବିଷ୍ୟତ୍ ଆଦର୍ଶ ରୂପେ ଗ୍ରହଣ କରନ୍ତି ବା ଯେଉଁମାନେ ହୋଇଛନ୍ତି ପୁରାତନ ଧର୍ମର କ୍ରୀତଦାସ ଅଥବା ଯେଉଁମାନେ ଆଧ୍ୟାତ୍ମିକତା ଦ୍ୱାରା ଜୀବନର ରୂପାନ୍ତରରେ ବିଶ୍ୱାସ କରନ୍ତି ନାହିଁ କିଂବା ସମ୍ମତି ପ୍ରଦାନ କରନ୍ତି ନାହିଁ । ବରଂ ଯେଉଁମାନେ ଏକ ପୂର୍ଣ୍ଣତର ସତ୍ୟ ଗ୍ରହଣ କରିବାକୁ ସମର୍ଥ ହେବେ ଓ ଏକ ମହତ୍ତର ଆଦର୍ଶ ନିମିତ୍ତ ଅଧ୍ୟବସାୟ କରିବାକୁ ଯେଉଁମାନଙ୍କର ମନ ଓ ହୃଦୟ ଉନ୍ମୁକ୍ତ, ସେହିମାନେ ହିଁ ଏହି ଜଗତର ନିର୍ମାତା ହେବେ । ସେମାନେ ଏପରି ବ୍ୟକ୍ତି ହେବେ ଯେଉଁମାନେ ଅତୀତ ଓ ବର୍ତ୍ତମାନ ପ୍ରତି ନିଜକୁ ଉତ୍ସର୍ଗ ନ କରି, ନିଜକୁ ଉତ୍ସର୍ଗ କରିବେ ଭବିଷ୍ୟତ୍ ପ୍ରତି । ସେମାନେ ନିଜକୁ ପୂର୍ଣ୍ଣପ୍ରାଣରେ ଉତ୍ସର୍ଗ କରିବେ ନିଜର ନିମ୍ନ ପ୍ରକୃତିକୁ ଅତିକ୍ରମ କରିଯିବା ନିମିତ୍ତ, ନିଜ ମଧ୍ୟରେ ତଥା ସମସ୍ତଙ୍କ ମଧ୍ୟରେ ଈଶ୍ୱରଙ୍କୁ ଉପଲବ୍ଧି କରିବା ଉଦ୍ଦେଶ୍ୟରେ, ଦେଶ ଓ ମାନବସମାଜ ନିମିତ୍ତ ଅକ୍ଳାନ୍ତ ଅଧ୍ୟବସାୟ କରିବା ପାଇଁ । ଏପର୍ଯ୍ୟନ୍ତ ଏହି ଆଦର୍ଶ ରହିଅଛି ଏକ କ୍ଷୁଦ୍ର ବୀଜତୁଲ୍ୟ ଏବଂ ଯେଉଁ ଜୀବନରେ ଏହା ମୂର୍ତ୍ତ ତାହା ଏକ ସୂକ୍ଷ୍ମକେନ୍ଦ୍ର । କିନ୍ତୁ ଆମ୍ଭମାନଙ୍କର ଦୃଢ଼ ବିଶ୍ୱାସ ଏହି ଯେ ଏହି କ୍ଷୁଦ୍ର ବୀଜ ଏକ ବୃହତ୍ ବୃକ୍ଷରେ ଦିନେ ନା ଦିନେ ପରିଣତ ହେବ ଏବଂ ସେହି ସୂକ୍ଷ୍ମକେନ୍ଦ୍ର ଏକ ଚିର ବ୍ୟାପକ ସଙ୍ଗଠନର ପ୍ରାଣ ହେବ । ଆଧ୍ୟାତ୍ମିକତାରେ ଅବିଚଳିତ ଶ୍ରଦ୍ଧା ଦ୍ୱାରା ଅନୁପ୍ରାଣିତ ହୋଇ ଆମ୍ଭେମାନେ ଧ୍ୱଂସୋନ୍ମୁଖ ଜଗତର ବିଶୃଙ୍ଖଳା ମଧ୍ୟରେ ଯେଉଁ ନୂତନ ମାନବ ଗୋଷ୍ଠୀ ଜନ୍ମଲାଭ କରିବା ପାଇଁ ଚେଷ୍ଟା କରୁଛୁ ତାହାର ଓ ଭବିଷ୍ୟତ୍ ଭାରତର ତଥା ଆଦ୍ୟା ଜନନୀଙ୍କର ବିରାଟ ଅବସନ୍ନ ଶରୀରରେ ପୁନଃ ଯୌବନ ପ୍ରଦାନ କରିବା ପାଇଁ ଯେଉଁ ବିଶାଳ ଭାରତ ପୁନର୍ଜନ୍ମ ଲାଭ କରିବ ତାହାର ପତାକାଧାରୀମାନଙ୍କ ମଧ୍ୟରେ ଆମ୍ଭେମାନେ ସ୍ଥାନ ଗ୍ରହଣ କରୁଛୁ ।

(ଶ୍ରୀଅରବିନ୍ଦ-ଆକ୍‌ସନ୍,
ଅକ୍‌ଟୋବର ୧୯୭୦, ପୃଷ୍ଠା - ୩)

❑❑❑

# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## ଦ୍ୱିତୀୟ ଅନୁକ୍ରମ : ପ୍ରଥମ ଭାଗ

## (ଏକାଦଶ ଅଧ୍ୟାୟ)

## ବିଶ୍ୱରୂପ ଦର୍ଶନ – ଦୁଇ ବିଭାବ


## ଶେଖ ଅବଦୁଲ କାଶମ


ଭଗବାନ୍ ହେଉଛନ୍ତି ଆଦିସ୍ରଷ୍ଟା, ସକଳ କର୍ମର କର୍ତ୍ତା ଓ ଅଧୀଶ୍ୱର । ସେ ଅନନ୍ତ, ଅକ୍ଷର, ସତ୍, ଅସତ୍ ଏବଂ ସବୁକୁ ଅତିକ୍ରମ କରି ରହିଥିବା ପରାତ୍ପର । କୁରୁକ୍ଷେତ୍ରର ରଣଭୂମିରେ ଥାଇ ଅର୍ଜୁନ ଦେଖୁଛନ୍ତି ଯେ ସମଗ୍ର ଜଗତ୍ ପରମ ପ୍ରଭୁଙ୍କର ମାହାତ୍ମ୍ୟ କୀର୍ତ୍ତନ କରି ପୁଲକିତ ହେଉଛି । ସିଦ୍ଧପୁରୁଷମାନେ ତାଙ୍କୁ ଭକ୍ତିରେ ନମସ୍କାର କରୁଛନ୍ତି । ରାକ୍ଷସମାନେ ଭୟରେ ଦିଗ୍‌ବିଦିଗକୁ ପଳାୟନ କରୁଛନ୍ତି । ଏକ ଦିଗରେ ଭଗବାନଙ୍କ ଅତ୍ୟାଶ୍ଚର୍ଯ୍ୟ ଗରିମାମୟ ରୂପ ଓ ଅନ୍ୟ ଦିଗରେ ତାଙ୍କର ସଂହାରକ ମହାକାଳ ରୂପ । ଅର୍ଜୁନ ସେହି ବିରାଟ ରୂପକୁ ଦେଖି ବିସ୍ମୟାଭିଭୂତ ହୋଇଛନ୍ତି । ଗୀତାରେ ସେ ଭଗବାନଙ୍କ ଅନନ୍ତ ଓ ସର୍ବମୟ ରୂପକୁ ବର୍ଣ୍ଣନା କରି କହୁଛନ୍ତି –

''ତ୍ୱମାଦିଦେବଃ ପୁରୁଷଃ ପୁରାଣ-
ସ୍ତ୍ୱମସ୍ୟ ବିଶ୍ୱସ୍ୟ ପରଂ ନିଧାନମ୍ ।
ବେତ୍ତାସି ବେଦ୍ୟଂ ଚ ପରଂ ଚ ଧାମ
ତ୍ୱୟା ତତଂ ବିଶ୍ୱମନନ୍ତରୂପ ॥
ବାୟୁର୍ଯମୋଽଗ୍ନିର୍ବରୁଣଃ ଶଶାଙ୍କଃ
ପ୍ରଜାପତିସ୍ତ୍ୱଂ ପ୍ରପିତାମହଶ୍ଚ ।
ନମୋ ନମସ୍ତେଽସ୍ତୁ ସହସ୍ରକୃତ୍ୱଃ
ପୁନଶ୍ଚ ଭୂୟୋଽପି ନମୋ ନମସ୍ତେ ॥
ନମଃ ପୁରସ୍ତାଦଥ ପୃଷ୍ଠତସ୍ତେ
ନମୋଽସ୍ତୁ ତେ ସର୍ବତ ଏବ ସର୍ବ ।
ଅନନ୍ତବୀର୍ଯ୍ୟାମିତବିକ୍ରମସ୍ତ୍ୱଂ
ସର୍ବଂ ସମାପ୍ନୋଷି ତତୋଽସି ସର୍ବଃ ॥''
(୧୧/୩୮-୪୦)

ଅର୍ଥାତ୍ ''ତୁମେ ହେଉଛ ସେହି ଆଦିଦେବ, ପୁରାଣ-ପୁରୁଷ ଏବଂ ତୁମେ ହିଁ ଏହି ବିଶ୍ୱର ଆଶ୍ରୟ ଓ ଆଧାର । ତୁମେ ହେଉଛ ଜ୍ଞାତା ଏବଂ ଜ୍ଞେୟ ଏବଂ ତୁମେ ହିଁ ପରମଧାମ, ହେ ଅନନ୍ତ ରୂପ, ତୁମରି ଦ୍ୱାରା ହିଁ ବିଶ୍ୱ ପରିବ୍ୟାପ୍ତ ହୋଇଛି । ବାୟୁ, ଯମ, ଅଗ୍ନି, ବରୁଣ, ଚନ୍ଦ୍ର ଓ ସମସ୍ତ ଜୀବଙ୍କର ପିତା ପ୍ରଜାପତି ବ୍ରହ୍ମା,– ସବୁକିଛି ହିଁ ତୁମେ; ଆହୁରି ମଧ୍ୟ ତୁମେ ପିତାମହ ବ୍ରହ୍ମାଙ୍କର ପିତା ଓ ସେହି ହେତୁ ପ୍ରପିତାମହ ଅଟ । ତୁମକୁ ମୁଁ ପୁନଃ ପୁନଃ ସହସ୍ରବାର ନମସ୍କାର କରୁଛି । ବାରଂବାର ନମସ୍କାର କରୁଛି, ତୁମକୁ ସମ୍ମୁଖରେ ନମସ୍କାର କରୁଛି, ପଶ୍ଚାତରେ ତଥା ସବୁ ଦିଗରୁ ନମସ୍କାର କରୁଛି । କାରଣ ଯାହା କିଛି ଅଛି ସବୁ ତୁମେ । ଅନନ୍ତବୀର୍ଯ୍ୟ ଓ ଅମିତ ବିକ୍ରମଶାଳୀ ତୁମେ ସମଗ୍ର ବିଶ୍ୱର ସମସ୍ତ ଭୂତଙ୍କ ମଧ୍ୟରେ ବ୍ୟାପ୍ତ ହୋଇଅଛ । ତେଣୁ ତୁମେ ହିଁ ସର୍ବସ୍ୱରୂପ ଅଟ ।''

ଭଗବାନଙ୍କୁ ସର୍ବାନ୍ତଃକରଣରେ ନମସ୍କାର କରିବା ହେଉଛି ନମ୍ରତା, କୃତଜ୍ଞତା ଓ ଆତ୍ମସମର୍ପଣର ପ୍ରତୀକ । ମନୁଷ୍ୟ ଯେତେବେଳେ ଏହି ମନଃସ୍ଥିତିରେ ଆସି ପହଞ୍ଚେ ତାହା ଭିତରେ ଏକ ମହତ୍ତର ଜୀବନର ସ୍ଫୁରଣ ଘଟେ । କାରଣ ପୃଥିବୀରେ ତା'ର ଅସଲ କର୍ମ କ'ଣ ସେ ବିଷୟରେ ଭଗବାନ୍ ତାକୁ ସଚେତନ କରି ଦିଅନ୍ତି ।

ପରମ ବିଶ୍ୱପୁରୁଷ ମାନବ ଦେହ ଧାରଣ କରି ଅବତାର ରୂପେ ପୃଥିବୀରେ ତଥା ଅର୍ଜୁନଙ୍କ ସମ୍ମୁଖରେ ଉପସ୍ଥିତ ଅଛନ୍ତି । ମାତ୍ର ଅର୍ଜୁନ ଶ୍ରୀକୃଷ୍ଣଙ୍କର ଅସଲ ଦିବ୍ୟ ସ୍ୱରୂପ ନ ଜାଣି ତାଙ୍କ ସହିତ ଏକ ସାଧାରଣ ମଣିଷ ଭଳି ବ୍ୟବହାର କରିଛନ୍ତି । ସେ ସ୍ୱୟଂ ଭଗବାନଙ୍କୁ 'ହେ କୃଷ୍ଣ, ହେ ଯାଦବ, ହେ ସଖା' ଇତ୍ୟାଦି କହି ସମ୍ବୋଧନ କରିଛନ୍ତି । ଆହାର, ବିହାର ଓ ଦୈନନ୍ଦିନ କ୍ରିୟାକଳାପ ସମୟରେ ସେ ଶ୍ରୀକୃଷ୍ଣଙ୍କ ସହିତ ସଖାତୁଲ୍ୟ ଆଚରଣ କରିଛନ୍ତି । ତାଙ୍କୁ ପରିହାସ କରିଛନ୍ତି, ଅସମ୍ମାନ ବି ପ୍ରଦର୍ଶନ କରିଛନ୍ତି । ନିଜର ଅବଜ୍ଞାଜନିତ ଅଜ୍ଞତା ହେତୁ ସେ ଶ୍ରୀକୃଷ୍ଣଙ୍କ ପାଖରେ କ୍ଷମା ପ୍ରାର୍ଥନା କରି କହୁଛନ୍ତି – ''ହେ ବନ୍ଦନୀୟ ଈଶ୍ୱର, ସାଷ୍ଟାଙ୍ଗ ପ୍ରଣିପାତପୂର୍ବକ ମୁଁ ତୁମର କୃପା

ପ୍ରାର୍ଥନା କରୁଛି । ପିତା ଯେପରି ପୁତ୍ରର, ସଖା ଯେପରି ସଖାର, ପ୍ରିୟ ଯେପରି ପ୍ରିୟର ଅପରାଧ ସହ୍ୟ କରେ; ସେହିପରି ହେ ଈଶ୍ୱର, ତୁମେ ମୋର ଅପରାଧ ସହ୍ୟ କର ।'' ଭଗବାନଙ୍କର ସେହି ଅଦ୍ଭୁତ ରୂପ ଦେଖି ସେ ଏକ ସଙ୍ଗେ ଆନନ୍ଦିତ ଓ ଭୟଭୀତ । ତେଣୁ ସେ ଭଗବାନଙ୍କୁ ବର୍ତ୍ତମାନ ପ୍ରାର୍ଥନା କରି କହୁଛନ୍ତି, ''ଆପଣ ମୋ ଉପରେ ପ୍ରସନ୍ନ ହୋଇ ଆପଣଙ୍କର ଚତୁର୍ଭୁଜ ରୂପରେ ମୋତେ ଦର୍ଶନ ଦିଅନ୍ତୁ ।''

ଭଗବାନଙ୍କର ଭୟଙ୍କର ରୂପକୁ ଦେଖି ସାଧାରଣ ବ୍ୟକ୍ତିମାନେ ଭୟଭୀତ ହୁଅନ୍ତି । ରାକ୍ଷସମାନେ ସେହି ରୂପକୁ ଦେଖି ଶକ୍ତିହୀନ ହୋଇ ପଡ଼ନ୍ତି ଓ ଭୟରେ ପଳାୟନ କରନ୍ତି । ଆଧ୍ୟାତ୍ମିକ ସିଦ୍ଧିପ୍ରାପ୍ତ ବ୍ୟକ୍ତିମାନେ ଭଗବାନଙ୍କର ବିଭିନ୍ନ ରୂପର ତାତ୍ପର୍ଯ୍ୟ ବୁଝିଥିବାରୁ ସେଇ ଭୟଙ୍କର କରାଳ ରୂପ ଦେଖି ଭୀତତ୍ରସ୍ତ ହୁଅନ୍ତି ନାହିଁ, ବରଂ ଭଗବାନଙ୍କ ନାମ କୀର୍ତ୍ତନ କରନ୍ତି, ଗୁଣଗାନ କରନ୍ତି । ସେମାନେ ଜାଣିଥା'ନ୍ତି ଯେ ଏକମେବାଦ୍ୱିତୀୟମ୍ ଭଗବାନଙ୍କର ଦୁଇଟି ବିଭାବ ବା ମୁଖ୍ୟ ରୂପ ରହିଛି, ଯଥା : ଶିବ ଓ ରୁଦ୍ର । ଶିବ ହେଉଛନ୍ତି ଶାନ୍ତ ଓ ମଙ୍ଗଳବିଧାୟକ ଏବଂ ରୁଦ୍ର ହେଉଛନ୍ତି ଉଗ୍ର ଓ କରାଳ ସଂହାରକର୍ତ୍ତା । ସିଦ୍ଧ ଓ ଭକ୍ତମାନେ ବୁଝିଥା'ନ୍ତି ଯେ ରୁଦ୍ରଦେବଙ୍କ ଗତିବୃତ୍ତି ଓ କ୍ରିୟାସକଳ ସିଦ୍ଧି, ଦିବ୍ୟଜ୍ୟୋତି ଓ ପୂର୍ଣ୍ଣତା ନିମିତ୍ତ ଉଦ୍ଦିଷ୍ଟ ।

ବିଶ୍ୱରୂପ ଦର୍ଶନର ତାତ୍ପର୍ଯ୍ୟ ହେଉଛି ଏହା ଆମକୁ ଭଗବାନଙ୍କର ଭୟଙ୍କର ରୂପର ପଶ୍ଚାତରେ ଥିବା ଆନନ୍ଦମୟ ସତ୍ୟ ବିଷୟରେ ସଚେତନ କରିଦିଏ । ଶ୍ରୀଅରବିନ୍ଦ ସେହି ସତ୍ୟକୁ ଆମ ସମ୍ମୁଖରେ ଉନ୍ମୋଚିତ କରି କହିଛନ୍ତି –

"There is something that makes the heart of the world to rejoice and take pleasure in the name and nearness of the Divine. It is the profound sense of that which makes us see in the dark face of Kali the face of the Mother and to perceive even in the midst of destruction the protecting arms of the Friend of creatures, in the midst of evil the presence of a pure unalterable Benignity and in the midst of death the Master of Immortality."

(Essays on the Gita, p. 389)

ଅର୍ଥାତ୍ ''ସେଥିରେ ଏପରି କିଛି ରହିଛି ଯାହା ଭଗବାନଙ୍କର ନାମ ଓ ସାନ୍ନିଧ୍ୟରେ ଜଗତର ହୃଦୟକୁ ହୃଷ୍ଟ ଓ ପୁଲକିତ କରି ତୋଳେ । ବିଶ୍ୱରୂପର ସେହି ବିପୁଳ ଅନୁଭୂତି ଯୋଗୁଁ ଆମେ କାଳୀଙ୍କର କରାଳ ବଦନରେ ଦେଖୁ ଦିବ୍ୟଜନନୀଙ୍କର ରୂପ, ଏପରିକି ଧ୍ୱଂସଲୀଳା ମଧ୍ୟରେ ଦେଖିବାକୁ ପାଉ ସର୍ବଭୂତ-ସୁହୃଦଙ୍କର ବରାଭୟ ହସ୍ତ, ଅଶୁଭ ମଧ୍ୟରେ ଦେଖିଥାଉ ଶୁଦ୍ଧ ଅପରିବର୍ତ୍ତନୀୟ କଲ୍ୟାଣର ଉପସ୍ଥିତି ତଥା ମୃତ୍ୟୁ ମଧ୍ୟରେ ଦେଖିବାକୁ ପାଉ ଅମୃତତ୍ୱର ପ୍ରଭୁଙ୍କୁ ।''

(ଗୀତା-ନିବନ୍ଧମାଳା, ପୃ. ୪୮୨)

ଭଗବାନ୍ ହେଉଛନ୍ତି ଅନନ୍ତ ଓ ସବୁକିଛିର ପରମ ଉତ୍ସ । ତାଙ୍କର ବାହାରେ କିଛି ନାହିଁ । ସମଗ୍ର ଜଗତ୍ ତାଙ୍କରି ମଧ୍ୟରେ ସମାହିତ । ସେ ସତ୍ ଓ ଅସତ୍, ବ୍ୟକ୍ତ ଓ ଅବ୍ୟକ୍ତ । ସମସ୍ତ ସୃଷ୍ଟି ଓ ଧ୍ୱଂସର ଲୀଳା ତାଙ୍କରି ଇଚ୍ଛାନୁସାରେ ତାଙ୍କରି ଭିତରେ ହିଁ ସଂଘଟିତ ହେଉଛି । ସେ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ସକଳ ବସ୍ତୁ ଓ ଘଟଣାକୁ ଧାରଣ କରି ରହିଛନ୍ତି । ପ୍ରକୃତ ଦିବ୍ୟସୃଷ୍ଟି ହେଉଛି ଚିରନ୍ତନ । ଭଗବାନ୍ ଅନନ୍ତ ହୋଇ ମଧ୍ୟ ସସୀମ ମଧ୍ୟରେ ନିଜକୁ ଲୁକ୍କାୟିତ କରୁଛନ୍ତି ତଥା ପ୍ରକଟ କରୁଛନ୍ତି । ସକଳ ସତ୍ୟର ସମନ୍ୱୟ ତାଙ୍କରି ମଧ୍ୟରେ ହିଁ ସମ୍ଭବ । ସମସ୍ତ ଜୀବ ତାଙ୍କର ଆତ୍ମସତ୍ତା । ସେ ସମସ୍ତଙ୍କୁ ସମାବେଶିତ କରି ରଖିଛନ୍ତି ଏବଂ ସେ ହିଁ ସବୁକିଛି (ସର୍ବଂ ସମାପ୍ନୋଷି ତତୋଽସି ସର୍ବଃ) । ପ୍ରତ୍ୟେକ ସତ୍ତା ତାଙ୍କରି ମଧ୍ୟରେ ଆପଣାର ଆଧ୍ୟାତ୍ମିକ ସାର୍ଥକତା ଲାଭ କରନ୍ତି । ତାଙ୍କର ଅନନ୍ତ ଶକ୍ତି ହିଁ ସର୍ବଭୂତ ମଧ୍ୟରେ ନିକ୍ଷିପ୍ତ ହୋଇ ପ୍ରକାଶିତ ଓ ବିକଶିତ ହେଉଛି । ତାଙ୍କର ଅପରିମେୟ ଇଚ୍ଛାଶକ୍ତି କାଳର ଅନ୍ତହୀନ ପ୍ରବାହ ମଧ୍ୟରେ କ୍ରିୟାଶୀଳ । ଭଗବାନ୍ ହେଉଛନ୍ତି ପରମୋଚ୍ଚ ସଂସ୍ଥାନ (the high supreme stability), ''ପରଂ ନିଧାନମ୍'' । ବିଶ୍ୱରେ ଯାହା କିଛି ଅଛି ସେସବୁକୁ ସେ ସୃଷ୍ଟି କରନ୍ତି, ଧାରଣ କରନ୍ତି ଓ ପୁନଶ୍ଚ ନିଜ ମଧ୍ୟକୁ ଅପସାରିତ କରି ନିଅନ୍ତି ।

ବିଶ୍ୱରୂପର ଦ୍ରଷ୍ଟା ରୂପେ ଅର୍ଜୁନଙ୍କ ଅନୁଭବରୁ ତିନୋଟି ତତ୍ତ୍ୱ ନିଷ୍ପନ୍ନ ହେଉଛି । ପ୍ରଥମ ତତ୍ତ୍ୱ ହେଉଛି ମାନବ ତନୁ ମଧ୍ୟରେ ପରାତ୍ପର ପରମ ପୁରୁଷ ଅବତାର ରୂପେ ଲୁକ୍କାୟିତ ହୋଇ ରହିଥିଲେ, ଯଦିଓ ଏକଥା ଅର୍ଜୁନଙ୍କୁ ପୂର୍ବରୁ ଅଜ୍ଞାତ ଥିଲା । ତେଣୁ ତାଙ୍କୁ ସାଧାରଣ ଦୈନନ୍ଦିନ ଜୀବନର ଏକ ସଖା ରୂପେ ମନେ କରି ସେ ତାଙ୍କ ସହିତ ହସ-କୌତୁକ କରୁଥିଲେ । ବର୍ତ୍ତମାନ ସେ ଦେଖୁଛନ୍ତି ବିଶ୍ୱାତୀତ ପରମ ପୁରୁଷ ଓ ବିଶ୍ୱସତ୍ତା

ମନୁଷ୍ୟ ତଥା ମନୁଷ୍ୟ ଜାତିର ସମଗ୍ର ବିକାଶ ନିମିତ୍ତ ଏକ ମାନବ-ଶରୀରରେ ମୂର୍ତ୍ତିମନ୍ତ ହୋଇଛନ୍ତି । ଯିଏ ସମସ୍ତ ବ୍ୟଷ୍ଟିରୂପକୁ ଅତିକ୍ରମ କରି ରହିଛନ୍ତି ସେ ଯେ ପୁଣି ମାନବୀୟ ସୀମିତତାକୁ ସ୍ୱୀକାର କରିପାରନ୍ତି ଏହା ଅର୍ଜୁନଙ୍କ କଳ୍ପନାତୀତ ଥିଲା । ସେ ଭାବିଲେ ଭଗବାନଙ୍କ ମାନବୀୟ ରୂପକୁ ଦେଖି ଅଜ୍ଞତାବଶତଃ ସେ ତାଙ୍କ (ଶ୍ରୀକୃଷ୍ଣଙ୍କ) ପ୍ରତି ଯେଉଁପରି ବ୍ୟବହାର ଦେଖାଇଥିଲେ ତାହା ଉଚିତ ନ ଥିଲା । ମାନବୀୟ ରୂପର ପୃଷ୍ଠଭାଗରେ ଭଗବାନଙ୍କର ଯେଉଁ ବିଶ୍ୱରୂପ ରହିଛି ତାକୁ ସମ୍ଭ୍ରମ, ଆନୁଗତ୍ୟ ଓ ସମ୍ମାନର ସହିତ ଦର୍ଶନ କରିବା ତାଙ୍କ ପକ୍ଷରେ ଉଚିତ ହୋଇଥା'ନ୍ତା ।

ଅର୍ଜୁନଙ୍କ ଅନୁଭବର ଦ୍ୱିତୀୟ ତତ୍ତ୍ୱ ହେଲା ଭଗବାନଙ୍କର ବିଶ୍ୱାତୀତ ଓ ବିଶ୍ୱଗତ ରୂପର ଦର୍ଶନ ମନୁଷ୍ୟ ପାଇଁ ଆବଶ୍ୟକ, କାରଣ ଯାହା ତାକୁ ମାନବୀୟ ସୀମିତତାକୁ ଅତିକ୍ରମ କରିବାରେ ପ୍ରେରିତ କରିବ । ପୁଣି ଏପରି ଏକ ଯୋଗସୂତ୍ର ଆବଶ୍ୟକ ଯଦ୍ଦ୍ୱାରା ବିରାଟ ବିଶ୍ୱ ପୁରୁଷଙ୍କୁ ମନୁଷ୍ୟ ନିଜ ଭିତରେ ଦର୍ଶନ କରି ପାରିବ, ତାଙ୍କ ସହିତ ଘନିଷ୍ଠ ସମ୍ବନ୍ଧ ସ୍ଥାପନ କରି ପାରିବ । ଅପରା ପ୍ରକୃତି ଅଧୀନସ୍ଥ ସୀମିତ ମାନବାତ୍ମା ପ୍ରେମ, ଭକ୍ତି ଓ ଆରାଧନା ମାଧ୍ୟମରେ ଅସୀମ ଅନନ୍ତ ପରମ ସତ୍ତାଙ୍କ ସହିତ ନିବିଡ଼ ଭାବରେ ସମ୍ବନ୍ଧିତ ଓ ଏକୀଭୂତ ହୋଇ ପାରିବ । କାରଣ ତା' ଭିତରେ ସେହି ପରମସତ୍ତା ନିବାସ କରୁଛନ୍ତି । ଭଗବାନ୍ ମଧ୍ୟ ମାନବ ରୂପ ଗ୍ରହଣ କରି ଅନ୍ତରଙ୍ଗ ମାନୁଷୀ ସମ୍ପର୍କ ଦ୍ୱାରା ତାକୁ (ମନୁଷ୍ୟକୁ) ତାଙ୍କର ପରମ ଐକ୍ୟ ମଧ୍ୟକୁ ଟୋଳି ନିଅନ୍ତି ।

ଅର୍ଜୁନଙ୍କ ଅନୁଭବରୁ ଯେଉଁ ତୃତୀୟ ତତ୍ତ୍ୱ ଆମେ ପାଉ ତାହା ହେଉଛି – ବିଶ୍ୱାତୀତ ଓ ବିଶ୍ୱମୟ ପୁରୁଷଙ୍କ ରୂପ ବ୍ୟକ୍ତି ଭିତରେ ଉତ୍ସାହ, ଶକ୍ତି ଓ ସାହସ ଭରି ଦିଏ । ଏହା ଅନ୍ତଃକରଣରେ ସମତାଭାବ ପ୍ରତିଷ୍ଠିତ କରେ । ଏହା ଫଳରେ ଜଗତର ସବୁକିଛି ମଧ୍ୟରେ ମହାନତା ଓ ସାର୍ଥକତା ଉପଲବ୍ଧି କରି ହୁଏ । ସାଧାରଣ ମନୁଷ୍ୟ ପକ୍ଷରେ ଭଗବାନଙ୍କ ସଂହାରକ କରାଳ ରୂପ (ଘୋରଂ ରୂପମ୍) ଦର୍ଶନ ଅସହନୀୟ ଅଟେ । ମାତ୍ର ନାରାୟଣଙ୍କର ଏକ ମଧ୍ୟବର୍ତ୍ତୀ କୃପାଘନ ରୂପ ମଧ୍ୟ ରହିଛି । ସେ ମନୁଷ୍ୟର ଖୁବ୍ ସନ୍ନିକଟରେ ରହିଛନ୍ତି ଏବଂ ମନୁଷ୍ୟ ମଧ୍ୟରେ ନିରନ୍ତର ବିରାଜିତ । ତାଙ୍କର କୃପାପୂର୍ଣ୍ଣ ସାନ୍ନିଧ୍ୟ ଓ ସହାୟତା ଏକ ଗ୍ରହଣଶୀଳ ମନୁଷ୍ୟ ପାଇଁ ନିତ୍ୟ ଉପଲବ୍ଧ । ଭଗବାନଙ୍କ ଏହି ମଙ୍ଗଳମୟ ରୂପ ହେଉଛି ଏକ ଆଶ୍ୱାସ ପ୍ରଦାନକାରୀ ସତ୍ୟର ପ୍ରତୀକ । ତାଙ୍କୁ ଦିବ୍ୟସଖା ରୂପେ ସ୍ୱୀକାର କରି ତାଙ୍କ ଉପରେ ପୂର୍ଣ୍ଣ ନିର୍ଭରତା ରଖିବାରେ ଜୀବନ ସାର୍ଥକ ଓ ଆନନ୍ଦମୟ ହୋଇପାରେ ।

ଅର୍ଜୁନଙ୍କୁ ଭୟ ଓ ବ୍ୟଥିତ ଭାବରୁ ମୁକ୍ତ କରି ଶାନ୍ତି ଓ ଓ ଆଶ୍ୱସ୍ତି ପ୍ରଦାନ କରିବା ନିମିତ୍ତ ଭଗବାନ୍ ପୁନର୍ବାର ନିଜର ସାଧାରଣ ନାରାୟଣ ରୂପ ଧାରଣ କଲେ ଯାହା କୃପା, ମାଧୁର୍ଯ୍ୟ, ସୌମ୍ୟତା ଓ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ । ଭଗବାନଙ୍କ ସହିତ ଯୋଗଯୁକ୍ତ ହୋଇଥିବା ମନୁଷ୍ୟ ହିଁ ଭଗବାନଙ୍କର ସେହି ବିରାଟ ତେଜୋମୟ ରୂପକୁ ବିମୂଢ଼ଭାବ ବିନା ଅବିଚଳିତ ଭାବରେ ଦେଖିପାରିବ । ନିଜର ବିରାଟ ରୂପକୁ ସମ୍ବରଣ କରି ଭଗବାନ୍ ଶ୍ରୀକୃଷ୍ଣ ସୌମ୍ୟବପୁବିଶିଷ୍ଟ ସ୍ୱୀୟ ନାରାୟଣ ରୂପ (ସ୍ୱକଂ ରୂପମ୍) ଧାରଣପୂର୍ବକ ଅର୍ଜୁନଙ୍କ ଆଗରେ ପ୍ରକାଶିତ ହେଲେ –

''ସୁଦୁର୍ଦର୍ଶମିଦଂ ରୂପଂ ଦୃଷ୍ଟବାନସି ଯନ୍ମମ ।
ଦେବା ଅପ୍ୟସ୍ୟ ରୂପସ୍ୟ ନିତ୍ୟଂ ଦର୍ଶନକାଙ୍କ୍ଷିଣଃ ॥
ନାହଂ ବେଦୈର୍ନ ତପସା ନ ଦାନେନ ନ ଚେଜ୍ୟୟା ।
ଶକ୍ୟ ଏବଂବିଧୋ ଦ୍ରଷ୍ଟୁଂ ଦୃଷ୍ଟବାନସି ମାଂ ଯଥା ॥
ଭକ୍ତ୍ୟା ତ୍ୱନନ୍ୟୟା ଶକ୍ୟ ଅହମେବଂବିଧୋଽର୍ଜୁନ ।
ଜ୍ଞାତୁଂ ଦ୍ରଷ୍ଟୁଂ ଚ ତତ୍ତ୍ୱେନ ପ୍ରବେଷ୍ଟୁଂ ଚ ପରନ୍ତପ ॥
ମତ୍କର୍ମକୃନ୍ମତ୍ପରମୋ ମଦ୍ଭକ୍ତଃ ସଙ୍ଗବର୍ଜିତଃ ।
ନିର୍ବୈରଃ ସର୍ବଭୂତେଷୁ ଯଃ ସ ମାମେତି ପାଣ୍ଡବ ॥''

(୧୧/୫୨-୫୫)

ଅର୍ଥାତ୍ ''ତୁମେ ମୋର ଏ ଯେଉଁ ମହାନ୍ ରୂପ ଦର୍ଶନ କଲ ଏହାର ଦର୍ଶନ ଅତ୍ୟନ୍ତ ଦୁର୍ଲଭ । ଦେବତାମାନେ ମଧ୍ୟ ଏହି ରୂପର ଦର୍ଶନ ପାଇଁ ସର୍ବଦା ଲାଳାୟିତ । ଏହାକୁ ବେଦ, ତପସ୍ୟା, ଦାନ ବା ଯଜ୍ଞ ଦ୍ୱାରା ଲାଭ କରାଯାଇ ପାରିବ ନାହିଁ । କିନ୍ତୁ ହେ ଶତ୍ରୁତାପନ ଅର୍ଜୁନ ! ଯେଉଁ ଅନନ୍ୟ ଏକନିଷ୍ଠ ଭକ୍ତ ସର୍ବଭୂତରେ ମୋତେ ଶ୍ରଦ୍ଧା କରେ, ପୂଜା କରେ ଓ ଭଲ ପାଏ, ତାହାରି ଦ୍ୱାରା ହିଁ ଏହି ରୂପକୁ ଦର୍ଶନ କରି ହୁଏ, ପ୍ରତ୍ୟକ୍ଷ ଭାବରେ ଜାଣି ହୁଏ ଏବଂ ଏହା ମଧ୍ୟରେ ପ୍ରବେଶ କରି ହୁଏ । ହେ ପାଣ୍ଡବ ! ଯେ କେବଳ ମୋ ପାଇଁ କର୍ମ କରେ ଏବଂ ଯେ ମୋତେ ପରମ ସତ୍ତା ଓ ପରମ ଲକ୍ଷ୍ୟ ବୋଲି ସ୍ୱୀକାର କରେ, ଯିଏ ମୋର ଭକ୍ତ, ସର୍ବଥା ଆସକ୍ତିରହିତ ଓ ପ୍ରତ୍ୟେକ ପ୍ରାଣୀଙ୍କ ସହିତ ଶତ୍ରୁତାଶୂନ୍ୟ, ସେପରି ବ୍ୟକ୍ତି ମୋତେ ପ୍ରାପ୍ତ ହୁଏ ।''

ଅର୍ଜୁନଙ୍କୁ କୃପାପୂର୍ବକ ପ୍ରଦାନ କରାଯାଇଥିବା ବିଶ୍ୱରୂପ ଦର୍ଶନର ଏପରି କେଉଁ ବୈଶିଷ୍ଟ୍ୟ ରହିଛି ଯେ ତାହା ବୈଦିକ

ଜ୍ଞାନ, ତପସ୍ୟା, ଦାନ ବା ଯଜ୍ଞ ଦ୍ୱାରା ପ୍ରାପ୍ତ କରାଯାଇ ପାରିବ ନାହିଁ ? ଶ୍ରୀଅରବିନ୍ଦ ଏହି ବିଷୟଟିକୁ ସ୍ପଷ୍ଟ କରିବାକୁ ଯାଇ କହିଛନ୍ତି – ‘‘... ଅନ୍ୟାନ୍ୟ ଉପାୟରେ ମଣିଷ ସେହି ଏକମେବାଦ୍ୱିତୀୟମ୍ ସତ୍ତାର କୌଣସି ଏକ ସ୍ୱତନ୍ତ୍ର ବିଭାବକୁ ଜାଣିପାରେ ଓ ତାହାର ବ୍ୟଷ୍ଟିଗତ, ବିଶ୍ୱଗତ ଓ ବିଶ୍ୱାତୀତ ସତ୍ତାକୁ ଜାଣିପାରେ; କିନ୍ତୁ ଦିବ୍ୟତ୍ୱର ସମସ୍ତ ବିଭାବର ସମନ୍ୱୟମୂଳକ ଯେଉଁ ମହତ୍ତମ ଐକ୍ୟ, ଯାହା ମଧ୍ୟରେ ଏକ ସମୟରେ ଓ ଏକ ରୂପରେ ସମସ୍ତ କିଛି ପ୍ରକଟିତ, ଅତିକ୍ରମିତ ଓ ସଂସିଦ୍ଧ, ତାହାକୁ ଜାଣିପାରେ ନାହିଁ ।’’

(ଗୀତା-ନିବନ୍ଧମାଳା, ପୃଷ୍ଠା ୪୮୮-୪୮୯)

ବିଶ୍ୱରୂପ ଭିତରେ ସବୁକିଛି ଏକ ଅନିର୍ବଚନୀୟ ଐକ୍ୟ ମଧ୍ୟରେ ଅଦ୍ଭୁତ ଭାବରେ ପ୍ରକାଶିତ ହୋଇଛି । କର୍ମ ଓ ଜ୍ଞାନର ପୂର୍ଣ୍ଣତା ପ୍ରାପ୍ତି ଦ୍ୱାରା ଯେଉଁ ଅନନ୍ୟ ଭକ୍ତି, ପ୍ରେମ ଓ ଅନ୍ତରଙ୍ଗ ଐକ୍ୟକୁ ଲାଭ କରାଯାଏ ତାହା ଏହି ବିଶ୍ୱରୂପ ଦର୍ଶନକୁ ସମ୍ଭବ କରିଥାଏ ।

ଗୀତା ଆମ ସମ୍ମୁଖରେ ଯୋଗର ଯେଉଁ ଲକ୍ଷ୍ୟ ଉପସ୍ଥାପିତ କରିଛି, ବିଶ୍ୱରୂପ ଦର୍ଶନ ପ୍ରସଙ୍ଗ ପରିପ୍ରେକ୍ଷୀରେ ଶ୍ରୀଅରବିନ୍ଦ ତାକୁ ସରଳ ଭାବେ ବୁଝାଇ ଦେଇ କହୁଛନ୍ତି –

‘‘...superiority to the lower nature, unity with all creatures, oneness with the cosmic Godhead and the Transcendence, oneness of will with the Divine in works, absolute love for the One and for God in all, – this is the way to that absolute spiritual self-exceeding and that unimaginable transformation.’’

(Essays on the Gita, p. 395)

ଅର୍ଥାତ୍ ‘‘...ନିମ୍ନ ପ୍ରକୃତିର ଊର୍ଦ୍ଧ୍ୱକୁ ଚାଲିଯିବା, ସର୍ବଭୂତ ସହିତ ଐକ୍ୟ ସ୍ଥାପନ କରିବା, ବିଶ୍ୱାତୀତ ଓ ବିଶ୍ୱଗତ ଭଗବାନଙ୍କ ସହ ଏକତ୍ୱ ସ୍ଥାପନ କରିବା, କର୍ମରେ ଭଗବାନଙ୍କ ଇଚ୍ଛା ସହିତ ଏକତ୍ୱ ସ୍ଥାପନ କରିବା ଓ ସର୍ବଭୂତସ୍ଥିତ ଭଗବାନଙ୍କ ପ୍ରତି ଅନନ୍ୟ ପ୍ରେମ – ଏହିସବୁ ହିଁ ହେଉଛି ପନ୍ଥା ଯଦ୍ଦ୍ୱାରା ମଣିଷ ସମସ୍ତ ସୀମା ଅତିକ୍ରମ କରି ସମ୍ପୂର୍ଣ୍ଣ ଅଧ୍ୟାତ୍ମ ମୁକ୍ତି ଏବଂ କଳ୍ପନାତୀତ ରୂପାନ୍ତର ଲାଭ କରିପାରିବ ।’’

(ଗୀତା-ନିବନ୍ଧମାଳା, ପୃଷ୍ଠା ୪୮୯)

ବିଶ୍ୱରୂପ ଦର୍ଶନ ଯଦିଓ ସାଧାରଣ ମନୁଷ୍ୟ ପକ୍ଷରେ ଅତ୍ୟନ୍ତ କଠିନ, ତଥାପି ପରମଚୈତନ୍ୟ ସହିତ ନିବିଡ଼ ସଂଯୋଗ ସ୍ଥାପନ କଲେ ଏହା ଅବଶ୍ୟ ସମ୍ଭବ ହୋଇପାରିବ ।

(କ୍ରମଶଃ)

❑❑❑

A mutual debt binds man to the Supreme:
His nature we must put on as he put ours;
We are sons of God and must be even as he:
His human portion, we must grow divine.
Our life is a paradox with God for key.

– Sri Aurobindo

ଏକ ପାରସ୍ପରିକ ଋଣ ମଣିଷକୁ ବନ୍ଧନ କରିଛି **ଶ୍ରୀ**ପୁରୁଷୋତ୍ତମଙ୍କ ସହ :
ଆମେ କରିବୁଁ ତାଙ୍କ ପ୍ରକୃତି ଗ୍ରହଣ, ସେ ଯେମିତି କରିଛନ୍ତି ଆମର;
ଆମେ **ଈ**ଶ୍ୱରଙ୍କ ସନ୍ତାନ ଏବଂ ନିଶ୍ଚେ ହେବୁ ତାଙ୍କରି ସମାନ :
ତାଙ୍କ ମାନୁଷୀ ଅଂଶ, ଆମେ ନିଶ୍ଚେ ହୋଇ ଉଠିବୁ ଦିବ୍ୟ ।
ଆମ ଜୀବନ ଏକ କୂଟାଭାସ; ଯାହାର କୁଞ୍ଚିକା **ଭ**ଗବାନ୍ ।

– ଶ୍ରୀଅରବିନ୍ଦ

**ପୃଥିବୀ-ଚେତନା ପାଇଁ ସାଧନା :**

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୦୦)

### 'ଗୋଲକୁଣ୍ଡ'ର ପ୍ରଥମ ପିଢ଼ିର ସେବିକା-ତ୍ରୟ :

ଏଣ୍ଟୋନିନ୍ ରେମଣ୍ଡ ୧୯୩୮ରେ ପଣ୍ଡିଚେରୀରେ ପଦାର୍ପଣ କରିବା ପରେ 'ଗୋଲକୁଣ୍ଡ' ନିର୍ମାଣରେ ପୂର୍ଣ୍ଣ-ପ୍ରାଣରେ ନିଜକୁ ଉତ୍ସର୍ଗ କରୁଥିବା ବେଳେ ତାଙ୍କର ପତ୍ନୀ ମାଦାମ୍ ନୋଏମି ସ୍ୱତଃପ୍ରବୃତ୍ତ ହୋଇ ସେହି ଅପରୂପ ଅଟ୍ଟାଳିକାଟିର ନିର୍ମାଣରେ ନିଜକୁ ଉତ୍ସର୍ଗ କରିବା ସକାଶେ ଶ୍ରୀମାଶ୍ରୀଅରବିନ୍ଦଙ୍କୁ ପ୍ରାର୍ଥନା ଜଣାଇ ଥିଲେ ।

ଶ୍ରୀମାଶ୍ରୀଅରବିନ୍ଦଙ୍କର ଆଶୀର୍ବାଦ ପ୍ରାପ୍ତ ହୋଇ ମାଦାମ୍ ନୋଏମି 'ଗୋଲକୁଣ୍ଡ'ରେ ବ୍ୟବହୃତ ହେବାକୁ ଯାଉଥିବା କାଷ୍ଠନିର୍ମିତ ସାମଗ୍ରୀ (ଖଟ, ଟେବୁଲ, ଚେୟାର୍ ଇତ୍ୟାଦି)ର ନକ୍ସା ଅଙ୍କନ କରିବା ଏବଂ ସେସବୁ ନିର୍ମିତ ହୋଇଯିବା ପରେ ପ୍ରତିଟି କକ୍ଷରେ ଯଥାର୍ଥ ସ୍ଥାନରେ ସଜାଇ ରଖିବାର କାମ ହାତକୁ ନେଲେ । ଏହି କର୍ମରେ ସେ ପ୍ରଥମ କରି ସରଞ୍ଜାମସବୁରେ ବାର୍ଣ୍ଣିସ୍‌ର ବ୍ୟବହାର କଲେ । ତେଣୁ ପରୀକ୍ଷାମୂଳକ ଭାବରେ ବିଭିନ୍ନ ଅନୁପାତରେ ବାର୍ଣ୍ଣିସ୍‌ର ଉପାଦାନସବୁକୁ ଏପରି ଭାବରେ ମିଶ୍ରଣ କଲେ ଯଦ୍ୱାରା ସ୍ଥାନୀୟ ଜଳବାୟୁରେ ପ୍ରତିଟି ସାମଗ୍ରୀ ଦୀର୍ଘଦିନ ଧରି ଅକ୍ଷୁଣ୍ଣ ରହିପାରିବ । ତେଣୁ ଗୋଲକୁଣ୍ଡର ଅନତିଦୂରରେ ପ୍ରାୟ ଧ୍ୱଂସପ୍ରାପ୍ତ ଏକ ଛୋଟିଆ ଘରେ ଏହି କର୍ମ-ସମ୍ପାଦନ ସକାଶେ କର୍ମଶାଳାଟିଏ ଆରମ୍ଭ କରାଗଲା । ପରେ ଏହି ସ୍ଥାନରେ ଆଶ୍ରମର 'ହରପାଗଁ ୱାର୍କସପ୍' ଗଢ଼ି ଉଠିଥିଲା ।

ଆଶ୍ରମର ତଦାନୀନ୍ତନ ଇଞ୍ଜିନିୟର ଚନ୍ଦୁଲାଲ ଏହି କର୍ମରେ ମାଦାମ୍ ନୋଏମିଙ୍କୁ ସାହାଯ୍ୟ କରିବା ସକାଶେ ଜଣେ ପେଣ୍ଟର୍‌କୁ ନିଯୁକ୍ତି ଦେଇଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇ ଯିବାରୁ ୧୯୩୯ରେ ଉପରୋକ୍ତ କର୍ମଟିର ପରିସମାପ୍ତି ଘଟାଇବା ପୂର୍ବରୁ ନିଜର ତୀବ୍ର ଅନିଚ୍ଛା ସତ୍ତ୍ୱେ ମାଦାମ୍ ନୋଏମି ସ୍ୱାମୀ ଓ ପୁତ୍ରଙ୍କ ସହିତ ଆଶ୍ରମରୁ ବିଦାୟ ନେଇଥିଲେ ।

ଦ୍ୱିତୀୟ ଜଣକ ହେଉଛନ୍ତି ଫ୍ରାଁସୁଆ ସ୍ୟାମାରଙ୍କର ସହଧର୍ମିଣୀ ଆଗ୍‌ନେସ୍ (Agnes) । ସ୍ୟାମାରଙ୍କର ପଣ୍ଡିଚେରୀରେ ପଦାର୍ପଣ କରିବାର ଅବ୍ୟବହିତ ପରେ ୧୯୩୮ର ପ୍ରଥମାର୍ଦ୍ଧରେ ମାଦାମ୍ ଆଗ୍‌ନେସ୍ ଆସି ପହଞ୍ଚିଲେ । ଆଶ୍ରମର ଯେକୌଣସି କର୍ମରେ ନିଜକୁ ଉତ୍ସର୍ଗ କରିବା ଅଭିପ୍ରାୟରେ ଶ୍ରୀମାଶ୍ରୀଅରବିନ୍ଦଙ୍କୁ ପ୍ରାର୍ଥନା ଜଣାଇ ଦୁହିଁଙ୍କର ଦର୍ଶନ ଲାଭ କରିଥିଲେ । ଶ୍ରୀଅରବିନ୍ଦ ତାଙ୍କର ନୂତନ ନାମକରଣ କଲେ 'ଅଗ୍ନିଦାନ', ସଂକ୍ଷେପରେ 'ଅଗ୍ନି' । ଏହାପରେ 'ଅଗ୍ନି' ନିଜର ଜୀବନ ଶୈଳୀରେ ପ୍ରଭୂତ ପରିବର୍ତ୍ତନ ଆଣିପାରିଥିଲେ । ହାତକୁ ନେଇଥିବା ପ୍ରତିଟି କର୍ମକୁ ନିପୁଣତାର ସହ ସମ୍ପାଦନ କରିବାର ଆନ୍ତରିକ ପ୍ରଚେଷ୍ଟା ଥିଲା ତାଙ୍କର ସ୍ୱଧର୍ମ । ଶ୍ରୀମା ତାଙ୍କ ସକାଶେ କର୍ମ ଦେଲେ – ଗୋଲକୁଣ୍ଡର ସାଧକ-କର୍ମୀବୃନ୍ଦଙ୍କ ସକାଶେ ପାଇଜାମା, ହାଫ୍ ପ୍ୟାଣ୍ଟ୍ ଓ କମିଜ ପ୍ରସ୍ତୁତ କରିବା । ସେତେବେଳେ ଆଶ୍ରମର ସାଧକଗଣ କେବଳ ଧୋତି, ପଞ୍ଜାବି ବ୍ୟବହାର କରୁଥିଲେ । 'ଅଗ୍ନି'ଙ୍କର ଯଦିଓ ଇତିପୂର୍ବରୁ ଦରଜି କାମର କୌଣସି ବୃତ୍ତିଗତ ଜ୍ଞାନ ନଥିଲା, ତଥାପି ଶ୍ରୀମା'ଙ୍କ ପ୍ରଦତ୍ତ କର୍ମଟିକୁ ଆଗ୍ରହର ସହିତ ବରଣ କରିନେଇଥିଲେ । ଏହି କର୍ମରେ ତାଙ୍କୁ ସାହାଯ୍ୟ କରିବା ସକାଶେ ଶ୍ରୀମା ଜନୈକ ସାଧିକା ପୁଷ୍ପାବେନ୍‌ଙ୍କୁ ନିଯୁକ୍ତି ଦେଇଥିଲେ ।

ମାଦାମ୍ ନୋଏମିଙ୍କ ସଦୃଶ 'ଅଗ୍ନି' ମଧ୍ୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇ ଯାଇଥିବାରୁ ୧୯୩୯ ଏପ୍ରିଲରେ ଆଶ୍ରମରୁ ବିଦାୟ ନେବାକୁ ବାଧ୍ୟ ହୋଇଥିଲେ ।

ସ୍ୟାମାର ୧୭ ଅକ୍ଟୋବର ୧୯୭୩ରେ ଦେହତ୍ୟାଗ କରିବା ପରେ ୧୯୭୪ରେ 'ଅଗ୍ନି' ଆଶ୍ରମକୁ ଆସି ବେଶ୍ କିଛି ଦିନ ରହିଥିଲେ । ଆଶ୍ରମକୁ ତାଙ୍କର ପ୍ରଥମ ଆଗମନ ଏବଂ କର୍ମରତ ଜୀବନ ସମ୍ବନ୍ଧେ ସେ ବେଶ୍ ମନୋମୁଗ୍ଧକର ବିବରଣୀ ଲିପିବଦ୍ଧ କରିଯାଇଛନ୍ତି । ସେଥିରେ ସେ ଆଶ୍ରମ ଓ ଗୋଲକୁଣ୍ଡ ସମ୍ବନ୍ଧେ ଉଲ୍ଲେଖ କରିଛନ୍ତି :

''ଗୋଲକୁଣ୍ଡକୁ ବାସ୍ତବ ରୂପ ଦେବା କାର୍ଯ୍ୟଟି କେବଳ ଲୁହାଛଡ଼, ବାଲି ଓ ସିମେଣ୍ଟ ଦ୍ୱାରା ପ୍ରସ୍ତୁତ ଅଧିକ ଶକ୍ତ କଂକ୍ରିଟ୍, 'ରେନ୍‌ଫୋର୍ସଡ଼୍ କଂକ୍ରିଟ୍'ରେ ଏକ ଅତୀବ ସୁନ୍ଦର ଅତ୍ୟାଧୁନିକ ସୌଧ ନିର୍ମାଣ ନୁହେଁ; ଏହା ଅସଂଖ୍ୟ ଜନସାଧାରଣଙ୍କର ଆଧ୍ୟାତ୍ମିକ ଜାଗରଣ ଏବଂ ଅଗ୍ରଗତି ନିମିତ୍ତ ଏକ ସହାୟ ବା

ମାଧ୍ୟମ; ଅନ୍ୟଥା ଏହି ବ୍ୟକ୍ତିଗଣଙ୍କୁ ଦିବ୍ୟ ଆଲୋକର ଟିକିଏ ସ୍ପର୍ଶ ଲାଭ କରିବା ସକାଶେ ହୁଏତ କେତେ ଜନ୍ମ ବିତାଇବାକୁ ପଡ଼ିଥା'ନ୍ତା । ପ୍ରାଚ୍ୟ ଓ ପାଶ୍ଚାତ୍ୟ ମଧ୍ୟରେ ବ୍ୟାବହାରିକ ଅଭିପ୍ରାୟ ଦୃଷ୍ଟିରୁ ଆନୁପାତିକ ଭାବରେ ବୃହଦାକାର କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟରେ ସଂଯୋଗ ଓ ସମ୍ପର୍କ ସ୍ଥାପନ କରିବାର ଏହା ହେଉଛି ସର୍ବପ୍ରଥମ ପ୍ରୟାସ ଯାହାକି ଆଶ୍ରମ ସମ୍ଭବ କରିପାରିଛି ।... ଅଧିକନ୍ତୁ ଏହି ଆଶ୍ରମ ହେଉଛି ନିଜସ୍ୱ ଧାରାରେ ଏକ ମନ୍ଦିର, ଦେବାଳୟ ଯେଉଁଠି ଜାତିଧର୍ମ ନିର୍ବିଶେଷରେ ପୃଥିବୀର ବିଭିନ୍ନ ପ୍ରାନ୍ତରୁ ଆଗତ ନରନାରୀ ଏକତ୍ର ହୋଇ ଅପରିବର୍ତ୍ତନୀୟ ଭାବେ ଭଗବତ୍ ଅଭିମୁଖୀ ହୋଇ ଉଠିଛନ୍ତି । ଯଦ୍ଦ୍ୱାରା ପ୍ରତ୍ୟେକେ ମୂଳଉତ୍ସରୁ ବା ଖଣିରୁ ଉତ୍ପନ୍ନ ହୋଇଥିବା ରତ୍ନ ସଦୃଶ ନିଜର ସହଜାତ ସୃଜନାତ୍ମକ ଗୁଣକୁ ସ୍ୱଧର୍ମରେ କାର୍ଯ୍ୟରେ ପରିଣତ କରି ନିଜ ନିଜର ପରିଚୟ ଦେଇପାରିବେ ।''

ତୃତୀୟ ଜଣକ ହେଉଛନ୍ତି ଉଦାରଙ୍କର ସହଧର୍ମିଣୀ ମୋନା । କନ୍ୟା 'ଗୋରୀ' ଜନ୍ମ ହେବା ପରେ ସପରିବାର ୧୯୩୭ ଡିସେମ୍ବରରେ ଆସି ଆଶ୍ରମର ଅଟ୍ଟାଳିକାରେ ବସବାସ କରୁଥା'ନ୍ତି । ଏହି ସମୟରେ ଆଶ୍ରମର ବିଶ୍ୱସନୀୟ ଓ ନିର୍ଭରଶୀଳ ସେବକ-କର୍ମୀବୃନ୍ଦଙ୍କ ଦ୍ୱାରା 'ଗୋଲକୁଣ୍ଡ'ର କାମ ମନ୍ଥର ଅଥଚ ଦୃଢ଼ ଭାବରେ ଆଗେଇ ଚାଲିଥାଏ । ଶ୍ରୀମା ଦିନେ ମୋନାଙ୍କୁ କହିଲେ ଯେ ତୁମେ ଏବେଠୁ ଶଣ (linen) ତନ୍ତୁରେ ନିର୍ମିତ ବିଛଣା ଚାଦରସବୁ ପ୍ରସ୍ତୁତ କର । ଯେତେବେଳେ 'ଗୋଲକୁଣ୍ଡ'ର ବିଶ୍ରାମ କକ୍ଷସବୁ ବ୍ୟବହାର ଉପଯୋଗୀ ହୋଇଉଠିବ, ସେତେବେଳେ ଏହିସବୁ ବିଛଣା ଚାଦର ଆବଶ୍ୟକ ହେବ ।

ସେତେବେଳେ ଶ୍ରୀମା'ଙ୍କ ଅନୁମୋଦନ କ୍ରମେ ବାହାରୁ ବଣ୍ଡଲ୍ ବଣ୍ଡଲ୍ ଅନ୍‌ବ୍ଲିଚ୍‌ଡ୍ (ଅର୍ଥାତ୍ ରାସାୟନିକ ପ୍ରକ୍ରିୟାରେ ଲୁଗାରୁ ରଙ୍ଗ ଛଡ଼ାଇ ଧଳା କରାଯାଇ ନଥିବା) ନରମ ହଳଦିଆ ଓ ମାଟିଆ ରଙ୍ଗର ଲିନେନ୍ ବିଛଣା ଚାଦର କନା ଅଣା ଯାଇଥାଏ । ତେଣୁ ମୋନାଙ୍କୁ ଏହି ବଣ୍ଡଲ୍ ଖୋଲି ନିର୍ଦ୍ଦେଶିତ ମାପରେ କାଟି ସିଲାଇ କରି ଚାଦରସବୁ ପ୍ରସ୍ତୁତ କରିବାକୁ ହେବ । ଏଥିସକାଶେ ଶ୍ରୀମା କତିପୟ ତରୁଣୀ ସାଧିକାଙ୍କୁ ମୋନାଙ୍କର ସହକର୍ମୀ ରୂପେ ନିଯୁକ୍ତି ଦେଲେ ।

ଏସବୁ କର୍ମ କରିବା ସକାଶେ ଶ୍ରୀମା ଏକ ଛୋଟ ଗୃହ ('Little House') ଭଡ଼ାରେ ନେଲେ । ଏହି ଘରଟି ଥିଲା ବର୍ତ୍ତମାନର ଆଶ୍ରମ 'ଆଟେଲିଆର୍' କର୍ମଶାଳା ଅନ୍ତର୍ଭୁକ୍ତ ଉତ୍ତର-ପୂର୍ବ କୋଣରେ । ଏଥିରେ ଥିଲା ଛପର ଥାଇ ଲମ୍ବା ବାରଣ୍ଡା ଏବଂ ବଡ଼ ବଡ଼ ଦରଜା ଥାଇ ଲମ୍ବାଳିଆ କକ୍ଷ ଏବଂ ଉତ୍ତର ପଟକୁ ଥିଲା ଗୋଟିଏ ଝରକା ।

ଏହି ଘରଟିରେ ମୋନା ସହକର୍ମୀମାନଙ୍କ ସହିତ ନିର୍ଦ୍ଦେଶିତ ମାପରେ ବିଛଣା ଚାଦର କାଟି ସେସବୁକୁ ସିଲାଇ କରିବା ଏବଂ ସେଥିରେ ବିଭିନ୍ନ ଡିଜାଇନ୍‌ର ନକ୍ସାରେ ଛୁଞ୍ଚିସୂତାରେ ଚାରୁକଳାପୂର୍ଣ୍ଣ କାରୁକାର୍ଯ୍ୟ (ଏମ୍ବ୍ରୟଡ଼ରି) କରୁଥିଲେ । ବିଭିନ୍ନ ଡିଜାଇନ୍‌ର ଚାରୁକଳାପୂର୍ଣ୍ଣ ନକ୍ସା ଅଙ୍କନ କରୁଥିଲେ ଆଶ୍ରମର ତଦାନୀନ୍ତନ ଜନୈକ କଳାକାର ଏବଂ ଗୋଲକୁଣ୍ଡ-କର୍ମୀ ସଞ୍ଜୀବନ । କହିବା ବାହୁଲ୍ୟ ଏସବୁ କର୍ମ ସକାଶେ ସେତେବେଳେ ଆଶ୍ରମରେ କୌଣସି ମେସିନ୍ ନଥିଲା । ସବୁ କାମ ହାତରେ ହିଁ କରିବାକୁ ହେଉଥିଲା । ଏବେ ବି ସେହିସବୁ ବିଛଣା ଚାଦର ଗୋଲକୁଣ୍ଡରେ ବ୍ୟବହାର କରାଯାଉଛି । ଏବଂ ସେତେବେଳେ ମୋନାଙ୍କ ସଂସ୍ପର୍ଶରେ ଆସି କର୍ମ କରୁଥିବା ପ୍ରତ୍ୟେକ ସାଧିକା ପରବର୍ତ୍ତୀ କାଳରେ ଆଶ୍ରମର ବିଭିନ୍ନ ବିଭାଗର ତତ୍ତ୍ୱାବଧାନ ଦାୟିତ୍ୱରେ ରହି ବେଶ୍ ନିପୁଣତାର ସହିତ କର୍ମ ସମ୍ପାଦନ କରିଥିଲେ ।

ଏବେ ମୋନାଙ୍କ ସମ୍ବନ୍ଧେ ପଦେ-ଅଧେ । ଶ୍ରୀମା ଥରେ ମୋନାଙ୍କ ଜନ୍ମଦିନର ତାତ୍ପର୍ଯ୍ୟ ସମ୍ବନ୍ଧେ କହିଥିଲେ, ''ମୋନାର ଜନ୍ମଦିନ ୧୧ ତାରିଖରେ । ସେ ୧୯୧୧ ମସିହାରେ ବର୍ଷର ୧୧ ମାସ (ନଭେମ୍ବର)ରେ ୧୧ ତାରିଖରେ ଜନ୍ମ ହୋଇଛି । ଏଗାର – ଏହା ହେଉଛି ଅଗ୍ରଗତିର ନମ୍ବର ।... ସେ ଏପରି ଏକ ବ୍ୟକ୍ତିତ୍ୱ ଯିଏକି ହାତକୁ ଆସିଥିବା ପ୍ରତିଟି କର୍ମକୁ ନିପୁଣତାର ସହ ସମ୍ପାଦନ କରିବାକୁ ପ୍ରକୃତରେ ଭଲ ପାଇଥାଏ ଏବଂ ସେସବୁକୁ ଅତି ଯତ୍ନର ସହିତ ସୁଚାରୁରୂପେ ସମ୍ପାଦନ କରିଥାଏ ।''

ଏବେ ମୋନାଙ୍କର ଜନ୍ମଦିନରେ ଶ୍ରୀମା'ଙ୍କର ପ୍ରଦତ୍ତ କେତୋଟି ବାର୍ତ୍ତା :

11. 11. 1960

To Mona, my dear and faithful collaborator

Bonne Fête !

With love and blessings for ever.

(Mother's Signature)

[ମୋର ପ୍ରିୟ ଓ ବିଶ୍ୱସ୍ତ ସହକର୍ମୀ ମୋନା

ଶୁଭ ଜନ୍ମଦିନ !

ସବୁଦିନ ସକାଶେ ପ୍ରେମ ଓ ଆଶୀର୍ବାଦ ସହ

(ଶ୍ରୀମା'ଙ୍କ ଦସ୍ତଖତ)]

11.11.1963

Bonne Fête !

To Mona

Here is one more occassion to tell you physically what I tell you so often when we meet in the night. – How much I appreciate the quality of your work and how much I rely on your faithful steadiness. We are very close inside although we meet rarely outside, – but my love and blessings are always with you.

(Mother's Signature)

[ଶୁଭ ଜନ୍ମଦିନ !

ମୋନା

ତୁମକୁ ସାକ୍ଷାତ୍ ଭାବରେ କହିବା ସକାଶେ ଏହା ହେଉଛି ଆଉ ଗୋଟିଏ ସୁଯୋଗ ଯାହାକି ଅନେକ ବାର ରାତ୍ରିରେ ଆମେ ପରସ୍ପରକୁ ଭେଟୁଥିବା ବେଳେ ମୁଁ ତୁମକୁ କହିଥାଏ – ତୁମର କର୍ମର ଉତ୍କର୍ଷତାକୁ ମୁଁ କେତେ ପସନ୍ଦ କରେ, କେତେ ପ୍ରଶଂସା କରେ ଆଉ କର୍ମରେ ତୁମର ବିଶ୍ୱସ୍ତ ସ୍ଥିର ନିଷ୍ଠୟତା ଉପରେ ମୁଁ କେତେ ନିର୍ଭର କରିଥାଏ । ଯଦିଓ ବାହାରେ ଆମର କ୍ୱଚିତ ଦେଖା-ସାକ୍ଷାତ୍ ହୋଇଥାଏ, ଆମେ କିନ୍ତୁ ଆମର ଅନ୍ତଃକରଣରେ ଅତ୍ୟନ୍ତ ନିକଟ ସାନ୍ନିଧରେ ରହିଥାଉ । ଅବଶ୍ୟ ମୋର ପ୍ରେମ ଓ ଆଶୀର୍ବାଦ ସର୍ବଦା ତୁମ ସହିତ ରହିଛି ।]

(ଏଠାରେ ସୂଚାଇ ଦେବା ଆବଶ୍ୟକ ଯେ ସେ ସମୟରେ ପ୍ରାୟ ପ୍ରତିଦିନ ରାତ୍ରିରେ ଶ୍ରୀମା ତାଙ୍କର ସୂକ୍ଷ୍ମ ଶରୀରରେ ବିଭିନ୍ନ ସାଧକସାଧିକାଙ୍କୁ ଭେଟୁଥିଲେ ।)

*

ଅନ୍ତେବାସୀମାନଙ୍କର ବସବାସ କରିବା ସକାଶେ 'ଗୋଲକୁଣ୍ଡ' ପ୍ରସ୍ତୁତ ହୋଇଉଠିବା ପରେ ଶ୍ରୀମା ଏହି ଅଟ୍ଟାଳିକାଟିର ପରିଚାଳନାର ସମ୍ପୂର୍ଣ୍ଣ ଦାୟିତ୍ୱ ମୋନାଙ୍କ ଉପରେ ନ୍ୟସ୍ତ କଲେ । ମୋନା ଏହି ଦାୟିତ୍ୱକୁ ଏକାଦିକ୍ରମେ ଷାଠିଏ ବର୍ଷ ଧରି ଅତ୍ୟନ୍ତ ନିପୁଣତାର ସହ ତୁଲାଇ ଥିଲେ । ଏପରିକି ତାଙ୍କୁ ନବେ ବର୍ଷ ପୂର୍ତ୍ତି ହେବା ପରେ ମଧ ଯେତେବେଳେ ସେ ଅନ୍ୟର ସାହାଯ୍ୟ ବିନା ପଦଚାରଣ କରିପାରୁ ନଥିଲେ ସେତେବେଳେ ମଧ ନିତି କର୍ମକ୍ଷେତ୍ରକୁ ଯଥାରୀତି ଆସୁଥିଲେ । ଶ୍ରୀଅରବିନ୍ଦ ତାଙ୍କର 'ଗୋଲକୁଣ୍ଡ' ପରିଚାଳନାର ଅପୂର୍ବ ଦକ୍ଷତା ସମ୍ବନ୍ଧେ ପ୍ରଶଂସା କରି ଜନୈକ ଶିଷ୍ୟକୁ ଏକ ସୁଦୀର୍ଘ ପତ୍ର ଲେଖିଥିଲେ । (ଏ ସମ୍ବନ୍ଧରେ ପରେ ସ୍ୱତନ୍ତ୍ର ଅଧ୍ୟାୟରେ ଆଲୋଚନା କରିବୁ ।)

ଆଶ୍ରମର ପ୍ରସ୍ତୁତି-ପର୍ବରେ ଶ୍ରୀମା ଏହାର ବାହ୍ୟ ଅବୟବ ତଥା ପ୍ରତିଟି ଅଟ୍ଟାଳିକାରେ ବ୍ୟବହୃତ ସାଜ-ସରଞ୍ଜାମ ଓ ଆସବାବପତ୍ର, ଏପରିକି ପ୍ରାକୃତିକ ପରିବେଶରେ ସୌନ୍ଦର୍ଯ୍ୟ ଓ ସୁସାମଞ୍ଜସ୍ୟ ଫୁଟାଇ ତୋଳିବାରେ ପ୍ରଯତ୍ନ କରିଥିଲେ । ଏହି କାର୍ଯ୍ୟରେ ଯେଉଁ କତିପୟ ଅନ୍ତେବାସୀଙ୍କର ହୃଦୟଭରା ସେବା-କର୍ମରେ ସେ ଅତ୍ୟନ୍ତ ପ୍ରୀତ ହୋଇଥିଲେ; ତନ୍ମଧ୍ୟରୁ ମୋନା ଥିଲେ ଅନ୍ୟତମ, ହୁଏତ କହିପାରୁ ଅଗ୍ରଣୀ । ଭୌତିକ ବସ୍ତୁର ରକ୍ଷଣାବେକ୍ଷଣ ପ୍ରତି ମୋନାଙ୍କର ପ୍ରଗାଢ଼ ସତର୍କତା ଥିଲା ସହଜାତ ଧର୍ମ ।

ଏତତ୍ ବ୍ୟତୀତ ମୋନାଙ୍କୁ ଶ୍ରୀମା ଆଶ୍ରମରେ ଖ୍ରୀଷ୍ଟମାସ୍ ଉତ୍ସବ (୨୫ ଡିସେମ୍ବର) ପାଳନର ଭାର ପ୍ରଥମରୁ ହିଁ ଅର୍ପଣ କରିଥିଲେ । ୧୯୩୮ରେ ଆଶ୍ରମରେ ପ୍ରଥମ କରି ଏହି ଉତ୍ସବ ମୋନାଙ୍କ ତଦାନୀନ୍ତନ ବାସଭବନ 'ରେଡ୍ ହାଉସ୍'ରେ ହିଁ ପାଳିତ ହୋଇଥିଲା । ପରବର୍ତ୍ତୀ କାଳରେ ଏହା ଆଶ୍ରମ ଥିଏଟରରେ ଶ୍ରୀମା'ଙ୍କ ଉପସ୍ଥିତିରେ ପାଳିତ ହେଲା । ପରେ ମୋନାଙ୍କ ଦ୍ୱାରା ଏହା ପାଳିତ ହୋଇ ଆସୁଥିଲା ।

ସାଧାରଣତଃ ଏହି ଉତ୍ସବରେ ଥାଆନ୍ତି ଜଣେ 'ଖ୍ରୀଷ୍ଟମାସ୍ ଫାଦର', କିନ୍ତୁ ସେ ସମୟରେ ଆଶ୍ରମ ପିଲାମାନଙ୍କର ଥିଲେ 'ଖ୍ରୀଷ୍ଟମାସ୍ ଫାଦର'ଙ୍କ ସହିତ 'ଖ୍ରୀଷ୍ଟମାସ୍ ମଦର୍'– ଅର୍ଥାତ୍ 'ପିଣ୍ଡୋ ଦମ୍ପତି' ।

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

**ତଥ୍ୟ ନିର୍ଦ୍ଦେଶିକା :**

(1) Mother India, July 2004, pp. 610 - 614; (2) Golden Chain, Nov. 2005, pp. 21-25;

(3) Chitra Sen : "Work as Sadhana Under the Mother's Guidance." : The History of Golconde.

# ନିର୍ବୋଧ ବିଚାର

## ସନ୍ତୋଷ ରଥ

ତାରାଙ୍କ ମେଳରେ ଜହ୍ନ ହସ ଦେଖି
ଅନ୍ଧାର ସରମି ଯାଏ,
ମାତ୍ର ଖଦ୍ୟୋତିକା ଉଡ଼ି ବୁଲି କହେ
ରୋଷଣିର ରାଣୀ ସିଏ । (୧)

ସାତସୁରେ ବନ୍ଧା ଯମୁନା ଲହରୀ
ମଧୁର ମୁରଲୀ ତାନ,
ସାରୁ ଗଛ ମୂଳେ ବେଙ୍ଗ ରଡ଼ି ଭାବେ
ସୁର ତା'ର ତାନସେନ । (୨)

ହାତୀ ଚାଲିଥାଏ ପାହୁଣ୍ଡ ପକାଇ
ଥାଟପାଟ ଶୁନ୍ ଶାନ,
ପଥ ପାର୍ଶ୍ୱେ ଶ୍ୱାନ ରୋଧେ ତା ଅୟନ
ମଣିଥାଏ ବଳବାନ୍ । (୩)

ଚାତକ ଆତୁରେ ଉଡ଼ି ବୁଲୁଥାଏ
ଊର୍ଦ୍ଧ୍ୱେ ଚନ୍ଦ୍ରାତପ ନଭ,
ଡେଣା ଲାଗିଗଲେ ପିପିଲିକା ମଣେ
ଗଗନକୁ ଚୁମ୍ବୀ ଯିବ । (୪)

ରାଜ ଦରବାର ଜ୍ଞାନର ଆଗାର
ବିଦୁଷ ପାଇଲେ ପୂଜା,
ମୂର୍ଖ ଚାଟୁକାର ମଣଇ ନିଜକୁ
ଜ୍ଞାନ ଗନ୍ତାଘର ରାଜା । (୫)

ନିର୍ବୋଧ ଭାଷଣ ମୂର୍ଖ ସମ୍ଭାଷଣ
ଦିବସେ ଦୀପାଳି ଶିଖା,
ସତ ବୋଲି ଯାହା ମଣୁଛି ଜଗତ
ପ୍ରଜ୍ଞାର ବିକୃତ ମୁଖା । (୬) ❑



I heard a fool discoursing utter folly and wondered what God meant by it; then I considered and saw a distorted mask of truth and wisdom.

(Thoughts and Aphorisms) – Sri Aurobindo

(CWM-10, p. 98)

ନିର୍ବୋଧଟିଏ ନିର୍ବୋଧତାପୂର୍ଣ୍ଣ ଭାଷଣ ଦେବାର ଶୁଣିଲି । କୌତୂହଳୀ ହୋଇ ଭାବିଲି, ଭଗବାନ୍ ତାହା ଦ୍ୱାରା କ'ଣ ବୁଝାଉଛନ୍ତି; ତା'ପରେ ବିବେଚନା କଲି ଓ ଦେଖିଲି ସତ୍ୟ ଓ ପ୍ରଜ୍ଞାର ଏକ ବିକୃତ ମୁଖା ।

– ଶ୍ରୀଅରବିନ୍ଦ

# ଯଥାର୍ଥ ନେତା ଓ ଜୀବନର ଲକ୍ଷ୍ୟ

## ରାମକୃଷ୍ଣ ଦାସ

*ପ୍ରଶ୍ନ : କୁହାଯାଇଛି, ''ବ୍ୟକ୍ତି ନିଜ ଜୀବନର ଯଥାର୍ଥ ଲକ୍ଷ୍ୟ ପ୍ରାପ୍ତ ହେଲେ ତା'ର ଅଭାବ, ବାସନାକାମନା ରହେ ନାହିଁ, ତେବେ ସେ ନିଜର ଏବଂ ସଂଘର ସ୍ୱାର୍ଥ ସକାଶେ ଦେଶର ଅହିତ କରେ ନାହିଁ । ତାକୁ ଯଥାର୍ଥ ଜ୍ଞାନ ପ୍ରାପ୍ତ ହୋଇଥିବାରୁ ତା'ର ମାର୍ଗ ଭୁଲ୍ ହୁଏ ନାହିଁ ବା ଦେଶର ଉନ୍ନତି ବ୍ୟାହତ ହୁଏ ନାହିଁ, ତା'ର ବ୍ୟକ୍ତିଗତ ଆଦର୍ଶର ପ୍ରଭାବ ପଡ଼େ ଦେଶରେ । ଦେଶରେ ନ୍ୟାୟ, ସତ୍ୟ, ଶାନ୍ତି ପ୍ରତିଷ୍ଠା ହୁଏ । ଦେଶବାସୀ କର୍ମ କରନ୍ତି ନ୍ୟାୟ ଏବଂ ସତ୍ୟରେ ପ୍ରତିଷ୍ଠିତ ହୋଇ । ଦେଶରେ ସ୍ୱାର୍ଥ, ହିଂସା, କଳାବଜାର, ଚୋରି ହୁଏ ନାହିଁ । ଦେଶ ଧନଧାନ୍ୟରେ ଉନ୍ନତ ହୁଏ ।'' ଏହା ଆପଣଙ୍କର କେବଳ କଳ୍ପନା ନା ଏଥିରେ ସତ୍ୟତା ଅଛି ? ସୃଷ୍ଟି ଆରମ୍ଭରୁ ଏପରି ଅବସ୍ଥା କେବେ ବି ସ୍ଥାୟୀ ରୂପେ ଆଜି ପର୍ଯ୍ୟନ୍ତ ଘଟି ନାହିଁ, ଭବିଷ୍ୟତରେ ଘଟିବ ବୋଲି ଆଶା କରିବା କେତେ ଯୁକ୍ତିଯୁକ୍ତ ? ଏହା ହେଲା ଗୋଟିଏ ପ୍ରଶ୍ନ । ଅନ୍ୟ ପ୍ରଶ୍ନ ହେଲା ଭାରତର ସ୍ୱାଧୀନତା ଆନ୍ଦୋଳନ ସମୟରେ ଭାରତର ନେତାମାନେ ସମସ୍ତ ସ୍ୱାର୍ଥ ତ୍ୟାଗ କରି କେବଳ ଭାରତର ସ୍ୱାଧୀନତା ସକାଶେ କର୍ମ କରିଥିଲେ ଏବଂ ବ୍ରିଟିଶ ସରକାର ଦ୍ୱାରା ଭୀଷଣ ଦୁଃଖ-ଯନ୍ତ୍ରଣା ବରଦାସ୍ତ କରୁଥିଲେ । ସେମାନଙ୍କର ପ୍ରଯତ୍ନରେ ଦେଶ ସ୍ୱାଧୀନ ହେଲା । ଏହା ତ' ପ୍ରତ୍ୟକ୍ଷ ଘଟଣା । ଜୀବନର ଲକ୍ଷ୍ୟ ଗ୍ରହଣ ନ କଲେ ବ୍ୟକ୍ତି ଅନ୍ୟର ବା ଦେଶର ହିତ କରିପାରେ ନାହିଁ— ଏହା ଯଦି ଯୁକ୍ତିଯୁକ୍ତ ହୁଏ, ତେବେ ଭାରତୀୟ ନେତାମାନଙ୍କ ଦ୍ୱାରା ଭାରତ ସ୍ୱାଧୀନ ହୋଇପାରି ନ ଥା'ନ୍ତା । ଭାରତ ସ୍ୱାଧୀନ ହେବା କ'ଣ ଦେଶର ହିତ ନୁହେଁ ?*

**ଉତ୍ତର** : ପ୍ରଥମରେ ଶେଷ ପ୍ରଶ୍ନଟିର ଉତ୍ତର ଦେବା ଆବଶ୍ୟକ । ଭାରତ ସ୍ୱାଧୀନ ହେବା ଦେଶର ହିତ । ତାହା ବିଶେଷ ଆବଶ୍ୟକ ବି ଥିଲା । ଏହା ଯଥାର୍ଥ ସ୍ଥାୟୀ ହିତ ନୁହେଁ, ଅପୂର୍ଣ୍ଣ । ଦେଶ ସ୍ୱାଧୀନ ହୋଇଛି କିନ୍ତୁ ଦେଶର ଦୁଃଖ, କଷ୍ଟ, ଦ୍ୱନ୍ଦ୍ୱ, ଅନ୍ୟାୟ-ଅସତ୍ୟ, ଚୋରି ବଢ଼ିଛି । ଦେଶ ସ୍ୱାଧୀନ ହେବା ଯେପରି ପ୍ରତ୍ୟକ୍ଷ ସତ୍ୟ, ଦେଶରେ ଅନ୍ୟାୟ, ଅସତ୍ୟ, ଦୁଃଖ-କଷ୍ଟ, ଅଭାବ-ଅନଟନ, ଅଶାନ୍ତି ବୃଦ୍ଧି ହେବା ମଧ୍ୟ ସେହିପରି ପ୍ରତ୍ୟକ୍ଷ ସତ୍ୟ ।

ଭାରତୀୟ ନେତାମାନେ ଯଦି ଜୀବନର ଲକ୍ଷ୍ୟ ଗ୍ରହଣ କରିଥା'ନ୍ତେ, ତେବେ ଦେଶ ସ୍ୱାଧୀନ ହେବା ପରେ ନିଜ ନିଜ ସ୍ୱାର୍ଥ ଛାଡ଼ି ଦେଶର ଉନ୍ନତି କାର୍ଯ୍ୟ କରିଥା'ନ୍ତେ । ତାହା ହୋଇ ନାହିଁ, ଭାରତ ସ୍ୱାଧୀନ ହେବା ପରେ ନେତାମାନଙ୍କ ସ୍ୱାର୍ଥ ଏବଂ ଅହଂ ଭାରତର ଅଗ୍ରଗତିରେ ବାଧା ଦେଇଛି ।

ଆପଣଙ୍କର ଅନ୍ୟ ଯୁକ୍ତି ହେଉଛି – ''ଭାରତର ସ୍ୱରାଜ୍ୟ ଆନ୍ଦୋଳନ ସମୟରେ ଭାରତୀୟ ନେତାମାନଙ୍କର ଯଦି ସ୍ୱାର୍ଥ କାର୍ଯ୍ୟକାରୀ ହୋଇଥା'ନ୍ତା, ତେବେ ତାଙ୍କ ଦ୍ୱାରା ଭାରତ ସ୍ୱାଧୀନ ହୋଇ ନ ଥା'ନ୍ତା । ଏଥିରୁ ସ୍ପଷ୍ଟ ହେଉଛି ସେମାନେ ସ୍ୱାର୍ଥ ତ୍ୟାଗ କରିଥିଲେ । ତେବେ ଆପଣଙ୍କ କହିବା ଅନୁସାରେ ସ୍ୱାର୍ଥ, ଅହଂ ତ୍ୟାଗ ସକାଶେ ଜୀବନର ଯଥାର୍ଥ ଲକ୍ଷ୍ୟ ଗ୍ରହଣର ଆବଶ୍ୟକ କ'ଣ ?

ଆପଣଙ୍କର ଏହି ଦୃଷ୍ଟିକୋଣ ବା ବିଚାର ସର୍ବାଙ୍ଗୀନ ନୁହେଁ । ସ୍ୱାଧୀନତା ଆନ୍ଦୋଳନ ସମୟରେ ଭାରତୀୟ ନେତାମାନଙ୍କର ସ୍ୱାର୍ଥ, ଅହଂ ତ୍ୟାଗ ହୋଇ ନ ଥିଲା, କେନ୍ଦ୍ରିତ ହୋଇଥିଲା ଭାରତକୁ ସ୍ୱାଧୀନ କରିବାରେ । ଭାରତର ସ୍ୱାଧୀନତା ପରେ ସେମାନଙ୍କ ସ୍ୱାର୍ଥ, ଅହଂ କାର୍ଯ୍ୟ କଲା ନିଜ ନେତୃତ୍ୱ ରକ୍ଷା, ସଂଘରକ୍ଷା ଅଥବା ବ୍ୟକ୍ତିଗତ ସୁଖସୁବିଧା ପ୍ରାପ୍ତିରେ । ଯେଉଁମାନେ ଉଦାର-ହୃଦୟ ବ୍ୟକ୍ତି ଥିଲେ ସେମାନେ ବ୍ୟକ୍ତିଗତ ସ୍ୱାର୍ଥ ସକାଶେ ଦେଶର ଅର୍ଥ ଆତ୍ମସାତ୍ କରୁ ନ ଥିଲେ । କିନ୍ତୁ ସେମାନଙ୍କର ଅହଂ, ସ୍ୱାର୍ଥ ଥିଲା ସଂଘରେ ତଥା ନିଜ ନିଜ ନେତୃତ୍ୱ ରକ୍ଷା କରିବାରେ । ସେମାନେ ଭାବୁଥିଲେ ସେମାନଙ୍କ ନେତୃତ୍ୱ ଏବଂ ସେମାନଙ୍କ ସଂଘ ଭାରତର ମୂଳନୀତି । ତା'ଛଡ଼ା ଭାରତ ଟଳି ପଡ଼ିବ । ସେମାନଙ୍କ ଏହି ମନୋଭାବର ସୁଯୋଗ ପାଇ ସଂଘରକ୍ଷା ନାମରେ ସଂଘର ସ୍ୱାର୍ଥୀ ବ୍ୟକ୍ତିମାନେ ଦେଶର କୋଟି କୋଟି ଟଙ୍କା ଆତ୍ମସାତ୍

କରୁଥିଲେ । ଏହି ଅନ୍ୟାୟକୁ ଜାଣି, ଦେଖି ଭାରତୀୟ ନେତାମାନେ ସେମାନଙ୍କୁ ଘଣ୍ଟ ଘୋଡ଼ାଇ ରଖୁଥିଲେ ।

ନେତାମାନଙ୍କର ଏହିସବୁ ସ୍ୱାର୍ଥ-ସାଧନର କୁପ୍ରଭାବ ପଡ଼ିଲା ସମସ୍ତ ଦେଶରେ । ଦେଶବାସୀ ସହିତ ଚପରାଶିଠାରୁ ଆରମ୍ଭ କରି ବଡ଼ ବଡ଼ ଅଫିସର ପର୍ଯ୍ୟନ୍ତ ସେହି ସ୍ରୋତରେ ପ୍ରବାହିତ ହେଲେ । ସେହି ସ୍ୱାର୍ଥ ଯୋଗୁଁ ଦେଶର ହେଲା ଅବନତି । ସେହି ସ୍ୱାର୍ଥ ପ୍ରବାହରୁ ମୁଷ୍ଟିମେୟ ବ୍ୟକ୍ତି ଯଦ୍ୟପି ରକ୍ଷା ପାଇଲେ ତଥାପି ନେତାମାନଙ୍କ ପ୍ରବଳ ସ୍ୱାର୍ଥ ସାମନାରେ ସେମାନଙ୍କ ନିଃସ୍ୱାର୍ଥପରତା ତିଷ୍ଠି ପାରିଲା ନାହିଁ । କିନ୍ତୁ ସେମାନଙ୍କ ସ୍ୱାର୍ଥତ୍ୟାଗ ସେମାନଙ୍କ ଜୀବନକୁ ଉନ୍ନତ ଏବଂ ସୁଖ-ଶାନ୍ତିମୟ କରିଥିଲା ଏବଂ ସେହି ତ୍ୟାଗ ଭାବୀ ଭାରତର ଉନ୍ନତିର ବୀଜ ରୂପେ ପୋତା ହୋଇ ରହିଥିଲା । ନେତାମାନେ ଯେବେ ଜୀବନର ଯଥାର୍ଥ ଲକ୍ଷ୍ୟ ଗ୍ରହଣ କରିଥା'ନ୍ତେ ତେବେ ସେମାନଙ୍କ ଅହଂ ଓ ସ୍ୱାର୍ଥ କେନ୍ଦ୍ରିତ ହୋଇଥା'ନ୍ତା ସେହି ଲକ୍ଷ୍ୟରେ । ଲକ୍ଷ୍ୟ ପ୍ରାପ୍ତିରେ ତାହା ହୋଇଥା'ନ୍ତା ରୂପାନ୍ତର । ସେମାନଙ୍କ ମଧ୍ୟରୁ ପ୍ରକାଶ ହୋଇଥା'ନ୍ତା ଜ୍ଞାନ ଏବଂ ଅଫୁରନ୍ତ କାର୍ଯ୍ୟକାରୀ ଶକ୍ତି; କର୍ମ ହୋଇଥା'ନ୍ତା ଜ୍ଞାନ, ଆନନ୍ଦର ଭିତ୍ତିରେ – ସେମାନଙ୍କ ଜୀବନ ହୋଇଥା'ନ୍ତା ପୂର୍ଣ୍ଣ, ତେବେ ସେମାନେ କରିଥା'ନ୍ତେ ଦେଶର ଯଥାର୍ଥ ଉନ୍ନତି ।

*ପ୍ରଶ୍ନ : ଆପଣଙ୍କ ଉତ୍ତର ଯୁକ୍ତିଯୁକ୍ତ, ସେଥିରେ ମୋର ଆଉ କିଛି କହିବାର ନାହିଁ । କେବଳ ଭାରତର ନେତାମାନଙ୍କ ସମ୍ବନ୍ଧରେ ଯେଉଁ ଉତ୍ତର ଦେଲେ ସେଥିରେ ମୋତେ ସନ୍ତୋଷ ହେଲା ନାହିଁ । ଭାରତର ସ୍ୱତନ୍ତ୍ରତା ପରେ ଯେଉଁମାନେ ଦେଶସେବା ନାମରେ ଶାସନରେ ପଶି ସମ୍ପତ୍ତି ବୃଦ୍ଧି କରିଛନ୍ତି, ସେମାନଙ୍କ କଥା ଛାଡ଼ନ୍ତୁ । ଯେଉଁମାନେ ଭାରତର ସ୍ୱତନ୍ତ୍ରତା ଆନ୍ଦୋଳନରେ ଅଂଶ ଗ୍ରହଣ କରିଥିଲେ, ଧନ-ସମ୍ପତ୍ତି ଦେଶ ସେବାରେ ଲଗାଇଥିଲେ, ବ୍ୟକ୍ତିଗତ ସ୍ୱାର୍ଥ ତ୍ୟାଗ କରି ଦେଶସେବା କରିଥିଲେ, ଭାରତର ସ୍ୱତନ୍ତ୍ରତା ପରେ ସେମାନେ ଅଧିକାର ପାଇ ସ୍ୱତନ୍ତ୍ରତା ଆନ୍ଦୋଳନ ସମୟରେ ଦେଶକୁ ଯାହା ଦାନ କରିଥିଲେ; ତା'ଠାରୁ ଅଧିକ ସମ୍ପତ୍ତି ବୃଦ୍ଧି କଲେ ନିଜ ପରିବାର, ବନ୍ଧୁବାନ୍ଧବ ତଥା ମିତ୍ରମାନଙ୍କର ହିତକାମନା କରି । ସେମାନେ ଏହି ରୂପେ ନିଜ ସ୍ୱାର୍ଥସାଧନ କରି ପୂର୍ବ ତ୍ୟାଗର ପ୍ରତିଶୋଧ ନେଇଗଲେ । ସେମାନଙ୍କ ତପସ୍ୟାର ଫଳ ସେମାନେ ନିଜ ହାତରେ ନେଇଛନ୍ତି । ସେମାନଙ୍କ ସମ୍ବନ୍ଧେ ମୋର କିଛି କହିବାର ରହିଲା ନାହିଁ ।*

*କିନ୍ତୁ ଯେଉଁମାନେ ପୂର୍ଣ୍ଣ ହୃଦୟରେ ଦେଶସେବା କରିଛନ୍ତି, ଦେଶ ସ୍ୱତନ୍ତ୍ର ହେବା ସକାଶେ ନାନା ପ୍ରକାର ଅତ୍ୟାଚାର ଏବଂ ଯାତନା ସହ୍ୟ କରିଛନ୍ତି, ଦେଶ ସେବାରେ ନିଜ ଜୀବନ ସହିତ ସମସ୍ତ ଧନ-ସମ୍ପତ୍ତି ଅର୍ପଣ କରିଛନ୍ତି, ସବୁ ସମୟରେ ଦେଶର ଉନ୍ନତି କାମନା କରିଛନ୍ତି ଏବଂ କର୍ମ କରିଛନ୍ତି; ସେମାନେ ପୂର୍ଣ୍ଣ ହୃଦୟରେ ଦେଶସେବା, ଦେଶର ଉନ୍ନତି ଚାହିଁବା ସତ୍ତ୍ୱେ ସେମାନଙ୍କ ଅଜ୍ଞାତରେ ଯଦି ଦେଶର କୌଣସି ଉନ୍ନତିରେ ବାଧା ହୋଇଛି, ତାହା କ'ଣ ଦୋଷାବହ ? ସ୍ୱାର୍ଥୀ ବ୍ୟକ୍ତିଙ୍କ ସ୍ୱାର୍ଥ ସାଧନ ଦ୍ୱାରା ଦେଶରେ ହେଉଥିବା ଅନ୍ୟାୟକୁ ରୋକିବାର ଉପାୟ ନ ଦେଖି ସେମାନେ କ'ଣ ଆଖି ବନ୍ଦ କରି ନ ଥିଲେ ?*

**ଉତ୍ତର** : ଶେଷରେ ଯେଉଁ ନେତା ବା ଦେଶ ସେବକଙ୍କ ସମ୍ବନ୍ଧେ କହିଲେ ସେହିମାନେ ଯଥାର୍ଥରେ ପ୍ରଶଂସା ଏବଂ ସମ୍ମାନର ପାତ୍ର । ଆମ୍ଭେମାନେ ସେହିମାନଙ୍କୁ ସମ୍ମାନ କରୁଛୁ । ଭାରତର ଇତିହାସରେ ସେହିମାନଙ୍କ ଯଶ ଉଜ୍ଜ୍ୱଳ ତାରକା ରୂପେ ପ୍ରତିଭାତ ହେବ । ସେମାନେ ଦେଶର ଉନ୍ନତି ହାର୍ଦ୍ଦିକ ଭାବେ ଚାହୁଁଥିବା ସତ୍ତ୍ୱେ ସେମାନଙ୍କ ଦ୍ୱାରା ଅଜ୍ଞାତରେ ଦେଶର ଉନ୍ନତିରେ ଯେଉଁ ତ୍ରୁଟି ହୋଇଛି ସେଥିସକାଶେ ସେମାନେ କଦାପି ଦୋଷୀ ନୁହନ୍ତି । ଏହି ଦୋଷ ମନୁଷ୍ୟ ସ୍ୱଭାବର । ମନୁଷ୍ୟକୁ ପୂର୍ଣ୍ଣ ଜ୍ଞାନ ପ୍ରାପ୍ତ ହୋଇ ନ ଥିବାରୁ ତାହା ଦ୍ୱାରା ସମସ୍ତ କାର୍ଯ୍ୟ ଠିକ୍ ଠିକ୍ ହୋଇପାରେ ନାହିଁ,– ଏହିପରି ତ୍ରୁଟି ସୃଷ୍ଟି ଆରମ୍ଭରୁ ହୋଇ ଆସୁଛି ।

ଅନ୍ୟାନ୍ୟ ସ୍ୱାର୍ଥୀ ନେତା ବା ଦେଶସେବକମାନେ ନିଜ ସ୍ୱାର୍ଥ-ସାଧନରେ ଯେଉଁସବୁ ଅନ୍ୟାୟ କରୁଥିଲେ, ତାହାର କୁପ୍ରଭାବ ମୁଷ୍ଟିମେୟ ବ୍ୟକ୍ତିଙ୍କ ଛଡ଼ା ସମସ୍ତ ଦେଶରେ ପଡ଼ି ଦେଶର ଉନ୍ନତିରେ ମହାନ୍ ବ୍ୟାଘାତ ଘଟିଲା; ସେହି ଅନ୍ୟାୟକୁ ରୋକିବାର କୌଣସି ଉପାୟ ନ ଥିଲା; ତଳୁ ଉପର ପର୍ଯ୍ୟନ୍ତ ସମସ୍ତ ବ୍ୟକ୍ତି ସ୍ୱଧର୍ମ ସଦୃଶ ସ୍ୱାର୍ଥ-ସାଧନରେ ଲିପ୍ତ ଥିଲେ । ଏହା ଘଟିଲା ନୈତିକତାର ପତନ ଯୋଗୁଁ । ଏହି ପତନ ଘଟେ ଯୁଗ-ପରିବର୍ତ୍ତନ ସମୟରେ । ଏଥିସକାଶେ ଦେଶର ଯଥାର୍ଥ ହିତଚିନ୍ତକ ନେତାମାନଙ୍କୁ ଦୋଷ ଦିଆଯାଇପାରେ ନାହିଁ ।

ନୈତିକତାର ପତନ ଘଟିଛି ସମସ୍ତ ସଂସାରରେ, ବିଶେଷତଃ ଭାରତବର୍ଷରେ । କାରଣ ଭାରତବର୍ଷ ହେଉଛି ଯୁଗ-ପରିବର୍ତ୍ତନର କେନ୍ଦ୍ର । ଭାରତରେ ହିଁ ନୂତନ ଯୁଗ ଆରମ୍ଭ ହେବ, ନୂତନ ଯୁଗର ଗୁରୁ ହୋଇ ଅନ୍ୟାନ୍ୟ ସମସ୍ତ ଦେଶକୁ ନୂତନ ସତ୍ୟର ପଥ ପ୍ରଦର୍ଶନ କରିବ ଭାରତବର୍ଷ । ସେହି ସକାଶେ ଭାରତର ପୂର୍ବ ନୈତିକତା ପୂର୍ଣ୍ଣ ରୂପେ ଭାଙ୍ଗି ଯାଇଛି । ତା' ସ୍ଥାନରେ ନୂତନ ସତ୍ୟର ପ୍ରତିଷ୍ଠା ହୋଇ ନାହିଁ । ବର୍ତ୍ତମାନ ହିଁ ଯୁଗ ପରିବର୍ତ୍ତନର ସନ୍ଧିକ୍ଷଣ । ସନ୍ଧିକ୍ଷଣରେ ହିଁ ଏହିପରି ବିପର୍ଯ୍ୟୟ ଘଟେ ।

(ଶ୍ରୀଅରବିନ୍ଦ-ଆକ୍ସନ୍ : ୧୯୭୦, ନଭେମ୍ବର ସଂଖ୍ୟାରୁ ଗୃହୀତ)

❑❑❑

# ତୁମେ ମା ଅବର୍ଣ୍ଣନୀୟା !

## ଗୋପାଳକୃଷ୍ଣ ପଟ୍ଟନାୟକ

କେସନେ ବର୍ଣ୍ଣିବି ମହିମା ତୁମର
ମାଆ ଗୋ ମହିମାମୟି,
ତୁମେ କରୁଣାର ଅନନ୍ତ ଭଣ୍ଡାର
କୃପା ତବ କାଳଜୟୀ ।

ତୁମେ ଚେତନାର କମଳ କଳିକା
ପରା ଶକତି, ରୁଚିରା,
ତବ ପଦରେଣୁ-ଜ୍ୟୋତିର ସ୍ଫୁଲିଙ୍ଗ–
ମଧୁର ସୁଗନ୍ଧ ଭରା ।

ଜନ୍ମଦାତ୍ରୀ ଠାରୁ ଅଧିକ ନିବିଡ଼
ତୁମରି ବାତ୍ସଲ୍ୟ ପ୍ରେମ,
ଅତିମାନସର ଶକ୍ତି ସଞ୍ଚାଳିକା
ଦେବୀ ତୁମେ ଅନୁପମ !

ମହୋଦଧି ଠାରୁ ଅଧିକ ବିଶାଳ
ତୁମ ହୃଦୟର ସୀମା,
ତୁମରି ଆଶିଷେ ତାମସୀ-ପରାଣେ
ଉଦେ ହୁଏ ଅରୁଣିମା ।

ପ୍ରେମର ମଳୟ-ସମୀର ବହଇ
ଦିଗ୍‌ବଳୟ ବୁକୁ ଚିରି,
ଜୀବନ ଯମୁନା ଫୁଲି ଫୁଲି ନାଚେ
ଖୁସିର ହିଲ୍ଲୋଳ ତୋଳି ।

ବିଜନ ନିଶୀଥେ ତବ ଜ୍ୟୋତି ସ୍ପର୍ଶେ
ଝଲସଇ ତାରାକାନ୍ତ,
ଭାଗ୍ୟ-ଉପବନେ ଚନ୍ଦନ ବନର –
ସୁରଭି ଢାଳେ ମରୁତ ।

ସୁଧା ସ୍ରୋତ ସମ ବହେ ସମୀରଣ
ନାଚେ ବାଇ ମଧୁବଂଶୀ,
ସୁରଭି ନାଚଇ ଫୁଲେ ଫୁଲେ ଉଡ଼ି
ଯାଏ ଆନନ୍ଦ ପରଶି ।

ପ୍ରାଣୀ ଅନ୍ତରର ଗହନ ବନରେ
ବିଭାସିତ ତବ କାୟା,
ଅର୍ବାଚୀନ ମୁହିଁ କି ଅବା ବର୍ଣ୍ଣିବି –
ତୁମେ ତ ଅବର୍ଣ୍ଣନୀୟା । ❑



# ନୂତନ ସମାଜର ରୂପରେଖ

## ପ୍ରପତ୍ତି

ଶ୍ରୀଅରବିନ୍ଦଙ୍କ ସାଧନାର ଲକ୍ଷ୍ୟ ହେଲା ଏକ ନୂତନ ମାନବଜାତିର ସୃଷ୍ଟି ବା ଏକ ନୂତନ ସମାଜର ପ୍ରତିଷ୍ଠା । ଏହି ନୂତନ ମାନବଜାତି ଏକ ନୂତନ ଚେତନାର ଭିତ୍ତି ଉପରେ ଓ କ୍ରିୟା ଫଳରେ ଗଢ଼ି ଉଠିବ । ଏହି ନୂତନ ଚେତନାର ନାମ ସେ ଦେଇଥିଲେ ଅତିମାନସ ଚେତନା – ପୂର୍ଣ୍ଣାଙ୍ଗ ଅଧ୍ୟାତ୍ମ ଚେତନା । ଏହି ଚେତନା ପୂର୍ଣ୍ଣ ଜ୍ୟୋତିର୍ମୟ, ପୂର୍ଣ୍ଣ ଜ୍ଞାନମୟ, ପୂର୍ଣ୍ଣ ଶକ୍ତିମୟ, ପୂର୍ଣ୍ଣ ଆନନ୍ଦମୟ । ପୂର୍ଣ୍ଣ ଚେତନାର ଆବିର୍ଭାବ ଏପର୍ଯ୍ୟନ୍ତ ଏ ଜଗତରେ ହୋଇ ନାହିଁ କିନ୍ତୁ ଏହି ପୂର୍ଣ୍ଣ ଚେତନାର ଦିଗରେ ସମଗ୍ର ସୃଷ୍ଟି ଅଗ୍ରସର ହେଉଛି । ବର୍ତ୍ତମାନ ଚେତନା ଅର୍ଦ୍ଧସ୍ଫୁଟ, ଅର୍ଦ୍ଧବ୍ୟକ୍ତ, ଅପରିଣତ ଅବସ୍ଥାରେ ରହିଛି । ବିବର୍ତ୍ତନର ଅନ୍ତର୍ନିହିତ ସତ୍ୟ ହେଲା ଚେତନାର ବିକାଶ, ଚେତନାର ପୂର୍ଣ୍ଣରୁ ପୂର୍ଣ୍ଣତର ପରିଣାମ । ଯେତେବେଳେ ଏକ ପରିପୂର୍ଣ୍ଣ, ଜ୍ୟୋତିର୍ମୟ, ସର୍ବଜ୍ଞାନଯୁକ୍ତ, ଅଖଣ୍ଡ, ଶାଶ୍ୱତ-ଚେତନା ଏ ଜଗତରେ, ଏ ବିଶ୍ୱ ସୃଷ୍ଟିରେ କ୍ରିୟାଶୀଳ ହେବ – ତାହା ଅନ୍ୟ ଏକ ଗୁରୁତର, ବ୍ୟାପକ ଓ ଅକଳ୍ପନୀୟ ପରିବର୍ତ୍ତନ ତଥା ରୂପାନ୍ତର ଆଣିବ । ସେହି ମହାନ୍ ଶକ୍ତିଶାଳୀ ଦିବ୍ୟ ଚେତନା ଏହି ଭୂମିରେ କ୍ରିୟାଶୀଳ ହେବା ଅତ୍ୟନ୍ତ କଠିନ ବ୍ୟାପାର । କାରଣ ଏହି ଚେତନା ଊର୍ଦ୍ଧ୍ୱଲୋକର, ପରାର୍ଦ୍ଧର – ଯେଉଁଠାରେ ଜ୍ଞାନ, ଶକ୍ତି, ଆନନ୍ଦ, ଜ୍ୟୋତିଃ, ଅମୃତ ସ୍ୱୀୟ ଅଖଣ୍ଡ, ଅବିକୃତ ସ୍ୱରୂପରେ ବିରାଜିତ । ଏ ଜଗତ୍ କିନ୍ତୁ ଅଜ୍ଞାନ, ଅନ୍ଧକାର, ଅସମର୍ଥ, ମୃତ୍ୟୁର ଭୂମି । ଏହାର ମୂଳରେ ନିଶ୍ଚେତନାର ନିଗଡ଼ ଓ ଘୋର ଅନ୍ଧକାର ବିଦ୍ୟମାନ । ଏଠାରେ ଚେତନାର ଚରମ ବିଲୋପ । ଏହି ନିଶ୍ଚେତନାର ଭୂମିରୁ ଏକ ଅସ୍ପଷ୍ଟ, କ୍ଷୀଣଧାରା କ୍ରମଶଃ ଊର୍ଦ୍ଧ୍ୱଗାମୀ ହେଉଛି । ଏହି ଧାରାର ବିଭିନ୍ନ ସ୍ତରରେ ବିବର୍ତ୍ତନର ବିଭିନ୍ନ ତତ୍ତ୍ୱର – ଜଡ଼, ପ୍ରାଣ ଓ ମନର ପ୍ରକାଶ । ମନ କିନ୍ତୁ ପୂର୍ଣ୍ଣ ଚେତନାର ଭୂମି ନୁହେଁ । ମନର ଊର୍ଦ୍ଧ୍ୱଭୂମି – ବହୁ ଊର୍ଦ୍ଧ୍ୱରେ ପରାର୍ଦ୍ଧରେ ପୂର୍ଣ୍ଣ ଚେତନା, ଶୁଦ୍ଧ ଜ୍ଞାନମୟ ଚେତନା ବିଦ୍ୟମାନ । ସେହି ଚେତନାକୁ ଏ ଜଗତରେ ପ୍ରକାଶ କରାଇ ଏକ ବିପୁଳ ପରିବର୍ତ୍ତନ ଘଟାଇବା ଶ୍ରୀଅରବିନ୍ଦଙ୍କ ସାଧନାର ଲକ୍ଷ୍ୟ । ଶ୍ରୀଅରବିନ୍ଦ ଉପଲବ୍ଧି କଲେ ଯେ ବର୍ତ୍ତମାନ ମନୁଷ୍ୟର ସ୍ୱରୂପ ଯାହା, ତାହା ଯଦି ସେହିପରି ରହେ, ତାହାର ପ୍ରକୃତିର କୌଣସି ନୂତନ ରୂପାନ୍ତର ଦେଖା ନ ଦିଏ, ତେବେ ନୂତନ ମାନବ-ସମାଜର ପରିକଳ୍ପନା ଏକ ବ୍ୟର୍ଥ ଓ ନିଷ୍ଫଳ ଭାବନା । ନୂତନ ସମାଜର ଅର୍ଥ ଏକ ନୂତନ ମାନବର ଉଦ୍ଭାବନ – ଏକ ନୂତନ ଚରିତ୍ର, ପ୍ରକୃତି ଓ ଧର୍ମର ବିକାଶ ଓ ପ୍ରତିଷ୍ଠା । ମାନବ ପ୍ରକୃତି ମାନବ ଚେତନାନୁଯାୟୀ ଗଠିତ । ଚେତନାର ଅନୁପାତରେ ହିଁ ପ୍ରକୃତି ଗଠିତ । ଯେଉଁଠାରେ ଚେତନା ଖଣ୍ଡିତ, ବିକୃତ ଓ ଦ୍ୱନ୍ଦ୍ୱଯୁକ୍ତ – ସେଠାରେ ପ୍ରକୃତି ଓ କର୍ମ ଦୁଃଖତାପଗ୍ରସ୍ତ, ବିକ୍ଷୁବ୍ଧ ଓ ବିପର୍ଯ୍ୟସ୍ତ । ମନୁଷ୍ୟର ଅନ୍ତରରେ ନବୀନ ଚେତନାର ଅଭ୍ୟୁଦୟ ଓ ପ୍ରତିଷ୍ଠା ଫଳରେ ଏକ ବିଶାଳ ପରିବର୍ତ୍ତନ ଦେଖା ଦେବ । ତାହାହିଁ ମନୁଷ୍ୟକୁ ଧୀରେ ଧୀରେ ଦିବ୍ୟ ରୂପ ପ୍ରଦାନ କରିବ; ଦୁଃଖ, ଦ୍ୱନ୍ଦ୍ୱ ଓ ଅନ୍ଧକାର ମଧ୍ୟରୁ ଊର୍ଦ୍ଧ୍ୱକୁ ଉଠାଇ ନେବ । ସୁତରାଂ ନୂତନ ସମାଜ ପ୍ରତିଷ୍ଠାର ଦୁଇଟି ପ୍ରଧାନ ତତ୍ତ୍ୱ ହେଲା ଏକ ନୂତନ ଚେତନାର ପ୍ରତିଷ୍ଠା, ଏହି ଚେତନା ଦ୍ୱାରା ରୂପାନ୍ତରିତ ବହୁ ସତ୍ତାଙ୍କର ଏକତ୍ର ସମାବେଶ, ଏକ ନୂତନ ଗୋଷ୍ଠୀବଦ୍ଧ ଜୀବନର ପ୍ରତିଷ୍ଠା ।

ଏହା ହିଁ ସାମାଜିକ ଜୀବନରେ ଆଧ୍ୟାତ୍ମିକ ଧାରାର ପ୍ରୟୋଗ, ଆଧ୍ୟାତ୍ମିକ ଶକ୍ତି ଓ ଆଲୋକର ପ୍ରୟୋଗ, ପ୍ରକ୍ରିୟା ଓ ରୂପାନ୍ତର । ଶ୍ରୀଅରବିନ୍ଦ ଆଧ୍ୟାତ୍ମିକତାର ଯଥାର୍ଥ ଅର୍ଥର ସୂଚନା ଦେଇ କହୁଛନ୍ତି :

"The divine perfection is always there above us; but for man to become divine in consciousness and act and to live inwardly and outwardly the divine life is what is meant by spirituality; all lesser meanings given to the word are inadequate fumblings or impostures."

(CWSA, Vol. 25, P. 262-263) – Sri Aurobindo

ଅର୍ଥାତ୍ ''ଆମ୍ଭମାନଙ୍କର ଊର୍ଦ୍ଧ୍ୱରେ ଦିବ୍ୟ ପୂର୍ଣ୍ଣତା ସର୍ବଦା ବିଦ୍ୟମାନ; କିନ୍ତୁ ମନୁଷ୍ୟ ଚେତନାରେ ଦିବ୍ୟତାପ୍ରାପ୍ତ ହେବା, ସେ ଅନ୍ତରରେ ଏବଂ ବାହାରେ ଦିବ୍ୟ ଭୂମିରୁ କାର୍ଯ୍ୟ କରିବା ଏବଂ ବାସ କରିବା – ଏହା ହିଁ ଆଧ୍ୟାତ୍ମିକତାର ଅର୍ଥ । ଯଦି

ଏହି ଶବ୍ଦର ଅନ୍ୟ କୌଣସି କମ୍ ଅର୍ଥ କରାଯାଏ ତେବେ ତାହା ବିଭ୍ରାନ୍ତିଯୁକ୍ତ ଏବଂ ବିକୃତ ।''

ଏ କ୍ଷେତ୍ରରେ ଅବଶ୍ୟ ଯେଉଁ ଆଧ୍ୟାତ୍ମିକ ଚେତନା, ଶକ୍ତି ଓ ଜ୍ଞାନର ବିଷୟ କୁହାଯାଉଛି ତାହା ପ୍ରାଚୀନ ଶକ୍ତି, ଚେତନା ଓ ଜ୍ଞାନଠାରୁ ପୃଥକ୍ । ପ୍ରାଚୀନ ଅଧ୍ୟାତ୍ମ ସାଧନା ଓ ସିଦ୍ଧି ପାର୍ଥିବ ପ୍ରକୃତିକୁ ବର୍ଜନ କରି, କର୍ମ, ଜୀବନ ଓ ସ୍ୱଭାବକୁ ପ୍ରତ୍ୟାଖ୍ୟାନ କରି, ଊର୍ଦ୍ଧ୍ୱମୁଖୀ ହୋଇ ଭାଗବତ ଚେତନାରେ ଯୁକ୍ତ ହେଉଥିଲା । ତାହାର ଲକ୍ଷ୍ୟ ଥିଲା ମୁକ୍ତି, ନିର୍ବାଣ ବା ଭଗବତପ୍ରାପ୍ତି । କିନ୍ତୁ ଶ୍ରୀଅରବିନ୍ଦ ଯେଉଁ ନୂତନ ଅଧ୍ୟାତ୍ମ ଚେତନାର ଅବତରଣ କରାଇଛନ୍ତି ତାହା ରୂପାନ୍ତରକାରୀ ଏକ ନୂତନ ପର୍ଯ୍ୟାୟଭୁକ୍ତ ଦିବ୍ୟ ଚେତନା, ଶକ୍ତି, ସାମର୍ଥ୍ୟ ଓ ଆଲୋକ । ଏହି ଚେତନା ଅଖଣ୍ଡ, ଅବ୍ୟର୍ଥ ଓ ଅନିବାର୍ଯ୍ୟ ଦିବ୍ୟ ଭାଗବତ ଶକ୍ତି ଯାହା ପାର୍ଥିବ ଜୀବନକୁ ନିଶ୍ଚୟ ହିଁ ରୂପାନ୍ତର କରିବ ।

ତେବେ ଏହା ହିଁ ଯଦି ନୂତନ ସମାଜ ପ୍ରତିଷ୍ଠାର ମୂଳ ସତ୍ୟ ହୁଏ – ଏକ ଦିବ୍ୟ-ଅଖଣ୍ଡ ଭାଗବତ ଚେତନାର ପ୍ରକ୍ରିୟା ଫଳରେ ନୂତନ ମାନବଜୀବନ ଗଠନ ଏବଂ ନୂତନ ସମାଜର ଭିତ୍ତିସ୍ଥାପନ ହୁଏ ତେବେ ଏହି କାର୍ଯ୍ୟ କେତେ ଦୂର ଅଗ୍ରସର ହୋଇଛି ବା ଏହି ନୂତନ ସମାଜ ପ୍ରତିଷ୍ଠିତ ହେଲା ପରି ବର୍ତ୍ତମାନ କୌଣସି ଲକ୍ଷଣ ଦେଖା ଦେଉଛି କି ? କୌଣସି ଏକ ବିପୁଳ ରୂପାନ୍ତର ବା ପରିବର୍ତ୍ତନ ପୂର୍ବରୁ ବା କୌଣସି ଏକ ସ୍ଥାୟୀ ମଙ୍ଗଳ ଓ କଲ୍ୟାଣର ପ୍ରତିଷ୍ଠା ପୂର୍ବରୁ, ସ୍ଥାୟୀ ସତ୍ୟ ଓ ସ୍ଥାୟୀ ଶାନ୍ତିର ପ୍ରତିଷ୍ଠା ପୂର୍ବରୁ ବହୁ ଅନ୍ଧକାର, ଦ୍ୱନ୍ଦ୍ୱ, ଅକଲ୍ୟାଣ, ଅଜ୍ଞାନ, ଜରା, ରୋଗ ଓ ମୃତ୍ୟୁର ସମ୍ମୁଖୀନ ହେବାକୁ ହେବ । ସୃଷ୍ଟିର ଆଦିକାଳରୁ ଯେଉଁ ଶକ୍ତିରାଜି ଏଠାରେ କ୍ରିୟା କରି ଆସିଛନ୍ତି ଓ ନିଜର ସୃଷ୍ଟିକୁ ବଜାୟ ରଖିଛନ୍ତି, ସେହି ସକଳ ଶକ୍ତି ସହିତ ଭାଗବତ ଦିବ୍ୟ ଶକ୍ତିର ଯେ ଏକ ଭୟଙ୍କର ସଂଘର୍ଷ ଉପସ୍ଥିତ ହେବ ଏହା ନିଶ୍ଚିତ । ମାନବ ପ୍ରକୃତି ମଧ୍ୟସ୍ଥ ସକଳ ଦୁଷ୍ପ୍ରବୃତ୍ତି ଉଠି ଆସି ତାକୁ ଆକ୍ରାନ୍ତ କରିବେ । ମନୁଷ୍ୟ ସ୍ଥାନେ ସ୍ଥାନେ ଉନ୍ମତ୍ତ ରାକ୍ଷସ ଓ ଅସୁରତୁଲ୍ୟ କାର୍ଯ୍ୟ କରିବ । ପୁନଶ୍ଚ ସ୍ଥାନେ ସ୍ଥାନେ ମନୁଷ୍ୟ ଦିବ୍ୟ ଶକ୍ତି ଓ ଆଲୋକକୁ ଆବାହନ କରିବ । ଏକ ଦିଗରେ ପ୍ରଚଣ୍ଡ ଓ ତୀବ୍ର ଦୁଃଖ, ଦ୍ୱନ୍ଦ୍ୱ, ବିକ୍ଷୋଭ, ବିପର୍ଯ୍ୟୟ ଓ ହତାଶା; ଅନ୍ୟ ଦିଗରେ ଏକ ନବୀନ ସ୍ୱର୍ଣ୍ଣମୟ ଦିବ୍ୟ ସୃଷ୍ଟିର ଆବିର୍ଭାବ । ଅବଶ୍ୟ ବହୁ କମ୍ ଲୋକ ଏହି ଶେଷୋକ୍ତ ସତ୍ୟକୁ ଦେଖି ପାରିବେ ବା ଜାଣି ପାରିବେ କିନ୍ତୁ ବର୍ତ୍ତମାନ ଏହା ହିଁ ଘଟୁଛି । ଶ୍ରୀଅରବିନ୍ଦ ଯେଉଁ ନୂତନ ସମାଜର ପ୍ରତିଷ୍ଠା କଥା କହୁଛନ୍ତି ତାହା ପ୍ରତିଷ୍ଠା ଦିଗରେ ଅନେକ ଦୂର ଅଗ୍ରସର ହୋଇଛି । ଯେଉଁମାନେ ସେହି ପୁରୁଣା ସୁଖଶାନ୍ତିମୟ ସାମାଜିକ ଜୀବନ କଥା ଭାବି ବ୍ୟସ୍ତ ହୋଇ ପଡୁଛନ୍ତି, ସେମାନେ ଯେତେ ବ୍ୟସ୍ତ ଓ ଦୁଃଖିତ ହେଲେ ବି ଆଉ ସେହି ଅବସ୍ଥା ଫେରିବ ନାହିଁ ବା ସେହି ପୁରୁଣା ନୈତିକତା ବା ଧର୍ମର ସଂସ୍ଥା ରହିବ ନାହିଁ । ସୃଷ୍ଟି, ଜୀବନ ଓ ସମାଜ ଆଗେଇ ଯାଇଛି, ଆଗାମୀ କାଳ ଏକ ନୂତନ ସତ୍ୟର ବିକାଶ ନିମିତ୍ତ ଉଦ୍‌ବିଗ୍ନ ହୋଇ ଅପେକ୍ଷା କରିଛି । ଏହି ସତ୍ୟର ପ୍ରତିଷ୍ଠା ଫଳରେ ଯେଉଁ ସଚଳ ଶାନ୍ତି ଓ ସଦ୍‌ଭାବ ଦେଖା ଦେବ ତାହାହିଁ ହେବ ନୂତନ ସମାଜର ଭିତ୍ତି । ସେ ସମାଜ ଆତ୍ମମାନଙ୍କ ଅନ୍ତରରେ ପ୍ରଥମେ ସ୍ଥାନ ପାଉ, ପରେ ତାହା ଗୋଷ୍ଠୀବଦ୍ଧ ଜୀବନରେ ପ୍ରକାଶିତ ହେବ । ନୂତନ ସତ୍ୟରେ ଅନୁପ୍ରାଣିତ ଓ ରୂପାନ୍ତରିତ ବ୍ୟକ୍ତି ଏକ ସଙ୍ଗରେ ବ୍ୟଷ୍ଟି ଏବଂ ସମଷ୍ଟି । ସେ ନିଜେ ରୂପାନ୍ତରିତ ହେବା ସଙ୍ଗେ ସଙ୍ଗେ ସମାଜ ମଧ୍ୟ ରୂପାନ୍ତରିତ ହେବ ।

(ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ,
ପ୍ରଥମ ଖଣ୍ଡ, ପୃ.୧୨୯-୧୩୧) ❑

ମୁଁ କହିପାରେ ଭଗବାନ୍ ଯେ ଅଭିବ୍ୟକ୍ତ ହେଉଛନ୍ତି ସେ ସମ୍ପର୍କରେ ପୃଥିବୀ ସଚେତ ହେଉ ।

୮ ଅପ୍ରେଲ, ୧୯୩୫ — ଶ୍ରୀମା

କାହାଣୀ :

# ବିବେକୀ ପିଶାଚୀ

## ମନୋଜ ଦାସ

ରାଜ୍ୟଟି ଛୋଟ; କିନ୍ତୁ ପ୍ରଜାମାନେ ବେଶ୍ ସୁଖରେ ଥା'ନ୍ତି । ଗୋଟାଏ ବିଶେଷ କାରଣ ହେଲା ସେମାନଙ୍କ ରାଜା ଖୁବ୍ ସଦାଶୟ ଏବଂ ସାଧୁ ମଣିଷ । ଆହୁରି ମଧ୍ୟ ଆନନ୍ଦର କଥା ହେଲା, ତାଙ୍କର ଏକମାତ୍ର ପୁତ୍ର ଯେମିତି ମହତ୍ ତରୁଣ, ସେମିତି ବୁଦ୍ଧିମାନ୍ ।

ଦିନେ ରାଜପୁତ୍ର ରାଜାଙ୍କୁ କହିଲେ, ''ପିତା ! ମୁଁ ତ ଆମ ରାଜ୍ୟ ବାହାରେ ଥିବା ବିଶାଳ ଦୁନିଆ ବିଷୟରେ ଯାହା ଶୁଣିଛି ମାତ୍ର, କିନ୍ତୁ ସେ ଦୁନିଆର କୌଣସି ସ୍ଥାନ ଦେଖି ନାହିଁ ! ଆପଣ ଯଦି ଅନୁମତି ଦିଅନ୍ତେ, ତେବେ ଦୁଇ ତିନି ମାସ କାଳ ଆମ ରାଜ୍ୟ ବାହାରେ ବୁଲାବୁଲି କରି ଆସନ୍ତି !''

''ବେଶ୍ ଭଲ କଥା ପୁଅ । ଯାଆ । ତେବେ ଭ୍ରମଣରେ ସୁଖ ଯେତିକି ଥାଏ, ବିପଦ ଆପଦର ସମ୍ଭାବନା ମଧ୍ୟ ସେତିକି ପରିମାଣରେ ଥାଏ । ମୋର ସବୁଠୁଁ ବିଶ୍ୱସ୍ତ ଅମାତ୍ୟଙ୍କୁ ମୁଁ ତୋ ସାଥିରେ ପଠାଉଛି । ସେ ଚତୁର ଏବଂ ସାହସୀ । ସେଭଳି ଜଣେ ଯୁବକ ପାଖେ ପାଖେ ଥିଲେ ତୁ ନିର୍ଭୟରେ ତୋ ଭ୍ରମଣ ଉପଭୋଗ କରିପାରିବୁ ।'' – କହିଲେ ରାଜା ।

କେଇଦିନ ପରେ ଅମାତ୍ୟ ଏବଂ କୋଡ଼ିଏ ପଚିଶ ସରିକି ଦେହରକ୍ଷୀ ତଥା ପରିଚାରକଙ୍କ ସହ ରାଜପୁତ୍ର ବିଦେଶ ଭ୍ରମଣରେ ଗଲେ । ସାଙ୍ଗରେ ତମ୍ବୁ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ପଦାର୍ଥମାନ ଥାଏ ।

ରାଜପୁତ୍ର ଆନନ୍ଦ ଓ ବିସ୍ମୟ ସହକାରେ ଭିନ୍ନ ଭିନ୍ନ ଇଲାକାର ଭିନ୍ନ ଭିନ୍ନ ଦୃଶ୍ୟ ଉପଭୋଗ କରୁଥା'ନ୍ତି । ଅମାତ୍ୟ ତାଙ୍କ ସଙ୍ଗେ ସଙ୍ଗେ ଥା'ନ୍ତି ।

ଦିନେ ସେମାନେ ଗୋଟାଏ ଉପତ୍ୟକାରେ ଡେରା ପକାଇଲେ । ସେତେବେଳକୁ ସୂର୍ଯ୍ୟାସ୍ତ ସମୟ । ଅମାତ୍ୟ ପାଖରେ ଥିବା ଗୋଟାଏ ପାହାଡ଼ ଉପରୁ ରାଜପୁତ୍ରଙ୍କୁ ଡାକି କହିଲେ, ''ଶୀଘ୍ର ଉପରକୁ ଉଠିଆସ ! ଚମତ୍କାର ପ୍ରାଣୀଟିଏ ଦେଖିବ ।''

କୌତୂହଳୀ ରାଜପୁତ୍ର ପାହାଡ଼ ଉପରକୁ ଯାଇ ଦେଖିଲେ ଅନ୍ୟ ପାଖରେ ଅପୂର୍ବ ସୁନ୍ଦର ହରିଣଟିଏ ବୁଲୁଛି ।

''ଶୁଣିଛି, ଏହି ଜାତିର ହରିଣଟିଏ ଯିଏ ପୋଷିପାରେ, ତା'ର ସୁଖ ସୌଭାଗ୍ୟର ଅନ୍ତ ହୁଏ ନାହିଁ । କିନ୍ତୁ ଆମ ପକ୍ଷରେ ଏହାକୁ ଧରିବା ଅସମ୍ଭବ ।'' – କହିଲେ ଅମାତ୍ୟ ।

''କାହିଁକି ଅସମ୍ଭବ ? ଅନ୍ତତଃ ଚେଷ୍ଟା କରିବାରେ କ୍ଷତି କ'ଣ ?''

ଏହା କହି ରାଜପୁତ୍ର ତମ୍ବୁ ପାଖକୁ ଆସି ଗୋଟାଏ ଫାଶ ଧରି ନିଜ ଘୋଡ଼ା ଝପଟାଇ ପାହାଡ଼ର ଅନ୍ୟ ପାଖରେ ପହଞ୍ଚିଲେ । ହରିଣ ତାଙ୍କୁ ଦେଖି ଦୌଡ଼ିବାକୁ ଆରମ୍ଭ କଲା । ରାଜପୁତ୍ର ତାକୁ ଅନୁସରଣ କଲେ । ତାକୁ କେମିତି ହେଲେ ଧରିବା ନିଶାରେ ସେ କେତେ ବାଟ ଅତିକ୍ରମ କରୁଥିଲେ, ସେ ବିଷୟରେ ତାଙ୍କର ଧାରଣା ନ ଥିଲା । ହଠାତ୍ ଦେଖିଲେ ହରିଣ ଯେମିତି ଗୋଟାଏ ବିରାଟ ଅଟ୍ଟାଳିକା ଭିତରେ ପଶିଗଲା ।

ଅଟ୍ଟାଳିକାଟିର ଜୀର୍ଣ୍ଣଶୀର୍ଣ୍ଣ ଅବସ୍ଥା । କିନ୍ତୁ ଇଏ କ'ଣ ? ଅଟ୍ଟାଳିକାର ଦ୍ୱାରଦେଶରେ ସେ କାହାକୁ ଦେଖୁଛନ୍ତି ? ଜଣେ ଅସାମାନ୍ୟା ସୁନ୍ଦରୀ ତରୁଣୀ ତାଙ୍କ ଆଡ଼େ ଅନାଇ ବସିଛି । ନୟନରୁ ତା'ର ଧାର ଧାର ଲୁହ ବହି ଆସୁଥାଏ ।

ରାଜପୁତ୍ର ଅଶ୍ୱରୁ ଅବତରଣ କରି ତରୁଣୀ ପାଖକୁ ଗଲେ ଓ ପ୍ରଶ୍ନ କଲେ, ''ଏ ଜନହୀନ ମୁଲକରେ, ଗୋଟାଏ ପରିତ୍ୟକ୍ତ ପ୍ରାସାଦ ଆଗରେ ତୁମକୁ ଦେଖି ମୋତେ ଆଚମ୍ବିତ ଲାଗୁଛି । କିଏ ତୁମେ ?''

''ତୁମକୁ ଦେଖି ଆଚମ୍ବିତ ଅନୁଭବ କରିବା ସଙ୍ଗେ ସଙ୍ଗେ ମୋ ଭିତରେ ଏ ପରିସ୍ଥିତିରୁ ଉଦ୍ଧାର ପାଇବାର ଆଶା ମଧ୍ୟ ଦେଖା ଦେଇଛି । ମୁଁ ଜଣେ ରାଜକୁମାରୀ । ଗତକାଲି ଆମ ପ୍ରାସାଦ ପଛପଟେ ଥିବା ଉଦ୍ୟାନରେ ବୁଲୁଥିଲି । ହଠାତ୍ ଗୋଟାଏ ବିଶାଳକାୟ ପକ୍ଷୀ ତା'ର ଦୁଇ ଗୋଡ଼ ଯୋଗେ ମୋତେ କବ୍‌ଜା କରିନେଇ ଶୂନ୍ୟକୁ ଉଠି ଆସିଲା । ଦେଖିଲି, ସେ ପକ୍ଷୀ ନୁହେଁ, ଗୋଟାଏ ଦୈତ୍ୟ । ସେ ମୋତେ କୁଆଡ଼େ ନେଇଯାଇଥା'ନ୍ତା ଜାଣେନା; କିନ୍ତୁ ମେଘ ଘୋଟି ଆସିଲା । ଗୋଟାଏ ପ୍ରଚଣ୍ଡ ବଜ୍ର ତା' ପିଠିରେ ପଡ଼ି ତାକୁ ଛାରଖାର କରିଦେଲା । ମୁଁ ଆସି ଏଇଠି ପଡ଼ିଲି ।''

''ରାଜକୁମାରୀ ! ଯଦି କିଛି ଅସୁବିଧା ମନେ ନ କରୁଛ, ତେବେ ମୋ ଅଶ୍ୱ ଉପରେ ମୋ ପଛରେ ବସ । ମୁଁ ଆମ ତମ୍ବୁ ପାଖକୁ ନେଇଯିବି । ଆଗାମୀ କାଲି ଯାତ୍ରାରମ୍ଭ କରି ତୁମକୁ ନେଇ ତୁମ ମାତାପିତାଙ୍କ ପାଖରେ ଛାଡ଼ିବି ।'' – ରାଜପୁତ୍ର କହିଲେ ।

ରାଜକୁମାରୀ ଆନନ୍ଦରେ ଅଶ୍ୱାରୋହଣ କଲେ । ରାଜପୁତ୍ର ବିପରୀତ ଦିଗରେ ଅଶ୍ୱ ଛୁଟାଇଲେ । ସେ ନିଜ ତମ୍ବୁଠୁଁ ବହୁତ ଦୂରକୁ ଚାଲି ଆସିଥିଲେ । ଅନ୍ଧାର ହୋଇ ଆସୁଥାଏ । କିନ୍ତୁ ଆକାଶରେ ଦେଖା ଦେଉଥା'ନ୍ତି ପୂର୍ଣ୍ଣଚନ୍ଦ୍ର ।

ସେ କ୍ଷିପ୍ର ଗତିରେ ଅଶ୍ୱଚାଳନା କରୁଥା'ନ୍ତି, ହଠାତ୍ ଶୁଣିଲେ ଗୋଟାଏ ବିକଟ ହସ । ସେ ଧ୍ୱନିରେ ଯେକୌଣସି ବୀରର ରକ୍ତ ହିମ ହୋଇଯିବ । ପଛକୁ ଅନାଇ ସେ ଯାହା ଦେଖିଲେ, ସେଥିରେ ତାଙ୍କ ବିସ୍ମୟର ସୀମା ରହିଲା ନାହିଁ । କାହିଁ ଗଲେ ସେ ସୁନ୍ଦରୀ ରାଜକୁମାରୀ ? ଯିଏ ତାଙ୍କ ପଛରେ ବସି ହସୁଛି, ସେ ଗୋଟାଏ ଭୟଙ୍କର ପିଶାଚୀ ! ତା' ରୂପ ଦେଖିଲେ ବାଘ ସିଂହ ମଧ୍ୟ ମୂର୍ଚ୍ଛା ଯିବେ ।

''ଡରିଗଲଟି ? ବର୍ତ୍ତମାନ ତୁମକୁ ରକ୍ଷା କରିବ କିଏ ?'' – ପିଶାଚୀ କର୍କଶ କଣ୍ଠରେ ପଚାରିଲା ।

''ସେକଥା ପଚାରି ଲାଭ କ'ଣ ? ତୁମେ ଜାଣ, ମୁଁ ଅସହାୟ !'' ରାଜପୁତ୍ର ଅଶ୍ୱର ଗତି ମନ୍ଥର କରି ଉତ୍ତର ଦେଲେ ।

''ତୁମେ ଜଣେ ରାଜପୁତ୍ରଟି ? କାହିଁ ଗଲେ ତୁମ ସୈନ୍ୟ ସାମନ୍ତ ?''

''ତୁମେ ଜାଣ, ସେମାନେ ମୋ ପାଖରେ ନାହାନ୍ତି !''

''ତୁମ ପିତାଙ୍କର ବିପୁଳ ଐଶ୍ୱର୍ଯ୍ୟ ମଧ୍ୟ ତୁମକୁ ରକ୍ଷା କରି ପାରିବ ନାହିଁଟି ?'' ପ୍ରଶ୍ନ କଲା ପିଶାଚୀ ।

''ତୁମେ ଜାଣ, ଏ ମୁହୂର୍ତ୍ତରେ ସେ ଐଶ୍ୱର୍ଯ୍ୟର କିଛି ଭୂମିକା ଥାଇ ନ ପାରେ !''

''ତୁମ ଜନପ୍ରିୟତା, ତୁମ ପ୍ରତିପତ୍ତି – ଏସବୁ କ'ଣ ତୁମକୁ ରକ୍ଷା କରିପାରିବ ନାହିଁ ?''

''ତୁମେ ଜାଣ, ପାରିବ ନାହିଁ !''

''ତେବେ ଭାବି ଦେଖ, କିଏ ତୁମକୁ ରକ୍ଷା କରି ପାରିବ ?''

''ବାସ୍ତବିକ, ଭଗବାନଙ୍କ ଛଡ଼ା ଆଉ କେହି ପାରିବେ ନାହିଁ !''

''ତେବେ ତୁମେ ତାଙ୍କୁ ଡାକୁନା କାହିଁକି ?''

''ହେ ଭଗବାନ୍ ! ମୋତେ ରକ୍ଷା କର !'' ଆକୁଳ କଣ୍ଠରେ କହିଲେ ରାଜପୁତ୍ର ।

ତତ୍‌କ୍ଷଣାତ୍ ପିଶାଚୀ ଅଶ୍ୱପୃଷ୍ଠରୁ ଖସି ପଡ଼ିଲା । ଦେଖାଗଲା ଝଲକାଏ ଅଦ୍ଭୁତ ରକମର ଅଗ୍ନି ତାକୁ ଗ୍ରାସ କଲା । ମୁହୂର୍ତ୍ତକ ଭିତରେ ସେ ପାଉଁଶରେ ପରିଣତ ହେଲା ।

ରାଜପୁତ୍ର ଅଶ୍ୱ ଝପଟାଇ ନିଜ ତମ୍ବୁ ପାଖକୁ ଆସିବାର ଦେଖି ଅମାତ୍ୟ ଜଣକ ଦେଲା ଦୌଡ଼ । ତା'ର ଆଉ ପତ୍ତା ମିଳିଲା ନାହିଁ ।

ରାଜପୁତ୍ର ନିଜ ରାଜ୍ୟକୁ ଫେରିବା ପରେ ଜଣେ ତାନ୍ତ୍ରିକଠାରୁ ଜାଣିଲେ, ସେ ଅମାତ୍ୟକୁ ଏମିତି ଏକ କୁବିଦ୍ୟା ଜଣାଥିଲା, ଯାହା ବଳରେ ସେ ଗୋଟାଏ ପିଶାଚୀକୁ ବଶ କରି ପାରିଥିଲା । ହରିଣ ରୂପରେ ଦେଖା ଦେଇଥିଲା ସେହି ପିଶାଚୀ; ସେ ପୁଣି ରାଜକୁମାରୀ ପାଲଟି ଯାଇଥିଲା; କିନ୍ତୁ ପିଶାଚୀ ହେଲେ ମଧ୍ୟ ସେ ରାଜପୁତ୍ରଙ୍କର ରକ୍ତ ଶୋଷି ତାଙ୍କୁ ମାରିବାକୁ ଉତ୍ସାହ ପାଉ ନଥିଲା । ସେ ପ୍ରଶ୍ନ ପରେ ପ୍ରଶ୍ନ କରି ରାଜପୁତ୍ରଙ୍କୁ ଭଗବାନଙ୍କର ଶରଣ ନେବାକୁ ପ୍ରବର୍ତ୍ତାଇଲା । ଫଳରେ ରାଜପୁତ୍ର ବଞ୍ଚିଗଲେ; ସେ ମଧ୍ୟ ପିଶାଚୀ ଅବସ୍ଥାରୁ ମୁକ୍ତି ଲାଭ କଲା ।

❑❑❑

କେବେହେଲେ ଭୁଲିଯାଅ ନାହିଁ ଯେ ତୁମେ ଏକାକୀ ନୁହଁ । ଭଗବାନ୍ ସର୍ବଦା ତୁମ ସହିତ ରହିଛନ୍ତି, ସାହାଯ୍ୟ କରୁଛନ୍ତି ଓ ମାର୍ଗ ପ୍ରଦର୍ଶନ କରୁଛନ୍ତି । ସେ ହିଁ ଆମର ଚିର ସହଚର ଯିଏ କଦାପି ନିରାଶ କରନ୍ତି ନାହିଁ; ସେ ହିଁ ଆମର ଏକମାତ୍ର ବନ୍ଧୁ ଯାହାଙ୍କ ସ୍ନେହପ୍ରେମ ଆମକୁ ସାନ୍ତ୍ୱନା ଦିଏ ଏବଂ ଦୃଢ଼ ଓ ସମର୍ଥ କରି ଗଢ଼ିତୋଳେ । ବିଶ୍ୱାସ ରଖ, ସେ ତୁମ ପାଇଁ ସବୁକିଛି କରିଦେବେ ।

– ଶ୍ରୀମା

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୫୫)

## ମହେନ୍ଦ୍ରନାଥ ସ୍ୱାଇଁ

**ହୃଦୟର ଭାଷା :**

ମଣିଷର ଜ୍ଞାନ କାହିଁକି ତତ୍‌କ୍ଷଣାତ୍ କ୍ରିୟାଶୀଳ ହୋଇପାରେ ନାହିଁ ଏବଂ ତା'ର ପ୍ରକୃତି ପରିବର୍ତ୍ତନରେ ସାହାଯ୍ୟ କରିବାକୁ ଯଥେଷ୍ଟ ନୁହେଁ – ସେଥିପାଇଁ ଦୁଇଗୋଟି କାରଣ ଥିବାର ପରିଲକ୍ଷିତ ହୋଇଥାଏ । ପ୍ରଥମଟି ହେଲା ମଣିଷ ବା ଆମେ ବହୁ ବ୍ୟକ୍ତିତ୍ୱର ସମାହାର । ଆମ ଭିତରେ ଅନେକ ବ୍ୟକ୍ତିତ୍ୱ ଆନନ୍ଦରେ ପଦଚାରଣା କରୁଛନ୍ତି ଏବଂ ପ୍ରତ୍ୟେକେ ଇଚ୍ଛା କରୁଛନ୍ତି ନିଜର ଦୋଷ ଦୁର୍ବଳତାକୁ ଅନ୍ୟ ଉପରେ ଲଦି ଦେବା ପାଇଁ । ଏହା ଫଳରେ ଯାହା ପ୍ରାପ୍ତ ହୁଏ ତାହା ଦ୍ୱାରା ନିଜର ମନୋକାମନା ପୂରଣ କରିବା ପାଇଁ । ମନ ଜାଣିଛି ତାକୁ କ'ଣ କ'ଣ କରିବାକୁ ହେବ, କିନ୍ତୁ ଆମ ଭିତରେ ଥିବା ଭାବପ୍ରବଣତାପୂର୍ଣ୍ଣ ସତ୍ତାଟି ମନକୁ ଏହା କରାଇ ଦିଏ ନାହିଁ । ମନ ଯେତେବେଳେ ନିଜ ଇଚ୍ଛା ଅନୁସାରେ, ସ୍ୱକୀୟ ଢଙ୍ଗରେ ଲୀଳା କରିବାକୁ ଚାହେଁ ସେଥିରେ ପ୍ରତିବନ୍ଧକ ସାଜି ଆଗରେ ଠିଆ ହୋଇଯାଏ ଭାବପ୍ରବଣତା ।

ପ୍ରଥମତଃ ସମ୍ବେଦନା ବା ଭାବପ୍ରବଣତା ହେଉଛି ମଣିଷର ଶାରୀରିକ କ୍ଷୁଧା; ଏହି କ୍ଷୁଧା ମଣିଷର ବୁଦ୍ଧି ଓ ବିବେକକୁ କେଉଁ ଆଡ଼େ ଉଡ଼ାଇ ନେଇଥାଏ ଏବଂ ସେ ଦୀନହୀନ ଭାବରେ ନିମ୍ନ ପ୍ରକୃତିରେ ବାନ୍ଧି ହୋଇପଡ଼େ ଏବଂ କର୍ଦ୍ଦମରେ ପଡ଼ି ଲଟରପଟର ହେଉଥାଏ । ଦ୍ୱିତୀୟ କାରଣଟି ହେଲା ଆମର ମାନସିକ ଜ୍ଞାନ, ପ୍ରାୟ ସବୁ ସମୟରେ ମନ ପ୍ରାଣର ଉଦ୍ଦାମତା, ଉଚ୍ଛୃଙ୍ଖଳତାକୁ ଦେଖି ଅସହାୟ ହୋଇ ପଡ଼ିଥାଏ । ଯେତେବେଳ ପର୍ଯ୍ୟନ୍ତ ପ୍ରାଣସତ୍ତା ଏବଂ ମନ ଏକତ୍ର ସହଯୋଗୀ ଭାବରେ କାର୍ଯ୍ୟ କରି ନାହାଁନ୍ତି ସେତେବେଳ ଯାଏ ଆମେ ''ଉଠାପକା'' (see-saw life) ଜୀବନଟିଏ ନିର୍ବାହ କରୁଥିବା – ଆଗକୁ ପାଦେ ଗଲେ ପଛକୁ ଦୁଇପାଦ ଫେରୁଥିବା ଏବଂ ଦୁଷ୍ପ୍ରାପ୍ୟ ଦିବ୍ୟ ସୁଯୋଗକୁ ହରାଇ ଦେଉଥିବା ।

ଏହି ପରିପ୍ରେକ୍ଷୀରେ ଡିସେମ୍ବର ୨୯, ୧୯୧୩ ପ୍ରାର୍ଥନାଟିରେ ଶ୍ରୀମା ଲେଖନ୍ତି :

"O LORD, grant that this collective convention of the ending year be for us also the occasion to put an end to a whole lot of bonds and attachments, illusions and weaknesses which have no longer any purpose in our lives. At every moment we must shake off the past like falling dust, that it may not soil the virgin path which, at every moment also, is opening before us.

"May our mistakes, acknowledged and rectified within us, be no more than vain mirages powerless to bring any consequences and, pressing our foot down firmly upon all that no longer should exist, on all ignorance, all obscurity, all egoism, may we take our flight boldly towards wider horizons and intenser light, a more perfect compassion, a more disinterested love. . . . towards Thee.

"I hail Thee, O Lord, Master of our life, and I want to proclaim Thy reign over all the earth."

(Prayers and Meditations, P. 42)

''ହେ ପ୍ରଭୁ, ଏଇ ବର ପ୍ରଦାନ କରନ୍ତୁ ବର୍ଷ ଶେଷ ସମ୍ପର୍କରେ ଯେଉଁ ପ୍ରଚଳିତ ସାମୂହିକ ପରମ୍ପରା ରହିଛି ତାହା ଆମ ପାଇଁ ମଧ୍ୟ ହୋଇଉଠୁ ଏପରି ଏକ ସୁଯୋଗ ଯେଉଁଥିରେ ଆମର ସକଳ ଆସକ୍ତି ଏବଂ ବନ୍ଧନ, ମାୟା ତଥା ଅବାସ୍ତବତା ଏବଂ ଦୁର୍ବଳତା ଯେଉଁଗୁଡ଼ିକର ଆମ ଜୀବନରେ ଏଣିକି କୌଣସି ଆବଶ୍ୟକତା ନାହିଁ, ସେସବୁର ପରିସମାପ୍ତି ଘଟୁ । ପ୍ରତି ମୁହୂର୍ତ୍ତରେ ଅତୀତକୁ ଆମ ଉପରେ ପଡ଼ିଥିବା ଧୂଳି ପରି ଝାଡ଼ି ଦେଉ, ଫଳତଃ କାହାରି ପାଦ ସ୍ପର୍ଶ କରି ନ ଥିବା ନୂତନ ପଥ

ଯାହା ପ୍ରତି ମୁହୂର୍ତ୍ତରେ ଆମ ସମ୍ମୁଖରେ ଉନ୍ମୋଚିତ ହୋଇ ଯାଉଛି ତାହା ଧୂଳି ଧୂସରିତ ନ ହେଉ ।

''ହେ ପ୍ରଭୁ, ଆମର ସକଳ ଭୁଲ୍‌ଭ୍ରାନ୍ତିକୁ ସ୍ୱୀକାର କରି ନିଅନ୍ତୁ, ଗ୍ରହଣ କରନ୍ତୁ ଏବଂ ଆମ ଭିତରେ ସେ ସବୁକୁ ସଂଶୋଧିତ କରି ଦିଅନ୍ତୁ; ସେଗୁଡ଼ିକ ଯେପରି ଆଉ ନିଷ୍ଫଳ ମରୀଚିକା ସଦୃଶ ଯାହାକି ଯେକୌଣସି ଫଳାଫଳ ପ୍ରଦାନ କରିବାରେ ଶକ୍ତିହୀନ – ସେହିପରି ନ ହୁଅନ୍ତୁ; ଯେଉଁମାନେ ଏଠାରେ ଆଉ ତିଷ୍ଠି ରହିବା ଉଚିତ ନୁହେଁ ସେମାନଙ୍କ ଉପରେ ଆମର ପାଦ ଦୃଢ଼ତାର ସହିତ ପତିତ ହୋଇ ଚାପ ପ୍ରଦାନ କରୁ, ସେହି ତିଷ୍ଠି ନ ରହିବାର ଜିନିଷଗୁଡ଼ିକ ହେଉଛନ୍ତି – ସକଳ ଅଜ୍ଞାନତା (all ignorance), ସକଳ ଅନ୍ଧକାର (all obscurity), ସକଳ ଅହଂକାର । ଆମ୍ଭେମାନେ ଯେପରି ସମର୍ଥ ହେଉ ଏକ ସାହସିକ ଉଡ୍ଡାଣ ଭରିବାକୁ ଏକ ବିସ୍ତୃତ ଦିଗ୍‌ବଳୟ ଓ ଅଧିକ ଘନୀଭୂତ ଆଲୋକ ଆଡ଼କୁ, ଏକ ଅଧିକ ପରିପୂର୍ଣ୍ଣ କରୁଣା, ଏକ ଅଧିକ ନୈର୍ବ୍ୟକ୍ତିକ ପ୍ରେମ ଆଡ଼କୁ... କେବଳ ଆପଣଙ୍କ ଅଭିମୁଖେ ।''

''ମୁଁ ଆପଣଙ୍କ ସମ୍ମୁଖରେ କୃତାଞ୍ଜଳି ପୁଟରେ ପ୍ରାର୍ଥନା କରୁଛି, ହେ ପ୍ରଭୁ, ଆମ ଜୀବନର ଦିବ୍ୟଗୁରୁ (Master) ଏବଂ ମୁଁ ଇଚ୍ଛା କରୁଛି ଆପଣଙ୍କ ଦିବ୍ୟ ରାଜତ୍ୱକୁ ସାରା ପୃଥିବୀରେ ଉଦ୍‌ଘୋଷିତ କରିବା ପାଇଁ ।''

ବର୍ଷଟିଏ ଶେଷ ହେବାକୁ ଆଉ ଦୁଇଟି ଦିନ ମାତ୍ର ବାକି ଅଛି । ନୂତନ ବର୍ଷ ଅନେକ ନୂତନ ସମ୍ଭାବନା ବହନ କରି ପାଦେ ପାଦେ ଆଗକୁ ବଢୁଛି; ଏହିପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଦିବ୍ୟଜନନୀ ଶ୍ରୀମା ଲେଖୁଛନ୍ତି ଡିସେମ୍ବର ୨୯, ୧୯୧୩ ପ୍ରାର୍ଥନାଟି । ବିଦାୟ ନେବାକୁ ସଜବାଜ ହେଉଥିବା ବର୍ଷଟି ଭିତରେ ଅନେକ ଘଟଣା ଘଟି ଯାଇଛି । ସେଥିମଧ୍ୟରୁ ଅନେକ Conventional ଅର୍ଥାତ୍ ଚିରାଚରିତ ପ୍ରଥା । ଉଦାହରଣସ୍ୱରୂପ ଆମ ଘରକୁ କେହି କୁଣିଆଁ ଆସିଲେ ପାଦ ଧୋଇବା ପାଇଁ ଦାଣ୍ଡ ଦୁଆରେ ଢାଳରେ ପାଣି ରଖା ଯାଇଥାଏ; କୁଣିଆଁଙ୍କୁ ତାଙ୍କ ମର୍ଯ୍ୟାଦାନୁସାରେ ପ୍ରଣାମ, ଭୂମିଷ୍ଠ ପ୍ରଣାମ ଅଥବା ଯୋଡ଼ହସ୍ତରେ ନମସ୍କାରପୂର୍ବକ ସ୍ୱାଗତ କରାଯାଇଥାଏ । ଏହିପରି ଅନେକ ପ୍ରଥା ଆଦିମ କାଳରୁ ଚାଲି ଆସୁଅଛି । ତତ୍ ସହିତ କତିପୟ ଅନାବଶ୍ୟକ ପ୍ରଥା ମଧ୍ୟ ଆମେ ସମାଜରେ ପ୍ରଚଳିତ କରାଇଛେ, ବିଦାୟ ଉନ୍ମୁଖ ବର୍ଷଟି ମଧ୍ୟରେ ଆମ୍ଭେମାନେ ଯେତେସବୁ ଅନାବଶ୍ୟକ ପ୍ରଥା ସୃଷ୍ଟି କରିଛେ, ଯେତେ ବନ୍ଧନ, ପ୍ରହେଳିକା ଓ ଦୁର୍ବଳତା ଏବଂ ଅନାବଶ୍ୟକ ଆକର୍ଷଣ ଯାହାକିଛି କାମରେ ଲାଗୁ ନାହିଁ ସେ ସମସ୍ତଙ୍କୁ ଏକତ୍ରୀତ କରି ସେଥିରେ ପୂର୍ଣ୍ଣଚ୍ଛେଦ ଟାଣି ଦେବାର ପ୍ରେରଣା ବିଦାୟ ନେବାକୁ ପ୍ରସ୍ତୁତ ହେଉଥିବା ବର୍ଷଟି ଆମକୁ ଦେଇଥାଏ ।

ପ୍ରତି ମୁହୂର୍ତ୍ତରେ ଆମେ ଅତୀତକୁ ପୋଷାକରେ ଲାଗିଥିବା ଧୂଳି ପରି ଝାଡ଼ି ଦେବା ଉଚିତ । କାରଣ ଆମେ ଯଦି ସେହି ଧୂଳି, ଅଳିଆ ଆବର୍ଜନା ସଫା କରି ନ ଦେବା ତାହା ହେଲେ ସେ ସମସ୍ତ ଆମ ନୂତନ ଚଲାପଥ, ଯାହା ଆମ ସମ୍ମୁଖରେ ଖୋଲି ଯାଇଛି, ଯାହା ଉପରେ ଏ ପର୍ଯ୍ୟନ୍ତ କେହି ପାଦ ପକାଇ ନାହାନ୍ତି, ସ୍ପର୍ଶ କରି ନାହାନ୍ତି ସେ ସମସ୍ତ ତା'ରି ଉପରେ ପଡ଼ିବ ଏବଂ ତାକୁ କର୍ଦ୍ଦମାକ୍ତ କରି ଦେବ ।

ଆମେ ବହୁତ ଭୁଲ୍‌ଭ୍ରାନ୍ତି କରିଥାଉ ଏବଂ ତାକୁ ସ୍ୱୀକାର କରୁ ନାହିଁ ବା ମାନିନେବା ପାଇଁ ଆମ ଭିତରେ ସାହସ ନ ଥାଏ; କିନ୍ତୁ ଏଗୁଡ଼ିକ ନିଷ୍ଫଳ, ଶକ୍ତିହୀନ ମରୀଚିକା ଛଡ଼ା ଆଉ କିଛି ନୁହନ୍ତି, ଏମାନେ କୌଣସି ପ୍ରକାର ଫଳ ପ୍ରଦାନ କରି ନ ଥା'ନ୍ତି । ବିଦାୟ ନେବାକୁ ପ୍ରସ୍ତୁତ ହୋଇ ଦଣ୍ଡାୟମାନ ହୋଇଥିବା ବର୍ଷଟି ଆମକୁ କହୁଛି, ''ତୁମ ଭିତରେ ସକଳ ପ୍ରକାର ଭୁଲ୍ ଯାହା ତୁମେ ମୋ ରାଜତ୍ୱ ସମୟରେ କରିଛ ସେ ସମସ୍ତଙ୍କୁ ସ୍ୱୀକାର କରି ନିଅ ଏବଂ ସଂଶୋଧନ କରି ପକାଅ ।'' ପୁନଶ୍ଚ ଯେଉଁ ଉପାଦାନଗୁଡ଼ିକ ତିଷ୍ଠି ରହିବା ଉଚିତ ନୁହେଁ, – ସକଳ ପ୍ରକାର ଅଜ୍ଞାନତା, ସକଳ ପ୍ରକାର ଅନ୍ଧକାର ଓ ଅହଂକାର ଉପରେ ଦୃଢ଼ ଭାବରେ ପାଦ ଥୋଇ ନୂତନ ବର୍ଷକୁ ସ୍ୱାଗତ କରିବା ପାଇଁ ଆମକୁ ସେ ସାହସ ପ୍ରଦାନ କରୁଛନ୍ତି ।

ବିସ୍ତାରିତ ଦିଗ୍‌ବଳୟର ଆରପଟରେ ନବବର୍ଷର ନବୀନ ସୂର୍ଯ୍ୟ, ନବାରୁଣର ଜ୍ୟୋତିଃ ଦିଗ ବିଦିଗରେ ଫାଟି ପଡ଼ିଲେଣି – ସର୍ବତ୍ର ଘନୀଭୂତ ଆଲୋକର ଲୀଳାଖେଳା, କରୁଣା ଓ କୃପାର ଆଲୋକମୟ ଧାରାଶ୍ରାବଣ – ଯେଉଁ ନୈର୍ବ୍ୟକ୍ତିକ ପ୍ରେମର ସ୍ୱାଦ ଆମେ ଆସ୍ୱାଦନ କରି ନାହୁଁ, ତାହା ଦିଗ୍‌ବଳୟ ତଳେ ହାତଠାରି ଆହ୍ୱାନ କରୁଛି, କହୁଛି, ''ଆସ ମୋତେ ଅନୁଭବ କରି ନୂତନ ସ୍ୱାଦର ଅନୁଭବୀ ହୁଅ ।''

ଦିବ୍ୟଜନନୀ କରୁଣାମୟୀ ଶ୍ରୀମା ପୃଥିବୀପୃଷ୍ଠରେ ତାଙ୍କର ଉପସ୍ଥିତି ଏବଂ କାର୍ଯ୍ୟଧାରା ସମ୍ପର୍କରେ ଏକ ସୂକ୍ଷ୍ମ-ସୂଚନା ପ୍ରଦାନପୂର୍ବକ କହୁଛନ୍ତି, "I hail Thee, O Lord, Master of our life, and I want to proclaim Thy reign over all the earth." ''ପରମ ପ୍ରଭୁଙ୍କ

ରାଜତ୍ୱ ଏହି ଧରାରେ ପ୍ରତିଷ୍ଠିତ ହେବ'' – ଏହି ଉଦ୍‌ଘୋଷଣା କରିବାକୁ ଦିବ୍ୟଜନନୀ ପୃଥିବୀପୃଷ୍ଠରେ ଅବତାର ଗ୍ରହଣ କରିଛନ୍ତି । ମା'ଙ୍କର କରୁଣା ଓ ପ୍ରେମ କିପରି ଅଲୌକିକ ଭାବରେ କାମ କରେ ତାହା ନିମ୍ନୋକ୍ତ ଘଟଣାଟିରୁ ଅନୁମାନ କରିହେବ –

ଏହା ୧୯୬୨ ମସିହାର ଏକ ଘଟଣା । ଶ୍ରୀମାଶ୍ରୀଅରବିନ୍ଦଙ୍କର ଜନୈକ ଭକ୍ତ ବ୍ୟବସାୟୀ ପଞ୍ଜାବର ଲୁଧିଆନା ସହରରେ ରହୁଥା'ନ୍ତି । ତାଙ୍କର ଜଣେ ବନ୍ଧୁ ତାଙ୍କ ବ୍ୟବସାୟରେ ଅଂଶୀଦାର, ବ୍ୟବସାୟ ସମ୍ପର୍କିତ କାର୍ଯ୍ୟରେ ବାହାରକୁ ଯାଇଥା'ନ୍ତି । ଏହି ସମୟରେ ତାଙ୍କର ଏକମାତ୍ର ପୁତ୍ର ହଠାତ୍ ଅସୁସ୍ଥ ହୋଇ ପଡ଼ିଲେ । ଡାକ୍ତରମାନେ ପରୀକ୍ଷା କରି କହିଲେ ପିଲାଟିର ମେରୁଦଣ୍ଡରେ ଟି. ବି. ହୋଇଛି । ଅସ୍ତ୍ରୋପଚାର କରିବାକୁ ହେବ ଏବଂ ଦିନକୁ ଦୁଇଟି କରି ଇଞ୍ଜେକ୍‌ସନ୍ ନେବାକୁ ପଡ଼ିବ, କିନ୍ତୁ ସମ୍ପୂର୍ଣ୍ଣ ଆରୋଗ୍ୟ ହେବାର ପ୍ରତିଶ୍ରୁତି ଦିଆଯାଇ ପାରିବ ନାହିଁ । ପିଲାଟିକୁ ତାଙ୍କର ଆତ୍ମୀୟସ୍ୱଜନ ଅନ୍ୟ ଏକ ବଡ଼ ପ୍ରତିଷ୍ଠିତ ହସ୍‌ପିଟାଲରେ ପୁନଶ୍ଚ ପରୀକ୍ଷାନିରୀକ୍ଷା କରାଇଲେ, ସେମାନେ କିନ୍ତୁ ଭିନ୍ନମତ ଦେଲେ ।

ପିଲାଟିର ଅସୁସ୍ଥତା ସମ୍ପର୍କରେ ଦିବ୍ୟଜନନୀ ଶ୍ରୀମାଙ୍କୁ ଜଣାଇ ତା'ର ଦୁଇଟିଯାକ ଡାକ୍ତର ନିର୍ଦ୍ଦେଶିତ ଔଷଧର ଚିଠା ପଠାଇ ଦିଆଗଲା ଏବଂ ଆଶୀର୍ବାଦ ପୁଷ୍ପ ନିମନ୍ତେ ପ୍ରାର୍ଥନା ନିବେଦନ କରାଗଲା । ଶ୍ରୀମା ଦୁଇଟିଯାକ ରିପୋର୍ଟକୁ ତାଙ୍କର ବ୍ୟକ୍ତିଗତ ଡାକ୍ତର ଡଃ. ସାନ୍ୟାଲଙ୍କୁ ଦେଖାଇଲେ, ଆଶୀର୍ବାଦ ପୁଷ୍ପ ପଠାଇଲେ ଏବଂ ଟେଲିଗ୍ରାମଟିଏ ପଠାଇବାକୁ ନିର୍ଦ୍ଦେଶ ଦେଲେ । ଟେଲିଗ୍ରାମରେ ଲେଖାଥିଲା, ''ମା କୁହନ୍ତି, ଡାକ୍ତରଙ୍କ ମତାମତ ସବୁବେଳେ ଭିନ୍ନ ଭିନ୍ନ ହୋଇଥାଏ । ଅପରେସନ୍ କରିବାର କୌଣସି ଆବଶ୍ୟକତା ନାହିଁ, ସେ ହୋମିଓପାଥି ଔଷଧରେ ଭଲ ହୋଇଯିବ ।''

ଟେଲିଗ୍ରାମ ପାଇଲା ପରେ ପିଲାଟିକୁ ଜଣେ ହୋମିଓପାଥି ଡାକ୍ତରଙ୍କ ପାଖକୁ ନିଆଗଲା ଏବଂ ସେ ତାଙ୍କୁ ''ଟିଉବରକୁଲିନିୟମ'' ନାମକ ଏକ ଔଷଧର ଗୋଟିଏ ମାତ୍ର 'ଡୋଜ୍' ଖାଇବାକୁ ଦେଲେ । ସେହି ଗୋଟିଏ ପାନ ଔଷଧରେ ପିଲାଟି ସମ୍ପୂର୍ଣ୍ଣ ସୁସ୍ଥ ହୋଇଗଲା । ଦୌଡ଼ାଦୌଡ଼ି ତଥା ଖେଳାବୁଲା କରିବାକୁ ସେ ସକ୍ଷମ ହୋଇ ଉଠିଲା ।

ତା' ପରବର୍ଷ ''ଫେବ୍ରୁଆରୀ'' ଦର୍ଶନକୁ ବାପା ତା'କୁ ସାଙ୍ଗରେ ଧରି ପଣ୍ଡିଚେରୀ ଆସିଲେ । ଯଥା ସମୟରେ ଶ୍ରୀମାଙ୍କୁ ତାଙ୍କ ପ୍ରକୋଷ୍ଠରେ ଦର୍ଶନ ନିମନ୍ତେ ଅନୁମତି ପ୍ରାପ୍ତ ହୋଇ ଦର୍ଶନ କରିବାକୁ ଗଲେ । ବାପା ଶ୍ରୀମାଙ୍କ ପାଦତଳେ ନତଜାନୁ ହୋଇ ପ୍ରଣାମ ନିବେଦନ କରି କହିଲେ, ''ମା ମୋ ପୁଅକୁ ଟିକେ ଦେଖନ୍ତୁ ।'' କରୁଣାମୟୀ ମା ପିଲାଟିକୁ ଚାହିଁଲେ, ପ୍ରେମ ଓ କରୁଣାପୂର୍ଣ୍ଣ ଚକ୍ଷୁରୁ ପିଲାଟି ଉପରେ ଝରି ପଡୁଥିଲା ଦିବ୍ୟ ଆଶୀର୍ବାଦର ବାରି । ଏହିପରି କିଛି ସମୟ ପରେ ଶ୍ରୀମା ପିଲାଟିର ମଥାରେ ଦିବ୍ୟ ହସ୍ତର ସ୍ପର୍ଶ ପ୍ରଦାନ କରି କିଛି ଦିବ୍ୟ ଶବ୍ଦ ଉଚ୍ଚାରଣ କଲେ ଯାହା ତାଙ୍କ ବାପା ବୁଝି ପାରିଲେ ନାହିଁ । ଦର୍ଶନ ସରିଲା, ବାହାରକୁ ଆସି ପୁଅକୁ ପଚାରିଲେ, ''ମା କ'ଣ କହିଲେ ?'' ପିଲାଟି ଅତି ଖୁସିରେ କହିଲା, ''ମା କହିଲେ, 'ଆଗୟେ ବେଟା' ।'' ତାଙ୍କ ବାପା ଆଶ୍ଚର୍ଯ୍ୟ ହୋଇ କହିଲେ, ''ମା ତ ହିନ୍ଦୀ କହନ୍ତି ନାହିଁ ।'' କିନ୍ତୁ ପିଲାଟି ଦୃଢ଼ କଣ୍ଠରେ କହିଲା, ''ହଁ ମା ହିନ୍ଦୀରେ କହିଲେ, ମୁଁ ନିଜେ ଶୁଣିଛି ।''

ପରେ ଆଶ୍ରମର ଜନୈକା ପୁରାତନ ସାଧିକାଙ୍କୁ ଏ ବିଷୟରେ ପିଲାଟିର ବାପା ଜଣାଇବାରୁ ସେ କହିଲେ, ''ହଁ, ଶ୍ରୀମା ସବୁବେଳେ ଫରାସୀ ଭାଷାରେ କହନ୍ତି; କିନ୍ତୁ ଲୋକମାନେ ଅଧିକାଂଶ ସମୟରେ ସେହି କଥାଟିକୁ ନିଜର ମାତୃଭାଷାରେ ଶୁଣିବାକୁ ସକ୍ଷମ ହୋଇ ପାରିଥା'ନ୍ତି ।''

ମା ଯେ ଆମକୁ କେତେ ଭଲ ପାଆନ୍ତି, ଏହା ତା'ର ପ୍ରମାଣ ।

(ଦିବ୍ୟ ସମାଚାର ପୁସ୍ତକର
ପୃ. ୧୧୭-୧୧୮ରୁ ସଂଗୃହୀତ)

(କ୍ରମଶଃ)

❑❑❑

---

**ତଥ୍ୟ ନିର୍ଦ୍ଦେଶିକା :**

(୧) Prayers and Meditations – The Mother

(୨) Musing with the Mother's Prayers and Meditations – Shyam Kumari

# ଶ୍ରୀଅରବିନ୍ଦଙ୍କ ଶରୀର ତ୍ୟାଗ

## (୨)

## ସାହାନା ଦେବୀ

*(ପୂର୍ବ ପ୍ରକାଶିତ ଉତ୍ତାରୁ...)*

**କ'ଣ ଦେଖିଛି ଏଇ ଚକ୍ଷୁରେ ସେତେବେଳେ !**

ମୋ ଭିତରୁ ବି ତତ୍‌କ୍ଷଣାତ୍ କିଏ ଯେପରି ଉତ୍ତର ଦେଲା :

''ଯେ ସ୍ୱୟଂ ଭଗବାନ୍ – ତାଙ୍କର ମୃତ୍ୟୁ ନାହିଁ । ଶୋକ କରାଯାଏ ସେଇମାନଙ୍କ ପାଇଁ ଯେଉଁମାନେ ଆମ ପରି ମନୁଷ୍ୟ, ଯେଉଁମାନଙ୍କର ମୃତ୍ୟୁ ହୁଏ – ସେହିମାନଙ୍କର ମୃତ୍ୟୁରେ । ପୁଣି ପ୍ରଶ୍ନ ''ତେବେ ? ତାଙ୍କୁ ହରାଇବାର ବେଦନାରେ ?''

''ହରାଇବାର ? ସମସ୍ତ ଜଗତକୁ ନେଇ ଯାହାଙ୍କର ଅବସ୍ଥାନ; ତାଙ୍କୁ ହରାଇବାର ସ୍ଥାନ କେଉଁଠି ? ସବୁକୁ ନେଇ ତ ସେ !'' – ଉତ୍ତର ଆସିଲା ନିଜ ଅନ୍ତର ଭିତରୁ ।

''ସେଇ ଉପଲବ୍ଧି ଯଦି ହୋଇଥାଏ ତେବେ ଚକ୍ଷୁରେ ଲୋତକ କାହିଁକି ?''

''ଉପଲବ୍ଧି ଏବଂ ଅନୁଭୂତି (Experience) – ସାକ୍ଷାତ୍-ଅନୁଭୂତି ତ ଗୋଟିଏ ଜିନିଷ ନୁହେଁ । ଅନୁଭୂତି ଯେକୌଣସି ବ୍ୟକ୍ତିର ବି ହୋଇପାରେ । କିନ୍ତୁ ତାହା ଉପଲବ୍ଧି ପର୍ଯ୍ୟାୟ ଭିତରେ ଆସେ ନାହିଁ ।''

''ଏହି କ୍ଷେତ୍ରରେ ତ ଅନ୍ତତଃ କୁହାଯାଇପାରେ ଯେ ଏଇ ନୟନ ଯୁଗଳ ଅଶ୍ରୁର ଉତ୍ସ-ବେଦନା ।''

''ତାହା କାହିଁକି ? ଚକ୍ଷୁର ଅଶ୍ରୁ କ'ଣ କେବଳ ବେଦନାରେ ହୁଏ, ଆଘାତରେ ଅବା ଦୁଃଖ କଷ୍ଟରେ ଝରେ ? ତା'ର ଅନ୍ୟ ଦିଗ ନାହିଁ ? ଆନନ୍ଦ, କୃତଜ୍ଞତା – ଏସବୁରେ ମଧ୍ୟ ଅଶ୍ରୁ ଝରେ, ତା'ସହ ବେଦନାର କୌଣସି ଯୋଗାଯୋଗ ନାହିଁ । ତା'ଛଡ଼ା ଅଶ୍ରୁର ଆଉ ଏକ ବିରାଟ ଦିଗ ଅଛି – ଭଗବାନଙ୍କ ପ୍ରତି ପ୍ରେମ, ଭକ୍ତି, ଭଲ ପାଇବା; ତାଙ୍କର ସ୍ପର୍ଶରେ, ତାଙ୍କୁ ଚାହିଁବାରେ, ଏପରିକି ତାଙ୍କ ଲାଗି ଆଜୀବନ ପ୍ରତୀକ୍ଷାରେ ମଧ୍ୟ ଯେଉଁ ଅନ୍ତଃ-ସଲିଳା ଆନନ୍ଦାଶ୍ରୁ ପ୍ରବାହର ଆସ୍ୱାଦ ମିଳେ ଏବଂ ସେସବୁ ମୂଳରେ ଯେଉଁ ଭାବ ବ୍ୟକ୍ତ ହୁଏ ତାହା ଗଠିତ ହୋଇଥାଏ ସମ୍ପୂର୍ଣ୍ଣ ଅନ୍ୟ ଉପାଦାନରେ, ଭିନ୍ନ ଉତ୍ସରେ; ତୁଳନାତ୍ମକ ବିଚାରର କୁଠାରାଘାତ ସେଠାରେ ନ ଥାଏ – ଏଇ ଅଶ୍ରୁ ହୋଇପାରେ ସେଇ ପର୍ଯ୍ୟାୟର, କିଏ ତାହା କହିପାରିବ ? ସେ କେବଳ ଆମ ପାଇଁ ନୁହେଁ, ସମସ୍ତ ଜଗତର ହିତ ନିମନ୍ତେ, ମାନବ ଜୀବନକୁ ଦିବ୍ୟ ଜୀବନରେ, ଭଗବତ୍ ଚେତନାରେ ରୂପାୟିତ କରିବାର ସୁଯୋଗ ସ୍ୱରୂପ ଏଇ ପୃଥିବୀ ବକ୍ଷରେ ଅତିମାନସର ଅବତରଣ ଚେଷ୍ଟାରେ ରତ ହୁଅନ୍ତି – ଯାହାଙ୍କର ଅବତରଣର ଫଳସ୍ୱରୂପ କେବଳ ମନୁଷ୍ୟ ରୂପାନ୍ତରିତ ହୋଇ ଉଠିବ ନାହିଁ, ଭଗବାନଙ୍କୁ ଅବତରଣ କରି ଆଣିବେ ସେଇ ମାନବମାନଙ୍କ ମଧ୍ୟକୁ, ଜଗତକୁ ତୋଳି ଦେବେ ଭଗବାନଙ୍କର ଦିବ୍ୟ ଚେତନା ଓ ଶକ୍ତିର ଆଲୋକରେ । ସମସ୍ତ ବିଶ୍ୱ ଜଗତ୍ ହୋଇ ଉଠିବ ସେଇ ସର୍ବୋତ୍ତମଙ୍କର ଅଭିବ୍ୟକ୍ତିର ଆବାସସ୍ଥଳୀ, ଲୀଳାଭୂମି,– ସେଇ ନବ ଜଗତବାସୀଙ୍କର ବାସ ହେବ କେବଳ ଏକ ଭଗବାନଙ୍କୁ ନେଇ; ତାଙ୍କରି ମଧ୍ୟରେ, ତାଙ୍କରି ନିମନ୍ତେ, ତାଙ୍କରି ପାଇଁ ଚାଲିବ ସେଇ ଜୀବନ ଯାତ୍ରା । ଏହି ଅସାଧ୍ୟ ସାଧନରେ ବ୍ରତୀ ହୋଇ ସେ ଯେଉଁ ଅମାନୁଷିକ କଷ୍ଟ, ପରିଶ୍ରମ, ସହିଷ୍ଣୁତା ସ୍ୱୀକାର କରିଛନ୍ତି; ଅସହ୍ୟକୁ ସହ୍ୟ କରିଛନ୍ତି, ବରଣ କରିଛନ୍ତି, ବିରୁଦ୍ଧ ଶକ୍ତି ସମୂହର ସର୍ବନାଶୀ, ସର୍ବଗ୍ରାସୀ ଚରମ ଆକ୍ରମଣର ପ୍ରତିକ୍ରିୟାସବୁକୁ ଅକାତରେ, ଅମ୍ଳାନ ବଦନରେ – ସେଇ କରୁଣାମୟ ଅବତାରଙ୍କର ବିଗଳିତ ଅପାର ଅଶେଷ ଅନୁକମ୍ପାର ସ୍ମରଣରେ ଯେଉଁ ଅଶ୍ରୁଧାରା ନିର୍ଗତ ହୁଏ, ଏହା ହୋଇପାରେ ହୁଏତ ସେଇ ନୟନ ଧାରା ! ଏହା ମଧ୍ୟରେ ହା-ହୁତାଶ ନାହିଁ, ଅଛି ସେଇ ଅତଳ ଭକ୍ତି-ଆପ୍ଲୁତ କୃତଜ୍ଞତାର ପରିପୂର୍ଣ୍ଣ ଅନ୍ତରର ବାଧାହୀନ ଅଶ୍ରୁର ଭାଷାତୀତ ପ୍ରକାଶ – ଏସବୁକୁ କ'ଣ କହି ହୁଏ !''

''ଅତିମାନସର ଅବତରଣ, ଦିବ୍ୟ ଚେତନା ମଧ୍ୟକୁ ମାନବ ଚେତନାର ରୂପାନ୍ତର ଇତ୍ୟାଦି ସମ୍ବନ୍ଧରେ ଶ୍ରୀଅରବିନ୍ଦ ଯାହା କହିଛନ୍ତି ସେସବୁକୁ କ'ଣ ବିଶ୍ୱାସ କରାଯାଇପାରେ ?''

‘‘ସେ (ଶ୍ରୀଅରବିନ୍ଦ) କିଏ ? ଏତେ କଥା ପରେ ଏଇ ପ୍ରଶ୍ନ ? ଏହାର ଉତ୍ତର ହେଉଛି : ଏହାଠାରୁ ସତ୍ୟ ଆଉ କିଛି ହୋଇ ନପାରେ । ସେ ସତ୍ୟ ସ୍ୱରୂପ – ମିଥ୍ୟାଶୂନ୍ୟ ।’’ ଚାଲିଲା ଏହି ରୂପେ କେତେ ସମୟ, ଖିଆଲ ନାହିଁ କେତେବେଳୁ ଯେ ଭାବୁଛି – ଭଗବାନ୍ କହିଲେ ଶ୍ରୀମାଶ୍ରୀଅରବିନ୍ଦଙ୍କ ବ୍ୟତୀତ ଆଉ କିଛି ବି ଭାବି ପାରେନା । ମାନବର ତନୁ ଧାରଣ କରି, ମାନବର ସ୍ୱଭାବ ନେଇ ଭଗବାନ୍ କେତେଥର ଯେ କେତେ ରୂପରେ ଯୁଗେ ଯୁଗେ ଏଇ ପୃଥିବୀରେ ଅବତୀର୍ଣ୍ଣ ହୋଇଛନ୍ତି ମନୁଷ୍ୟକୁ ଦେଖାଇବାକୁ, ଊର୍ଦ୍ଧ୍ୱକୁ ଟେକି ନେବାକୁ, ଜାଗ୍ରତ୍ କରିବାକୁ, ଅଜ୍ଞାନରୁ ସଜ୍ଞାନ ଭିତରକୁ ନେଇ ଯିବାକୁ, ଅଚେତନାରୁ ସଚେତନାକୁ, ଅନ୍ଧକାରରୁ ଆଲୋକକୁ, କ୍ରମୋନ୍ନତିରୁ କ୍ରମବିକାଶ ପଥକୁ । ତାଙ୍କର ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟିର ଏକ ଉଦ୍ଦେଶ୍ୟ ରହିଛି ଅବଶ୍ୟ, ସେଇ କାର୍ଯ୍ୟ ସିଦ୍ଧି ଯେତେ ଦିନ ପର୍ଯ୍ୟନ୍ତ ନ ହୋଇଛି, ବାରଂବାର ନାନାଭାବେ, ନାନା ରୂପ ନେଇ ସେ ନିଶ୍ଚୟ ଆସିବେ । ଆମେ ମଣିଷମାନେ ତାଙ୍କୁ ଚିହ୍ନି ପାରୁ କି ନ ପାରୁ; ଆମ୍ଭମାନଙ୍କର ଯେତେ ଜନ୍ମଜନ୍ମାନ୍ତର କଟି ଗଲେ ବି – ତେବେ ବି ସେ ଯେଉଁ ରୂପରେ ଆସନ୍ତୁ ନା କାହିଁକି, ସେ ଭଗବାନ୍ ।

ଶ୍ରୀଅରବିନ୍ଦ ଲେଖିଛନ୍ତି :

“The Divine puts on an appearance of humanity, assumes the outward human nature in order to tread the path and show it to human beings, but does not cease to be the Divine.”

(CWSA - 32, p. 31)

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑

# ତୁମେ

## ଝରଣା ଘୋଷାଲ

ହାତ ଠାରି ଡାକିଲା ମୁଠାଏ ଚୁପ୍‌ଚାପ୍ ଗଙ୍ଗଶିଉଳି
ତୁ ଅପଦାର୍ଥ ଅଯୋଗ୍ୟଟାଏ,
ତୋତେ ଯେ ଆଗେଇ ଯିବାକୁ ହେବ
ଏକଥା କି ଭୁଲିଗଲୁ ?

ଚମକି ଉଠିଲି,
ମୋର ଏଇ ନିରୀହପଣର ବିପଣିରେ
ମୁଁ ଗୋଟାଏ ଫଟା ଦଦରା ଢୋଲ,
ଅମାନିଆଁ ପ୍ରଲୋଭନକୁ ଆଡ଼େଇ
କିପରି ଶଙ୍ଖୋଳିବି ଆତ୍ମାର ଶୁଦ୍ଧତାକୁ ?

ଝାଳନାଳରେ ଥକି ପଡୁଥିବା ଭବିଷ୍ୟତଟିକୁ
ଖୋଜିବି ଚହଲା ମନରେ –

ଯେଉଁଠି ଅମାବାସ୍ୟା ନଥିବ
ପ୍ରୀତିର ଭ୍ରମର ଆସି ଚୁମିଦେବ
ମୋର ସ୍ୱପ୍ନକୁ, ଉତ୍ତୁଙ୍ଗ ଆଶାକୁ –
ହୃଦୟର ବେଳାଭୂମିରେ ସୁକୁମାର ସୂର୍ଯ୍ୟୋଦୟ
ମୋତେ ପହଞ୍ଚାଇ ଦେବ ତୁମ ଅନ୍ତହୀନ
ଚେତନାର ପାରାବାରରେ ।

❑❑❑



# ସାହସ ସମ୍ପର୍କରେ

## କୁମାର ଚନ୍ଦ୍ର ମିଶ୍ର

[ଦିବ୍ୟଜନନୀ ଶ୍ରୀମା'ଙ୍କ ପ୍ରତୀକରେ ଦର୍ଶାଯାଇଥିବା ବାରଟି ପାଖୁଡ଼ା ବାରଟି ଶ୍ରେୟଗୁଣକୁ ପ୍ରତିନିଧିତ୍ୱ କରନ୍ତି । ସେହି ଶ୍ରେୟଗୁଣମାନଙ୍କ ମଧ୍ୟରୁ 'ସାହସ' (Courage) ଅନ୍ୟତମ । ଦିବ୍ୟଜନନୀ ଶ୍ରୀମା **ଅରଖ ଫୁଲ** (ଉଦ୍ଭିଦ ବିଜ୍ଞାନରେ ଯାହାର ନାମ : Calotropis gigantea)କୁ ସାହସର ଆଧ୍ୟାତ୍ମିକ ପ୍ରତିନିଧିରୂପେ ଅଭିହିତ କରିଛନ୍ତି । ନିର୍ଭୀକତା : ଯାହା ସବୁ ବିପଦର ସମ୍ମୁଖୀନ ହୋଇପାରେ – ଏହାକୁ ହିଁ ସାହସ ବୋଲି କୁହାଯାଇପାରେ ।

ନିମ୍ନଲିଖିତ ଆଲୋଚନାଟିରେ ସାହସ ସମ୍ପର୍କରେ କିଛି ତଥ୍ୟ ଓ ତତ୍ତ୍ୱ ଉପସ୍ଥାପନ କରାଯାଇଛି ।]

ସାହସିକତା, ନିର୍ଭୀକତା, ବୀରତ୍ୱ ଇତ୍ୟାଦି ପଦଗୁଡ଼ିକ ପ୍ରାୟ ସମାର୍ଥବାଚକ । ଯିଏ ସମ୍ପୂର୍ଣ୍ଣ ରୂପେ ଭୟଶୂନ୍ୟ ତାହାକୁ ସାହସୀ କୁହାଯାଏ । ଯିଏ ସାହସିକତାକୁ କର୍ମ ମାଧ୍ୟମରେ ଅଭିବ୍ୟକ୍ତ କରେ ସେ ବୀର ପଦବାଚ୍ୟ ହୁଏ । ଏହିପରି ଅନେକ ସାହସୀ ବୀରମାନଙ୍କର ସମ୍ବନ୍ଧରେ ସବୁଦେଶରେ, ସବୁ ଯୁଗରେ ଅନେକ କାହାଣୀ ଓ କିମ୍ବଦନ୍ତୀର ବର୍ଣ୍ଣନା ରହିଛି । ରାକ୍ଷସରାଜ ରାବଣର ଦରବାରରେ ପୁଣ୍ୟାତ୍ମା ବିଭୀଷଣ ସତୀ ସୀତାଙ୍କୁ ରାମଙ୍କ ନିକଟକୁ ସସମ୍ମାନେ ଫେରାଇ ଦେବା ଲାଗି ବାରଂବାର ଅନୁରୋଧ କରିଥିଲେ । ଏତତ୍ ଦ୍ୱାରା କ୍ରୋଧାନ୍ୱିତ ହୋଇ ରାବଣ ନିଜ ଶୁଭାକାଂକ୍ଷୀ ଭାଇ ବିଭୀଷଣଙ୍କ ବକ୍ଷଦେଶରେ ପଦାଘାତ କରି ରାଜ୍ୟରୁ ବିତାଡ଼ିତ କରି ଦେଇଥିଲା । ଉକ୍ତ ଅବସରରେ ରାକ୍ଷସରାଜା ମାଲ୍ୟବନ୍ତ ମଧ୍ୟ ତଦନୁରୂପ ପରାମର୍ଶ ଦେଇଥିଲେ ବି ରାବଣର କ୍ରୋଧ ଦେଖି ଭୟଭୀତ ହୋଇ ସଭାଗୃହ ପରିତ୍ୟାଗ କରି ସେଠାରୁ ପଳାୟନ କରିଥିଲେ । କିନ୍ତୁ ବିଭୀଷଣ ଦଣ୍ଡ ପାଇବାର ଆଶଙ୍କା ଥିବା ସତ୍ତ୍ୱେ ଯଥାର୍ଥ ପରାମର୍ଶଟିକୁ ବାରଂବାର ଉପସ୍ଥାପନ କରି ନିଜର ଦୈହିକ ସାହସ (Physical courage) ଓ ନୈତିକ ସାହସ (Mental/Moral Courage)ର ପରିଚୟ ଦେଇଥିଲେ ।

ଶ୍ରୀମା ଏହିପରି ଅନେକ ସାହସିକତାର କାହାଣୀ କହିଛନ୍ତି । ସେସବୁରୁ କେତୋଟି ନିମ୍ନରେ ପ୍ରଦତ୍ତ କରୁଛୁ :

''ଇସ୍ରାଏଲର ନେତା ମୋଜେସ୍‌ଙ୍କର ମଧ୍ୟ ଠିକ୍ ଏହିପରି ଏକ ସାହସ ଥିଲା । ମୋଜେସ୍ ଇଜିପ୍ଟର ଫାରୋ (Pharooh)ଙ୍କଠାରେ ଉତ୍ପୀଡ଼ିତ ଇହୁଦୀ (Hebrew) ଜାତିର ମୁକ୍ତି ଦାବୀ କରିଥିଲେ । ଫଳରେ ସେ ନିଜ ଦେଶରୁ ବିତାଡ଼ିତ ହୋଇଥିଲେ ।

''ପୟଗମ୍ବର ମହମ୍ମଦଙ୍କର ମଧ୍ୟ ଠିକ୍ ଏହିପରି ଏକ ସାହସ ଥିଲା । ମହମ୍ମଦ ଆରବ ଦେଶମାନଙ୍କରେ ନିଜର ଧର୍ମ ପ୍ରଚାର କରୁଥିଲେ । ସେମାନେ ତାଙ୍କୁ ଜୀବନରେ ମାରିଦେବା ଲାଗି ଭୟ ଦେଖାଇଲେ ବି ସେ କଦାପି ନିଜର ମୁଖ ବନ୍ଦ କରି ନଥିଲେ ।

''ଯିଶୁଖ୍ରୀଷ୍ଟଙ୍କଠାରେ ମଧ୍ୟ ଏହିପରି ଏକ ସାହସ ଥିଲା; ''ତୁମେମାନେ ପରସ୍ପରକୁ ଭଲପାଅ'' – ଲୋକମାନଙ୍କ ମଧ୍ୟରେ ସେ ଏହି କଥା ପ୍ରଚାର କରୁଥିଲେ । ତାଙ୍କୁ ଧର୍ମ ପ୍ରଚାର କରିବାରୁ କ୍ଷାନ୍ତ ରହିବାକୁ କହି ଜେରୁଜେଲମର ବିଚାରପତିମାନେ ତାଙ୍କ ଉପରେ ନିଷେଧାଜ୍ଞା ଜାରି କରିଥିଲେ ଓ ଯେଉଁ ରୋମାନମାନେ ତାଙ୍କୁ କ୍ରୁଶବିଦ୍ଧ କରିଥିଲେ, ସେମାନଙ୍କୁ ସେ ମୋଟେ ଭୟ କରି ନଥିଲେ ।

''ତଥାଗତ ସିଦ୍ଧାର୍ଥଙ୍କଠାରେ ମଧ୍ୟ ଠିକ୍ ଏହିପରି ସାହସ ରହିଥିଲା । ସିଦ୍ଧାର୍ଥ ଭାରତର ଅଧିବାସୀମାନଙ୍କୁ ଏକ ନୂତନ ଉଦାରମାର୍ଗ ପ୍ରଦର୍ଶନ କରିଥିଲେ, ଏବଂ ବୋଧିଦ୍ରୁମ ତଳେ ଯେଉଁ ଅନିଷ୍ଟକାରୀ ପ୍ରେତମାନେ ତାଙ୍କୁ ଆକ୍ରମଣ କରିବାକୁ ଆସିଥିଲେ, ସେମାନଙ୍କ ଦ୍ୱାରା ସେ ଆଦୌ କୌଣସି ପ୍ରକାରେ ଭୟଭୀତ ହୋଇ ନଥିଲେ ।''

(ମାତୃରଚନାବଳି - ୨, ପୃ. ୨୬୯)

ୟୁରୋପର ମହାନ୍ ଦାର୍ଶନିକ ସକ୍ରେଟିସ୍ (Socreates) ସତ୍ୟ ଓ ଆପଣାର ଦର୍ଶନ ତତ୍ତ୍ୱକୁ ଦୃଢ଼ ଭାବରେ ଉପସ୍ଥାପନ କରି ଏଥେନ୍‌ସର ରାଜା ଓ ଜନସାଧାରଣଙ୍କର ଅପ୍ରିୟ ହୋଇଥିଲେ । ଯୁବଗୋଷ୍ଠୀଙ୍କୁ ବିପଥଗାମୀ କରୁଛନ୍ତି ବୋଲି ତାଙ୍କ ଉପରେ ଦୋଷାରୋପ କରାଯାଇଥିଲା । ମୃତ୍ୟୁ ଦଣ୍ଡରେ ଦଣ୍ଡିତ ହୋଇ ହଳାହଳ

ବିଷପାନ କରି ଜୀବନ ବିସର୍ଜନ କରିବାକୁ ସେ ପଶ୍ଚାତ୍‌ପଦ ହୋଇ ନଥିଲେ ।

ଭାରତୀୟ ପରମ୍ପରାରେ ଧ୍ରୁବ, ପ୍ରହ୍ଲାଦଙ୍କ ପରି ଅନେକ ଆଧାତ୍ମିକ ଅନ୍ୱେଷୀମାନଙ୍କଠାରେ ଆମେ ଅମାପ ସାହସର ପରିଚୟ ପାଉ । ବାଳକ ବୟସରେ ଧ୍ରୁବ ହିଂସ୍ର ଜନ୍ତୁମାନଙ୍କୁ ଭ୍ରୁକ୍ଷେପ ନକରି ଘୋର ଜଙ୍ଗଲରେ ତପସ୍ୟାରତ ଥିଲେ । ପ୍ରହ୍ଲାଦ ଦୁର୍ଦ୍ଧର୍ଷ ରାକ୍ଷସ ପିତା ହିରଣ୍ୟକଶିପୁ ଦ୍ୱାରା ଅକଥନୀୟ ଉତ୍ପୀଡ଼ନ ପାଇବା ସତ୍ତ୍ୱେ ନିଜ ଭକ୍ତିପଥରୁ ବିଚ୍ୟୁତ ହୋଇ ନଥିଲେ । ଭକ୍ତଶିରୋମଣି ମୀରାବାଈ ନିଜ ପରିବାରରୁ ବିତାଡ଼ିତ ହୋଇ ମଧ୍ୟ ନିଜ ଆରାଧ୍ୟ ଦେବତା ଶ୍ରୀକୃଷ୍ଣଙ୍କୁ ପତି ରୂପେ ବରଣ କରିଥିଲେ । ଶ୍ରୀରାଧାଙ୍କ ସମେତ ଗୋପୀଗଣ ଦିବ୍ୟପ୍ରେମର ଆସ୍ୱାଦନ ପାଇବା ଲାଗି କୌଣସି ଲୋକାଚାର ଓ ପ୍ରତିବନ୍ଧକକୁ ଭ୍ରୁକ୍ଷେପ କରି ନଥିଲେ ।

ଦେଶ ପାଇଁ ଯେଉଁ ନାଗରିକମାନେ ଶତ୍ରୁର ସମ୍ମୁଖୀନ ହୁଅନ୍ତି, ଅସହ୍ୟ ଯନ୍ତ୍ରଣା ସହ୍ୟ କରନ୍ତି; କ୍ଷୁଧା, ତୃଷା ସହ୍ୟ କରି ବନ୍ଦୀର ଜୀବନଯାପନ କରନ୍ତି ସେମାନଙ୍କ ସମ୍ପର୍କରେ ଆମେ ଅନେକ କଥା ଜାଣୁ । ଭଗତ୍ ସିଂ, ବାଘାଯତୀନ୍, ପ୍ରଫୁଲ୍ଲ ଚାକି, ବିନାୟକ ଦାମୋଦର ସଭରକର୍, ନେତାଜୀ ସୁଭାଷଚନ୍ଦ୍ର ବୋଷ – ଏହିପରି ଅନେକ ଦେଶଭକ୍ତ ଦେଶକୁ ସ୍ୱାଧୀନ କରିବା ଲାଗି ବୀରତ୍ୱର ସହ ପ୍ରାଣମୂର୍ଚ୍ଛା ସଂଗ୍ରାମ କରିଛନ୍ତି, ଅମିତ ସାହସର ପରିଚୟ ଦେଇ ଯାଇଛନ୍ତି ।

ଏହିପରି ଭାବରେ ଆମେ ତିନି ପ୍ରକାରର ତଥା ତିନି ସ୍ତରର ସାହସର ପରିଚୟ ପାଇପାରୁ । ପ୍ରଥମଟି ହେଉଛି ନିଜ ପାଇଁ ଶାରୀରିକ ସାହସ ଦେଖାଇବା, ଦ୍ୱିତୀୟଟି ହେଉଛି ବିପଦରେ ପଡ଼ିଥିବା ଆପଣାର ଆତ୍ମୀୟ ସ୍ୱଜନ, ବନ୍ଧୁ ଓ ପଡ଼ୋଶୀମାନଙ୍କ ପାଇଁ, ବିପନ୍ନ ଜନ୍ମଭୂମି ପାଇଁ ସାହସ ଦେଖାଇବା ଏବଂ ସର୍ବଶେଷରେ ସେହି ନୈତିକ ସାହସଟିକୁ ମଧ୍ୟ ଦେଖାଇ ପାରିବା ଯାହା ଅନ୍ୟାୟ ବିରୋଧରେ ଠିଆ ହେବା ଲାଗି ସାମର୍ଥ୍ୟ ଦିଏ; ଅନ୍ୟାୟ କରୁଥିବା ବ୍ୟକ୍ତିମାନେ ଯେତେ ଶକ୍ତିଶାଳୀ ହୋଇଥିଲେ ମଧ୍ୟ ସେମାନଙ୍କ ଆଗରେ ଉଚିତ ଏବଂ ସତ୍ୟ କଥାଟିକୁ କହିବା ଲାଗି ସମର୍ଥ କରାଏ ।

ଦିବ୍ୟଜନନୀ ଶ୍ରୀମା ପାଞ୍ଚଗୋଟି ମନସ୍ତାତ୍ତ୍ୱିକ ପରିପୂର୍ଣ୍ଣତା (Five psychological perfection) ସମ୍ପର୍କରେ ଆଲୋଚନା କଲାବେଳେ କହିଛନ୍ତି :

''ମୋର ମନେ ପଡୁଛି, ଆମେ ଥରେ ସାହସକୁ ଏକ ଅନ୍ୟତମ ପରିପୂର୍ଣ୍ଣତା ବୋଲି ଆଲୋଚନା କରିଥିଲେ । ଥରେ ଗୋଟିଏ ତାଲିକାରେ ମଧ୍ୟ ଏଇଟିକୁ ଲିପିବଦ୍ଧ କରି ରଖିବାର ମୋର ମନେ ଅଛି । ମାତ୍ର ଏହି ସାହସର ଅର୍ଥ ହେଉଛି ନିଜ ଭିତରେ ସର୍ବୋଚ୍ଚ ସାହସିକତାର ଏକ ପ୍ରବଣତା ବହନ କରି ରହିଥିବ; ଏବଂ ସର୍ବୋଚ୍ଚ ସାହସିକତାର ଏହି ପ୍ରବଣତା ବା ଆଗ୍ରହଟି ହେଉଛି ଅଭୀପ୍ସା ।''

(ମାତୃରଚନାବଳି - ୮, ପୃ. ୬୨)

ଏଠାରେ ଶ୍ରୀମା ସାହସକୁ ଅଭୀପ୍ସାର ଏକ ବିକଳ୍ପ-ରୂପ ବୋଲି ପ୍ରତିପାଦନ କରିଛନ୍ତି । ପୂର୍ଣ୍ଣଯୋଗ ହେଲା ଚେତନାର ଏକ ଦୁଃସାହସିକ ଅଭିଯାନ (Adventure of Consciousness) । ଏହି ଯୋଗପଥ ପୂର୍ବ ନିର୍ଦ୍ଧାରିତ ଓ ପ୍ରସ୍ତୁତ ଜାତୀୟପଥ (National Highway) ପରି ନୁହେଁ । ପ୍ରତ୍ୟେକେ ନିଜର ସ୍ୱଭାବ ଅନୁଯାୟୀ ନିଜର ପଥ ନିଜେ ପ୍ରସ୍ତୁତ ବା ନିର୍ଦ୍ଧାରଣ କରିବାକୁ ହୁଏ – ଯେପରି ଘୋର ଜଙ୍ଗଲ ମଧ୍ୟରେ କଣ୍ଟା ବୁଦା ସଫାକରି ନିଜର ମାର୍ଗ ନିର୍ଦ୍ଧାରିତ କରାଯାଏ । ଏଥିଲାଗି ଅଦମ୍ୟ ସାହସର ଆବଶ୍ୟକତା ରହିଛି । କୌଣସି ପ୍ରକାରର କୁଣ୍ଠା ନରଖି, ପଶ୍ଚାତ୍ପଦ ହେବାର କୌଣସି ସମ୍ଭାବନା ନରଖି, ପଶ୍ଚାଦାବଲୋକନ ନକରି ଏବଂ ମୁହୂର୍ତ୍ତକ ପାଇଁ ସୁଦ୍ଧା ''ଏଥର କ'ଣ ଘଟିବାକୁ ଯାଉଛି'' ବୋଲି ନ ପଚାରି ସେହି ସାହସିକତାର ଦୁର୍ଗମ ପଥରେ ଆଗେଇବାକୁ ହୁଏ । ଏପରି ସାହସିକତାକୁ ଯଥାର୍ଥରେ ଏକ ଅଭୀପ୍ସା ବୋଲି ହିଁ କୁହାଯିବ । ଏ ଦୁଇଟି ବିଷୟ ସର୍ବଦା ଏକତ୍ର ରହିଥା'ନ୍ତି ।

ଶ୍ରୀମାଙ୍କ ଭାଷାରେ :

"A real aspiration is something full of courage."

''ଏକ ଯଥାର୍ଥ ଅଭୀପ୍ସା ସାହସ ଦ୍ୱାରା ପରିପୂର୍ଣ୍ଣ ହୋଇ ରହିବ ହିଁ ରହିବ ।''

(ମାତୃରଚନାବଳି - ୮, ପୃ. ୬୩)

**ସାହସର ସଂଜ୍ଞା ନିରୂପଣ :**

"Courage is the total absence of fear in any form."

(CWM - Vol. 10, p. 284) – The Mother

''କୌଣସି ପ୍ରକାର ଭୟର ସମ୍ପୂର୍ଣ୍ଣ ଅନୁପସ୍ଥିତି ହିଁ ସାହସ ।'' – ଶ୍ରୀମା

"Courage : bold it faces all dangers."

(CWM - Vol. 14, p. 181) – The Mother

''ସାହସ : ନିର୍ଭୀକ, ତାହା ସକଳ ବିପଦର ସମ୍ମୁଖୀନ ହୁଏ ।''

– ଶ୍ରୀମା

''... courage means having a taste for the supreme adventure.''

(CWM - Vol. 8, p. 40) – The Mother

''ସାହସର ଅର୍ଥ ହେଲା ଚରମ ଦୁଃସାହସିକ ଅଭିଯାନ ଲାଗି ଏକ ଆକର୍ଷଣ ଓ ଆଗ୍ରହ ।''

– ଶ୍ରୀମା

''True courage in its deepest sense, is able to face everything in life, from the smallest to the greatest things from material things to those of the spirit, without a shudder...''

(CWM - Vol. 7, p. 31) – The Mother

''ଯାହାକୁ ଗଭୀରତମ ଅର୍ଥରେ ଯଥାର୍ଥ ସାହସ ବୋଲି କୁହାଯିବ, ତାହାକୁ ଜୀବନରେ ସବୁ କିଛିର ସମ୍ମୁଖୀନ ହେବା ଲାଗି ସମର୍ଥ ହେବାକୁ ପଡ଼ିବ, କ୍ଷୁଦ୍ରତମଠାରୁ ବୃହତ୍ତମ ପର୍ଯ୍ୟନ୍ତ, ସ୍ଥୂଳବସ୍ତୁ ଠାରୁ ଆଧ୍ୟାତ୍ମିକ ବସ୍ତୁ ପର୍ଯ୍ୟନ୍ତ ସବୁକିଛିର ସମ୍ମୁଖୀନ ହେବା ଲାଗି ସାମର୍ଥ୍ୟ ରହିଥିବ, କୌଣସି ପରିସ୍ଥିତିରେ ସେ ଭୟରେ ଥରିଯାଉ ନଥିବ ।''

– ଶ୍ରୀମା

''Boldness : do fearlessly what must be done, not dreading any difficulty.''

(CWM - Vol. 14, p. 169) – The Mother

''ସାହସ : ଯାହା କରଣୀୟ ତାହା ନିର୍ଭୀକଭାବେ କରିବା, କୌଣସି ପ୍ରତିବନ୍ଧକ ଦ୍ୱାରା ଆତଙ୍କିତ ନହୋଇ ।''

– ଶ୍ରୀମା

**ବିଭିନ୍ନ ପ୍ରକାରର ଓ ବିଭିନ୍ନ ସ୍ତରର ସାହସ :**

ଆସନ୍ତାକାଲିର ପୂର୍ଣ୍ଣତାକୁ ଯେଉଁମାନେ ପୂର୍ବାନୁମାନ କରିପାରନ୍ତି, ତାହାକୁ ସାହସିକ ମନ କୁହାଯାଇପାରେ । ଭବିଷ୍ୟତରେ ପାର୍ଥିବ ଜଗତରେ ଅତିମାନସିକ ଚେତନା କ୍ରିୟାଶୀଳ ହେବା ସୁନିଶ୍ଚିତ ବୋଲି ଏକ ସାହସିକ ମନ ହିଁ ଦୃଢ଼ ବିଶ୍ୱାସ କରିବାରେ ସମର୍ଥ ହୋଇଥାଏ ।

ଏକ ସାହସଯୁକ୍ତ ଶରୀର ହିଁ ଦିବ୍ୟସତ୍ତାଙ୍କ ନିକଟରେ ନିଜକୁ ନିଃଶେଷରେ ଉତ୍ସର୍ଗ କରିବା ସମ୍ଭବ ବୋଲି ନିଶ୍ଚିତ ହୋଇ ରହିଥାଏ ।

ଯେଉଁ ପ୍ରାଣସତ୍ତା ବିଚାର, ବୁଦ୍ଧି ଓ ବିବେକ ପୂର୍ଣ୍ଣ ହୋଇ ପରମ ଦିବ୍ୟସତ୍ତାଙ୍କଠାରେ ସମର୍ପିତ ହୋଇ ରହିଥାଏ ତାହାକୁ ସାହସୀ ପ୍ରାଣସତ୍ତା ବୋଲି କୁହାଯାଏ । ପ୍ରାଣିକ ସାହସ ଉପକାରୀ ହେବା ଲାଗି ନିଶ୍ଚିତ ଭାବେ ନିୟନ୍ତ୍ରିତ ହୋଇ ରହିଥିବା ଆବଶ୍ୟକ ।

ନିଜର ଭୁଲ୍‌ଗୁଡ଼ିକୁ ନିଜେ ଚିହ୍ନିପାରିବା ହେଉଛି ମହତ୍ତମ ସାହସ । ଠିକ୍ ପଥରେ ପ୍ରବେଶ କରିବା ଅପେକ୍ଷା ଶେଷପର୍ଯ୍ୟନ୍ତ ଠିକ୍ ପଥ ଅନୁସରଣ କରିବା ଲାଗି ମହତ୍ତର ସାହସର ଆବଶ୍ୟକ ହୁଏ ।

ପରମ ଦିବ୍ୟସତ୍ତାଙ୍କ ନିକଟରେ ପରିପୂର୍ଣ୍ଣ ନିର୍ଭରତାର ଏକ ପରିଣତି ସ୍ୱରୂପ ସାହସ ସ୍ୱତଃସ୍ଫୂର୍ତ୍ତ ଭାବେ ଜାଗ୍ରତ୍ ହୋଇଥାଏ । ଯେକୌଣସି କ୍ଷେତ୍ରରେ, ଯେକୌଣସି ବିପଦରେ ଯଦି ମନୋଭାବଟି ଅପରିବର୍ତ୍ତନୀୟ, ସ୍ଥିର ଓ ସୁନିଶ୍ଚିତ ହୋଇ ରହିଥାଏ ତେବେ ତାହାକୁ ପୂର୍ଣ୍ଣାଙ୍ଗ ସାହସ ବୋଲି କୁହାଯିବ । ସବୁଠୁ ବଡ଼ ସାହସ ହେଲା ନିଜ ଦୋଷ ଦୁର୍ବଳତାଗୁଡ଼ିକୁ ନିଜେ ଚିହ୍ନିପାରିବା ଓ ସେସବୁକୁ ସ୍ୱୀକାର କରିବା । ଦିବ୍ୟ ଜନନୀ ଶ୍ରୀମାଙ୍କ ରଚନାବଳିରୁ ଆମେ ମାନସିକ ସାହସ (Mental courage), ଦୈହିକ ସାହସ (Physical courage), ପ୍ରାଣିକ ସାହସ (Vital courage), ସ୍ୱତଃସ୍ଫୂର୍ତ୍ତ ସାହସ (Spontaneous courage), ପୂର୍ଣ୍ଣାଙ୍ଗ ସାହସ (Integral courage), ମହତ୍ତମ ସାହସ (Noblest courage) ସମ୍ବନ୍ଧରେ ବିସ୍ତାରିତ ବିବରଣୀ ପଢ଼ିବାକୁ ପାଉ ।

ସାହସ ହେଉଛି ଆତ୍ମାର ଏକ ଶକ୍ତି । ତା'ର ମୂଳ ଉତ୍ସ ହେଲା ଚୈତ୍ୟ ସତ୍ତା । ପରମ ଦିବ୍ୟସତ୍ତାଙ୍କୁ ଖୋଜିବା ଲାଗି, ପ୍ରାପ୍ତ କରିବା ଲାଗି, ଉପଲବ୍ଧି କରିବା ଲାଗି ଚୈତ୍ୟସତ୍ତା ହିଁ ପ୍ରେରଣାଯୁକ୍ତ ସାହସ ପ୍ରଦାନ କରେ । ଅଭୀପ୍ସୁ ସାଧକ ତଥା ସିଦ୍ଧ ମହାପୁରୁଷମାନଙ୍କ ଜୀବନ ଚରିତ ଅନୁଧ୍ୟାନ କଲେ ଏହା ସ୍ପଷ୍ଟ ହୋଇଯାଏ ଯେ ସେମାନେ ସେମାନଙ୍କ ସତ୍ତାର ସତ୍ୟକୁ ଉପଲବ୍ଧି କରିବା ଲାଗି ଭୟଶୂନ୍ୟ ହୋଇ ଧୈର୍ଯ୍ୟର ସହ ଯାବତୀୟ ବିପଦର ସମ୍ମୁଖୀନ ହୋଇଛନ୍ତି । ସତ୍ୟ-ଶିବ-

ସୁନ୍ଦରଙ୍କୁ ଅଭିବ୍ୟକ୍ତ କରିବା ଦିଗରେ ଯାହାକିଛି ପ୍ରତିରୋଧ ବା ପ୍ରତିବନ୍ଧକ ହୋଇ ରହିବ ସେଗୁଡ଼ିକୁ ଅପସାରିତ କରିଦେବା ଲାଗି ଅଦମ୍ୟ ସାହସ ରହିଥିବା ଆବଶ୍ୟକ । ଯିଏ ପରମ ପ୍ରଭୁଙ୍କର ନିର୍ଭୀକ ଯୋଦ୍ଧା ସେ କେବଳ ତାଙ୍କରି ସଙ୍କଳ୍ପକୁ ସାକାର କରିବା ଲାଗି ସମର୍ଥ ହୋଇଥାଏ । ଯିଏ ସମର୍ପିତ ହୋଇ ରହିଥାଏ ସେ କଦାପି ଭୟଭୀତ ହୁଏ ନାହିଁ । ଯିଏ ପରାଜିତ ହେବା ଲାଗି ଅସ୍ୱୀକାର କରେ, ସେ ଅବଶ୍ୟ କଦାପି ପରାଜିତ ହୁଏ ନାହିଁ । ଯଥାର୍ଥ ସାହସ ଡିଣ୍ଡିମପିଟା ବିଜ୍ଞାପନ ଆବଶ୍ୟକ କରେ ନାହିଁ ।

ଯଥାର୍ଥ ସାହସରେ କୌଣସି ଅସ୍ଥିରତା ବା ଉଦ୍‌ବେଗ ବା ଅବିବେକିତା ନଥାଏ । ସ୍ଥିରତା, ଏକାଗ୍ରତା ଓ ଧୈର୍ଯ୍ୟଶୀଳତା ହେଉଛି ସାହସର ଆନୁଷଙ୍ଗିକ ଲକ୍ଷଣ । ଭୟ ଚେତନାକୁ ନିମ୍ନଗାମୀ କରାଏ ଓ କୁପରାମର୍ଶ ଦିଏ । ସାହସିକତାର ଅନ୍ୟ ନାମ ହେଲା ନିର୍ଭୀକତା ବା ଭୟଶୂନ୍ୟତା । ଭୟ ସମ୍ପର୍କରେ ଦିବ୍ୟଜନନୀ ଶ୍ରୀମାଙ୍କ ବକ୍ତବ୍ୟ ହେଲା : ''ମୁଁ କହିବି ଯେ ଭୟ ଏକ ଅଶୁଦ୍ଧତା, ଏକ ବୃହତ୍ତମ ଅଶୁଦ୍ଧତା, ଯେଉଁସବୁ ଅଶୁଦ୍ଧତା ପୃଥିବୀପୃଷ୍ଠରେ ଭଗବାନଙ୍କ କାର୍ଯ୍ୟକୁ ନଷ୍ଟ କରି ଦେବାକୁ ଇଚ୍ଛା କରୁଥିବା ଅଦିବ୍ୟ ଶକ୍ତିଗୁଡ଼ିକ ମଧ୍ୟରୁ ପ୍ରେରିତ ହୋଇ ଆସିଥାଏ; ସେଗୁଡ଼ିକ ମଧ୍ୟରୁ ଭୟ ହେଉଛି ଅନ୍ୟତମ । ଯେଉଁମାନେ ପ୍ରକୃତରେ ଯୋଗମାର୍ଗରେ ଚାଲିବାକୁ ଇଚ୍ଛା କରୁଥା'ନ୍ତି ସେମାନଙ୍କର ସର୍ବପ୍ରଥମ କର୍ତ୍ତବ୍ୟ ହେଉଛି ଯେ ସେମାନେ ଆପଣାର ସକଳ ଶକ୍ତି ଓ ସକଳ ଆନ୍ତରିକତା, ଯଥାସାଧ୍ୟ ସକଳ ସହିଷ୍ଣୁତା ଦେଇ ଭୟର ଲେଶମାତ୍ରକୁ ଆପଣା ଭିତରୁ ବିଦୂରିତ କରିଦେବା । ଏହି ମାର୍ଗରେ ଚାରଣ ଲାଗି ଆମକୁ ଅଦମ୍ୟ ହୋଇ ରହିବାକୁ ପଡ଼ିବ; ଯେଉଁ ଭୟ ଆମକୁ ଅତି କ୍ଷୁଦ୍ର, ଦୟନୀୟ, କ୍ଷୀଣ ଓ କୁତ୍ସିତ ଭାବରେ ଆପଣା ଉପରକୁ ସଙ୍କୁଚିତ ହୋଇ ଆସିବାର ଅପ-ପ୍ରେରଣା ଦେବାରେ ଲାଗିଥାଏ, ସେଥିରୁ ଆମକୁ କ୍ଷାନ୍ତ ହୋଇ ରହିବାକୁ ହେବ ।''

ଶ୍ରୀଅରବିନ୍ଦ କହନ୍ତି : ''To lose courage is the only sin.'' ଅର୍ଥାତ୍, ''ସାହସ ହରାଇବା ହେଲା ଏକମାତ୍ର ପାପ ।''

ଭୟ ହିଁ ଭୟ କରୁଥିବା ବିଷୟଟିକୁ ଆକର୍ଷଣ କରେ । ସବୁ କ୍ଷେତ୍ରରେ ଭୟଭୀତ ହେବା ନିର୍ବୋଧତାର ପରିଚୟ ଦିଏ । ଆତଙ୍କିତ ହେବା ଏକ ବଦ୍‌ଗୁଣ । ଭଗବତ୍ କୃପା ପ୍ରତି ଆମ ବିଶ୍ୱାସର ଅଭାବ ହିଁ ଭୟକୁ ପ୍ରଶ୍ରୟ ଦେଇଥାଏ ।

ଯେକୌଣସି ସୃଜନାତ୍ମକ କର୍ମ, ଗଠନମୂଳକ ଯୋଜନା କାର୍ଯ୍ୟକାରୀ କରିବା ନିମିତ୍ତ ସାହସର ଆବଶ୍ୟକତା ଅନିବାର୍ଯ୍ୟ ହୋଇ ରହିଥାଏ । ଯୋଜନା ସଫଳ ହେବା ତ ଦୂରର କଥା, ସାହସ ବିନା କାର୍ଯ୍ୟକ୍ରମଟି ଆରମ୍ଭ କରାଯାଇପାରେ ନାହିଁ । ସାହସ ହେଉଛି ସେହି ସୋପାନ ଯାହା ଉପରେ ଅନ୍ୟାନ୍ୟ ସଦ୍‌ଗୁଣଗୁଡ଼ିକ ଆଧାରିତ । ସାହସର ଅନୁପାତରେ ଆମ ଜୀବନ ବିକଶିତ ହୋଇଥାଏ ।

ସଫଳତା ଶେଷ କଥା ନୁହେଁ କିଂବା ବିଫଳତା ଆମର ଅନ୍ତିମ ନିୟତି ନୁହେଁ । ସବୁକିଛି ସତ୍ତ୍ୱେ ସାହସର ସହ ଆଗେଇ ଚାଲିବା ହେଉଛି ଏକମାତ୍ର ଗୁରୁତ୍ୱପୂର୍ଣ୍ଣ ବିଷୟ । ଆଦୌ ସାହସ ନ ହରାଇ, ଜୟ ଓ ପରାଜୟକୁ ସ୍ୱୀକାର କରି ଦିବ୍ୟ ପ୍ରେରଣାକୁ ନିର୍ଭୀକ ଭାବେ ରୂପରେଖ ଦେବା ଲାଗି କିଂବା ଆମ ଜୀବନରେ ନିଜେ ଅନୁପ୍ରାଣିତ ହୋଇଥିବା କୌଣସି ଉଚ୍ଚ ଆଦର୍ଶକୁ ସାର୍ଥକ କରିବା ଲାଗି ଯଥେଷ୍ଟ ସାହସ ରହିଥିବା ଆବଶ୍ୟକ । କ୍ଷୟକ୍ଷତିର ହିସାବ ନରଖି ଅନବରତ ଆଗେଇ ଚାଲିଲେ ହିଁ ଜୀବନର ଅନ୍ତିମ ଲକ୍ଷ୍ୟ ହାସଲ କରାଯାଇପାରେ । କଥାରେ ଅଛି – ଅନ୍ତହୀନ ନୀଳ ଆକାଶକୁ ଲମ୍ଫପ୍ରଦାନ କର ଫଳରେ ତୁମେ ତୁମ ପକ୍ଷକୁ ବିସ୍ତାର କରିବା ଶିଖି ପାରିବ । ସାହସ ହିଁ ଆମକୁ ଯଥାର୍ଥ ମୁକ୍ତି ପ୍ରଦାନ କରିପାରେ ଓ ସୁପ୍ତ ସଦ୍‌ଗୁଣଗୁଡ଼ିକୁ ବିକଶିତ କରାଏ ।

### ନିର୍ଭୀକ ହେବା ନିମିତ୍ତ କେତୋଟି ସମ୍ଭାବ୍ୟ ଉପଚାର

(୧) କଥିତ ଅଛି – ''Inaction breeds fear.'' ଅର୍ଥାତ୍ କର୍ମହୀନତା ବା ନୈଷ୍କର୍ମ୍ୟ ହେଲା ସନ୍ଦେହ ଓ ଭୟର ଜନକ । ଜଣେ ଭୟମୁକ୍ତ ହେବା ଲାଗି ନିଜେ ଇଚ୍ଛା କଲେ ଘରକୋଣରେ ବସି ନ ରହି, ସେହି 'ଭୟ' ବିଷୟରେ ଚିନ୍ତା ନକରି, ବାହାରକୁ ଚାଲି ଆସି ବିବେକ ନିର୍ଦ୍ଦେଶିତ କର୍ମରେ ନିଜକୁ ନିୟୋଜିତ କରିବାକୁ ହେବ । ଯେଉଁ କର୍ମ କରିବା ଲାଗି ନିଜେ ଅପାରଗ ବା ଅସମର୍ଥ ବୋଲି ଜଣେ ଭାବୁଥାଏ ସେହିପରି ଏକ କର୍ମକୁ ବାଛି ନେବାକୁ ହେବ । ନିଜର ସମସ୍ତ ଶକ୍ତି, ସାମର୍ଥ୍ୟ ବିନିମୟରେ ନିଷ୍ଠାର ସହ ସୁଚାରୁ ରୂପେ କାର୍ଯ୍ୟଟି କରିବା ଲାଗି ପ୍ରୟାସ କରାଯାଇପାରେ । ଜଣେ ବ୍ୟକ୍ତିର ଜୀବନରେ ସର୍ବୋତ୍ତମ ଆବିଷ୍କାର ହେଲା ବା ସବୁଠୁ ବଡ଼ ଆଶ୍ଚର୍ଯ୍ୟର ବିଷୟ ହେଲା ସେ ଯାହା କେବେ ବି କରିପାରିବନି ବୋଲି ଭାବି

ନେଇଥିଲା, ସେହି କର୍ମଟି ସେ ସୁନ୍ଦର ଭାବେ କରି ପାରିଛି ।

(୨) ବୁଦ୍ଧି, ଯୁକ୍ତି ଦ୍ୱାରା ପ୍ରେରିତ ମନକୁ ବୁଝାଇ ଦିଆଯାଇପାରେ ଯେ ଭୟଭୀତ ହେବା ଏକ ନିର୍ବୋଧତା । ଭୟ ହେଉଛି ସବୁଠୁ ନିକୃଷ୍ଟତମ ଏକ ଅଶୁଦ୍ଧି ବା ମନ୍ଦ ବିଷୟ । ପ୍ରକୃତରେ ଯଦି କୌଣସି ବିପଦର ଆଶଙ୍କା ରହିଥାଏ ତେବେ ଭୟ କବଳିତ ହୋଇ ତା'ର ସମ୍ମୁଖୀନ ହେବା ମୂର୍ଖତା ବ୍ୟତୀତ ଅନ୍ୟ କିଛି ନୁହେଁ । ବିପଦଟିକୁ ସାହସର ଶକ୍ତି ଦ୍ୱାରା ହିଁ ଟାଳି ଦିଆଯାଇପାରେ । ବୋଧ ଶକ୍ତିର ସାଧନଗୁଡ଼ିକୁ ବିନିଯୋଗ କରି ଜଣେ ଏହିପରି ଭାବରେ ନିର୍ଭୀକ ହୋଇପାରେ ।

(୩) ଭୟଠାରୁ ମୁଖ ଫେରାଇ ପଳାୟନ କରିବା ଦ୍ୱାରା ଭୟକୁ ଅତିକ୍ରମ କରାଯାଇ ନପାରେ । ଭୟର କାରଣଟିକୁ ମୁହାଁମୁହିଁ ସମ୍ମୁଖୀନ ହେଲେ ହିଁ ଭୟ ଦୂର ହୋଇଯାଏ । ଅଜ୍ଞାନତା ହିଁ ଭୟର କାରଣ ହୋଇ ରହିଥାଏ । ଏ ସମ୍ପର୍କରେ ଏକ ବାସ୍ତବ ଘଟଣା ମନେ ପଡ଼େ ।

ଆଗକାଳରେ ତିନି ଚାରି କିଲୋମିଟର ଦୂରତାରେ ଗୋଟିଏ ଗୋଟିଏ ଗ୍ରାମ ଥାଏ । ଏସବୁ ଗ୍ରାମବାସୀମାନଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସହଯୋଗ ଥାଏ । ଯାତ୍ରା, ମେଳା, ଉତ୍ସବମାନଙ୍କରେ ସମସ୍ତେ ଏକତ୍ରୀତ ହୁଅନ୍ତି । ଜହ୍ନରାତିରେ ଗ୍ରାମର ଯୁବକମାନେ ଏକତ୍ରୀତ ହୋଇ ନଦୀ ବାଲିପଠାରେ 'ଡୁ ଡୁ' ଖେଳନ୍ତି । କୌଣସି ଗ୍ରାମର ଅଧିବାସୀମାନଙ୍କ ମଧ୍ୟରେ ମତାନ୍ତର ବା ମନାନ୍ତର ହେଲେ ଅନ୍ୟ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ଯାଇ ମୀମାଂସା କରି ଦେଇ ଆସନ୍ତି । ସେ ସମୟରେ ଆଜିକାଲି ପରି ଏତେ କୋର୍ଟ କଚେରି ନଥିଲା । ଥରେ ଗ୍ରାମର ଦୁଇଗୋଷ୍ଠୀ ମଧ୍ୟରେ ସୃଷ୍ଟି ହୋଇଥିବା ସମସ୍ୟାର ସମାଧାନ କରିବା ଲାଗି ନିମନ୍ତ୍ରଣ ପାଇ ଅନ୍ୟ ଗ୍ରାମର ଜଣେ ଶିକ୍ଷିତ ବ୍ୟକ୍ତି ସେଠାକୁ ଯାଇଥିଲେ । ଅପରାହ୍ଣରେ ଗ୍ରାମବାସୀଙ୍କ ସମାବେଶ ମଧ୍ୟରେ ବିଭିନ୍ନ ବ୍ୟକ୍ତିଙ୍କ ମତାମତ ସଂଗ୍ରହ କରି ସମସ୍ୟାର ସମାଧାନ କରି ଦିଆଗଲା । ସେତେବେଳକୁ ରାତି ପ୍ରାୟ ଆଠଟା ହୋଇଥାଏ । ନିମନ୍ତ୍ରିତ ବ୍ୟକ୍ତି ଜଣକ ସେତେବେଳର ପରିବହନ ଲାଗି ରହିଥିବା ଏକମାତ୍ର ଭରସା ନିଜ ସାଇକେଲଟିକୁ ଧରି ବିଦାୟ ନେଲେ । ନିମନ୍ତ୍ରଣ କରିଥିବା ଦୁଇ ଗ୍ରାମବାସୀ ସଙ୍ଗରେ ଯାଇ ଗାଁ ମୁଣ୍ଡରେ ଛାଡ଼ି ଆସିବା ଲାଗି ପ୍ରସ୍ତାବ ଦେଲେ । କିନ୍ତୁ ବୟସ୍କ ବ୍ୟକ୍ତିଜଣକ ସେମାନଙ୍କ ପ୍ରସ୍ତାବକୁ ଅସ୍ୱୀକାର କରି ନିଜ ସାଇକେଲଟି ନେଇ ବାହାରି ପଡ଼ିଲେ । ଅନ୍ଧାର ରାତି, ଜଙ୍ଗଲ ରାସ୍ତା । ବ୍ୟକ୍ତି ଜଣକ ଲକ୍ଷ୍ୟ କଲେ ଯେ କୌଣସି ଏକ ଆଲୋକ ତାଙ୍କ ଆଡ଼କୁ ଝପଟି ଆସୁଛି । ସେ ଯେତେ ଅଧିକ ବେଗରେ ସାଇକେଲ ଚଳାଉଥା'ନ୍ତି, ଆଲୋକଟି ସେତିକି ଅଧିକ ବେଗରେ ତାଙ୍କର ନିକଟତର ହୋଇ ଆସୁଥାଏ । ସେ ଅଟକି ଗଲେ ଆଲୋକଟି ବି ଅଟକି ଯାଏ । ଏସବୁ ଦେଖି ତାଙ୍କ ମନରେ ଭୟ ଜାଗ୍ରତ୍ ହେଲା । ସେ ନିମନ୍ତ୍ରିତ ହୋଇ ଆସିଥିବା ନିର୍ଦ୍ଧାରିତ ଗ୍ରାମକୁ ପୁନର୍ବାର ଫେରି ଆସିଲେ । ଗ୍ରାମବାସୀମାନେ ଫେରି ଆସିବାର କାରଣ ପଚାରନ୍ତେ ସେ ସେମାନଙ୍କୁ ସବୁକଥା ବୁଝାଇ କହିଦେଲେ । ଭାଗବତ ଟୁଙ୍ଗି ଓ ବୈଠକଖାନାର ଗହଳି ସେଯାଏ ଭାଙ୍ଗି ନଥାଏ । ସେହି ସମାବେଶରୁ ଦୁଇଜଣ ସାହସୀ ଯୁବକ ବୟସ୍କ ବ୍ୟକ୍ତି ଜଣଙ୍କୁ ତାଙ୍କ ଗାଁ ଯାଏ ବାଟେଇ ଦେବା ଲାଗି ବାହାରି ପଡ଼ିଲେ । ଅଧାବାଟ ଯାଇଛନ୍ତି କି ନାହିଁ ପୁଣି ସେହି ଆଲୋକଟି ଦେଖାଦେଲା । ତେବେ ସେମାନେ ଅଟକି ନଯାଇ ଆଲୋକ ନିକଟରେ ଯାଇ ପହଞ୍ଚିଲେ । ଦେଖିବାକୁ ପାଇଲେ କୌଣସି ଏକ ଗ୍ରାମରୁ ଗୋଟିଏ ଶବସତ୍କାର କରାଯାଇ ତା' ନିକଟରେ ଗୋଟିଏ ବଡ଼ ମାଟି ଦୀପ ଜାଳି ଦିଆଯାଇଛି । ଆପେକ୍ଷିକ ଗତି (Relative Motion) ଯୋଗୁଁ ସାଇକେଲ ଚାଳକମାନଙ୍କୁ ଆଲୋକର ଶିଖା ସେମାନଙ୍କ ନିକଟକୁ ଆସି ଯାଉଥିବା ପରି ଦେଖାଯାଉଥିଲା – ଯେପରି ଟ୍ରେନ୍‌ରେ ଯାତ୍ରା କଲାବେଳେ ଟ୍ରେନ୍ ଗତି କରୁଥିବା ବିପରୀତ ଦିଗରେ ଗଛ, ପାହାଡ଼, ଗୋରୁ, ଗାଈ ଇତ୍ୟାଦି ଗତି କଲା ପରି ପ୍ରତୀୟମାନ ହୁଅନ୍ତି । ଏଣିକି ଆଉ କୌଣସି ଭୟ ବା ଆଶଙ୍କାର ଅବକାଶ ରହିଲା ନାହିଁ । ଘଟଣା, ପରିବେଶ ଓ ପରିସ୍ଥିତି ସମ୍ପର୍କରେ ଅଜ୍ଞାନତା ଯୋଗୁଁ ହିଁ ସେମାନଙ୍କର ସେପରି ଭୟ ସୃଷ୍ଟି ହୋଇଥିଲା ।

ନୋବେଲ ପୁରସ୍କାର ବିଜୟିନୀ ମାଦାମ୍ କ୍ୟୁରୀ ଯଥାର୍ଥରେ କହିଛନ୍ତି :

''Nothing in life is to be feared, it is only to be understood. Now is the time to understand more so that we may be fearless.''

ଏହାର ଭାବାନୁବାଦ ହେଲା : ''ଜୀବନରେ କୌଣସି ବିଷୟକୁ ଭୟ କରିବାର ଯଥାର୍ଥତା ନାହିଁ, କେବଳ ସବୁ ବିଷୟକୁ ଭଲଭାବେ ବୁଝିବାକୁ ହେବ । ବର୍ତ୍ତମାନ ସେହି ସମୟ ଉପସ୍ଥିତ ଯେତେବେଳେ ଆମେ ସବୁକଥାକୁ ଅଧିକ ଭଲ ରୂପେ ବୁଝିବା, ଯଦ୍ଦ୍ୱାରା ଆମେ ଆଉ ଭୟ ଦ୍ୱାରା ଆକ୍ରାନ୍ତ ହେବା ନାହିଁ ।''

(୪) ପ୍ରକୃତ ଦିବ୍ୟପ୍ରେମ ସକଳ ଭୟ ଓ ଆଶଙ୍କା ଦୂର କରିଦିଏ ! ଦିବ୍ୟଜନନୀଙ୍କଠାରେ ଯଦି ବିଶ୍ୱାସ ଓ ନିର୍ଭରତା ଥାଏ ତେବେ ଜଣେ ନିର୍ବିଘ୍ନରେ ଭୟଶୂନ୍ୟ ହୋଇଯାଏ । ତାଙ୍କରି ସଂକଳ୍ପ ହିଁ ସେହି ବ୍ୟକ୍ତିର ସଂକଳ୍ପ ହୋଇ ରହିଥାଏ । ଅବ୍ୟର୍ଥ ସୁରକ୍ଷା ତାକୁ ଘେରି ରହିଥାଏ । ଦିବ୍ୟ କୃପା ଉପରେ ଭରସା ଥିଲେ ଅମିତ ସାହସ ପ୍ରାପ୍ତ ହୁଏ ।

(୫) ମନ୍ତ୍ରଜପ, ନାମଜପ, ପ୍ରାର୍ଥନା ହେଲା ଭୟର ଅମୋଘ ଔଷଧ । ସେସବୁଥିରେ ଯଦି ଅଟଳ ବିଶ୍ୱାସ, ନିଷ୍ଠା ବା ଆନ୍ତରିକତା ଓ ଆସ୍ଥା ମିଶି ଯାଏ ତେବେ ତାହା ଭୟ ବିରୋଧରେ ଏକ ଅବ୍ୟର୍ଥ ଅସ୍ତ୍ର ପରି କାର୍ଯ୍ୟ କରିଥାଏ ।

(୬) କଳ୍ପନା (Imagination) ଓ ଶୁଭ ମାନସିକ ଗଠନ ବା ମାନସିକ ସଂରଚନା (Mental construction)ର ସାହାଯ୍ୟରେ ଭୟକୁ ଅତିକ୍ରମ କରାଯାଇପାରେ । ଜଣେ କଳ୍ପନା କରିପାରେ ଯେ ସେ ଜାଗରଣେ, ଶୟନେ ଓ ସପନେ ଅହରହ ଦିବ୍ୟଜନନୀଙ୍କ ଅଭୟ ବାହୁଛାୟା ତଳେ ଶିଶୁଟିଏ ଭଳି କ୍ରୀଡ଼ାରତ । ଜଣେ କଳ୍ପନା କରିପାରେ ଯେ ସ୍ୱୟଂ ଶ୍ରୀବିଷ୍ଣୁ ଶଙ୍ଖରେ ପୂରାଇ, ଚକ୍ର ଆଢୁଆଳରେ ରଖି ତାକୁ ସର୍ବଦା ସୁରକ୍ଷିତ ରଖିଛନ୍ତି । ଯାହାର ଯେପରି ବିଶ୍ୱାସ ସେ ସେହିପରି କଳ୍ପନା କରିପାରେ । ସର୍ବୋପରି ଜଣେ ଯଦି ପରମ ଦିବ୍ୟସତ୍ତାଙ୍କ ସହ ଐକ୍ୟ ବା ତାଦାତ୍ମ୍ୟତା ଲାଭ କରେ ତେବେ କୌଣସି ଭୟ ତାକୁ ସ୍ପର୍ଶ କରିପାରେ ନାହିଁ । ମାର୍କଣ୍ଡେୟ ଋଷି ମୃତ୍ୟୁ ଭୟରୁ ରକ୍ଷା ପାଇବା ଲାଗି ଶିବଲିଙ୍ଗଙ୍କୁ ଆଲିଙ୍ଗନ କରି ଦୃଢ଼ ବିଶ୍ୱାସର ସହ ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କରୁଥା'ନ୍ତି । ମୃତ୍ୟୁରାଜ ଯମ ଯେତେବେଳେ ଯମଫାଶ ପକାଇ ଆକର୍ଷଣ କଲେ ଶିବଲିଙ୍ଗ ଟଳମଳ ହେଲା । ସେତେବେଳେ ମହାଦେବ ଶିବ ରୁଦ୍ରରୂପ ଧାରଣ କରି ଆବିର୍ଭୂତ ହେଲେ ଓ ଯମରାଜ ଭୟଭୀତ ହୋଇ ସେଠାରୁ ପ୍ରସ୍ଥାନ କଲେ । ଏହା ପୁରାଣ ବର୍ଣ୍ଣିତ ଏକ ପ୍ରତୀକାତ୍ମକ ଘଟଣା । ମାର୍କଣ୍ଡେୟ ଋଷି ଶିବଲିଙ୍ଗଙ୍କୁ ଆଲିଙ୍ଗନ କରି ରହିଥିବାର ମାନେ ଶିବଙ୍କ ସହ ସେ ତାଦାତ୍ମ୍ୟତା ଲାଭ କରିଥିଲେ ।

(୭) ଜଣଙ୍କର ଯଦି ଚୈତ୍ୟସତ୍ତା ସହ ଯୋଗସୂତ୍ର ଥାଏ ତେବେ ବିପଦ କାଳରେ ତତ୍‌କ୍ଷଣାତ୍ ତାହା ଆବାହନ କରି ଆଣିବା ଓ ଚୈତ୍ୟ ଆଲୋକ ସାହାଯ୍ୟରେ ସବୁକିଛିକୁ ସୁସଜ୍ଜିତ ଓ ସୁସଂଗଠିତ କରିବା ହେଉଛି ଭୟ ଦୂର କରିବା ନିମିତ୍ତ ସବୁଠୁ ଶକ୍ତିଶାଳୀ ଏକ ଉପାୟ ।

(୮) ପ୍ରାଣପ୍ରାଚୁର୍ଯ୍ୟଭରା ବ୍ୟକ୍ତିମାନଙ୍କ ପାଇଁ ଦିବ୍ୟଜନନୀ ଶ୍ରୀମା ନିମ୍ନୋକ୍ତ ଉପାୟଟି କହିଛନ୍ତି ଯଦ୍ଦ୍ୱାରା ଭୟକୁ ଦୂର କରାଯାଇପାରେ ।

''ଯେଉଁମାନଙ୍କର ଖୁବ୍ ଶକ୍ତିଶାଳୀ ପ୍ରାଣିକ ସାମର୍ଥ୍ୟ ରହିଛି ସେମାନେ ମସ୍ତକ ଉତ୍ତୋଳନ କରି କହିପାରିବେ : ''ଇଏ କି ଗୋଟାଏ ଶତ୍ରୁ ଆସି ପହଞ୍ଚି ଗଲାଣି, ତାହା ସହ ଲଢ଼େଇ କରି ପରାସ୍ତ କରିବାକୁ ହେବ; ଏଥିଲାଗି ଅବଶ୍ୟ ଯଥାର୍ଥ ଜ୍ଞାନ ଥିବା ଆବଶ୍ୟକ ଓ ପ୍ରଭୂତ ପ୍ରାଣଶକ୍ତି ମଧ୍ୟ ଥିବା ଆବଶ୍ୟକ । ପ୍ରାଣିକ କ୍ଷେତ୍ରରେ ସତେଅବା ଏକ ଦୈତ୍ୟର ବଳ ଓ ଶକ୍ତି ରହିଥିବା ଆବଶ୍ୟକ । ଏହା ସମସ୍ତଙ୍କ କ୍ଷେତ୍ରରେ ସମ୍ଭବ ହୁଏ ନାହିଁ ।''

(ମାତୃରଚନାବଳି - ୫, ପୃ. ୧୭୫)

### ସତ୍‌ସାହସ ଓ ବଦ୍‌ସାହସ

ଅନ୍ୟ ଏକ ଦୃଷ୍ଟିରୁ ଆମେ ଦୁଇପ୍ରକାର ସାହସର ଅବତାରଣା କରିପାରିବା : ଗୋଟିଏ ହେଲା ସତ୍‌ସାହସ ଓ ଅନ୍ୟଟି ହେଲା ବଦ୍‌ସାହସ । ମନେକର ନଦୀରେ ଭୀଷଣ ବଢ଼ି ଆସିଛି ଓ ତୁମେ ନଦୀକୂଳରେ ଠିଆହୋଇ ଦେଖିଲ ଯେ ଖରସ୍ରୋତା ନଦୀରେ ଜଣେ ଲୋକ ବୁଡ଼ିଯାଉଛି । ତୁମେ ପହଁରିବା ଶିକ୍ଷା କରିଛ । ତୁମେ ତତ୍‌କ୍ଷଣାତ୍ ନଦୀସ୍ରୋତରେ ଲମ୍ଫ ପ୍ରଦାନ କଲ ଓ ନିଜର ସମସ୍ତ ଶକ୍ତି ପ୍ରୟୋଗ କରି ବୁଡ଼ିଯାଉଥିବା ଲୋକଟିକୁ ଉଦ୍ଧାର କରି ନଦୀକୂଳକୁ ନେଇ ଆସିଲ । ତୁମକୁ ଅବଶ୍ୟ ଜଣେ ସାହସୀ ବ୍ୟକ୍ତି ବୋଲି କୁହାଯିବ । ଅପରପକ୍ଷେ ମନେକର ସେପରି ସ୍ଥିତିରେ ତୁମେ ପହଁରିବା ଆଦୌ ଜାଣି ନାହିଁ, ତେବେ ବି ତୁମେ ଉତ୍‌କ୍ଷିପ୍ତ ନଦୀ ସୁଅକୁ ଡେଇଁ ପଡ଼ିଲ । ପରିଣାମ କ'ଣ ହେବ ? ତୁମେ ମଧ୍ୟ ନଦୀରେ ବୁଡ଼ିଯିବ । ଏପରି ଉପକ୍ରମକୁ ବଦ୍‌ସାହସ କୁହାଯିବ – ଯାହା ସର୍ବଥା ଅବାଞ୍ଛନୀୟ । ସେପରି ସ୍ଥିତିରେ ତୁମେ ଉଦାସୀନ ଦ୍ରଷ୍ଟା ରୂପେ ଠିଆ ନହୋଇ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିପାର, କିଂବା ଅନ୍ୟ କୌଣସି ସାଧନ ଦ୍ୱାରା ବୁଡ଼ି ଯାଉଥିବା ଲୋକଟିକୁ କୂଳକୁ ଟାଣି ନେଇ ଆସିବା ଲାଗି ପ୍ରୟାସ କରିପାର । କିନ୍ତୁ ଅବିବେକିତା ଦ୍ୱାରା ପରିଚାଳିତ ହୋଇ ନିର୍ବୋଧମାନଙ୍କ ପରି କୌଣସି ଦୁଃସାହସିକ ପଦକ୍ଷେପ ନେବା ଅନୁଚିତ । ଔଦ୍ଧତ୍ୟକୁ କଦାପି ସାହସ ବୋଲି ଭାବି ଭ୍ରମିତ ହେବା ନାହିଁ ।

ଆମେରିକାର ବିଶିଷ୍ଟ ଔପନ୍ୟାସିକା ଲାଉସ୍ ମେ ଆଲକଟ (Louisa May Alcott, 1832-1888) କହନ୍ତି – ''I am not afraid of storms, for I am learning how to sail my ship.'' ଏହାର ଭାବାନୁବାଦ ହେଲା : ''ମୁଁ ଝଡ଼ଝଞ୍ଜାକୁ ଭୟ କରେ ନାହିଁ, କାରଣ ମୁଁ ମୋର ଜଳପୋତଟିକୁ ଚଳାଇବା ଲାଗି ଶିକ୍ଷା କରୁଛି।'' ଜଣେ ଯଦି ନିଜ ଜୀବନକୁ ସଙ୍ଗଠିତ କରେ ଓ ଭବିଷ୍ୟତ୍ ସମ୍ଭାବ୍ୟ ଆହ୍ୱାନଗୁଡ଼ିକର ସମ୍ମୁଖୀନ ହେବା ଲାଗି ନିଜକୁ ପ୍ରସ୍ତୁତ କରୁଥାଏ, ତେବେ ସେ କଦାପି ଭୟଭୀତ ହୁଏ ନାହିଁ।

ଯେପରି ଗୋଟିଏ ଜ୍ୱଳନ୍ତ ଆଲୋକ ବର୍ତ୍ତିକା ଅନ୍ୟ ଏକ ବର୍ତ୍ତିକାକୁ ପ୍ରଜ୍ୱଳିତ କରିପାରେ, ଠିକ୍ ସେହିପରି ଯିଏ ସାହସୀ ସେ ଅନ୍ୟକୁ ସାହସ ଦେଇପାରେ। ଯେଉଁ ସେନା(ଫଉଜ)ଙ୍କର ସେନାପତି ସାହସୀ ସେହି ସେନାଙ୍କର ସୈନିକଗଣ ମଧ୍ୟ ସାହସୀ ହୋଇଥା'ନ୍ତି। ନିର୍ଭୀକମାନଙ୍କୁ ସୌଭାଗ୍ୟ ସର୍ବଦା ଅନୁଗୃହୀତ କରିଥାଏ।

ଦିବ୍ୟଜନନୀ ଶ୍ରୀମାଙ୍କର ଅଭୟ ବାଣୀ ହେଲା –

"Progress may be slow, relapses may be frequent, but if a courageous will is maintained, one is sure to triumph one day and see all difficulties melt and vanish before the radiance of the truth-consciousness."

(CWM, Vol. 12, p. 7)

''ପ୍ରଗତି ହୁଏତ ମନ୍ଥର ଗତିରେ ଚାଲିପାରେ, ହୁଏତ ପୁନଃ ପୁନଃ ସ୍ଖଳନ ବି ହୋଇପାରେ; କିନ୍ତୁ ଆମେ ଯଦି ସାହସର ସହ ଆମ ସଂକଳ୍ପକୁ ଅବିଚଳିତ ରଖିପାରୁ ତେବେ ଦିନେ ନା ଦିନେ ଅବଶ୍ୟ ବିଜୟ ପ୍ରାପ୍ତ ହୁଏ। ଏବଂ ଉଦ୍ଭାସିତ ସତ୍ୟ-ଚେତନା ସମ୍ମୁଖରେ ସମସ୍ତ ବିପଦରାଜି ମିଳାଇଯିବା ସହିତ ବିଲୀନ ମଧ୍ୟ ହୋଇଯାଏ।''

ପରିଶେଷରେ ଦିବ୍ୟଜନନୀଙ୍କଠାରେ ପ୍ରାର୍ଥନାଟିଏ ଜଣାଇ ଆଲୋଚନାଟିକୁ ସମାପ୍ତ କରିବା।

''ହେ ମା ! ସୁପ୍ତ ଶକ୍ତିକୁ ଜାଗ୍ରତ୍ କର, ସାହସକୁ ଉତ୍ସାହିତ କର, ଆମକୁ ଆଲୋକିତ କର, ଦେଖାଇଦିଅ ଯଥାର୍ଥ ପଥଟିକୁ। ଲକ୍ଷ୍ୟରେ ପହଞ୍ଚିବା ଲାଗି ଆମ ସଂକଳ୍ପକୁ ଦୃଢ଼ ନିଶ୍ଚିତ କର। ସମସ୍ତ ଜଡ଼ତା, ସମସ୍ତ ଅବସାଦକୁ ଝାଡ଼ି ଫୋପାଡ଼ି ଦେବା ଲାଗି ଆମକୁ ଦିଅ ଦୃଢ଼ତା, ଶକ୍ତି ଓ ସାହସ।''

❑❑❑

# ତୁମେ ହିଁ ସ୍ରଷ୍ଟା, ତୁମେ ହିଁ ସୃଷ୍ଟି

## ଶକୁନ୍ତଳା ରଥ

ସମାଧି ଶ୍ରୀକ୍ଷେତ୍ର ଦିବ୍ୟ ପଣ୍ଡିଚେରୀ କୋଳେ,
ହେମ ସଇକତ ଉତ୍ତାଳ ସାଗର କୂଳେ,
ସାଗର ଊର୍ମି ଚେତନା ବଢ଼ଦେ ତୁମେ
ଭାସି ଭସେଇଛ ପ୍ରତିଟି ପ୍ରାଣକୁ ପ୍ରେମେ ॥

ନଦୀ, ନିର୍ଝର, ଗିରି କନ୍ଦର ରଚି,
ସ୍ୱର୍ଣ୍ଣ ଆଭାରେ ଉଲ୍ଲସି ଉଠଇ ରବି,
ବନେ, ଉପବନେ ପରଜାପତି ଯେ ଭ୍ରମେ
ଫୁଲ ପାଖୁଡ଼ାରେ ସୁରଭି ଭରିଛ ତୁମେ ॥



ନିର୍ଜୀବ ଠାରୁ ସଜୀବ ଅନ୍ତରେ ରହି,
ପ୍ରତି ଶବ୍ଦରେ ଅନ୍ତର କଥା କହି,
ହର୍ଷ, ବିଷାଦ, ଅନୁରାଗ, ସ୍ନେହ, ପ୍ରେମେ
ମନ ଆକାଶରେ ସ୍ୱପ୍ନ ଦେଇଛ ତୁମେ ॥

ବିଶ୍ୱ ତୁମର କବିତା ତୁମେ ତା' କବି,
ଶିଳ୍ପୀ ତୁମେ ହିଁ ସୃଷ୍ଟି ତୁମର ଛବି,
ହସ, ଲୁହ ଭରା କାହାଣୀ ରଚିଛ ତୁମେ
ସ୍ରଷ୍ଟା ହେ, ସୃଷ୍ଟି ଚାଲିଛି ତୁମରି ନାମେ ॥ ❑

# କବି ନିଶିକାନ୍ତ

## (୧୪)

''ଅବତୀର୍ଣ୍ଣ ପରମହଂସେର୍ ପ୍ରତି
ମର୍ତ୍ତ୍ୟମାନସସରସୀର୍ ମୁକ୍ତିଚେତନାର ଉକ୍ତି :
ହେ ସିତଚନ୍ଦନଗଞ୍ଜିତ ତନୁରଞ୍ଜିତ,
ସଞ୍ଚିତ ତୁଷାର ସ୍ୱର୍ଣ !
ତବ ପରଶନ-ବିଧୁଲାବନି
ଦିଲ୍ ପ୍ଲାବନି
ଅମରାବତୀର୍ ବର୍ଣ,
ତବ ମୁଖ-ଚୁମ୍ବନ ଲାଗେ...
ମମ ଉତ୍ପଲ-ବନ ଜାଗେ
ଲଭି ନନ୍ଦନ ମଧୁଭାଷା !
ଏ-ଭୂତଲ ସରସୀଜଲ କରି ଶୀତଲ, ସୁନ୍ଦର !
କୀ ତବ ଆଶା !''

— ନିଶିକାନ୍ତ

(ରାଜହଂସ, ପ୍ରଥମ ସ୍ତବକ, ଲଘୁଗୁରୁ ଛନ୍ଦରେ;
ମର୍ମବିହଙ୍ଗ*, କାବ୍ୟ ସଂକଳନ, ପୃ. ୨୧୬)

ଏହି 'ରାଜହଂସ' କବିତାଟିରେ ଶ୍ରୀଅରବିନ୍ଦଙ୍କର ମନ୍ତବ୍ୟ : ''It is truly a marvellous success – magnificently easy and beautiful in rhythm as well as fine poetry. ... he has justified the laghuguru metre together, sustaining a perfect naturalness and fluency throughout such a long poem.''

(''ଏହା ଯଥାର୍ଥରେ ଏକ ଆଶ୍ଚର୍ଯ୍ୟଜନକ ସଫଳତା — ଯମକ ଓ ତା'ର ତାଳ ଓ ଲୟ ସହିତ ଏକ ଉତ୍କୃଷ୍ଟ କବିତା ହିସାବରେ ଏହା ଚମତ୍କାର ଭାବରେ ସରଳ ଓ ସୁନ୍ଦର।... ଏପରି ଏକ ଦୀର୍ଘ କବିତାଟିର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସଂପୂର୍ଣ୍ଣ ସ୍ୱାଭାବିକତା ଓ ଅନର୍ଗଳ ଭାବରେ ପ୍ରକାଶ-ଭଙ୍ଗୀକୁ ବଜାୟ ରଖି ସେ (ନିଶିକାନ୍ତ) ଏଥିରେ ଯମକ ଓ ତା'ର ତାଳ ଓ ଲୟର ଲଘୁଗୁରୁ ମାତ୍ରାକୁ ସମ୍ପୂର୍ଣ୍ଣରୂପେ ସାବ୍ୟସ୍ତ କରିଛି।'')

[ଡାଲିୟା ସରକାରଙ୍କର
'କବି ନିଶିକାନ୍ତ' ପୁସ୍ତକର ପୃ. ୧୦୦]

ଉପରୋକ୍ତ ପୁସ୍ତକର ସେହି ସମାନ ପୃଷ୍ଠାରେ ରହିଛି ଦିଲୀପ କୁମାରଙ୍କୁ ଲିଖିତ ରବୀନ୍ଦ୍ରନାଥଙ୍କର ମନ୍ତବ୍ୟ : ''ନିଶିକାନ୍ତର 'ରାଜହଂସ' ପଢ଼ି ଦେଖିଲି। ଏହା ପରିଣତ ଲେଖନୀର ରଚନା — ଛନ୍ଦର ତରଙ୍ଗଭଙ୍ଗ ଉପର ଦେଇ ଭାବଭରା ଭାଷାର ପାଲ (ନାବର ଅଖାଳ) ଫିଟାଇ ଚାଲିଛି ନିରାପଦରେ। ପ୍ରଥମରୁ ହିଁ ନିଶିକାନ୍ତର ପ୍ରତିଭାର ଯେଉଁ ପରିଚୟ ପାଇଥିଲି, ନିଶ୍ଚୟ ଜାଣିଥିଲି ଯେ ତା' ସମ୍ବନ୍ଧେ ମୋର ପ୍ରତ୍ୟାଶା ପୂର୍ଣ୍ଣ ହେବ। — ଆଜି ଆନନ୍ଦ ଅନୁଭବ କଲି।''

(ତତ୍ରୈବ, ପୃ. ୧୦୦)

ପୁନଶ୍ଚ ଡାଲିୟା ସରକାର ଏ ସମ୍ପର୍କରେ ଆଲୋଚନା ପ୍ରସଙ୍ଗରେ କହିଛନ୍ତି, ''ଲଘୁଗୁରୁ ଓ ଜୟଦେବୀୟ ଛନ୍ଦରେ ନିଶିକାନ୍ତଙ୍କର ସଂସ୍କୃତଭଙ୍ଗିମ ବଙ୍ଗଳାରେ ପ୍ରଥମ କବିତା 'ରାଜହଂସ'।... ଏହି କବିତାଟିର ମଧ ଦେଇ ପ୍ରଥମ କରି ନିଶିକାନ୍ତଙ୍କର ଛନ୍ଦ ଜ୍ଞାନ ଧରାପଡ଼େ ଅନ୍ୟାନ୍ୟ ଛାନ୍ଦସିକଙ୍କ ଚକ୍ଷୁରେ। କାରଣ ଏ ଛନ୍ଦଦ୍ୱୟ ମଧରେ ଯେଉଁ ସ୍ୱାଧୀନତା ନେବାର ସୁଯୋଗ ଥାଏ, ପୂର୍ଣ୍ଣମାତ୍ରାରେ ସେହି ସ୍ୱାଧୀନତା ନିଆଯାଏ ସଂସ୍କୃତ ଛନ୍ଦ ଉପରେ ଭଲ ଦଖଲ ରହିଥିଲେ।

''ବଙ୍ଗଳାରେ ତଦାନୀନ୍ତନ ଛାନ୍ଦସିକ ଧୂର୍ଜଟି ପ୍ରସାଦ ମୁଖୋପାଧାୟ — କହିବାକୁ ଗଲେ ଲଘୁଗୁରୁ ଛନ୍ଦ ବଙ୍ଗଳା

* ୧୯୯୨ରେ 'ମର୍ମବିହଙ୍ଗ' ନାମରେ ନିଶିକାନ୍ତଙ୍କର 'ଦିବ୍ୟ-ଦର୍ଶନ' ଭିତ୍ତିକ କବିତାର ଏକ ନିର୍ବାଚିତ କାବ୍ୟ ସଂକଳନ ପ୍ରକାଶ କରିଛନ୍ତି ପାଟନା ବିଶ୍ୱବିଦ୍ୟାଳୟର ଇଂରାଜୀ ଅଧାପିକା ବିଦୁଷୀ ରାତ୍ରି ରାୟ। ଏଥିରେ ଛ'ଟି ଅଧାୟରେ ୮୨ଟି କବିତା ରହିଛି। ଏହାର ଚତୁର୍ଥ ଅଧାୟ 'ଦିବ୍ୟ ଦର୍ଶନ : କାଳ୍ପନିକ (ସାଂକେତିକ)'ରେ ଦୁଇ ଗୋଟି 'ରାଜହଂସ' କବିତା ରହିଛି (ପ୍ରତ୍ୟେକଟି ୧୪ ସ୍ତବକ)। ଉପରୋକ୍ତ କବିତାଟି ହେଉଛି ଦ୍ୱିତୀୟ କବିତା। ଗ୍ରନ୍ଥଟିର ଶେଷୋକ୍ତ ଅଧାୟରେ ରହିଛି ନିଶିକାନ୍ତଙ୍କର ୨୭ଟି କବିତା ଉପରେ ଶ୍ରୀଅରବିନ୍ଦଙ୍କର ଇଂରାଜୀ ମନ୍ତବ୍ୟ। — ସଂଗ୍ରାହକ

ଭାଷାରେ ପ୍ରୟୋଗ କରିବାର ବିରୁଦ୍ଧରେ ଥିଲେ । 'ରାଜହଂସ' ପଢ଼ି ସେ ଦିଲୀପ କୁମାରଙ୍କୁ ଲେଖିଥିଲେ : 'ନିଶିକାନ୍ତଙ୍କର ରାଜହଂସ କବିତାଟି ପ୍ରକୃତରେ ଅଦ୍ଭୁତ । ମୁଁ ତାଙ୍କର କବିତ୍ୱ ଶକ୍ତି ଦେଖି ମୁଗ୍ଧ ହୋଇଛି । କିନ୍ତୁ ଲଘୁଗୁରୁ ଛନ୍ଦରେ ପରୀକ୍ଷା ସକାଶେ ପ୍ରଥମ ପଠନରେ କବିତାର ସ୍ୱକୀୟ ଗରିମା ଚାପା ପଡ଼ିଯାଏ । ପରେ ସୂର୍ଯ୍ୟ ସଦୃଶ ତା'ର ଆଲୋକ ମୋ ମନରେ ବିଚ୍ଛୁରିତ ହୋଇଛି । ଗାୟତ୍ରୀ ମନ୍ତ୍ର ସହ ଧ୍ୟାନ ସଦୃଶ ଲାଗୁଛି ।... ତାଙ୍କୁ ମୋର ଅଭିବାଦନ ଜଣାଇବ ।'

''ଛାନ୍ଦସିକ ପ୍ରବୋଧଚନ୍ଦ୍ର ସେନ୍ କର୍ତ୍ତୃକ ଦିଲୀପ କୁମାର ଓ ନିଶିକାନ୍ତଙ୍କର ଲଘୁଗୁରୁ ଓ ଜୟଦେବୀୟ ଛନ୍ଦ ଉପରେ ମଧ୍ୟ ପରୀକ୍ଷା-ନିରୀକ୍ଷା ସମର୍ଥିତ ହୁଏ । ସେ ଜଣାଇ ଥିଲେ ଯେ ଚିତ୍ତ ଯେତେବେଳେ ଭାବର ଉଚ୍ଚସ୍ତରରେ ଉନ୍ନୀତ, ସେଇ ସ୍ତରରେ ହିଁ ଜୟଦେବୀୟ ଛନ୍ଦର ସହଜ ଓ ସ୍ୱତଃସ୍ଫୂର୍ତ୍ତ ପ୍ରକାଶ ଘଟିଥାଏ । ସେ ଦୃଷ୍ଟିରୁ ଏହି ଦୁଇଜଣଙ୍କର ସୃଷ୍ଟି ପୂର୍ଣ୍ଣ ସାର୍ଥକ ଓ ସଫଳ ।

''ପ୍ରକାଶ ଥାଉ କି 'ରାଜହଂସ' ହେଉଛି ଏକ ପ୍ରତୀକ ଶବ୍ଦ – ଶ୍ରୀଅରବିନ୍ଦ ଏହାର ତାତ୍ପର୍ଯ୍ୟପୂର୍ଣ୍ଣ ଉଦ୍‌ଘାଟନ କରିଛନ୍ତି – 'ରାଜହଂସ' ଆତ୍ମାର ପ୍ରତୀକ ।''

(ତତ୍ରୈବ, ପୃ. ୯୯-୧୦୦)

ଏହି ପରିପ୍ରେକ୍ଷୀରେ ନିଶିକାନ୍ତଙ୍କର 'ଅଲକାନନ୍ଦା' ଗ୍ରନ୍ଥଟି ଉପରେ ପ୍ରସିଦ୍ଧ ବଙ୍ଗଳା ପତ୍ରିକା 'ଉଦ୍‌ବୋଧନ'ରେ ସ୍ୱନାମଖ୍ୟାତ ଦେବବ୍ରତ ରାୟ ଚୌଧୁରୀଙ୍କର ଏକ ସମୀକ୍ଷାରୁ ପଦେ-ଅଧେ ଏଠାରେ ଉଦ୍ଧାର କରିବା ଅପ୍ରାସଙ୍ଗିକ ହେବ ନାହିଁ । ସେ ସେଥିରେ ଉଲ୍ଲେଖ କରିଛନ୍ତି : ''ଟାଗୋରଙ୍କର କବିତାର ଛତ୍ରଛାୟାରେ ନିଶିକାନ୍ତଙ୍କର କାବ୍ୟିକ ଜୀବନ ଯଥାର୍ଥ ଅଭିବୃଦ୍ଧି ପାଇ ପାରି ନଥିଲା; ତେଣୁ ସେହି ସମୟରେ ତାଙ୍କର କବିତାଗୁଡ଼ିକ ଛାୟାରେ ବୃଦ୍ଧିପ୍ରାପ୍ତ ବୃକ୍ଷ ସଦୃଶ ଦୁର୍ବଳ ଓ ନିର୍ଜୀବ ଥିଲା ।... ଏବେ ଶ୍ରୀଅରବିନ୍ଦଙ୍କ ଆଶ୍ରୟରେ ରହି ସେ ପରମ ଅଜ୍ଞାତ, ଅସୀମ ଓ ଅନନ୍ତଙ୍କ ଦିଗରେ ଅଗ୍ରସର ହେବାର ସନ୍ଧାନ ପାଇଛନ୍ତି, ସେଇ ପଥର ଯାତ୍ରୀ ହୋଇଉଠିଛନ୍ତି ।''

(ନୀରଦବରଣ : 'Talks with Sri Aurobindo', p. 671)

୯ ଆଶ୍ୱିନ ୧୩୬୦ ସନ (୧୯୬୭ ମସିହା)ର 'ଦେଶ' ପତ୍ରିକାରେ ପ୍ରତିଭାବାନ୍ ତାରାକୁମାର ମୁଖୋପାଧ୍ୟାୟ କବି ନିଶିକାନ୍ତଙ୍କ ସମ୍ବନ୍ଧରେ ଏକ ସୁଦୀର୍ଘ ରଚନାରେ ଉଲ୍ଲେଖ କରିଛନ୍ତି : ''ସାମ୍ପ୍ରଦାୟିକ ଧର୍ମରୀତି ଓ ଧର୍ମନୀତିର କବି ସଂସାରରେ ଅନେକ ଦେଖିବାକୁ ମିଳେ । ସାମ୍ପ୍ରଦାୟିକତା ସତ୍ତ୍ୱେ ସେମାନଙ୍କର କାବ୍ୟ ଅନସ୍ୱୀକାର୍ଯ୍ୟ । ସେମାନଙ୍କ ମଧ୍ୟରୁ ଅନେକଙ୍କର ଗୋଷ୍ଠୀଗତ ମନ ସେମାନଙ୍କର କାବ୍ୟକୁ ଅନେକ ସମୟରେ ହିଁ ସଂକୀର୍ଣ୍ଣ କରିଛି, କିନ୍ତୁ ନିଶିକାନ୍ତଙ୍କର ଏତାବତ୍ ଯେତେ କବିତା ପ୍ରକାଶ ପାଇଛି* ସେଥିରେ ଅଧ୍ୟାତ୍ମ-ଅନୁଭୂତି, ଅଧ୍ୟାତ୍ମ-ଉପଲବ୍ଧି ଓ ଅଧ୍ୟାତ୍ମ-ବେଦନାର ଏମିତି ଏକ ପରିବେଶ ସେ ରଚନା କରିଛନ୍ତି ଯଦ୍ଦ୍ୱାରା ପ୍ରମାଣିତ ହୋଇଛି ଯେ ସେ ସମ୍ପୂର୍ଣ୍ଣ ସଂସ୍କାରମୁକ୍ତ ଓ ସାମ୍ପ୍ରଦାୟିକତାମୁକ୍ତ ଜଣେ ଆଧ୍ୟାତ୍ମିକ ପ୍ରେରଣା ଓ ଗଭୀର ଜୀବନ-ଦର୍ଶନର କବି । ଆଧ୍ୟାତ୍ମିକ ଦୃଷ୍ଟିର କବି ସେ; ତା' ବୋଲି ସେ ଏକତାରାର ବାଉଲ ମାତ୍ର ନୁହଁନ୍ତି । ଆଧ୍ୟାତ୍ମିକ ଶ୍ରୁତିର କବି ସେ; ତା' ବୋଲି କେବଳ ଏକ ଜବା ବା ଅପରାଜିତାର ଶକ୍ତି ସେ ନୁହଁନ୍ତି । ଆଧ୍ୟାତ୍ମିକ ସଂବେଦନର କବି ସେ; ତା' ବୋଲି ମାତ୍ର ଭକ୍ତିମୂଳକ କବିତାର ଭକ୍ତମାଳାକାର ସେ ନୁହଁନ୍ତି । ଜୀବନର କାମନାବାସନା, ପ୍ରୀତିପୂର୍ଣ୍ଣ ଆଦର-ଯତ୍ନ, ଅଭିଳାଷ ତଥା ଛନ୍ଦ-କପଟ ଓ କଳ୍ପନାବିଳାସୀର କବି ସେ ନୁହଁନ୍ତି; କିନ୍ତୁ ତାଙ୍କର ଅଧ୍ୟାତ୍ମ ପରିମଣ୍ଡଳରେ ବର୍ଣ୍ଣାଢ୍ୟ, ସମୃଦ୍ଧି ଓ ବୈଚିତ୍ର୍ୟ ପ୍ରଚୁର ପରିମାଣରେ ହିଁ ରହିଛି ।

'' 'ମର୍ମବିହଙ୍ଗ' କାବ୍ୟଗ୍ରନ୍ଥଟିର 'ପ୍ରସ୍ତାବନା' ଲେଖିବାକୁ ଯାଇ ଅଧ୍ୟାପିକା ରାତ୍ରି ରାୟ ପ୍ରଥମରୁ ହିଁ ପାଠକମାନଙ୍କୁ ସଚେତନ କରି ଦେଇଛନ୍ତି ନିଶିକାନ୍ତଙ୍କର ଅବସ୍ଥାନ କ୍ଷେତ୍ରଟିକୁ ଚିହ୍ନାଇ ଦେଇ – ମିଷ୍ଟିକ୍ ଅଭିଜ୍ଞତା ଅତି ଉଚ୍ଚସ୍ତରର ହେଲେ ମଧ୍ୟ କବିତାଟି କାବ୍ୟ ନହୋଇ କେବଳ ପଦ୍ୟ ହୋଇ ଯାଇପାରେ । (କବିତା ସରସ ପଦ୍ୟ ହେଲାବେଳେ କାବ୍ୟ ରସମୟ ଗ୍ରନ୍ଥ ଆଉ ପଦ୍ୟ ହେଉଛି ଛନ୍ଦୋବଦ୍ଧ ରଚନା ।) ସନ୍ଥ ଜନ୍ ଅଫ୍ କ୍ରୁଶ୍‌ଙ୍କର ଏଇ ଧରଣର ବେଶ୍ କେତୋଟି କବିତା ରହିଛି । ସେ ଅତି ଉଚ୍ଚାଙ୍ଗ ଆଧ୍ୟାତ୍ମିକ ଅନୁଭୂତିର ବର୍ଣ୍ଣନା ଦେଇଛନ୍ତି, ଅଥଚ

* କାବ୍ୟଗ୍ରନ୍ଥ : 'ଅଲକାନନ୍ଦା' (୧୯୪୦); 'ଦିଗନ୍ତ' (୧୯୪୪); 'ପଁଚିଶ ପ୍ରଦୀପ' (୧୯୪୫); 'ଭୋରେର୍ ପାଖି' (୧୯୪୬); 'ଦିନେର୍ ସୂର୍ଯ୍ୟ' (୧୯୪୬); 'Dream Cadences' (ଇଂରାଜୀ କାବ୍ୟଗ୍ରନ୍ଥ, ୧୯୪୬); 'ବୈଜୟନ୍ତୀ' (୧୯୪୭); 'ବନ୍ଦେ ମାତରମ୍' (୧୯୪୯); 'ନବଦୀପନ' (୧୯୫୧) ।

ସେସବୁକୁ ଶାବ୍ଦିକ ପ୍ରକାଶରେ କବିତା କହିହେବ ନାହିଁ; ଖୁବ୍ ବେଶୀରେ ପଦ୍ୟ କୁହାଯାଇପାରେ । ଅନେକ ସମୟରେ କବିତାଟି ଏତେ ବେଶୀ ସାଂକେତିକ ଯେ ଦୁର୍ବୋଧ ହୋଇଉଠେ । ବ୍ଲେକ୍‌ଙ୍କର ବହୁ କବିତା ହିଁ ରସୋତ୍ତୀର୍ଣ୍ଣ ହୋଇଛି ବୋଲି କହିବାରେ ଦ୍ୱିଧା ବୋଧ ହୁଏ, କାରଣ ସେସବୁ ଦୁର୍ବୋଧ ଓ ଦୋଷଯୁକ୍ତ । ନିଶିକାନ୍ତଙ୍କର କବିତା ଏଇ ଦୃଷ୍ଟିରୁ ସାର୍ଥକ । ଯଥାର୍ଥ ଅର୍ଥ ନ ବୁଝିଲେ ବି ମୋଟାମୋଟି ଗୋଟିଏ ଅର୍ଥ ବୁଝାଯାଏ ।

''ନିଶିକାନ୍ତ ତାଙ୍କର 'ରାଜବିହଙ୍ଗ' କବିତାଟି ସମ୍ବନ୍ଧେ କହିବାକୁ ଯାଇ ଉଲ୍ଲେଖ କରିଛନ୍ତି ଯେ ରାଜବିହଙ୍ଗ ସାଧାରଣ ପକ୍ଷୀ ନୁହେଁ, ସେ ଏକ 'ଅପୂର୍ବ ପକ୍ଷୀ' । ଧରଣୀ ତା'ର ବାସଭୂମି ନୁହେଁ । ଧରଣୀର ଦିଗ୍‌ଦିଗନ୍ତରେ ତାକୁ ପାଇ ହେବ ନାହିଁ; ଊର୍ଦ୍ଧ୍ୱଲୋକର ଦିଗ୍‌ଦିଗନ୍ତରେ ତା'ର ବିଚରଣ । ତା'ର ଡେଣା ଆଲୋକ-ରଶ୍ମିରେ ଗଢ଼ା । ତା'ର ଥଣ୍ଟରେ ସ୍ୱାତୀ ନକ୍ଷତ୍ରର ଥଣ୍ଟ ଆସି ସଂଯୁକ୍ତ ହୁଏ । ଚନ୍ଦ୍ର ତା' ପାଇଁ ନେଇ ଆସେ ସୁଧାକଳସ । ଆକାଶକୁ ଅତିକ୍ରମ କରି ତା'ର ନିଜସ୍ୱ ଆଲୋକ ଦ୍ୱାରା ଘେରା ତା'ର ବିଜନତମ ବସା । ସେଇ ବସାରେ ପ୍ରଶାନ୍ତ ଚେତନାର ପ୍ରଦୀପ ଜଳେ । ଆମମାନଙ୍କ ପକ୍ଷରେ ତା'ର କଥା ଭାବିବା ଯଥାର୍ଥରେ ଅସମ୍ଭବ । ତା'ର କାରଣ ଦେଖାଇବାକୁ ଯାଇ ଯଥେଷ୍ଟ ସ୍ୱର ଉତ୍ତୋଳନ କରିଛନ୍ତି ନିଶିକାନ୍ତ । କିନ୍ତୁ ଭୁଲିଗଲେ ଚଳିବ ନାହିଁ ଯେ ସେଇ ସ୍ୱର ଉତ୍ତୋଳନ ମଧ୍ୟରେ ଊର୍ଦ୍ଧ୍ୱର ସ୍ୱାଧୀନତା ସକାଶେ କେଉଁଠି ଯେପରି ଏକ ଆସ୍ପୃହା ମଧ୍ୟ କ୍ରିୟାଶୀଳ ରହିଛି । ଆର୍ତ୍ତି (କାତରତା) ମଧ୍ୟରେ ଆସ୍ପୃହା ଲୁକ୍‌କାୟିତ ରହି କୌଣସି ଅବୋଧତାର ପ୍ରାଚୀର ଗଠନ କରି ନାହିଁ । ବରଂ ଫୁଟିଉଠିଛି ସ୍ଫଟିକସ୍ୱଚ୍ଛ ଅନୁଭବ ।''

('ନିଶିକାନ୍ତ' : ପୃ ୪୦ - ୪୧) — ସୁଭାଷ ଘୋଷାଲ

ଅନ୍ୟତ୍ର ସୁଭାଷ ଘୋଷାଲ କଥା ପ୍ରସଙ୍ଗରେ ବର୍ଣ୍ଣନା କରିଛନ୍ତି : ''ପଣ୍ଡିଚେରୀର ଗୋଟିଏ ଦିନର କଥା ଉଲ୍ଲେଖ କରାଯାଇପାରେ । ନିଶିକାନ୍ତ ବସିଛନ୍ତି, କଥା କହୁଥା'ନ୍ତି ଉପସ୍ଥିତ କତିପୟ ଅନ୍ତରଙ୍ଗ ବ୍ୟକ୍ତିଙ୍କ ସହିତ । ଘର ସାମନା ବଗିଚା ମଧ୍ୟ ଦେଇ କଳା ବିଲେଇଟିଏ ଦୌଡ଼ିଗଲା । ନିଶିକାନ୍ତ ତାକୁ ଦେଖି କହିଲେ, 'ରାତିରେ ତ ପ୍ରାୟ ନିଦ ଆସେନି; ଆଖିରେ ପଡ଼େ ଏଇ ବିଲେଇଟି ଅନ୍ଧକାରର ଛାତି ଚିରି ଦୌଡ଼ାଦୌଡ଼ି କରୁଛି । ଭୟଙ୍କର ଭାବରେ ଝଟକୁ ଥାଏ ତା'ର ଚକ୍ଷୁ ଦୁଇଟି । ସାଧାରଣ ଲୋକ ହେଲେ ଭୟ ପାଇଯିବ ।...' ଉପସ୍ଥିତ ପୃଥ୍ୱୀନ୍ଦ୍ରନାଥ ଜାଣିବାକୁ ଚାହିଁଲେ, 'ଏଇଟା କି ଆପଣଙ୍କର 'ମହାମାୟା' କବିତାର ସେଇ ମୂଷିକର ଗର୍ତ୍ତ ପାର୍ଶ୍ୱରେ ଶିକାର ବା ଆକ୍ରମଣ ଉଦ୍ଦେଶ୍ୟରେ ଆତ୍ମଗୋପନ କରି ପ୍ରତୀକ୍ଷା କରି ବସିଥିବା ହୀରକ-ଚକ୍ଷୁର ବିଲେଇ ?' ନିଶିକାନ୍ତ ହସିଉଠିଲେ । କହିଲେ, 'ବୁଝିଲୁ ପୃଥ୍ୱୀନ୍, ବୁଦ୍ଧଦେବ (କଲିକତାର ସ୍ୱନାମଖ୍ୟାତ ଲେଖକ-କବି) ତା'ର ଆଧୁନିକ ବଙ୍ଗଳା କବିତାର ସଂକଳନରେ 'ମହାମାୟା' କବିତାଟି କ'ଣ ପାଇଁ ନେଇଛି ? ମୁଁ ବିଲେଇ ଉପରେ କବିତା ଲେଖିଛି, ଏଇ ଆଧୁନିକତାର ଅଭିନବତ୍ୱରେ ମୁଗ୍ଧ ହୋଇ । ଅଥଚ ମୋର ଗୋଟିଏ ବି କବିତା ଏମିତି ଅଗଭୀର ବା ଉପରଠାଉରିଆ (superficial) ଅଭିନବତ୍ୱର ଦାବିରେ ସନ୍ତୁଷ୍ଟ ନୁହେଁ ।' ନିଶିକାନ୍ତଙ୍କ ମତରେ ତାଙ୍କର ଏହି ଧରଣର କବିତା ସବୁ ପ୍ରତୀକ କବିତା । ତାଙ୍କରି କହିବାନୁସାରେ, 'ଉପରୋକ୍ତ କବିତାଟିରେ ବିଲେଇଟି ହେଉଛି ଊର୍ଦ୍ଧ୍ୱତନ ଚେତନାର ପ୍ରତୀକ; ଅନ୍ଧକାର ବୁକୁରେ ହୀରକଦ୍ୟୁତି ଜ୍ୱଳନ କରି ବସିଛି ଗଭୀର ରାତ୍ରିର ନିଶ୍ଚେତନ (inconscient) ଗର୍ତ୍ତର ଧାରରେ; ସେହି ଅନ୍ଧକାର ଗର୍ତ୍ତର ଅଧିବାସୀଗଣ ଉପରକୁ ଉଠିଆସିବା ମାତ୍ରେ ଆଲୋକର ପ୍ରତୀକ ବିଲେଇ ସେମାନଙ୍କୁ ଗ୍ରାସ କରୁଛି ।'

''ନିଶିକାନ୍ତ ସେଦିନ କ୍ଷୋଭ ପ୍ରକାଶ କରି କହିଉଠିଥିଲେ ଯେ ତାଙ୍କର କବିତା ସମ୍ବନ୍ଧରେ ଆଲୋଚନା କରିବାକୁ ଯାଇ ଯେଉଁ ଗଭୀରତା ଆଶା କରାଯାଏ, ପ୍ରାୟତଃ ଦେଖା ଯାଇଛି ଆଲୋଚକମାନଙ୍କର ଦୃଷ୍ଟିଭଙ୍ଗୀରେ ସେସବୁର ଅଭାବ । ଏକମାତ୍ର ଶ୍ରୀଅରବିନ୍ଦ ତାଙ୍କ କବିତାର ପ୍ରତୀକକୁ ସ୍ପଷ୍ଟ କରି ଦେଖାଇ ଦେଇଛନ୍ତି । ନିଶିକାନ୍ତଙ୍କ ମତରେ, 'ପ୍ରତୀକ କହିଲେ କ'ଣ ବୁଝାଏ, ତା'ର ବୈଶିଷ୍ଟ୍ୟ ହିଁ ବା କ'ଣ, ମୋ କବିତାରେ କେଉଁଠି କି ଭାବରେ ମୋର ଅଧିଷ୍ଠାନ ଘଟିଛି, ସେ ସମ୍ବନ୍ଧେ ରବୀନ୍ଦ୍ରନାଥ କହୁ କହୁ ବି କହି ନାହାନ୍ତି । ଏକମାତ୍ର ଶ୍ରୀଅରବିନ୍ଦ ହିଁ ମୋ କବିତାର ପଶ୍ଚାତରେ ଥିବା ପ୍ରକୃତ ତାତ୍ପର୍ଯ୍ୟ ବୁଝାଇ ଦେଇଛନ୍ତି' ।'' (ତତ୍ରୈବ, ପୃ ୩୩)

ଅଧ୍ୟାପିକା ରାତ୍ରି ରାୟ ତାଙ୍କର ଉପରବର୍ଣ୍ଣିତ 'ପ୍ରସ୍ତାବନା'ରେ ଉଲ୍ଲେଖ କରିଛନ୍ତି : ''ସାଂକେତିକ ଦର୍ଶନ (ସୂକ୍ଷ୍ମ-ଦର୍ଶନ)ରେ ସାଧକଙ୍କ ଚିତ୍ତରେ କୌଣସି ଛଳନାର କଥା ମନେ ହୁଏନା । ସେ ଜାଣନ୍ତି ଯେ ସେ ଯାହା ସୂକ୍ଷ୍ମ-ଦର୍ଶନରେ ଦେଖୁଛନ୍ତି ତା' ଅର୍ଥବହ ଓ ସତ୍ୟ । ସେ ନିଜେ ହୁଏତ ସୂକ୍ଷ୍ମ-

ଦର୍ଶନଟିର ଅନ୍ତର୍ନିହିତ ଅର୍ଥ ବୁଝିପାରନ୍ତି, ଯଦିଓ ପ୍ରାକୃତଜନଙ୍କ ଠାରେ ତା' ଅବୋଧ ।... ନିଶିକାନ୍ତଙ୍କର ଅସଂଖ୍ୟ କବିତା ଏଇ ପର୍ଯ୍ୟାୟର ଅନ୍ତର୍ଭୁକ୍ତ । ବେଶ୍ ଅନେକ ଥର ଏପରି ହୋଇଛି ଯେ ସେ ସୂକ୍ଷ୍ମ-ଦର୍ଶନଟିର ଅର୍ଥ ପରିଷ୍କାର ଭାବରେ ବୁଝି ନପାରି ଶ୍ରୀଅରବିନ୍ଦଙ୍କୁ ଲିଖିତ କବିତାଟିକୁ ଦେଇ ଚିଠି ଲେଖିଛନ୍ତି । ଶ୍ରୀଅରବିନ୍ଦ କବିତାଟି ପଢ଼ି ତା'ର ଅର୍ଥ ପ୍ରାଞ୍ଜଳ ଭାବେ ଉଲ୍ଲେଖ କରିଛନ୍ତି । ତାଙ୍କର 'ସୁବର୍ଣ୍ଣ ଶିଖର' କବିତାର ବ୍ୟାଖ୍ୟାଟି ସେ ଏଇଭାବରେ ଜାଣି ପାରିଥିଲେ । (ଏପରି ହୋଇଛି ସୂକ୍ଷ୍ମ ଦର୍ଶନଟିକୁ ବର୍ଣ୍ଣନା କରି ସେ ଶ୍ରୀଅରବିନ୍ଦଙ୍କୁ ପ୍ରଥମେ ଲେଖିଛନ୍ତି ଏବଂ ତାଙ୍କଠୁ ତା'ର ପ୍ରତୀକଧର୍ମୀ ଅର୍ଥ ଜାଣିବା ପରେ କବିତା ଲେଖିଛନ୍ତି । ଉଦାହରଣ ସ୍ୱରୂପ : ''ଅରଣ୍ୟ ଓ ମାଳଞ୍ଚ' କବିତା) ।''

ପରିଶେଷରେ ନିଶିକାନ୍ତଙ୍କର ଏକ ଇଂରାଜୀ କବିତା 'The Cat and the Rats' ସମ୍ବନ୍ଧରେ ନୀରଦବରଣ ଶ୍ରୀଅରବିନ୍ଦଙ୍କୁ ପ୍ରଶ୍ନ ପଚାରିଥିଲେ । ଶ୍ରୀଅରବିନ୍ଦଙ୍କ ଉତ୍ତର : 'Very strong and original' (ଅତ୍ୟନ୍ତ ବଳିଷ୍ଠ ଓ ସ୍ୱକୀୟ ରଚନା) । ପୁନଶ୍ଚ ନୀରଦ ପଚାରିଛନ୍ତି, 'ଆଉ ନିଶିକାନ୍ତଙ୍କର ଲମ୍ବା କବିତାଟି ସମ୍ବନ୍ଧେ କ'ଣ କିଛି ମନ୍ତବ୍ୟ ଦେବାକୁ ଚାହାଁନ୍ତି ନାହିଁ ?'

ଶ୍ରୀଅରବିନ୍ଦ : 'Read it, very good – no remark needed.' ('ସେଇଟିକୁ ପଢ଼, ଖୁବ୍ ସନ୍ତୋଷଜନକ – ମନ୍ତବ୍ୟ ଅନାବଶ୍ୟକ ।')

(Nirodbaran's Correspondence with Sri Aurobindo, Vol. 1, p. 554)

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା ❑

## ଶୀତକାଳୀନ ସୁହୃଦ୍ ଶ୍ରମ ଶିବିର – ୨୦୨୧

ଚଳିତ ବର୍ଷ ୭୪ତମ ଶୀତକାଳୀନ ସୁହୃଦ୍ ଶ୍ରମ ଶିବିର କେନ୍ଦୁଝର ଜିଲ୍ଲାସ୍ଥିତ ଶାଶ୍ୱତୀ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସୋମଗିରିଠାରେ (ଆସନ୍ତା ଡିସେମ୍ବର ମାସ ୨୨ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ) ଅନୁଷ୍ଠିତ ହେବା ପାଇଁ ସ୍ଥିରୀକୃତ ହୋଇଅଛି । ଏଥିରେ ପ୍ରତ୍ୟହ ଶ୍ରମଦାନ ସହ 'ଦିବ୍ୟ ଜୀବନ' ଗ୍ରନ୍ଥ ଅଧ୍ୟୟନ କରାଯିବ । ଏଥିପାଇଁ ଶିବିରାର୍ଥି ଦେୟ ୧୦୦ ଟଙ୍କା ଧାର୍ଯ୍ୟ କରାଯାଇଅଛି ।

### ଏହି ଶିକ୍ଷାକେନ୍ଦ୍ରକୁ ଆସିବା ପାଇଁ ଗମନାଗମନ ସୂଚନା :

ଏଠାକୁ ଆସିବାକୁ ହେଲେ କଟକ କିଂବା ଭୁବନେଶ୍ୱରରୁ ଟ୍ରେନ୍ କିଂବା ବସ୍ ଯୋଗେ ହରିଚନ୍ଦନପୁର/କେନ୍ଦୁଝର ଆସି ବସ୍ ଯୋଗେ (କେନ୍ଦୁଝରରୁ ସୋମଗିରି ୩୦ କି.ମି. ଦୂର)ସୋମଗିରି ଆସିବାକୁ ହେବ । ଅନ୍ୟ ଜିଲ୍ଲାମାନଙ୍କରୁ ବସ୍ ଯୋଗେ କେନ୍ଦୁଝର ଆସି ସେଠାରୁ ବସ୍ କିଂବା ଅନ୍ୟାନ୍ୟ ଯାନବାହନରେ ସୋମଗିରି ଆସିହେବ ।

ଶିବିର ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନିମ୍ନଲିଖିତ ମୋବାଇଲରେ **ଯୋଗାଯୋଗ** କରିପାରନ୍ତି ।
ଜଲି ଅପା – ୯୭୭୭୦୭୦୪୬୧; ମୁକୁନ୍ଦ ଭାଇ – ୮୧୧୭୦୨୧୯୬୯

କାହାଣୀ :

# ରୋବ୍ ଏବଂ ଖଳପ୍ରବୃତ୍ତିର ବାମନ

## ମୀରା ଗୁଥୀ

[''ତୁମେ କରୁଥିବା କାର୍ଯ୍ୟଗୁଡ଼ିକ ଯେଉଁ ବାତାବରଣ ସୃଷ୍ଟି କରୁଛନ୍ତି, ତୁମେ ସେହି ବାତାବରଣଟିକୁ ହିଁ ଆପଣା ସହିତ, ଆପଣାର ଚତୁର୍ଦ୍ଦିଗରେ ଏବଂ ଆପଣା ଭିତରେ ବହନ କରି ଚାଲିଛ । ଏବଂ, ତୁମେ ଯାହାସବୁ କରୁଛ, ଯଦି ତାହା ସୁନ୍ଦର ହୋଇଥାଏ, ଯଥାର୍ଥ ଓ ସୌଷମ୍ୟଯୁକ୍ତ ହୋଇଥାଏ, ତେବେ ତୁମର ବାତାବରଣଟି ମଧ୍ୟ ଉତ୍ତମ, ସୁନ୍ଦର ଓ ସୌଷମ୍ୟଯୁକ୍ତ ହେବ; ମାତ୍ର, ଅନ୍ୟ ପକ୍ଷରେ ଯଦି ତୁମେ ଏକ କୁତ୍ସିତ ସ୍ୱାର୍ଥପରତା, ବିବେକହୀନ ଆତ୍ମ-ସ୍ୱାର୍ଥସର୍ବସ୍ୱତା ଏବଂ ନୃଶଂସ ମନ୍ଦ-ଇଚ୍ଛା ମଧ୍ୟରେ ବାସ କରୁଥାଅ, ତେବେ ତୁମ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ ତୁମେ ଠିକ୍ ସେହିଗୁଡ଼ିକୁ ହିଁ ନିଃଶ୍ୱାସରେ ଗ୍ରହଣ କରୁଥିବ, ଏବଂ ତା'ର ଅର୍ଥ ହେଉଛି ଯେ ତୁମେ ଦୁଃଖ ଭୋଗ କରୁଥିବ, ସତତ ଅସ୍ୱସ୍ତି ମଧ୍ୟରେ ପଡ଼ି ରହିଥିବ ।...''
(CWM : Vol. 3, p. 198) — ଶ୍ରୀମା]

ତୁମେ କେବେ କିଛି ଛୋଟ ଛୋଟ ଦୁଷ୍ଟାମି କରିଛ କି ? ମୁଁ ନିଃସନ୍ଦେହ ଯେ ତୁମେ ସେସବୁ କରିଛ । ଯେପର୍ଯ୍ୟନ୍ତ ସେସବୁ ଅନ୍ୟକୁ ଆଘାତ ଦେଇ ନାହିଁ, ସେ କାମସବୁ ଠିକ୍ ଅଛି ଏବଂ କେବେ କେବେ ଏହା ଆମୋଦପ୍ରଦ ମଧ୍ୟ ହୋଇଥାଏ । କିନ୍ତୁ ଯେଉଁ ମୁହୂର୍ତ୍ତରେ ସେସବୁ ଅନ୍ୟକୁ ଆଘାତ ଦେବା ପାଇଁ ଅଭିପ୍ରେତ ସେତେବେଳେ ଏହା ଆଉ ଆମୋଦପ୍ରଦ ହୁଏନି । ଯେପରି ଏହି ରୋବ୍‌ର କାହାଣୀଟି ।



ଏହି କାହାଣୀଟି ଆରମ୍ଭ ହୁଏ ଗୋଟିଏ ଛୋଟିଆ ଦୁଷ୍ଟାମିକୁ ନେଇ । ରୋବ୍‌ର ସାମନାରେ ବସୁଥିବା ମୋଲିର ଦୁଇଟି ଲମ୍ବା ବେଣୀ ଥିଲା । ଥରେ ରୋବ୍‌ର ମୁଣ୍ଡ ଭିତରେ କାହାର କ୍ଷୀଣ କଣ୍ଠସ୍ୱରଟିଏ ପ୍ରସ୍ତାବ ଦେଇ ଚାଲିଲା, ''ତା' ବେଣୀକୁ ଟାଣି ଦେ !'' ରୋବ୍ ଭାବିଲା ଏହା ନିଶ୍ଚୟ ଏକ ଆମୋଦଦାୟକ କାର୍ଯ୍ୟ ହେବ ଏବଂ ସେ ମୋଲିର ବେଣୀକୁ ଜୋର୍‌ରେ ଝିଙ୍କି ଦେଲା । ମୋଲି ରାଗିଯାଇ ପଛକୁ ଅନାଇଲା; କିନ୍ତୁ କିଛି କହିଲାନି । ସେ ପୁଣି ଯେତେବେଳେ ଆଗକୁ ଚାହିଁ ବସିଗଲା, ରୋବ୍‌କୁ ସେହି କଣ୍ଠସ୍ୱରଟି ଆଦେଶ ଦେବା ଭଙ୍ଗୀରେ କହିଉଠିଲା, ''ଆଉ ଥରେ ଟାଣିଦେ !'' ରୋବ ପୁଣି ଥରେ ମୋଲିର ବେଣୀକୁ ଝିଙ୍କିଦେଲା ଏବଂ ଏଥରକ ଅଧିକ ଜୋର୍‌ରେ । ରୋବ୍ ହସିବାକୁ ଲାଗିଲା – ମୋଲିକୁ ଆଘାତ ଦେବାରେ ସେ ଯାହା ଭାବିଥିଲା ତା'ଠାରୁ ଅଧିକ ଆନନ୍ଦ ମିଳୁଛି – ଏବଂ ସେହି କ୍ଷୀଣ କଣ୍ଠସ୍ୱରଟି ମଧ୍ୟ ତା' ସହିତ ମିଶି ହସି ଉଠିଲା ।

ପରବର୍ତ୍ତୀ ଦିନମାନଙ୍କରେ ସେହି ଦୁଷ୍ଟାମିଭରା କଣ୍ଠସ୍ୱରଟି ଅଧିକ ତୀବ୍ର ଓ ଶକ୍ତ ହେବାକୁ ଆରମ୍ଭ କରିଦେଲା । ଖୁବ୍ ଶୀଘ୍ର ଏହା ଆଉ ଖାଲି କଣ୍ଠସ୍ୱରରେ ସୀମିତ ନ ରହି ଗୋଟିଏ ଛୋଟ ବାମନ ଭୂତରେ ପରିଣତ ହୋଇଗଲା; ଯାହାକୁ କୁହାଯାଇ ପାରିବ ଖଳଚିନ୍ତାର ବାମନଟିଏ । ଏହି ବାମନଟି ଦେଖିବାକୁ ସବୁଜ ରଙ୍ଗ; ତା'ର ଥିଲା ଦୁଇଟା ତୀକ୍ଷ୍ଣ ଗୋଜିଆ କାନ, ଆଖି ଦୁଇଟି କ୍ଷୁଦ୍ର କାଚ ଗୋଲି ଭଳି ଉଜ୍ଜ୍ୱଳ ଏବଂ ତା' ସହ ଏକ ଖଳପ୍ରବୃତ୍ତି ମିଶା ହସ ଯାହାକି କେବେ ଉଭେଇ

ଯାଉ ନଥିଲା । ସେ ରୋବ୍‌ର କାନ୍ଧ ଉପରେ ସବାର ହୋଇ ସବୁବେଳେ ମନ୍ଦ କାର୍ଯ୍ୟସବୁ କରିବା ପାଇଁ ତାକୁ ପ୍ରବର୍ତ୍ତାଉ ଥିଲା ।



ରୋବ୍ ଛୋଟ ଛୋଟ ସବୁଜ ରଙ୍ଗର ବେଙ୍ଗସବୁ ଧରି ବାଳିକାମାନଙ୍କ ଉପରକୁ ଫୋପାଡୁ ଥିଲା । ସେମାନେ ଭୟରେ ଚିତ୍କାର କରି ଉଠୁଥିଲେ । ବିଚରା ବେଙ୍ଗମାନେ ଭୀତତ୍ରସ୍ତ ହୋଇ ଏଣେ ତେଣେ ଧାଉଁଥିଲେ । ଏସବୁ ଦେଖି ବାମନ ଭୂତଟି ଖୁବ୍ ଉଚ୍ଚକଣ୍ଠରେ ହସି ଉଠୁଥିଲା । ରୋବ୍ ଗଛସବୁର ଉହାଡ଼ରେ ଲୁଚି ରହି ଦଳବଦ୍ଧ ବାଳକମାନଙ୍କୁ ଲକ୍ଷ୍ୟ କରି ଛୋଟ ଛୋଟ ଢେଲାସବୁ ଫିଙ୍ଗୁ ଥିଲା ଏବଂ ପରିଣାମରେ ସେହି ବାଳକମାନଙ୍କ ମଧ୍ୟରେ କିଏ କାହାକୁ ଢେଲା ଫିଙ୍ଗୁଛି ବୋଲି ଯେତେବେଳେ ଝଗଡ଼ା ଲାଗିଯାଉଥିଲା ସେତେବେଳେ ରୋବ୍ ଆଢୁଆଳରେ ରହି ବେଶ୍ ମଜା ନେଉଥିଲା ।

ରୋବ୍ ଦୁଷ୍ଟାମି ପରେ ଦୁଷ୍ଟାମି କରି ଚାଲିଥିଲା । ସେତେବେଳେ ତା'ର ସବୁଠାରୁ ପ୍ରିୟ ବନ୍ଧୁ ହୋଇ ଉଠିଥିଲା ସେହି ବାମନ ଭୂତଟି ।

ସେମାନଙ୍କର ସେହି ଦୁଷ୍ଟାମି କାମଗୁଡ଼ିକ ଖୁବ୍ ଅପ୍ରୀତିକର କାର୍ଯ୍ୟରେ ପରିଣତ ହେବାକୁ ବେଶୀ ଦିନ ଲାଗିଲାନି । ତୁମେ ଦୁଷ୍ଟାମି ଓ କଦର୍ଯ୍ୟ କାମ ଭିତରେ କ'ଣ ପ୍ରଭେଦ ଅଛି ଜାଣିଛ କି ? ଆଚ୍ଛା, ଦୁଷ୍ଟାମି କାମ ପ୍ରକୃତରେ ଏତେଟା କ୍ଷତି ପହଞ୍ଚାଏ ନାହିଁ, ଯଦିଓ ଏହା ଜଣଙ୍କୁ କିଛି ସମୟ ପାଇଁ ବିରକ୍ତ କରି ଦିଏ । କିନ୍ତୁ ଖଳ ଓ ଅପ୍ରୀତିକର କାର୍ଯ୍ୟ ଜଣଙ୍କୁ ଆଘାତ ଦିଏ ବା ମ୍ରିୟମାଣ କରେ ।

ଦିନେ ରୋବ୍ ଓ ବାମନ ମିଶି ମୋଲିର ସେହି ଲମ୍ବା ବେଣୀକୁ କଇଁଚି ସାହାଯ୍ୟରେ କାଟି ଦେଲେ । ଏହା ବାସ୍ତବିକ ଏକ ନିଷ୍ଠୁର କାମ ଥିଲା ଓ ମୋଲିର ମନରେ ଖୁବ୍ ଆଘାତ ପହଞ୍ଚାଇ ଥିଲା । ମୋଲି ସେଥିପାଇଁ ଅନେକ ଦିନ ଧରି କାନ୍ଦିଥିଲା ।

ଆଉ ଦିନେ ସେମାନେ ଛୋଟ ଢେଲାଟିଏ ଆଦିତ୍ୟ ଆଡ଼କୁ ଲକ୍ଷ୍ୟ କରି ଫିଙ୍ଗିଦେଲେ । ଫଳ ସ୍ୱରୂପ ଆଦିତ୍ୟର ଚଷମାର ଗୋଟିଏ କାଚ ଭାଙ୍ଗିଗଲା । ଆଦିତ୍ୟର ଆଖିରେ ମଧ୍ୟ ଆଘାତ ଲାଗିଥିଲା । କିଛିଦିନ ଧରି ସେ ତା'ର ଆଖିରେ ବ୍ୟାଣ୍ଡେଜ ଲଗାଇ ଆସୁଥିଲା । ସେଥିରେ ବି ସେମାନେ ତାକୁ 'ଜଳଦସ୍ୟୁ' କହି ଚିଡ଼ାଇବାକୁ ଛାଡୁ ନଥିଲେ ।

ତାଙ୍କର ଏହି ଅବାଧ କାର୍ଯ୍ୟସବୁ କେବଳ ପିଲାମାନଙ୍କୁ ନେଇ ସୀମିତ ନଥିଲା । ରୋବ୍ ଏବଂ ବାମନ ମିଶି ସେ ସହରର ବାସିନ୍ଦାମାନଙ୍କ ସହ ମଧ୍ୟ ଖଳ ପ୍ରବୃତ୍ତିର କାର୍ଯ୍ୟସବୁ ଆରମ୍ଭ କରି ଦେଇଥିଲେ ।

ଦିନେ ରୋବ୍ ସ୍କୁଲକୁ ନ ଯାଇ ବାମନ ସହ ସେମାନେ କରୁଥିବା ବଦମାସୀ କାମ କରିବାକୁ ବାହାରି ପଡ଼ିଲା । ସେମାନେ ଲକ୍ଷ୍ୟ କଲେ ଜଣେ ବ୍ୟକ୍ତି ଗେରୁଆ ବସ୍ତ୍ର ପରିଧାନ କରି ରାସ୍ତାରେ ଯାଉଛନ୍ତି । ସେ ଗୃହମାନଙ୍କର ଦ୍ୱାରଦେଶରେ ଠିଆ ହୋଇ ଭିକ୍ଷା ମାଗୁଛନ୍ତି । ''ଓଃ ! ଏବେ ଗୋଟାଏ ସୁଯୋଗ ମିଳିଛି ଜଣେ ଅପରିଚିତ ବ୍ୟକ୍ତି ସହ ମଜା କରିବାକୁ,'' ରୋବ୍ କହି ଉଠିଲା, କିନ୍ତୁ ବାମନଟି କିଛିମାତ୍ରାରେ ଡରିଯାଇଥିଲା । ସେ ଗେରୁଆ ବସ୍ତ୍ର ପରିହିତ ବ୍ୟକ୍ତିମାନଙ୍କୁ ଭଲ ପାଉ ନଥିଲା ।

''ନା, ଚାଲ ଆଉ କାହାକୁ ଖୋଜିବା,'' ବାମନ ପ୍ରତିବାଦ କରି କହିଲା ।

''କାହିଁକି ତୁ ଟିକେ ଭୟଭୀତ ହେଲା ଭଳି ଲାଗୁଛୁ !'' ଥଟ୍ଟା କରି କହିଲା ରୋବ୍ ।

''ମୋତେ ନୁହେଁ'', ସାହସିକତା ଦେଖାଇବା ଭଙ୍ଗୀରେ

କହି ଉଠିଲା ବାମନ । ସେ ପୁଣି କହିଲା, ''ଠିକ୍ ଅଛି, ଚାଲ ଆମର ଖଳବୁଦ୍ଧି ପ୍ରୟୋଗ କରି ଦେଖିବା କ'ଣ ହେଉଛି !''

ସେମାନେ ପ୍ରଥମେ ସେହି ଗେରୁଆ ବସ୍ତ୍ର ପରିହିତ ବ୍ୟକ୍ତିଙ୍କ ଉପରକୁ ଗୋଡ଼ିସବୁ ଫିଙ୍ଗିବାକୁ ଆରମ୍ଭ କଲେ । ଆଶ୍ଚର୍ଯ୍ୟ କଥା, ସାମାନ୍ୟ ପ୍ରଭାବିତ ବା ବିଚଳିତ ନହୋଇ ସେ ବ୍ୟକ୍ତି ଜଣକ ତାଙ୍କର ଗନ୍ତବ୍ୟ ପଥରେ ଚାଲିବାକୁ ଲାଗିଲେ । ତା'ପରେ ସେମାନେ ଖୁବ୍ ଜୋର୍‌ରେ ତାଙ୍କୁ ଅତିକ୍ରମ କରି ଆଗକୁ ଦୌଡ଼ିଗଲେ ଓ ଗୋଟାଏ ଅସ୍ଥିର ଅବସ୍ଥାରେ ରୋବ୍ ତାଙ୍କ ହସ୍ତରେ ଧରିଥିବା ଆଶା ବାଡ଼ି ଖଣ୍ଡିକ ଛଡ଼ାଇ ନେଲା । ସେ ବ୍ୟକ୍ତି ଜଣକ ତଥାପି ବ୍ୟସ୍ତ ବିବ୍ରତ ହେଲେ ନାହିଁ ଏବଂ ଖୁବ୍ ଶୀଘ୍ର ସେ ଆଉ ଖଣ୍ଡିଏ ବାଡ଼ି ପାଇଗଲେ । ଯେତେବେଳେ ସେ ବ୍ୟକ୍ତି ଜଣକ ଭୋଜନ ପାଇଁ ପ୍ରସ୍ତୁତ ହୋଇ ବସିଲେ ସେମାନେ ତାଙ୍କ ଖାଦ୍ୟରେ କିଛି କାଦୁଅ ଆଣି ଫୋପାଡ଼ି ଦେଲେ । ସେ ବ୍ୟକ୍ତି କେବଳ ଟିକେ ମୃଦୁ ହସ ହସିଦେଲେ । ଅବିଚଳିତ ଭାବରେ ସେ ଉଠି ପଡ଼ିଲେ ଏବଂ ଖାଦ୍ୟଗୁଡ଼ିକ ପୁଟୁଳା କରି ନିକଟବର୍ତ୍ତୀ ଅଳିଆ ବିନ୍‌ରେ ପକାଇ ପୁଣି ଭିକ୍ଷା ସଂଗ୍ରହରେ ବାହାରି ପଡ଼ିଲେ ।

ରୋବ୍ ଏବଂ ବାମନ ଗୋଟିଏ ପରେ ଗୋଟିଏ ଦୁଷ୍ଟପ୍ରବୃତ୍ତିମୂଳକ କାର୍ଯ୍ୟ କରି ଚାଲିଥିଲେ ବି ସେ ଗେରୁଆ ବସ୍ତ୍ରଧାରୀ ବ୍ୟକ୍ତିଙ୍କୁ ସେମାନେ ସାମାନ୍ୟ ବିରକ୍ତ ଓ ବିଚଳିତ କରି ପାରିଲେ ନାହିଁ; ଯିଏକି ସ୍ଥିର ଭାବରେ, ସହାସ୍ୟ ବଦନରେ ତାଙ୍କ ଗନ୍ତବ୍ୟ ପଥରେ ଚାଲିଗଲେ । ''ମୁଁ ତୋତେ କହୁଥିଲି ନା ଚାଲ ଆମେ ଆମର ଏହି ପରିହାସପୂର୍ଣ୍ଣ କାର୍ଯ୍ୟ ଆଉ କାହା ଉପରେ ପ୍ରୟୋଗ କରିବା, ନୁହେଁ କି ?'' ଅଭିଯୋଗଭରା କଣ୍ଠରେ ଅସନ୍ତୋଷ ପ୍ରକାଶ କରି କହିଲା ବାମନ । ସିଏ ସେତେବେଳକୁ ସେ ପ୍ରଶାନ୍ତ, ଅବିଚଳିତ, ଅପରିଚିତ ବ୍ୟକ୍ତିଙ୍କୁ ନେଇ କ୍ଳାନ୍ତ ହୋଇ ପଡ଼ିଥିଲା ।

ରୋବ୍ ଖୁବ୍ ଯତ୍ନ ସହକାରେ ସେ ବ୍ୟକ୍ତିଙ୍କର ମୁଖମଣ୍ଡଳକୁ ନିରୀକ୍ଷଣ କରୁଥିଲା । ବ୍ୟକ୍ତି ଜଣକ ଖୁବ୍ ଶାନ୍ତ ଥିଲେ; ତାଙ୍କର ଆଖି ଦୁଇଟି ଉଜ୍ଜ୍ୱଳ ଦିଶୁଥିଲା । କିନ୍ତୁ କାହିଁକି ସେ ସର୍ବଦା ହସ ହସ ଦିଶୁଥିଲେ, ମୁଖମଣ୍ଡଳରେ ଏକ ଶାନ୍ତ ଏବଂ ପରିତୃପ୍ତ ହସ, ଯେପରି ଏ ପୃଥିବୀରେ ସବୁକିଛି ଠିକ୍ ଅଛି । ଏହା ରୋବ୍ ମନରେ କୌତୂହଳ ଭରି ଦେଲା ।

''କାହିଁକି ସେ ଲୋକଟି ରାଗୁ ନାହାଁନ୍ତି ? ସେ ଆଘାତ ପାଇଲେ ବି ହସୁଛନ୍ତି !'' ରୋବ୍ ବିସ୍ମୟାଭୂତ ହୋଇ କହିଲା ।

''ସେଥିରେ କିଛି ଯାଏଆସେ ନାହିଁ । ଆମ ଦ୍ୱାରା ନିଷ୍ପୀଡ଼ିତ ବ୍ୟକ୍ତି ଯଦି ପ୍ରତିକ୍ରିୟା ପ୍ରକାଶ ନ କରିବ ତା'ହେଲେ କିଛି ବି ମଜା ନାହିଁ । ଚାଲ ଆଗକୁ ଯାଇ ଆଉ କାହାକୁ ଖୋଜିବା, ଯିଏକି ସହଜରେ ପ୍ରତାରିତ ହୋଇପାରିବ,'' ବାମନ ପ୍ରସ୍ତାବ ଦେଲା ।

''ନା, ଅପେକ୍ଷା କର । ମୁଁ ସେ ବ୍ୟକ୍ତିଙ୍କୁ ପଚାରିବି,'' – ରୋବ୍ କହିଲା ।

''ନା, ନା ! ସେମିତି ଜମା କରନି । ମୁଁ ତେବେ ଯାଉଛି !'' ବ୍ୟାକୁଳ ହୋଇ କହିଲା ବାମନ ।

ରୋବ୍ କିନ୍ତୁ ନିଜ ଜିଦ୍‌ରେ ଅଟଳ ଥିଲା । ''ନା, ମୁଁ ଜାଣିବାକୁ ଚାହୁଁଛି,''– ସେ କହିଲା ।

''ତାକୁ ଛାଡ଼ିଦେ । ଚାଲ ଆମେ ଆମର ଖଳ ପ୍ରବୃତ୍ତିର କାର୍ଯ୍ୟସବୁ ଅନ୍ୟ ଲୋକମାନଙ୍କ ଉପରେ ପ୍ରୟୋଗ କରିବା !'' ଅନୁନୟ କରି କହିଲା ବାମନ ।

''ନା, ମୁଁ ସେ ବ୍ୟକ୍ତି ବିଷୟରେ ଅଧିକ ଜାଣିବାକୁ ଚାହେଁ,'' – ରୋବ୍ ଦୃଢ଼ଭାବରେ ଜବାବ ଦେଲା ।

ରୋବ୍ ଏବଂ ବାମନ ତର୍କ କରିବାକୁ ଆରମ୍ଭ କଲେ; ଏବଂ ପରିଶେଷରେ ବାମନ କହିଲା, ''ଠିକ୍ ଅଛି, ତୋର ଯାହା ଇଚ୍ଛା କର ।'' କ୍ରୋଧାନ୍ୱିତ ଓ ବିରକ୍ତ ହୋଇ ଯାଇ ସେ ଗୋଟାଏ ଗଛ ଉପରେ ବସିଲା । ସେ ଦେଖିବାକୁ ଚାହୁଁଥିଲା ରୋବ୍ କ'ଣ କରୁଛି ।

ରୋବ୍ ସେହି ବ୍ୟକ୍ତିଙ୍କ ନିକଟକୁ ଗଲା, ଯିଏକି ସେ ଗଛର ଗଣ୍ଡିକୁ ଆଉଜି ବିଶ୍ରାମ ନେଉଥିଲେ ।

''ଏହା କିପରି ସମ୍ଭବ, ତୁମେ ମୋତେ ବି ରାଗୁ ନଥିଲ ? ଆମେ ଏତେ ବେଶୀ ଦୁଷ୍ଟାମି କାମ କରୁଥିଲୁ; କିନ୍ତୁ ମନେ ହେଉଥିଲା ଏହା ତୁମକୁ ସାମାନ୍ୟ ଭାବେ ବିବ୍ରତ କରୁ ନଥିଲା !'' ରୋବ୍ ଉତ୍ତେଜିତ ଭାବେ ପ୍ରଶ୍ନ କଲା ।

ବ୍ୟକ୍ତି ଜଣକ ସରଳ ଭାବରେ ହସିଦେଲେ ।

''ମୋତେ କୁହ ନା !'' ରୋବ୍ ଅନୁନୟ କରି କହିଲା ।

ବ୍ୟକ୍ତି ଜଣକ ପୁନର୍ବାର ହସିଲେ, ତଥାପି କିଛି କହିଲେ ନାହିଁ ।

''ମୋତେ କୁହ !'' – ରୋବ୍ ଉଚ୍ଚକଣ୍ଠରେ କହିଲା ।

ବ୍ୟକ୍ତି ଜଣକ ସେମିତି ହସି ଚାଲିଲେ ।

ରୋବ୍ ନିରବୀ ଗଲା । ପରିଶେଷରେ ସେ ନିବେଦନଭରା କଣ୍ଠରେ କହିଲା, ''ଦୟାକରି, ଦୟାକରି

ମୋତେ କୁହ ।'' କିଛି ସମୟ ପରେ, ଅଧିକ ଶାନ୍ତଭାବରେ ସେ ପଚାରିଲା, ''ତୁମେ କାହିଁକି ସବୁବେଳେ ହସୁଛ ?''

ଏଥରକ ସେ ବ୍ୟକ୍ତି ଜଣକ ରୋବ୍ ଆଡ଼କୁ ଚାହିଁଲେ । ସେ ପୁନର୍ବାର ହସିଲେ, ତଥାପି କିଛି କହିଲେ ନାହିଁ । ଯଦିଓ ସେ କିଛି ଶବ୍ଦ ଉଚ୍ଚାରଣ କଲେନି; ତାଙ୍କର ଦୃଷ୍ଟି ଅନେକ କ୍ଷଣ ପ୍ରସାରିତ ହୋଇ ରହିଥିଲା, ଯେମିତି କେତେ ମୂଲ୍ୟବାନ୍ ଅର୍ଥ ଅଭିବ୍ୟକ୍ତ କରି ଚାଲିଥିଲା ଭଳି ବୋଧ ହେଉଥିଲା ।

କିଛି କ୍ଷଣ ପରେ ରୋବ୍ ପୁଣି ଖୁବ୍ ସ୍ଥିର ଭାବରେ ପ୍ରଶ୍ନ କଲା, ''ଏହା କିପରି ସମ୍ଭବ ଯେ ତୁମେ ଆଦୌ କ୍ରୋଧିତ ହେଉ ନାହଁ ? ତୁମର ବ୍ୟବହାରରେ ମୋର କୌତୂହଳ ଜାତ ହେଉଛି । ଦୟାକରି, ତୁମର ସେ ଗୋପନୀୟ ତତ୍ତ୍ୱ ମୋତେ କହିବ କି ?''



ଏଥର ସେ ବ୍ୟକ୍ତି ଜଣକ ଖୁବ୍ ମୃଦୁଭାବରେ ହସିଲେ ଓ କହିଲେ, ''ଆସ ଓ ମୋ ପାଖରେ ବସ । ତୁମର ଚିନ୍ତାଧାରା ଓ କାର୍ଯ୍ୟକଳାପ ତୁମ ଭିତରେ ଓ ବାହାରେ ଏକ ପରିବେଶ ସୃଷ୍ଟି କରେ । ଯଦି ତୁମର ଚିନ୍ତାରାଜି ଓ କାର୍ଯ୍ୟକଳାପ ଉତ୍ତମ ଓ ମହତ୍ ହୋଇଥିବ, ତୁମ ଚାରିପଟେ ସବୁକିଛି ସୁରୁଚିପୂର୍ଣ୍ଣ ହୋଇଯିବ । ଯାହା ବି ହେଉ, ଯଦି ତୁମର ଚିନ୍ତାଗୁଡ଼ିକ ଓ କାର୍ଯ୍ୟକଳାପ ଖଳପ୍ରବୃତ୍ତିର ହୋଇଥିବ, ତେବେ ତୁମର ଚାରିପଟେ ଖୁବ୍ ଦୟନୀୟ ପରିବେଶ ସୃଷ୍ଟି ହେବ ।''

ରୋବ୍ ଖୁବ୍ ନିଶ୍ଚଳ ନୀରବ ଥିଲା, ଚିନ୍ତା କରୁଥିଲା ସେ ବ୍ୟକ୍ତଜଣକ କ'ଣ କହିଲେ । ସେଇ ଗେରୁଆ ବସ୍ତ୍ର ପରିହିତ ବ୍ୟକ୍ତିଙ୍କର କିଛି ଗୋଟେ ତା'ର ହୃଦୟର ଗଭୀରକୁ ସ୍ପର୍ଶ କଲା ।

''ଏପରିକି ଯେତେବେଳେ ତୁମେ ମୋ ଉପରକୁ ଢେଲା ଫିଙ୍ଗୁଥିଲ କିଂବା ମୋ ଖାଦ୍ୟରେ କାଦୁଅ ପକାଇ ଦେଲ, ମୁଁ ତୁମର କୌଣସି ଅମଙ୍ଗଳ କାମନା କରି ନାହିଁ । ଫଳରେ, ତୁମର କୁକର୍ମ ଦ୍ୱାରା ମୁଁ ପ୍ରଭାବିତ ହୋଇ ନାହିଁ । ଅନ୍ୟ ପକ୍ଷରେ, ତୁମ ପ୍ରତି ମୋର ଶୁଭେଚ୍ଛା ତୁମ ଭିତରେ ଏକ ସଦ୍‌ଗୁଣର ବୀଜ ରୋପଣ କରିଛି ।''

''ଏକ ସଦ୍‌ଗୁଣର ବୀଜ ?'' ବାସ୍ତବିକ୍ ଆଗ୍ରହାନ୍ୱିତ ହୋଇ ରୋବ୍ ପଚାରିଲା ।

''ହଁ । ତୁମେ ମୋ ସମ୍ପର୍କରେ କୌତୂହଳୀ ହୋଇ ଉଠିଥିଲ ଏବଂ ସେହି କୌତୂହଳ ତୁମକୁ ଏଠାରେ ଆଣି ପହଞ୍ଚାଇଛି । ତୁମେ ଦେଖିପାରୁଛ ତ ସେ ଦୁଷ୍ଟ ବାମନ ଗଛ ଉପରେ ବସି ରହିଛି ? ତୁମେ ଯେତେ ଯେତେ ଖରାପ କାର୍ଯ୍ୟ କରିବ ସେ ସେତେ ଅଧିକ ଶକ୍ତିଶାଳୀ ହୋଇ ଉଠିବ । ଏପରି ଏକ ସମୟ ଆସିବ ଯେତେବେଳେ ସେ ତୁମ ଜୀବନ ଉପରେ ଅଧିକାର ସାବ୍ୟସ୍ତ କରି ବସିବ । ତା' ପରଠାରୁ ତୁମେ ତା' ହାତରେ ଗୋଟାଏ କଣ୍ଢେଇ ହୋଇଯିବ ଏବଂ ସେ ତା'ର ଇଚ୍ଛା ଅନୁଯାୟୀ ତୁମକୁ ନଚାଇବ; ଏବଂ ତୁମକୁ ଏହା ଖୁବ୍ ବିଷାଦଗ୍ରସ୍ତ ଓ ଦୟନୀୟ କରି ତୋଳିବ । ତୁମେ କ'ଣ ତୁମର ଭବିଷ୍ୟତ୍ ଏହିପରି ହେଉ ବୋଲି ଚାହୁଁଛ ?'' – ସେ ବ୍ୟକ୍ତି ଜଣକ ପଚାରିଲେ । ତାଙ୍କର ପ୍ରତିଟି ଶବ୍ଦ ତଥା ଉଚ୍ଚାରଣରୁ ଯେପରି କରୁଣା ନିର୍ଗତ ହେଉଥିଲା ।

''ନା ।'' ରୋବ୍ ଖୁବ୍ ଦୃଢ଼ କଣ୍ଠରେ କହିଉଠିଲା ।

''ତେବେ ତୁମ ହୃଦୟର ଗଭୀରରେ ରୋପିତ ହୋଇ ରହିଥିବା ମହତପଣିଆକୁ ଅନୁସରଣ କର । ତାକୁ ଖୁବ୍ ଯତ୍ନ ସହକାରେ ପାଳନ ପୋଷଣ କର ଏବଂ ମହତ୍ ଓ ଉଦାର କାର୍ଯ୍ୟ ରୂପକ ଜଳ ସେଥିରେ ସିଞ୍ଚନ କର,'' – ବ୍ୟକ୍ତି ଜଣକ କହିଲେ ।

ରୋବ୍ ସେଠାରେ କିଛି କ୍ଷଣ ଅଟକି ରହିଲା । ତା'ପରେ ଖୁବ୍ ଧୀର ସ୍ଥିର ଭାବରେ ସେ ଗଛ ନିକଟରୁ ଅପସରି ଗଲା ।

ସେ ସେଦିନ ଯାହା ଶିକ୍ଷା କରିଥିଲା ଖୁବ୍ ଗଭୀର ଭାବରେ ସେସମ୍ପର୍କରେ ଚିନ୍ତା କରୁଥିଲା । ସେହି ବାମନ ଭୂତ କଥା ସେ ସମ୍ପୂର୍ଣ୍ଣ ଭୁଲି ଯାଇଥିଲା ।

''ଏଠାକୁ ଫେରିଆ !'' ବାମନ ଭୂତଟି ଚିତ୍କାର କରି ତାକୁ ଡାକୁଥିଲା । ''ହେ ରୋବ୍, ଏଠାକୁ ଫେରିଆସେ !'' ସେ ପୁଣି ଥରେ ଡାକିଲା ।

ରୋବ୍ ଆଉ ପଛକୁ ଫେରି ଚାହିଁଲାନି । ଅନ୍ୟ ପକ୍ଷରେ ସେ ସିଧାସଳଖ ସମ୍ମୁଖକୁ ଚାହୁଁଥିଲା । ତା' ଭିତରେ ଏକ ପରିବର୍ତ୍ତନ ଆସିଯାଇଥିଲା । ସେ ଭିତରୁ ହିଁ ପରିବର୍ତ୍ତିତ ହୋଇ ଯାଇଥିଲା : ଖୁବ୍ ଆନନ୍ଦ ଓ ମୁକ୍ତ ଅନୁଭବ କରି ସେ ହସି ଉଠିଲା ।

(Walk the Luminous Path ରୁ ସଂଗୃହୀତ ।
© Navavihan and Meera Guthi,
ପ୍ରାପ୍ତିସ୍ଥାନ – VAK)

ଅନୁବାଦ ଓ ଉପସ୍ଥାପନା : ଜୟନ୍ତୀ

❑❑❑

## ଯେଉଁ ପରିବେଶ ତୁମେ ସୃଷ୍ଟି କର

ତୁମେ ଯେଉଁ କର୍ମ କର, ତାହା ଯେଉଁ ପରିବେଶ ସୃଷ୍ଟି କରେ ତୁମେ ସେହି ପରିବେଶକୁ ତୁମ ସହିତ ବହନ କରି ଆତଯାତ ହେଉଥାଅ । ଏବଂ ସେହି ପରିବେଶ ତୁମ ଚାରିପଟେ ରହେ, ତୁମ ଭିତରେ ମଧ୍ୟ ରହିଥାଏ । ଏବଂ ତୁମର କର୍ମ ଯଦି ସୁନ୍ଦର, ଉତ୍ତମ ଓ ସଂଗତିପୂର୍ଣ୍ଣ ହୋଇଥାଏ, ତେବେ ତୁମର ନିଜସ୍ୱ ପରିବେଶଟି ମଧ୍ୟ ସେହିପରି ସୁନ୍ଦର, ଉତ୍ତମ ଓ ସୁସଙ୍ଗତ ହୋଇଥାଏ ।...

ଯେତେବେଳେ ତୁମେ ଭଲ ହୋଇଥାଅ – ଯେତେବେଳେ ତୁମେ ଉଦାର, ମହତ୍, ନିର୍ଲିପ୍ତ, ଦୟାଳୁ ହୋଇଥାଅ, ସେତେବେଳେ ତୁମେ ତୁମ ନିଜ ଭିତରେ ଓ ତୁମ ଚତୁଃପାର୍ଶ୍ୱରେ ଏକ ନିର୍ଦ୍ଦିଷ୍ଟ ପରିବେଶ ତିଆରି କରିଥାଅ ଏବଂ ଏହି ପରିବେଶଟି ସ୍ୱତଃ ଆଲୋକମୟ ହୋଇଥାଏ । ସେତେବେଳେ ତୁମେ ସୂର୍ଯ୍ୟାଲୋକରେ ଫୁଲଟିଏ ଫୁଟିଲା ପରି ଫୁଟିଉଠ – ଏବଂ ତହିଁରେ ନିଃଶ୍ୱାସ-ପ୍ରଶ୍ୱାସ ମଧ୍ୟ ନେଉଥାଅ । ସେତେବେଳେ ତୁମ ଭିତରେ ସେହି ଯନ୍ତ୍ରଣାଦାୟକ ଭୟ ବା ବିରକ୍ତି ନ ଥାଏ, ତିକ୍ତତା ନ ଥାଏ, ବିଦ୍ରୋହ ନ ଥାଏ, ଦୁଃଖ ବି ନ ଥାଏ । ସ୍ୱତଃସ୍ଫୂର୍ତ୍ତ ଭାବରେ, ସ୍ୱାଭାବିକ ଭାବରେ ତୁମଠାରୁ ନିଃସୃତ ପରିବେଶଟି ଆଲୋକିତ ହୋଇଉଠେ ଏବଂ ଏକ ଆନନ୍ଦଘନ ବାୟୁକୁ ତୁମେ ତୁମର ଶ୍ୱାସ-ପ୍ରଶ୍ୱାସରେ ନେଇଥାଅ ।...

ଯେକୌଣସି ଭୁଲ୍ କାର୍ଯ୍ୟ ତୁମ ଚେତନା ଉପରେ ଏକ ଶୁଷ୍କ ପବନ ବୁହାଇ ତୁମକୁ ଶୁଖାଇ ଦିଏ – ଏକ ଥଣ୍ଡା ପବନ ବୁହାଇ ତୁମକୁ ବରଫ ଭଳି କଠିନ କରିଦିଏ କିଂବା ଏକ ଗରମ ଝାଞ୍ଜି ପବନ ବୁହାଇ ତୁମକୁ ପୋଡ଼ି ପକାଏ ।

ପ୍ରତିଟି ଭଲ ଆଉ ଦୟାର୍ଦ୍ର କର୍ମ ଆଲୋକ ନେଇଆସେ । ନେଇଆସେ ଶାନ୍ତି, ଆନନ୍ଦ – ଆଉ ନେଇଆସେ ସେଇ ନରମ ସୂର୍ଯ୍ୟକିରଣ ଯାହା ଭିତରେ ଫୁଲମାନେ ଫୁଟୁଥା'ନ୍ତି ।

– ଶ୍ରୀମା

# ଅର୍ଦ୍ଧସ୍ୱର୍ଗରେ ତ୍ରିଶଙ୍କୁ

## (କାହାଣୀର ଏକ କାଳ୍ପନିକ ଚିତ୍ରଣ)

**ଆର୍ତ୍ତତ୍ରାଣ ମିଶ୍ର**

ପୁରାଣ ଯୁଗର କଥା । ମହାରାଜା ତ୍ରିଶଙ୍କୁ ଥିଲେ ଅଖଣ୍ଡ ସାମ୍ରାଜ୍ୟର ଅଧିପତି । ଅପ୍ରମିତ ଜନଧନରେ ଶକ୍ତିଶାଳୀ । ବିରାଟ ସେନା ବାହିନୀର ଅଧିପତି । ଯେତେ ସୁଖ କଳ୍ପନା କରା ଯାଇପାରେ ସେ ସମସ୍ତ ସେ ଉପଭୋଗ କରି ସାରିଛନ୍ତି । ତାଙ୍କର ସମସ୍ତ ଶତ୍ରୁଙ୍କୁ ସେ କରିଛନ୍ତି ପ୍ରତିହତ । ଏସବୁ ଥାଇ ସେ ଅନୁଭବ କରୁଛନ୍ତି କିଛି ଅଭାବ । କାରଣ ଯେତେ ସୁଖ ସେ ଆହରଣ କରୁଛନ୍ତି, କିଛିକାଳ ସେ ସୁଖ ଅନୁଭବ କଲା ପରେ କୁଆଡ଼େ ମିଳାଇ ଯାଉଛି କିଂବା ଅସୁଖ ଲାଗୁଛି । କିଛି ଜ୍ଞାନୀ ପଣ୍ଡିତଙ୍କୁ ପରାମର୍ଶ କଲେ ଜାଣି ହେବ କିପରି ଅଖଣ୍ଡ ଆନନ୍ଦ ମିଳି ପାରିବ । ସେମାନେ ଶାସ୍ତ୍ର ଉଦ୍ଧାର କରି କହିଲେ କେବଳ ସ୍ୱର୍ଗରେ ହିଁ ଅଖଣ୍ଡ ଆନନ୍ଦ ମିଳି ପାରିବ । ତାହା ହେଲେ ସ୍ୱଦେହରେ କିପରି ସ୍ୱର୍ଗକୁ ଯାଇ ହେବ ! ରାଜ୍ୟର ମୁନିଋଷିମାନଙ୍କୁ ପରାମର୍ଶ କଲେ – କିନ୍ତୁ ସମସ୍ତେ କହିଲେ ଏହା ଅସମ୍ଭବ । ଶେଷରେ ପହଞ୍ଚିଲେ ମହାମୁନି ବିଶ୍ୱାମିତ୍ରଙ୍କ ପାଖରେ । ବ୍ରହ୍ମ ତେଜରେ ତେଜସ୍ୱୀ ସେ ମହାମୁନି । ତ୍ରିଶଙ୍କୁଙ୍କ ଅନୁରୋଧ ଶୁଣି କିଛି କ୍ଷଣ ଚିନ୍ତା କରି କହିଲେ ଅସମ୍ଭବ ହେଲେ ମଧ ଚେଷ୍ଟା କରି ସମ୍ଭବ କରି ହେବ ।

ଏକ ମହାଯଜ୍ଞର ଆୟୋଜନ ହେଲା । ବିଶ୍ୱାମିତ୍ରଙ୍କ ପୌରୋହିତ୍ୟରେ ଯଜ୍ଞ ଆରମ୍ଭ ହେଲା । ରାଜ୍ୟର ଅନେକ ମୁନିଋଷି ଉପସ୍ଥିତ ହେଲେ କିପରି ମହାରାଜ ତ୍ରିଶଙ୍କୁ ସ୍ୱଦେହରେ ସ୍ୱର୍ଗକୁ ଯିବେ ଦେଖିବା ନିମନ୍ତେ । ବେଦମନ୍ତ୍ର ପାଠରେ ଯଜ୍ଞ ଚାଲିଲା ଅନେକ ଦିନ । ଶେଷରେ ପୂର୍ଣ୍ଣାହୁତିର ସମୟ ଉପସ୍ଥିତ । ବିଶ୍ୱାମିତ୍ର ପୂର୍ଣ୍ଣାହୁତି ଦେଇ ଆଦେଶ ଦେଲେ ମହାରାଜ ତ୍ରିଶଙ୍କୁଙ୍କୁ ସ୍ୱର୍ଗକୁ ଆରୋହଣ କରିବା ନିମନ୍ତେ । ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଦେଖୁଛନ୍ତି, ତ୍ରିଶଙ୍କୁ ଧୀରେ ଧୀରେ ଉର୍ଦ୍ଧ୍ୱଗାମୀ ।

ସ୍ୱର୍ଗରେ ପଡ଼ିଲା ଚହଳ, କିପରି ଦେହଧାରୀ ଜଣେ ମନୁଷ୍ୟ ଦେବତାଙ୍କ ସହ ରହିବ । କେବଳ ପୁଣ୍ୟ କର୍ମ କରିଥିବା ମନୁଷ୍ୟର ଆତ୍ମା ସ୍ୱର୍ଗକୁ ଆସିପାରେ ଏବଂ ପୁଣ୍ୟ କ୍ଷୟ ହେଲେ ପୁଣି ମର୍ତ୍ତ୍ୟକୁ ଫେରିଯାଏ । ଇନ୍ଦ୍ର ସ୍ୱର୍ଗର ଦ୍ୱାରଦେଶରେ ରହି ତ୍ରିଶଙ୍କୁ ସେଠାରେ ପହଞ୍ଚିବା କ୍ଷଣି କହିଲେ – ''ଏଠାରେ ତୁମର ସ୍ଥାନ ନାହିଁ ଫେରିଯାଅ ।'' ତ୍ରିଶଙ୍କୁଙ୍କର ନିମ୍ନମୁଖୀ ପତନ ଆରମ୍ଭ ହେଲା । ମର୍ତ୍ତ୍ୟରେ ବିଶ୍ୱାମିତ୍ର ଥାଇ ଦେଖିଲେ ତ୍ରିଶଙ୍କୁଙ୍କର ନିମ୍ନଗାମୀ ପତନ । ସେ ତତ୍‌କ୍ଷଣାତ୍ ଆଦେଶ ଦେଲେ – 'ତତ୍ର ତିଷ୍ଠ' – 'ସେଠାରେ ରହିଯାଅ । ମୁଁ ତୁମ ପାଇଁ ସୃଷ୍ଟି କରିବି ଏକ ସ୍ୱର୍ଗ ।' ସେହି ଅର୍ଦ୍ଧ ସ୍ୱର୍ଗରେ ରହିଗଲେ ତ୍ରିଶଙ୍କୁ ।

ବହୁକାଳ ଅତୀତ ହୋଇ ଯାଇଛି । ଅର୍ଦ୍ଧ ସ୍ୱର୍ଗରେ ତ୍ରିଶଙ୍କୁ ପାଇପାରୁ ନାହାନ୍ତି ସେହି ଅଖଣ୍ଡ ଆନନ୍ଦ ଯାହା ଆଶା କରିଥିଲେ । ସବୁ ଅଛି, କିନ୍ତୁ କ୍ଷଣିକ ସୁଖ ଟିକିଏ ଦେଇ ମିଳାଇ ଯାଉଛି । ଶେଷରେ ପରମ ବିଧାତାଙ୍କୁ ପ୍ରାର୍ଥନା କରି ଧ୍ୟାନମଗ୍ନ ହେଲେ । ବିଧାତା ପ୍ରାର୍ଥନା ଶୁଣି ଆବିର୍ଭୂତ ହେଲେ, କହିଲେ – ଏ ସମଗ୍ର ସଂସାର କେବଳ ଆନନ୍ଦ ପାଇଁ ହିଁ ସୃଷ୍ଟି । ସେଥିପାଇଁ ସମସ୍ତେ ଖୋଜୁଛନ୍ତି ଆନନ୍ଦ । ମୁଁ ନିଜେ ଏହି ଆନନ୍ଦ ଉପଭୋଗ ପାଇଁ ସୃଷ୍ଟି ମଧ୍ୟରେ ନିମଗ୍ନ । ସେଥିପାଇଁ ନାନା ରୂପ ନେଇଛି – ମତ୍ସ୍ୟ, କଚ୍ଛପଠାରୁ ଆରମ୍ଭ କରି ଡାଇନୋସରସ୍ । ନାନା ପଶୁପକ୍ଷୀରୁ ଶେଷରେ ମନୁଷ୍ୟ । ନିଶ୍ଚେଷ୍ଟ ଜଡ଼ ଚେତନାରୁ ଆରମ୍ଭ କରି ସ୍ତର ସ୍ତର କରି ମୋ ଚେତନାକୁ, ପ୍ରାଣ-ଚେତନା, ମନ-ଚେତନା ରୂପରେ ଅଜାଡ଼ି ଦେଇଛି । ଏବେ ମନ ହେଉଛି ସବୁଠାରୁ ଶ୍ରେଷ୍ଠ ଚେତନା, ଯାହାକୁ ନେଇ ମନୁଷ୍ୟ ଗର୍ବ କରେ – ମନୋମୟ ପ୍ରାଣ ଶରୀରର ନେତା; କିନ୍ତୁ ଆନନ୍ଦ ପାଇଁ ବ୍ୟାକୁଳ ସୃଷ୍ଟି ମନ-ଚେତନାରେ ଶେଷ ହୋଇ ନାହିଁ । କାରଣ ମନ ସେ ଆନନ୍ଦକୁ ଧାରଣ କରିପାରିବ ନାହିଁ । ମୁଁ ସେଥିପାଇଁ ମନଠାରୁ ଉର୍ଦ୍ଧ୍ୱ ଅତିମାନସ ଚେତନାକୁ ସୃଷ୍ଟିରେ ଢାଳି ଦେଇଛି । ଏହି ଅତିମାନସ ଚେତନା ପୃଥିବୀରେ ଅନେକ ଓଲଟପାଲଟ କରୁଛି, ଯାହାର ସ୍ଥାନ ନେବ ନୂତନ ସୃଷ୍ଟି । ମଣିଷମାନେ ବର୍ତ୍ତମାନ ଏହାକୁ ଚିହ୍ନି ପାରୁ ନାହାନ୍ତି, ଜାଣି ପାରୁ ନାହାନ୍ତି କାରଣ ମନ-ଚେତନା ସହ ତା'ର ସମ୍ବନ୍ଧ ସ୍ଥିର ହୋଇ ନାହିଁ । ଏହା ସହିତ ସମ୍ବନ୍ଧିତ ହେବାକୁ ଚାହିଁଲେ ସେଥିପାଇଁ ଶ୍ରଦ୍ଧା କରିବା ଆବଶ୍ୟକ । ମୁଁ ସେଥିପାଇଁ କହିଛି, ''ଯୋ ଯତ୍ ଶ୍ରଦ୍ଧଃ ସ ଏବମ୍ ।'' ଯେ

ଯେପରି ଶ୍ରଦ୍ଧା କରେ ସେ ସେପରି ହୋଇଯାଏ । ଏହି ଅତିମାନସ ସତ୍ୟ ସୃଷ୍ଟିରେ ସାହାଯ୍ୟ କରିବା ପାଇଁ ମୁଁ ଅତିମାନବ ଚେତନା (Superman)କୁ ପ୍ରସାର କରିଛି । ଯେଉଁମାନେ ନିଜର କ୍ଷୁଦ୍ର ଅହଂ ସ୍ୱାର୍ଥରୁ ଉଠି ଆସି ଏହା ପାଇଁ ଅଭୀପ୍ସା କରିବେ ସେମାନେ ଅତିମାନବ ହୋଇ ପାରିବେ, ଯେଉଁ ଅତିମାନବ ଏକ ଆଲୋକୋଜ୍ଜ୍ୱଳ ମନର ଅଧିକାରୀ ହେବ, ଯେ ନିର୍ଭୁଲ ଭାବରେ ସମସ୍ତ କାର୍ଯ୍ୟ ଜାଣିପାରିବ ଓ କରିପାରିବ । ଏହି ଅତିମାନବ ହିଁ ବିଜ୍ଞାନମୟ ପୁରୁଷ ସୃଷ୍ଟି କରିବ, ଯାହା ସମଗ୍ର ପୃଥିବୀକୁ ଏକ ଆନନ୍ଦ ଧାରାରେ ପ୍ଲାବିତ କରିବ । ସେତେବେଳେ ପୃଥିବୀ ହିଁ ସ୍ୱର୍ଗ ପାଲଟି ଯିବ । କିନ୍ତୁ ମନେରଖ, ଏସବୁ ଚମତ୍କାରୀ ଯାଦୁବିଦ୍ୟା ଦ୍ୱାରା ହେବ ନାହିଁ, ହେବ ବିବର୍ତ୍ତନ ଶକ୍ତି ଦ୍ୱାରା ଯାହା ଧୀର ପଦକ୍ଷେପରେ କ୍ରମବର୍ଦ୍ଧମାନ ଗତିରେ ଅଗ୍ରସର ହୁଏ । ଏଥିପାଇଁ ନିଶ୍ଚୟ କିଛି ଶତାବ୍ଦୀ ପ୍ରୟୋଜନ ହେବ ।

ତୁ ଯଦି ଏହି ବିବର୍ତ୍ତନରେ ଭାଗ ନେବାକୁ ଇଚ୍ଛୁକ, ତୋତେ ମର୍ତ୍ତ୍ୟ ଲୋକରେ ପ୍ରବେଶ କରିବାକୁ ପଡ଼ିବ । ତୁ ମର୍ତ୍ତ୍ୟ ଲୋକରେ ମନୁଷ୍ୟ ଶରୀର ନେଇ ଜନ୍ମ ନେଲେ ମୁଁ ତୋ ମଧ୍ୟରେ ଅନ୍ତରାତ୍ମା ରୂପେ ରହିଥିବି । ତୁ ଯଦି ସଂସାରର ବିକ୍ଷିପ୍ତ ବସ୍ତୁରାଜିରେ ମଜ୍ଜି ନଯାଇ ତୋର ଅଭୀପ୍ସା ସେହି ଅତିମାନସ ଆଲୋକ ପ୍ରତି ଅକ୍ଷୁଣ୍ଣ ରଖିଥିବୁ, ମୁଁ ତୋତେ ସଂସାରର ଦୁର୍ଗମ ପଥରେ ବାଟ କଢ଼ାଇ ନେଉଥିବି ଶେଷ ଲକ୍ଷ୍ୟ ପର୍ଯ୍ୟନ୍ତ । ନିଶ୍ଚୟ ସେ ପଥରେ ଅନେକ ବାଧାବିଘ୍ନ, ବିପଦ ପଡ଼ିବ, ସଂଗ୍ରାମ କରିବାକୁ ପଡ଼ିବ । କିନ୍ତୁ ତୁ ସବୁବେଳେ ମୋର ଆଶ୍ରୟ ନେଇ ଅଗ୍ରସର ହୋଇ ପାରିବୁ । ତୁ ଏଥିପାଇଁ ପ୍ରସ୍ତୁତ କି ? ମୋତେ ଜନ୍ମଜନ୍ମାନ୍ତରରେ ଅନୁସରଣ କରିବାକୁ ପ୍ରସ୍ତୁତ କି ? ବିଧାତା ନୀରବିଲେ ।

ତ୍ରିଶଙ୍କୁ କହିଲେ – ''କରିଷ୍ୟେ ବଚନ ତବ ।'' – ''ପ୍ରଭୋ, ତୁମର କଥା ହିଁ କରିବି ।''

ତ୍ରିଶଙ୍କୁ ଏକ ଉଜ୍ଜ୍ୱଳ ଉଲ୍‌କା ଭଳି ପୃଥିବୀପୃଷ୍ଠକୁ ଖସି ଆସିଲେ । ବନାରଣ୍ୟ ମଧ୍ୟରେ ଏକ ସନ୍ତାନ ଆଶାୟୀ ଦମ୍ପତିଙ୍କର ଗୋଟିଏ ପୁତ୍ର ସନ୍ତାନ ଜାତ ହେଲା । ସେମାନେ ନାମ ଦେଲେ ତ୍ରିଶଙ୍କୁ । ପ୍ରଥମ କ୍ରନ୍ଦନରୁ ଆରମ୍ଭ ହେଲା ତ୍ରିଶଙ୍କୁର ଯାତ୍ରା । ❑

# ଅସୀମତା ପରପାରେ

## ଅଞ୍ଜଳି ତ୍ରିପାଠୀ

ସାଗରର କାଳି ନେଇ
ଆକାଶର କାଗଜରେ,
ଲେଖିଲି ମହିମା ତବ
ନଗରାଜ ଲେଖନୀରେ ।୧।

ସରିଲାନି ସେ କାଗଜ
ନ ସରିଲା ମସି,
ଅବଶ ଲେଖନୀ ହାତେ
ଭାବେ ବସି ବସି ।୨।

ଲବଣ ଛାର ମୁଁ ହୋଇ
ସାଗର ମାପିଲି ଯାଇ,



ହଜିଲା ନଶ୍ୱର ସତ୍ତା
ଉତ୍ତାଳ ତରଙ୍ଗ ତୀରେ ।୩।

ଅନନ୍ତ ସେ ନିରାକାର
କି ବର୍ଣ୍ଣିବି ଗାଥା ତା'ର,
ସ୍ଫୁରିଲାନି ଭାବ ଭାଷା
ନିଅଣ୍ଟ ଶବ୍ଦ ସମ୍ଭାର ।୪।

ଆକୁତି ହେ ପ୍ରିୟତମ !
କାଟି ସୀମାର ବନ୍ଧନ,
ଜଡ଼ାଅ ଏ ଅକିଞ୍ଚନେ
ଅସୀମତା ପରପାରେ । ❑

# ପ୍ରାର୍ଥନାର ବର୍ଣ୍ଣମାଳା

କିଛିଦିନ ହେଲା ସ୍କଟ୍‌ଲ୍ୟାଣ୍ଡର ସେହି ଚର୍ଚ୍ଚର ଫାଦର ଲକ୍ଷ୍ୟ କରୁଥିଲେ, ତାଙ୍କ ଆସିବା ଆଗରୁ ସାନଝିଅଟିଏ ଆସି ଚର୍ଚ୍ଚରେ ପହଞ୍ଚି ଯାଉଥିଲା । ତା'ର ବୟସ ଖୁବ୍ ବେଶୀରେ ଚାରି କି ପାଞ୍ଚ ହେବ । ଫାଦର ଲକ୍ଷ୍ୟ କରନ୍ତି, କୁନିଝିଅଟି ଯାଇ ଯୀଶୁଙ୍କ ଆଗରେ ମୁଣ୍ଡ ନୁଆଁଇ ଛିଡ଼ାହୁଏ, ଗୁଣୁଗୁଣୁ କରି ପ୍ରାର୍ଥନା ବୋଲେ ଏବଂ ତା'ପରେ ଚୁପ୍‌ଚାପ୍ ପ୍ରଣାମ ଜଣାଇ ଚାଲିଯାଏ ।

ଫାଦର ଭାବନ୍ତି, ଏଡ଼େ ସାନପିଲାଟିଏ କେଉଁ ପ୍ରାର୍ଥନା ବୋଲୁଛି ? ସେ ତ କୌଣସି ପ୍ରାର୍ଥନା ସମ୍ପୂର୍ଣ୍ଣ ଶିଖିବା ବୟସରେ ପହଞ୍ଚି ନାହିଁ । ତେବେ ଝିଅଟିର ଏକାଗ୍ରତା ଦେଖି ସେ ତାକୁ ଡାକନ୍ତି ନାହିଁ କିଂବା କିଛି କହନ୍ତି ନାହିଁ, ବରଂ ସେ ଯିବା ପର୍ଯ୍ୟନ୍ତ ନିଜେ ତା'ର ଦୃଷ୍ଟିର ଅନ୍ତରାଳରେ ରହନ୍ତି । କୁନିଝିଅଟି ଚର୍ଚ୍ଚରୁ ବାହାରି ଗଲା ପରେ ଫାଦର କାନ୍ଥ ଉହାଡ଼ରୁ ବାହାରି ନିଜର ଦାୟିତ୍ୱ ସମ୍ପାଦନ କରନ୍ତି ।

ସେଦିନ କୋହଲା ପାଗ ହୋଇଥାଏ । ମଝିରେ ମଝିରେ ଅସରାଏ ବର୍ଷା ପଡ଼ି ପୁଣି ଛାଡ଼ିଯାଉଥାଏ । ଫାଦର ଭାବିଲେ, ଆଜି ସେ କୁନିଝିଅଟି କେବେ ବି ଚର୍ଚ୍ଚକୁ ଆସି ନ ଥିବ । ଏପରି ପାଗରେ କେଉଁ ସାନପିଲା ବା ଶେଯତଳୁ ବାହାରି ଏତେ ସକାଳୁ ସକାଳୁ ଆସେ ! ସେ ତାଙ୍କ ଛତା ଧରି ବାହାରି ପଡ଼ିଲେ ।

ଏଇ ସମୟରେ ଆଉ ଅସରାଏ ବର୍ଷା ବର୍ଷିଗଲା । ଫାଦର ଗୋଟେ ବଡ଼ ଗଛତଳେ ଟିକିଏ ଅଟକି ରହିଲେ । ଅଳ୍ପ ଦୂର ରହିଲା ଚର୍ଚ୍ଚ । ସେ ଚର୍ଚ୍ଚର ଫାଟକ ଆଡ଼କୁ ଚାହିଁଲେ । ତାଙ୍କ ଦୃଷ୍ଟିରେ ପଡ଼ିଲା ସେଇ ଝିଅଟି । ଗୋଲାପୀ ରଙ୍ଗର ଛତା ମୁଣ୍ଡେଇ ସେ ଚର୍ଚ୍ଚ ଭିତରକୁ ଯାଉଥିଲା । ପିଲାଟିର ନିଷ୍ଠା ଦେଖି ଫାଦର ଦ୍ରବୀଭୂତ ହୋଇଗଲେ । ଭାବିଲେ ଆଜି ତା ସହ ପଦେ ଦିପଦ କଥା ହେବେ ।

ଝିଅଟି ସବୁଦିନ ପରି ଆଖିବୁଜି ଗୁଣୁଗୁଣୁ ହୋଇ ପ୍ରାର୍ଥନା କଲା । ତା'ପରେ ମୁଣ୍ଡ ନୁଆଁଇ ପ୍ରଣାମ ଜଣାଇଲା ।

ଫାଦର ଚଞ୍ଚଳ ହୋଇପଡ଼ିଲେ । କୁନିଝିଅ ତା'ର ଛତା ନେଇ ବାହାରିଯିବା ଆଗରୁ ସେ ଡାକିଲେ, ''ମାଆ, ଟିକେ ଶୁଣିବ ।''

କୁନିଝିଅଟି ଫାଦରଙ୍କୁ ଦେଖି ଅଟକି ଗଲା । ହସି ହସି କହିଲା, ''କ'ଣ ପଚାରିବେ ଫାଦର ?''

ଫାଦର କହିଲେ, ''ମୁଁ କିଛିଦିନ ହେଲା ଦେଖୁଛି, ତୁମେ ସବୁଦିନ ସକାଳେ ଏକା ଏକା ଚର୍ଚ୍ଚକୁ ଆସୁଛ । ପ୍ରାର୍ଥନା ଗାଉଛ ଓ ପ୍ରଣାମ କରି ଚାଲିଯାଉଛ । ତୁମ ସାଥିରେ କେହି ଆସନ୍ତି ନାହିଁ କାହିଁକି ?''

— ଆଗେ ମାଆ ଆସୁଥିଲେ । ମାତ୍ର ତାଙ୍କ ଦେହ ମାସେ ହେଲା ଖରାପ । ସେ ବିଛଣାରେ ଶୋଇ ରହନ୍ତି । ଆସିବେ କେମିତି ?

— ମାତ୍ର ତୁମକୁ କ'ଣ ପ୍ରାର୍ଥନା ଆସେ ? କି ପ୍ରାର୍ଥନା ବୋଲ ? ମୋତେ ଟିକେ କହିବ ।

ଏଥର ଝିଅଟି ଟିକେ ନୀରବ ରହିଲା । ସମ୍ଭବତଃ ସେ କ'ଣ କହିବ ତାହା ଭାବି ହେଉଥିଲା ।

ଫାଦର ତା'ର ପାଖକୁ ଯାଇ ତା' ମୁଣ୍ଡ ଆଉଁଶି ଦେଲେ । ତାକୁ ସାହସ ଦେଇ କହିଲେ, ''କୁହ ମାଆ, ତୁମେ କେଉଁ ପ୍ରାର୍ଥନା ବୋଲ ?''

ଝିଅଟି କହିଲା, ''ମୋତେ କ'ଣ କିଛି ପ୍ରାର୍ଥନା ଆସେ କି ? ମୁଁ କେବଳ ଆଖିବୁଜି ଇଂରାଜୀ ଅକ୍ଷର 'A' ଠାରୁ 'Z' ପର୍ଯ୍ୟନ୍ତ ପାଞ୍ଚଥର କହିଯାଏ । ମୋ ମାଆ କହନ୍ତି, ଆମର ଯେତେ ପ୍ରାର୍ଥନା ସବୁ ଏଇ ଛବିଶଟି ଅକ୍ଷରକୁ ନେଇ ଲେଖା ଯାଇଛି । ଏହି ଅକ୍ଷରଗୁଡ଼ିକୁ ବାଦ୍ ଦେଇ କୌଣସି ପ୍ରାର୍ଥନା ଲେଖାଯାଇ ପାରିବ ନାହିଁ । ଯୀଶୁଙ୍କୁ କହେ, ମୁଁ କିଛି ପ୍ରାର୍ଥନା ଜାଣି ନାହିଁ; ଏଇଥିରୁ ଆପଣ ଆପଣଙ୍କ ମନମୁତାବକ ପ୍ରାର୍ଥନା ତିଆରି କରି ନିଅନ୍ତୁ ।''

କୁନି ଝିଅଟିର କଥା ଶୁଣି ଫାଦର ସ୍ତବ୍ଧ ହୋଇଗଲେ । ସେ ଏଭଳି ଏକ ଉତ୍ତର କଳ୍ପନା କରି ନ ଥିଲେ ।

କୁନିଝିଅଟି ତା' ଘରମୁହାଁ ଚାଲୁଥିଲା । ମୁହୂର୍ତ୍ତକ ପାଇଁ ଫାଦରଙ୍କୁ ଲାଗିଲା ସେହି ନିରୀହ ଝିଅଟି ନିଜେ ହେଉଛି ପ୍ରାର୍ଥନାର ବର୍ଣ୍ଣମାଳା ।

[ସୌଜନ୍ୟ : ସାମାଜିକ ଗଣମାଧ୍ୟମ]

❑❑❑

# ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ

## (୧୬)

ଗୟାଧର ଦାଶ

### ଜୀବନ ବଞ୍ଚିବାର କୌଶଳ ବା ଉତ୍ତମ ଅଭ୍ୟାସମାନର ଶିକ୍ଷା

### (୧)

ପିଲାଟି କିପରି ଖାଇବ, କିପରି ଶୋଇବ, ଚାଲିବ, ପାଠ ପଢ଼ିବ ଏବଂ କିପରି କଥା କହିବ ଆଦି ଟିକିନିଖି ବିଷୟରେ ତାକୁ ପ୍ରାଥମିକ ସ୍ତରରୁ ଶିକ୍ଷା ଦେବାକୁ ହେବ । ଏପରିକି ସେ ଯଦି ଆଗ୍ରହର ସହ ଘରର କୌଣସି କାମ କରିବାକୁ ଚାହେଁ ବା ମାତାପିତାଙ୍କର ବୋଲ ମାନିବାକୁ ଚାହେଁ ତେବେ ଖେଳ ପରି ତାହା ସେ କରିପାରେ । ସେଥିରୁ ତାକୁ ନିବୃତ୍ତ କରିବା ଅନୁଚିତ । କାରଣ କିଛି କରିବା ଦ୍ୱାରା ପିଲାଟି କିଛି ଶିଖିଥାଏ । ଅଭ୍ୟାସ ହିଁ ପ୍ରତ୍ୟେକ ମଣିଷକୁ ସଫଳତା ଆଣି ଦିଏ । ଯେତେ ବଡ଼ କଷ୍ଟକର କାମ ହେଲେ ବି ସେ ତାହା କରିବାକୁ ଯଦି ଆଗ୍ରହ ପ୍ରକାଶ କରେ ତେବେ ତାକୁ ଉତ୍ସାହିତ କରିବା ଭଲ । ତ୍ରୁଟିରେ ପରାମର୍ଶ ଦେବା ଏବଂ ସଫଳତାରେ ପ୍ରଶଂସା କରିବା ଉଚିତ ।

ପିଲା ଯଦି ଜୀବନ ବଞ୍ଚିବାର କୌଶଳଟି ବାଲ୍ୟାବସ୍ଥାରୁ ନ ଶିଖେ ତେବେ ସାମାନ୍ୟ କାମଟିଏ ପାଇଁ ତାକୁ ସର୍ବଦା ଅନ୍ୟ ଉପରେ ନିର୍ଭର କରିବାକୁ ପଡ଼ିଥାଏ । ଏପରିକି ଦୈନନ୍ଦିନ ଜୀବନରେ ଠିକ୍ ଭାବେ ଖାଇବା, ଶୋଇବା, ଚାଲିବା, ସ୍ପଷ୍ଟଭାବେ କଥା କହିବା, ସ୍ୱାସ୍ଥ୍ୟର ଯତ୍ନ ନେବା, ପରିଷ୍କାର ପରିଚ୍ଛନ୍ନ ପ୍ରତି ଧ୍ୟାନ ଦେବା, ବଜାରରୁ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ କିଣିବା ଆଦି ଛୋଟ ଛୋଟ କାର୍ଯ୍ୟ କରିବାରେ ସେ ଅସମର୍ଥ ହୋଇଥାଏ ଯାହା ପରବର୍ତ୍ତୀ ଜୀବନରେ ସମସ୍ୟା ରୂପେ ଦେଖା ଦିଏ । ଯେଉଁ କାର୍ଯ୍ୟକୁ ସେ ଯଥା ସମୟରେ ଅଳ୍ପ ପରିଶ୍ରମରେ କରି ପାରିଥାଆନ୍ତା, ନିଜର ଅଳସୁଆ ଗୁଣ ଯୋଗୁଁ ପରବର୍ତ୍ତୀ ସମୟରେ ସେହି କାର୍ଯ୍ୟଟିକୁ କରିବା ପାଇଁ ତାକୁ ଅନେକ କଷ୍ଟକର ପ୍ରୟାସ କରିବାକୁ ପଡ଼େ ଏବଂ ଅନେକ ଦିନ ଲାଗିଯାଏ । ତେଣୁ ବ୍ୟାବହାରିକ ଜୀବନକୁ ଶୃଙ୍ଖଳିତ କରିବାକୁ ହେଲେ ପିଲାଟି Learning by doing ପ୍ରଣାଳୀରେ ଦୈନନ୍ଦିନ କାର୍ଯ୍ୟଗୁଡ଼ିକୁ ପ୍ରାଥମିକ ଅବସ୍ଥାରୁ ନିଜେ କରିବା ଦ୍ୱାରା ଅନେକ ସମସ୍ୟାର ସମାଧାନ ହୋଇଥାଏ । ଶ୍ରୀମା'ଙ୍କ ଭାଷାରେ :

"It is true that most of the time parents do not teach this because they do not know it themselves ! For they themselves did not have anyone to teach them. So they do not know... they have groped in the dark all their life to learn how to live. And so naturally they are not in a position to teach you how to live, for they do not know it themselves. If you are left to yourself, you understand, it needs years, years of experience to learn the simplest thing, and even then you must think about it. If you don't think about it, you will never learn.

To live in the right way is a very difficult art, and unless one begins to learn it when quite young and to make an effort, one never knows it very well. Simply the art of keeping one's body in good health, one's mind quiet and goodwill in one's heart – things which are indispensable in order to live decently – I don't say in comfort, I don't say remarkably, I only say decently. Well, I don't think there are many who take care to teach this to their children."

(MCW, Vol. 6, P. 152)

ଏହାର ମର୍ମାନୁବାଦ ହେଲା, ''ଏକଥା ସତ ଯେ ଅନେକ ସମୟରେ ମାତାପିତାମାନେ ନିଜେ ଏ ବିଷୟରେ ଆଦୌ କିଛି ଜାଣି ନ ଥା'ନ୍ତି ବୋଲି ପିଲାମାନଙ୍କୁ ଶିଖାଇ ପାରନ୍ତି ନାହିଁ । କାରଣ ସେମାନଙ୍କୁ ମଧ୍ୟ ତାଙ୍କ ସମୟରେ କେହି

ଏକଥା ଶିଖାଇ ନ ଥିଲେ । ତେଣୁ ସେମାନେ ଅଜ୍ଞ ହୋଇ ରହିଥା'ନ୍ତି... ଜୀବନ ବଞ୍ଚିବାର ଏକ ଧାରାରେ ଆସି ପହଞ୍ଚିବା ଲାଗି ସେମାନଙ୍କୁ ସାରା ଜୀବନ ସତେଅବା ଖାଲି ଅନ୍ଧାରରେ ଅଣ୍ଡାଳି ହେବାକୁ ପଡ଼ିଥାଏ । ତେଣୁ ଅତ୍ୟନ୍ତ ସ୍ୱାଭାବିକ ଭାବରେ ସେମାନେ ତୁମମାନଙ୍କୁ ମଧ୍ୟ ବଞ୍ଚିବାର ମାର୍ଗଟିକୁ ଶିଖାଇ ପାରନ୍ତି ନାହିଁ; କାରଣ ସେମାନେ ସ୍ୱୟଂ ଏହା ଜାଣି ନ ଥା'ନ୍ତି । ଯଦି ତୁମକୁ ଏହିପରି ଭାବରେ ନିଜ ଉପରେ ହିଁ ଛାଡ଼ି ଦିଆଯାଏ ତେବେ ତୁମେ ଅବଶ୍ୟ ବୁଝି ପାରୁଥିବ ଯେ ତୁମକୁ ଏଥିଲାଗି ବର୍ଷ ବର୍ଷ ସମୟ ଲାଗେ । ଅତି ସାଧାରଣ କଥାଟିଏ ଶିଖିବା ଲାଗି ମଧ୍ୟ ବହୁ ବର୍ଷର ଅଭିଜ୍ଞତା ଦରକାର ହୁଏ ଏବଂ ଏପରିକି ତା'ପରେ ମଧ୍ୟ ତୁମକୁ ଏ ବିଷୟରେ କେତେ ନା କେତେ ଚିନ୍ତା କରିବାକୁ ପଡୁଥାଏ; ଚିନ୍ତା ନ କଲେ ଶିକ୍ଷା କରିବା ମଧ୍ୟ ସମ୍ଭବ ହୁଏ ନାହିଁ ।

''ଉଚିତ ମାର୍ଗରେ ଜୀବନ ବଞ୍ଚିବା ହେଉଛି ଏକ କଠିନ କଳା ଏବଂ ପିଲା ବୟସରୁ ତାହାକୁ ଶିକ୍ଷା ନ କଲେ ଓ ସେଥିଲାଗି ଏକ ଉଦ୍ୟମ ନ କଲେ ଏହାକୁ କଦାପି ସୁଚାରୁ ରୂପେ ଜଣେ ଶିଖି ପାରିବ ନାହିଁ । ନିଜର ଶରୀରକୁ ଉତ୍ତମ ରୂପେ ସୁସ୍ଥ ରଖିବାର ସାମାନ୍ୟ କଳାଟି, ନିଜର ମନକୁ ଶାନ୍ତ ରଖିବା ଓ ହୃଦୟରେ ସଦ୍‌ଭାବ ରଖିବାର କଳାଗୁଡ଼ିକ – ଭଲ ଭାବରେ ବଞ୍ଚିବାକୁ ହେଲେ ଯେଉଁ କଥାଗୁଡ଼ିକ ପ୍ରକୃତରେ ଅପରିହାର୍ଯ୍ୟ – ଏଠାରେ ମୁଁ ଆରାମଦାୟକ ଭାବେ ବଞ୍ଚିବା ବା ଚମତ୍କାର ଭାବରେ ବଞ୍ଚିବା ବୋଲି ମୋଟେ କହୁ ନାହିଁ, କେବଳ ଭଲ ଭାବରେ ବଞ୍ଚିବା ବୋଲି କହୁଛି । ମୁଁ ଭାବୁଛି, ଏତିକି କଥା ବି ନିଜର ପିଲାମାନଙ୍କୁ ଶିଖାଇବା ନିମିତ୍ତ ଦୃଷ୍ଟି ଦେଉଥିବା ବ୍ୟକ୍ତି ଆଦୌ ଅଧିକ ସଂଖ୍ୟାରେ ନାହାଁନ୍ତି ।''

ପୁନଶ୍ଚ ଆମେ ଶ୍ରୀମା'ଙ୍କର ''ଶିକ୍ଷା ପ୍ରସଙ୍ଗ'' ପୁସ୍ତକ ଅଧ୍ୟୟନ କଲେ ଦେଖିବାକୁ ପାଉ ଶ୍ରୀମା ପିଲାମାନଙ୍କର ପରିଷ୍କାର-ପରିଚ୍ଛନ୍ନତା ଓ ସ୍ୱାସ୍ଥ୍ୟରକ୍ଷା ସମ୍ପର୍କରେ ଯାହା ଉଲ୍ଲେଖ କରିଛନ୍ତି ତା'ର ମର୍ମାର୍ଥ ହେଲା : ପିଲାବେଳୁ ଶିଶୁକୁ ଆଉ ଗୋଟିଏ କଥା ଶିକ୍ଷା ଦେବା ଉଚିତ । ପରିଷ୍କାର ପରିଚ୍ଛନ୍ନତାକୁ ସେ ଭଲ ପାଇବ ଏବଂ ସ୍ୱାସ୍ଥ୍ୟକର ଅଭ୍ୟାସଗୁଡ଼ିକୁ ସେ ପାଳନ କରିବ । କିନ୍ତୁ ଏହି ପରିଷ୍କାର-ପରିଚ୍ଛନ୍ନତା ଏବଂ ସ୍ୱାସ୍ଥ୍ୟର ନିୟମଗୁଡ଼ିକୁ ସମ୍ମାନ ଦେବା ସକାଶେ ଶିଶୁ ଭିତରେ ଯେପରି ରୋଗର ଭୟ ପ୍ରବେଶ ନ କରେ ସେଥିପ୍ରତି ଆମକୁ କଡ଼ା ନଜର ରଖିବାକୁ ହେବ । ଏହି ଭୟ ହେଉଛି ଶିକ୍ଷାର ସବୁଠାରୁ ବଳି ଖରାପ ଉପାଦାନ ଯାହା ଖରାପ ଅଭ୍ୟାସଗୁଡ଼ିକୁ ପ୍ରଶ୍ରୟ ଦେବାର ଏକ ନିଶ୍ଚିତ ମାର୍ଗ । ରୋଗ ପ୍ରତି ଭୟ ନ ଥିଲେ ରୋଗ ଧରିବାର ସମ୍ଭାବନା ମଧ୍ୟ ନ ଥାଏ । ସୁତରାଂ ପିଲାଟି ପଡ଼ି ଯିବାର ଆଶଙ୍କା ନ ରଖି ସେ ନିଜେ ବଞ୍ଚିବା ଶିକ୍ଷା କରୁ ଏବଂ ସ୍ୱାଭାବିକ ଭାବେ ଅଗ୍ରଗତି କରୁ ବୋଲି ସଦିଚ୍ଛା ପୋଷଣ କରିବା ଏକାନ୍ତ ବିଧେୟ । ଦୁଗ୍ଧପୋଷ୍ୟ ଶିଶୁର ଶୋଇବା ସମୟ ତା'ର ଜାଗ୍ରତ୍ ସମୟଠାରୁ ଅଧିକ ହେବା ଉଚିତ । ବୟସ ଅନୁସାରେ ଶୋଇବା ସମୟ ନିର୍ଦ୍ଧାରିତ ହୋଇଥାଏ । ତଥାପି ପିଲାଟି ସାବାଳକ ହେବା ପର୍ଯ୍ୟନ୍ତ ତା'ର ବିଶ୍ରାମ ନେବା ସମୟଟି ଅନ୍ୟୂନ ଆଠ ଘଣ୍ଟାରୁ କମ୍ ହେବା ଅନୁଚିତ । ଅନ୍ୟପକ୍ଷେ ଅନେକ ମାତାପିତା ପିଲାମାନଙ୍କୁ ବାଧ୍ୟ କରି କାମରେ ଲଗାନ୍ତି । ପିଲା ଶାନ୍ତ ହୋଇ ବସିଗଲେ ସେମାନେ ଭାବନ୍ତି ଯେ ତା'ର ଦେହ ଭଲ ନାହିଁ । ପିଲାମାନଙ୍କୁ ସକ୍ରିୟ ରଖିବାକୁ ଯାଇ ଘର କାମରେ ଲଗାଇବା କିଂବା ଅନ୍ୟ କାମରେ ଲଗାଇବା ଦ୍ୱାରା ତା'ର ବିଶ୍ରାମରେ ବ୍ୟାଘାତ ସୃଷ୍ଟି ହୁଏ । ଶ୍ରୀମା ଜୋର୍ ଦେଇ କହିଛନ୍ତି ଯେ ପନ୍ଦର ବର୍ଷରୁ କମ୍ ବୟସର ପିଲାଙ୍କର ଶୋଇବା ସମୟ ରାତ୍ରି ନଅ ଘଟିକାରୁ ଅଧିକ ହେବା ଅନୁଚିତ । ଏହା ଦୁଃଖର କଥା ଯେ ଯେଉଁମାନେ ବିଳମ୍ବରେ ଶୁଅନ୍ତି ସେମାନେ ଅବାଧ ସନ୍ତାନ ।

ଖାଦ୍ୟରେ ପିଲାର ରୁଚି ଓ ଅରୁଚି ଥାଏ । ଏହା ମଧ୍ୟ ପ୍ରତ୍ୟେକ ମାଆବାପାଙ୍କର ନଜରକୁ ଆସିବା ଦରକାର । ଖାଦ୍ୟରେ ଲାଳସା ଏବଂ ଲୋଭରେ ଅଧିକ ଖାଇବା ତଥା ଅନାବଶ୍ୟକ ଓ ସ୍ୱାସ୍ଥ୍ୟପକ୍ଷେ ହାନିକାରକ ଖାଦ୍ୟ ଖାଇବାରୁ ନିବୃତ୍ତ ହେବା ପାଇଁ ମାଆବାପାମାନେ ତୀକ୍ଷ୍ଣ ଦୃଷ୍ଟି ରଖିବା ଉଚିତ । ପାଟି ସୁଆଦିଆ ଖାଦ୍ୟ ଖାଇବା, ଆବୁରୁଜାବୁରୁ ମେଞ୍ଚାଏ ଖାଇ ପେଟ ପୂରାଇବା, ନିଷିଦ୍ଧ ଓ ବିରୁଦ୍ଧାତ୍ମକ ଖାଦ୍ୟ ଖାଇବାରୁ ବିରତ ହେବା ଉଚିତ । ପିଲାକୁ ବୁଝାଇବାକୁ ପଡ଼ିବ ଯେ ଆବଶ୍ୟକତାଠାରୁ ଅଧିକ ଖାଇଲେ ପେଟ ଖରାପ ହୁଏ । ବଞ୍ଚିବା ପାଇଁ ଖାଇବା ଉଚିତ; କିନ୍ତୁ ଖାଇବା ପାଇଁ ବଞ୍ଚିବା ଏକ ମାରାତ୍ମକ ବ୍ୟାଧି । ଖାଦ୍ୟ ପଦାର୍ଥ ନଷ୍ଟ କରିବା ମଧ୍ୟ ଭଲ ନୁହେଁ । କାରଣ ଏହା ଦ୍ୱାରା ଆମକୁ ଅନେକ ସମୟରେ ଖାଦ୍ୟାଭାବରୁ ଉପବାସ ରହିବାକୁ ପଡ଼ିଥାଏ । ଆମ ପାଖରେ ଟଙ୍କା ଅଛି ବୋଲି ଆମେ ଯାହା ଇଚ୍ଛା ତାହା ଖାଇବା ଏବଂ ନ ଖାଇ ପାରିଲେ ଫୋପାଡ଼ି ଦେବା ଦ୍ୱାରା ଗରିବ ଲୋକଟିଏ ତାହା ନ ପାଇ ଉପବାସରେ ରହିଥାଏ । ଆମର ଏ ପ୍ରକାରର

ଅପବ୍ୟବହାର ଯୋଗୁଁ ସମାଜରେ ଅସଙ୍ଗତି ସୃଷ୍ଟି ହୁଏ । ଯେ-କୌଣସି ବସ୍ତୁ ବା ଅର୍ଥର ବ୍ୟବହାର କ୍ଷେତ୍ରରେ ମଧ୍ୟ ମିତବ୍ୟୟୀ ହେବାକୁ ଶିକ୍ଷା ଦେବା ଉଚିତ । ଆମର ପିଲାମାନେ ପେଟପୂରା ଖାଉଥିବା ବେଳେ, ଭଲ ପୋଷାକ ପିନ୍ଧିବା ବେଳେ କିଂବା ଆରାମଦାୟକ ଜୀବନ ବଞ୍ଚୁଥିବା ବେଳେ ଅନ୍ୟ ଗୋଟିଏ ପିଲା ଭିକାରି ରୂପେ ହାତ ପତାଇବାକୁ ଆମେ କେଉଁ ଦୃଷ୍ଟିରେ ଦେଖୁ ତାହା ହିଁ ଶିକ୍ଷା ଦେବ ଆମେ ଜୀବନ ବଞ୍ଚିବାରେ କେତେଦୂର ସଙ୍କୋଚ ରହିଛୁ ।

ପିଲାଟି ଖେଳିଲେ ବହୁତ ଖୁସି ହୁଏ ଏବଂ ତା'ର ଖେଳିବାରେ ସେ ଆମକୁ ଏବଂ ତା'ର ସାଥୀମାନଙ୍କୁ ସାମିଲ କରିଥାଏ । ତେଣୁ ତା'ର ଶରୀରର ବିକାଶ ନିମିତ୍ତ ଭିନ୍ନ ଭିନ୍ନ ଖେଳ କସରତ ଶିକ୍ଷା ଦେବା ଉଚିତ । ଏପରିକି ପିଲାର ଖୁସି ପାଇଁ ଆମେ ନାନା ପ୍ରକାର ଖେଳ ସାମଗ୍ରୀମାନ ଯୋଗାଇ ଦେଇ ତା' ସହିତ ଖେଳିବା ଏବଂ ତା'ର ମନ ପରିବର୍ତ୍ତନ ସକାଶେ ଗଳ୍ପ, କାହାଣୀ, ଗୀତ, ନୃତ୍ୟ ଓ ଅଭିନୟ ଆଦିର ସହାୟ ନେବା ଦ୍ୱାରା ସେ ଉତ୍ସାହିତ ହୋଇଥାଏ ଏବଂ ଶିକ୍ଷାକୁ ଖେଳ ରୂପେ ଗ୍ରହଣ କରିଥାଏ । ସବୁଠାରୁ ବଡ଼ କଥା ହେଲା ପିଲାଟି ଯେପରି ଉତ୍ତମ ଅଭ୍ୟାସଗୁଡ଼ିକୁ ଶିଖି ପାରିବ ସେଥିପ୍ରତି ଯତ୍ନବାନ୍ ହେବା ଉଚିତ । ନିତ୍ୟ ନୈମିତ୍ତିକ କାର୍ଯ୍ୟ ଧାରାରେ ଏପରିକି ଚିନ୍ତା, କଥା ଓ ଆଚାର ବ୍ୟବହାରରେ ମଧ୍ୟ ଉତ୍ତମ ଅଭ୍ୟାସମାନ ଗଠିତ ହେଲେ ପିଲାଟିର ଆତ୍ମ-ବିଶ୍ୱାସ ବଢ଼େ ଏବଂ ସେ ନିଜକୁ କେବେ ବି ଦୁର୍ବଳ ବା ଅକର୍ମଣ୍ୟ ବୋଲି ଭାବେ ନାହିଁ । ଏପରିକି ଜୀବନ କ୍ଷେତ୍ରରେ ନାନା ଅସୁବିଧା ବା ସମସ୍ୟାଗୁଡ଼ିକୁ ସେ ସାହସର ସହିତ ସମ୍ମୁଖୀନ ହୋଇଥାଏ ।

ପୁନଶ୍ଚ ଶ୍ରୀମା କହନ୍ତି, ''ଜୀବନର ପ୍ରାଥମିକ ଅବସ୍ଥାରେ ଶିଶୁ ଯଦି ଉତ୍ତମ ଅଭ୍ୟାସଗୁଡ଼ିକୁ ଶିକ୍ଷା କରେ ତେବେ ଏହା ତାକୁ ତା'ର ପରବର୍ତ୍ତୀ ଜୀବନର ଅନେକ ବାଧା ଓ ଅସୁବିଧାରୁ ରକ୍ଷା କରିବ ଏବଂ ଏହା ବ୍ୟତୀତ ଶୈଶବ କାଳରେ ପିଲାକୁ ଲାଳନପାଳନ କରିବାର ଦାୟିତ୍ୱ ଯେଉଁମାନଙ୍କ ଉପରେ ଥାଏ ସେମାନଙ୍କର କାମ ମଧ୍ୟ ଭବିଷ୍ୟତରେ ବହୁତ ସହଜ ହୋଇଯିବ ।''

(MCW, Vol. 12, P. 12)

(କ୍ରମଶଃ)

❑❑❑

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** Sri Aurobindo Ashram Trust 'Donation' website (donations.sriaurobindoashram.org) ସହାୟତାରେ ପ୍ରଣାମୀ ଦାଖଲ କରିପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।

ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।

ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ - ୨୨୩୩୬୩୩)ଯୋଗେ ଯୋଗାଯୋଗ କରିପାରନ୍ତି ।

— ନବଜ୍ୟୋତି କାର୍ଯ୍ୟାଳୟ

# ଦିବାସ୍ୱପ୍ନ

## (୯)

## ଗିଜୁଭାଇ ବଧେକା

[‘ଦିବାସ୍ୱପ୍ନ’ ଗୋଟିଏ କାହାଣୀ । ଏହାର ରଚନା କାଳ ୧୯୩୨ ମସିହା । ସେସମୟରେ ପରାଧୀନ ଭାରତର ସଂଖ୍ୟା ଗରିଷ୍ଠ ପରିବାର ଦାରିଦ୍ର୍ୟର ସୀମାରେଖା ତଳେ, ଜୀବନ ଯନ୍ତ୍ରଣାରେ ଜର୍ଜରିତ । ସ୍ଥଳବିଶେଷରେ ସାଧାରଣ ଲୋକଙ୍କ ପାଇଁ ସର୍ବନିମ୍ନ ଶିକ୍ଷା ବି ଥିଲା ଅପହଞ୍ଚ । ଏପରିକି ଶିକ୍ଷାୟତନର ଶିକ୍ଷକ/ଶିକ୍ଷୟିତ୍ରୀ, ଅଭିଭାବକ କେହି ବି ଯଥେଷ୍ଟ ସାମର୍ଥ୍ୟବାନ୍, ଯୋଗ୍ୟ ବା ଅଙ୍ଗୀକାରବଦ୍ଧ ନ ଥିଲେ ଶିଶୁମାନଙ୍କୁ ଯଥାର୍ଥ ଭାବେ ଶିକ୍ଷିତ କରିବାକୁ ।

ଏପରି ଏକ ପରିବେଶରେ ଜଣେ କାଳ୍ପନିକ ଶିକ୍ଷକ ଗତାନୁଗତିକ ଶିକ୍ଷାପଦ୍ଧତି ବିରୋଧରେ କେବଳ ଯେ ସ୍ୱର ଉତ୍ତୋଳନ କରିଛନ୍ତି, ସେତିକି ନୁହେଁ; ତା’ର ବିକଳ୍ପ ପନ୍ଥା ଉଦ୍ଭାବନ କରିବାକୁ ମଧ୍ୟ ପ୍ରୟାସୀ ହୋଇ ଉଠିଛନ୍ତି । ଅବଶ୍ୟ ଏହି ମରମୀ ଶିକ୍ଷକ ଜଣଙ୍କର ପ୍ରସ୍ତୁତ ‘ପ୍ରଣାଳୀ’ ଓ ‘ପ୍ରୟୋଗ’ ଗ୍ରହଣ କରିବାର ମାନସିକତା ଅଭିଭାବକ ଅଥବା ସହକର୍ମୀ ଶିକ୍ଷକ/ଶିକ୍ଷିକାଙ୍କର ନଥିଲା । ତେବେ କ’ଣ ସେ ଓହରି ଯିବେ ନିଜ ସଂକଳ୍ପରୁ ! ବରଂ ଶିକ୍ଷାର୍ଥୀମାନଙ୍କ ପାଇଁ ତାଙ୍କର ନିରୋଳା ଭଲପାଇବା, ସମ୍ମାନ, ସହୃଦୟତା ସର୍ବୋପରି ତାଙ୍କର ଅଭିନବ ଶିକ୍ଷଣ ଶୈଳୀ ସେମାନଙ୍କୁ ଶିକ୍ଷିତ କରିବାରେ ପ୍ରେରଣା ଯୋଗାଇଛି । ଧୀରେ ଧୀରେ ସେ ପିଲାମାନଙ୍କର ନିକଟତର ହେବାରେ ଲାଗିଛନ୍ତି ।

ବିଗତ ସଂଖ୍ୟାରେ ଆମେ ପଢ଼ିଛେ, ତାଙ୍କର ପ୍ରୟୋଗଶାଳାରେ ଷାଣ୍ମାସିକ ପରୀକ୍ଷା ଅଭିନବ ପଦ୍ଧତିରେ ସମ୍ପାଦିତ ହୋଇଯାଇଛି । ଶିକ୍ଷା ଓ ପରୀକ୍ଷା ପରସ୍ପରର ପରିପୂରକ । ପିଲାମାନଙ୍କର ଭାଷା ଉପରେ ଦକ୍ଷତା, ସ୍ମୃତିଶକ୍ତିର ଅଭିବୃଦ୍ଧିମୂଳକ କାର୍ଯ୍ୟ, ସୃଜନାତ୍ମକ କାର୍ଯ୍ୟାବଳି, ଅଭିନୟ ପଟୁତା, ବ୍ୟକ୍ତିଗତ ତଥା ପରିବେଶର ପରିଷ୍କାର ପରିଚ୍ଛନ୍ନତା, କ୍ରୀଡ଼ାରେ ଦକ୍ଷତା, ରୁଚିପୂର୍ଣ୍ଣ ସଂଗ୍ରହାଳୟର ପ୍ରସ୍ତୁତି ଇତ୍ୟାଦି କାର୍ଯ୍ୟ ଶିକ୍ଷାକେନ୍ଦ୍ରର ଅଧିକାରୀଙ୍କୁ ମୁଗ୍ଧ ଓ ଆମୋଦିତ କରିଛି । ଏସବୁ ତାଙ୍କ ଦ୍ୱାରା ଉନ୍ନତମାନର ଶିକ୍ଷାପଦ୍ଧତି ଭାବେ ଆଦୃତ ହୋଇଛି ମଧ୍ୟ । ପରିଶେଷରେ ସେ ପିଲାମାନଙ୍କୁ ପରୀକ୍ଷାରୁ ମୁକ୍ତ କରିଛନ୍ତି । ଏହି ସଂଖ୍ୟାରେ ଦେଖିବା ଅନୁଷ୍ଠାନର ଅନ୍ୟ ସହକର୍ମୀମାନଙ୍କର ଏ ସମ୍ପର୍କରେ ପ୍ରତିକ୍ରିୟା...]

### ଚତୁର୍ଥ ଭାଗ

### ଅନ୍ତିମ ସମ୍ମିଳନୀ

(I)

ଷାଣ୍ମାସିକ ପରୀକ୍ଷା ଶେଷ ହୋଇ ଯାଇଥିଲା । ସ୍କୁଲର ଅନ୍ୟ ଶିକ୍ଷକ ବନ୍ଧୁମାନଙ୍କ ସହିତ ବସି ମୁଁ କଥାବାର୍ତ୍ତା କରୁଥାଏ । ଚନ୍ଦ୍ରଶେଖର ବାବୁ କହିଲେ, ‘‘ସତ କହିବାକୁ ଗଲେ ଆପଣ ଜଣେ ଅଜବ ମଣିଷ ପରି ଲାଗନ୍ତି । ମୁଁ ମାନୁଛି ଯେ ଆପଣଙ୍କ ପ୍ରୟୋଗ ସଫଳ ହୋଇଛି । ଆମର ବିଶ୍ୱାସ ନ ଥିଲା ଯେ ପ୍ରାଥମିକ ସ୍ତରର ପାଠପଢ଼ାରେ କିଛି ପରିବର୍ତ୍ତନ ଆଣି ହେବ ବୋଲି ।’’

ଭଦ୍ରଶଙ୍କର କହିଲେ, ‘‘ଭାଇ, ଏ ତ ଇଂରାଜୀ ବହି ସବୁ ପଢ଼ି ନୂଆ ନୂଆ ପ୍ରୟୋଗ କରୁଛନ୍ତି ।’’ ଚମ୍ପକଲାଲ କହିଲେ – ‘‘ତା’ ତ କରୁଛନ୍ତି । କିନ୍ତୁ ସମସ୍ତେ ଏମିତି କରି ପାରିବେନି । ୟା’ଙ୍କର ତ ଟଙ୍କା ପଇସାର ଚିନ୍ତା ନାହିଁ, କି ପରିଣାମ ବିଷୟରେ ମଧ୍ୟ ଚିନ୍ତା ନାହିଁ । ପ୍ରୟୋଗ ଅସଫଳ ହୋଇଥିଲେ ତାଙ୍କୁ ଦଣ୍ଡ ତ ମିଳି ନ ଥା’ନ୍ତା !’’

ବେଣୀଲାଲ – ‘‘ଭାଇ, ସମୟ ତ ମିଳୁନି, ପ୍ରୟୋଗ କେମିତି କରିବା ? ଏତେସବୁ କଥା ଚିନ୍ତା, ଏତେ ପ୍ରସ୍ତୁତି କରିବା ପାଇଁ ସମୟ କାହା ପାଖରେ ଅଛି ? ପୁଣି ଟ୍ୟୁସନ୍ ତ କରିବାକୁ ହିଁ ପଡୁଛି, ସଞ୍ଜବେଳେ ଅଧିକାରୀଙ୍କ ଘରେ ଯାଇ ହାଜିରା ଦେବାର ଅଛି, ପିଲାଛୁଆ, ଘରସଂସାର କଥା ମଧ୍ୟ ଦେଖିବାକୁ ପଡୁଛି । ଏତେ ସବୁ କଲା ପରେ ଆଉ ସମୟ କାହିଁ ? ଏ ତ ଏକଲା ଲୋକ । ତେଣୁ ଏମିତି ପ୍ରୟୋଗସବୁ କରି ପାରୁଛନ୍ତି ।’’

ଶେଷରେ ମୁଁ କହିଲି, ‘‘ଭାଇମାନେ, ଆମେ ପ୍ରାଥମିକ ସ୍କୁଲଗୁଡ଼ିକରେ ଅନେକ କିଛି କାମ କରି ପାରିବା । ଏପରିକି ବର୍ତ୍ତମାନର ପ୍ରାଥମିକ ଶିକ୍ଷାର ରୂପରଙ୍ଗ ମଧ୍ୟ ବଦଳାଇ ଦେଇ

ପାରିବା । କିନ୍ତୁ ଏଥିପାଇଁ ଅନେକ ଲୋକ କାମ କରିବା ଦରକାର । ଆଜିର ଏ ଦୁନିଆ ତ ପ୍ରଥମରୁ ଏପରି ନ ଥିଲା । ମଣିଷ ହିଁ ତ ଏହାର ଚେହେରା ବଦଳାଇ ଚାଲିଛି । ଏଥିପାଇଁ ଦରକାର କେବଳ ନିଷ୍ଠା, ଦୃଢ଼ ଆତ୍ମବିଶ୍ୱାସ ଓ ପ୍ରଯତ୍ନ । ଏକଥା ନୁହେଁ ଯେ କେବଳ ଇଂରାଜୀ ପଢ଼ୁଆମାନେ ଭଲ ପ୍ରୟୋଗ କରି ପାରିବେ । ଯେତେବେଳେ ମଣିଷ କିଛି କରିବାକୁ ଚାହେଁ ନାହିଁ, ସେ ଏମିତି କେତେ ବାହାନା ଆରମ୍ଭ କରେ । କିନ୍ତୁ କାମର ଅସଲ ମଞ୍ଜି ହେଉଛି ଆମର ଆନ୍ତରିକ ଆଗ୍ରହ, କିଛି କରିବା ପାଇଁ ଆମ ହୃଦୟର ବ୍ୟଗ୍ରତା । ଚମ୍ପକଲାଲଜି, ଫଳାଫଳ ପାଇଁ ପ୍ରୟୋଗ କରୁଥିବା ଲୋକର ଯେତେ ଚିନ୍ତା ଥାଏ, ଅନ୍ୟ କାହାର କେବେ ସେତେ ଚିନ୍ତା ନ ଥାଏ । ଆପଣ ଆପଣଙ୍କର ବେତନ ବୃଦ୍ଧିର ଆଶାରେ ଭଲ ପରୀକ୍ଷା ଫଳର ଚିନ୍ତା କରୁଛନ୍ତି । ଆଉ ମୁଁ ପ୍ରୟୋଗର ସଫଳତା ଆଶାରେ ହିଁ ଚେଷ୍ଟା କରୁଛି । ଏହା ସଫଳ ହେଲେ ମୋର ଇଚ୍ଛା ପୂର୍ଣ୍ଣ ହେବ ଓ କାର୍ଯ୍ୟକ୍ଷେତ୍ର ବଢ଼ିଯିବ । ମୋର ଚିନ୍ତା ଏଇ ଯେ ମୋର ଅସଫଳତା ମୋ ପରେ ପ୍ରୟୋଗ କରିବାକୁ ଆସିବା ଲୋକଙ୍କ ପାଇଁ ବାଧା ସୃଷ୍ଟି ନ କରୁ । ବେଣୀଲାଲଜି, ଆମେ କୁଣିଆ ଘର ଯିବା ବା ଗପସପ କରିବା ପାଇଁ ତ ଯଥେଷ୍ଟ ସମୟ ଦେଇ ପାରୁଛେ । ତାକୁ କ'ଣ ଆମେ କାମରେ ଗଣିବା ? ତା'ଛଡ଼ା ବଡ଼ ଅଧିକାରୀଙ୍କ ଘରକୁ ସବୁଦିନ ଯିବା କ'ଣ ବା ଦରକାର ? ଭଲ କାମ କରି ଦେଖାଇ ଦିଅନ୍ତୁ । ସେ ଆପେ ଆପେ ଖୁସି ହୋଇଯିବେ । ଖୋସାମଦ କଲେ କ'ଣ କେହି ସତରେ ଖୁସି ହୋଇପାରେ ? ଯେଉଁମାନେ କାମ କରିବା ଜାଣନ୍ତି ନାହିଁ, ସେହିମାନେ ହିଁ ଖୋସାମଦ କରନ୍ତି । ଯଦି ଆମେ ସ୍କୁଲରେ ଠିକ୍‌ରେ ପାଠ ପଢ଼ାଇବା ତେବେ କାହାର ଟ୍ୟୁସନ୍ କରିବା କ'ଣ ଦରକାର ? ଆମେ ନ ପଢ଼ାଉ ଥିବାରୁ ହିଁ ଟ୍ୟୁସନ୍ ଦରକାର ହେଉଛି ।''

ଶିବଶଙ୍କର ମଝିରେ କହି ଉଠିଲେ, ''କିନ୍ତୁ ଯାହାକୁ ଦରମା କମ୍ ମିଳେ, ସେ କ'ଣ କରିବ ? ଆପଣ ସିନା ଯଥେଷ୍ଟ ଦରମା ପାଆନ୍ତି, କିନ୍ତୁ ଏତିକି ଦରମା ଆମକୁ ଅଣ୍ଟୁଛି କୁଆଡୁ ?''

ମୁଁ କହିଲି, ''ଆପଣ ବେଶୀ ଦରମା ମାଗନ୍ତୁ, ଆପଣଙ୍କୁ ମିଳିବ ।''

ବିଶ୍ୱନାଥ – ''ଆଜ୍ଞା ହଁ, ପଇସା ତ ମିଳିବ ନାହିଁ ବରଂ ଚାକିରିଟି ଚାଲିଯିବ ।''

ମୁଁ କହିଲି, ''ଯଦି ସମସ୍ତେ ମିଶି କରି ଦରମା ପାଇଁ ଦାବୀ କରିବେ ତେବେ ଦେଖିବା କେତେ ଜଣଙ୍କର ଚାକିରି ଯିବ ? ମୁଁ ତ କହିବି ଚାକିରି ଚାଲିଯିବା ଆଗରୁ ଆପଣମାନେ ଛାଡ଼ିଦେଉ ନାହାନ୍ତି କାହିଁକି ? ଆପଣମାନେ ଚାକିରି ପ୍ରତି ଅନାସକ୍ତ ରହିବା ଶିଖନ୍ତୁ । ମୋ ସଫଳତାର ଏକମାତ୍ର କାରଣ ହେଉଛି ଯେ ଚାକିରି ପ୍ରତି ମୋର ମୋହ କମ୍ ।''

ଭଦ୍ରଶଙ୍କର କହିଲେ,''ତା'ହେଲେ ଆମର ଘର ସଂସାର ଚାଲିବ କେମିତି ?''

ମୁଁ କହିଲି, ''ଘର ସଂସାର ? ଯେ ଜନ୍ମ ଦେଇଛି, ସେ ବାଟ ମଧ ଦେଇଛି । ଆମ ଭିତରେ ସାହସ ଦରକାର । କାମର କ'ଣ ଅଭାବ ଅଛି ? ମୁଁ ତ ଝାଡ଼ୁଦାର କାମ କରି ମଧ ପେଟ ପୋଷି ପାରିବି । ଆପଣଙ୍କ ପରି ଅଧା ପେଟ ରହିବା ମୁଁ କେବେ ସହିବି ନାହିଁ । ଆପଣମାନଙ୍କର ଦରମା କ'ଣ ଗୋଟେ ଦରମା !''

ବିଶ୍ୱନାଥ – ''ଆରେ ! ଗୋଟିଏ ଜାଗା ଖାଲି ହୋଇଗଲେ ତା' ପାଇଁ ଶହେଜଣ ବାଡ଼ିଆବାଡ଼ି । ଆପଣଙ୍କୁ କ'ଣ କିଛି ଜଣା ଅଛି ?''

ମୁଁ କହିଲି, ''ଆମେ ସେମାନଙ୍କର ବିରୋଧ କରିବା । ଆମେ ସେମାନଙ୍କୁ ଆମର କାମ ଛାଡ଼ିଲେ ସିନା ସେମାନେ କାମ କରି ପାରିବେ ? ଆମେ ସ୍କୁଲ ଚାରିପଟେ ଚବିଶି ଘଣ୍ଟା ପହରା ଦେବା, ତା'ହେଲେ ଯେଉଁ ଖାଲରେ ଆମେ ପଡ଼ିଛେ ଆଉ କେହି ସେଥିରେ ପଡ଼ିଯାଇ ପାରିବେ ନାହିଁ । ଦରକାର ହେଲେ ହାତଗୋଡ଼ ଧରି ଅନ୍ୟ କାମ ଦେଖିବାକୁ ବୁଝାଇ ସେମାନଙ୍କୁ ଫେରାଇ ଦେବା । କହିବା, ଏହି ଧନ୍ଦାରେ ପଶ ନାହିଁ, ଯେଉଁଥିରେ ଅଧାପେଟ ରହିବାକୁ ପଡ଼ିବ, ଖୋସାମଦ କରିବାକୁ ପଡ଼ିବ ଓ ଅଳସୁଆ ହେବାକୁ ପଡ଼ିବ ।''

ଘଣ୍ଟା ଘଣ୍ଟା ଧରି ଆଗରୁ ଏମିତି କେତେଥର କଥାବାର୍ତ୍ତା ଚାଲିଛି । ଏଥର କିନ୍ତୁ ମୁଁ ଦେଖିଲି ଯେ ମୋର ସାଙ୍ଗ ଶିକ୍ଷକମାନଙ୍କ ଭିତରେ କିଛି ନୂଆ ଉତ୍ସାହ ଆସିଛି । ମୁଁ ଭାବିଲି ଯାହାହେଉ, ପୁରୁଣା ଢଙ୍ଗ ବଦଳିବା ପାଇଁ ସାମାନ୍ୟ ଆଲୋକ ଦେଖା ଦେଇଛି ।

(II)

ମୁଁ ଭୂଗୋଳ ପଢ଼ା ଆରମ୍ଭ କରିବା ପାଇଁ ଚିନ୍ତା କଲି । ଭୂଗୋଳ ବହି ଦେଖି ସାରିବା ପରେ ମୁଁ ନିରାଶ ହୋଇ ତାକୁ

ରଖିଦେଲି । ପାଠ୍ୟକ୍ରମଟି ମଧ୍ୟ ସେହିପରି ଶୁଖିଲା । ପିଲାମାନେ ନଦୀ, ପାହାଡ଼ ଇତ୍ୟାଦିର ନାମ ସବୁ କାହିଁକି ଖାଲିରେ ଘୋଷିବେ ? ନିଜର ବି ଏସବୁ କେଉଁଠି ମନେ ଅଛି ? କାଲି ସ୍ୱୟଂ ଡେପୁଟୀ ଡାଇରେକ୍ଟର ମାନଚିତ୍ରରେ ଅଷ୍ଟ୍ରେଲିଆକୁ ରାସ୍ତା ଖୋଜୁଥିଲେ । ପିଲାଦିନର ଘୋଷା ଭୂଗୋଳ କିପରି କାହାର ମନେ ରହିବ ? ମୁଁ ଭାବିଲି ଯେ ଏ ଭୂଗୋଳ ମୁଁ ବିଲକୁଲ ପଢ଼ାଇବି ନାହିଁ । ମୁଁ ଯେତେବେଳେ ଆଫ୍ରିକା ଗଲି ସେତେବେଳେ ଯାଇ ମୋତେ ଭୂଗୋଳର ପ୍ରକୃତ ରୂପ ବୁଝା ପଡ଼ିଲା । ଏବେ ମୋତେ ଭୂଗୋଳ ବହୁତ ଭଲ ଲାଗୁଛି ଏବଂ ଉପଯୋଗୀ ମନେ ହେଉଛି । କିନ୍ତୁ ଏହି ପିଲାମାନଙ୍କୁ ଆଜିଠାରୁ କାହିଁକି ଭୂଗୋଳ ପଢ଼ାଇବି ? ଏ ପାଠ୍ୟକ୍ରମକୁ ନେଇ ମୁଁ ବିଶେଷ ଆଗେଇ ପାରିବିନି । ଏ ପାଠ ବହି ଦେଖିଲେ ତ ମୋତେ ହସ ଲାଗୁଛି । ତେବେ ଅଧିକାରୀଙ୍କୁ ଦେଖାକରି ତାଙ୍କ ଅନୁମତି ମାଗିବି । ମୋର ନିଜ ଉପାୟରେ ପଢ଼ାଇଲେ ହୁଏତ ପିଲାଙ୍କର ଭୂଗୋଳ ବିଷୟରେ ଜ୍ଞାନ ଓ ଆଗ୍ରହ ବଢ଼ି ପାରିବ ।''

ଡେପୁଟୀ ଡାଇରେକ୍ଟରଙ୍କ ପାଖକୁ ଗଲି । ସେ ପଚାରିବାରୁ କହିଲି, ''ଆମ ପାଠ୍ୟକ୍ରମରୁ ଭୂଗୋଳ ବିଷୟଟିକୁ ବାଦ୍ ଦେଇ ପାରିବା କି ?''

ଅଧିକାରୀ କହିଲେ, ''ଏକଥା ହୋଇ ପାରିବ ନାହିଁ । ପାଠ୍ୟକ୍ରମରେ ଭୂଗୋଳ ଗୋଟିଏ ଅତି ଗୁରୁତ୍ୱପୂର୍ଣ୍ଣ ବିଷୟ । ଇତିହାସ ଅପେକ୍ଷା ଭୂଗୋଳ ବେଶୀ ପ୍ରୟୋଜନ । ଆମ ପ୍ରୟୋଗରେ କୌଣସି ବିଷୟ ଛାଡ଼ି ଦେବା କଥା ତ ନାହିଁ । ଭଲକରି ପଢ଼ାଇବା କଥା ଅଛି । ତୁମେ ଯେଉଁ ଉପାୟରେ ଚାହଁ ପଢ଼ାଅ । ଅନ୍ୟମାନେ ଯେପରି ବିଶ୍ୱାସ କରିବେ ଯେ ଭୂଗୋଳ ଗୋଟିଏ ସହଜ ପାଠ ଏବଂ ଏହାକୁ ସୁନ୍ଦର ଭାବରେ ପଢ଼ାଯାଇ ପାରିବ । ମୋ ମତରେ ଏହା ହିଁ ତୁମ ପ୍ରୟୋଗର ମହତ୍ତ୍ୱ ।'' ଡେପୁଟୀ ଡାଇରେକ୍ଟର ଅତି ଚାଲାକିର ସହିତ ମୋ ମୁହଁ ବନ୍ଦ କରି ଦେଲେ । ତଥାପି ମୁଁ କହିଲି, ''କିନ୍ତୁ ଏ ପାଠ୍ୟକ୍ରମ ଓ ପାଠ୍ୟପୁସ୍ତକକୁ ମୁଁ ସ୍ୱୀକାର କରି ପାରିବି ନାହିଁ । ମୁଁ ମୋ ଢଙ୍ଗରେ ଭୂଗୋଳ ଶିଖାଇବି । ଏଥିରେ ଆପଣ ନିରାଶ ହେବେ ନାହିଁ ବୋଲି ମୁଁ ଆଶା କରୁଛି ।''

କିଛି ସମୟ ପରେ ସେ ପଚାରିଲେ, ''ଲକ୍ଷ୍ମୀଶଙ୍କର, ଏ ପରୀକ୍ଷା ପଦ୍ଧତି ବିଷୟରେ ତୁମର ମତ କ'ଣ ? ନୂତନ ଶିକ୍ଷା ପଦ୍ଧତି ତ ପରୀକ୍ଷାର ପୂରା ବିରୋଧୀ । ଅବଶ୍ୟ ଏପରି ପରୀକ୍ଷାର ପରିଣାମ ମଧ୍ୟ ପ୍ରକୃତରେ ଭୟଙ୍କର । କିନ୍ତୁ ଆମକୁ ତ ଶିକ୍ଷା ବିଭାଗ ଚଳାଇବାକୁ ପଡ଼ିବ । ଏ ପରୀକ୍ଷା କିପରି ଉଠାଇ ଦେବା ? କିନ୍ତୁ ଆମର ଫଳାଫଳ ମାପିବା ମଧ୍ୟ ଦରକାର । ଯଦି ଆମେ ପରୀକ୍ଷା ନ କରିବା ତେବେ ଶିକ୍ଷକମାନେ ହୁଏତ ମନ ଦେଇ ପଢ଼ାଇ ନ ପାରନ୍ତି । ପଢ଼ାଇଲେ ବି ଠିକ୍ ପଢ଼ାଉଛନ୍ତି କି ନାହିଁ, ଆମେ ଜାଣିବା କିପରି ? ତା'ଛଡ଼ା ପିଲା ପଢ଼ାରେ ଆଗଉଛି କି ନାହିଁ, ତାହା ଜାଣିବା ପାଇଁ କିଛି ଉପାୟ ରହିବା ନିଶ୍ଚୟ ଦରକାର । ଏ କଠିନ ସମସ୍ୟା ବିଷୟରେ ତୁମର ମତ କ'ଣ ?''

ମୁଁ କହିଲି, ''ଆପଣଙ୍କ ସମସ୍ୟା ପ୍ରକୃତରେ ଖୁବ୍ ବଡ଼ । ଯେଉଁ ପର୍ଯ୍ୟନ୍ତ ପିଲାମାନେ ପାଠ ପଢ଼ିବା ପାଇଁ ଓ ଶିକ୍ଷକମାନେ ପଢ଼ାଇବାକୁ ବାଧ୍ୟ ହେଉଛନ୍ତି, ସେତେବେଳ ପର୍ଯ୍ୟନ୍ତ ପରୀକ୍ଷାର ଆବଶ୍ୟକତା ରହିଛି । ଯେତେବେଳେ ପିଲା ସ୍ୱଇଚ୍ଛାରେ କିଛି ଶିଖିବାକୁ ଆସିବ ଓ ତା' ସାମନାରେ କୁଶଳୀ କଳାକାର ଶିକ୍ଷକ ଉତ୍ସାହର ସହିତ ପଢ଼ାଇବାକୁ ବସିବେ, ସେତେବେଳେ ଯାଇ ପରୀକ୍ଷାକୁ ହଟେଇ ଦିଆଯାଇ ପାରିବ । କିନ୍ତୁ ବର୍ତ୍ତମାନର ଏ ବ୍ୟବସାୟିକ ପରିସ୍ଥିତିରେ ପରୀକ୍ଷା ନିଶ୍ଚିତ ଭାବେ ଦରକାର ।''

ଡେପୁଟୀ ଡାଇରେକ୍ଟର କହିଲେ, ''ମୁଁ ଏ ବିଷୟରେ କିଛି ପରିବର୍ତ୍ତନ କରିବା ପାଇଁ ଚାହୁଁଛି ।''

ମୁଁ ପ୍ରସ୍ତାବ ଦେଲି, ''ଆପଣ କେବଳ ଷାଣ୍ମାସିକ ଓ ବାର୍ଷିକ ପରୀକ୍ଷା କରୁଛନ୍ତି; ତା' ବଦଳରେ ମାସିକ ପରୀକ୍ଷା ଆରମ୍ଭ କରନ୍ତୁ । ଯଦି କେବଳ ପରୀକ୍ଷାର କଷଟି ପଥରରେ ପିଲାକୁ ମାପିବା ତେବେ ସେ ଯେତେ ବେଶୀ ପରୀକ୍ଷାର ସମ୍ମୁଖୀନ ହେବ, ପରୀକ୍ଷା ପ୍ରତି ଭୟ ତା'ର ସେତେ କମିବ । ଦ୍ୱିତୀୟରେ, ଆଗୁଆ ପିଲାର ପ୍ରଗତି ମାପିବା ପାଇଁ ପରୀକ୍ଷା ନ ହୋଇ ପଛୁଆ ପିଲାର ଦୁର୍ବଳତା ମାପିବା ପାଇଁ ହେଉ । ଏହା ପରୀକ୍ଷା ପ୍ରତି ଦୃଷ୍ଟିକୋଣର ପରିବର୍ତ୍ତନ ମାତ୍ର । ତୃତୀୟରେ, ଯେଉଁ ପିଲାର ବିଶ୍ୱାସ ଅଛି ଯେ ସେ ନିଜ ପାଠକୁ ଜାଣିଛି, ତାକୁ ପରୀକ୍ଷାରୁ ଛାଡ଼ ଦିଆଯାଉ । ପିଲା ନିଜ ଇଚ୍ଛାରେ ନିଜ ଦୁର୍ବଳତା ମାପିବା ପାଇଁ ପରୀକ୍ଷା ଦେଉ । ଆମେ ମଧ୍ୟ ତାଙ୍କୁ ବୁଝାଇ ଦେବା ଯେ ନିଜ ଦୁର୍ବଳତାକୁ ମାପିବା ପାଇଁ ଆଗେଇ ନ ଆସିଲେ ସେ ଦୁର୍ବଳତାକୁ ଦୂର କରିବାର ସୁଯୋଗ ତାକୁ ମିଳିବ ନାହିଁ । ଯେଉଁସବୁ ବିଷୟରେ ପରୀକ୍ଷା ଦ୍ୱାରା କିଛି ମାପିବା ସମ୍ଭବ, କେବଳ ସେହିସବୁ ବିଷୟର ପରୀକ୍ଷା କରାଯାଉ । ବାକି ବିଷୟରେ ଟାଣି ଓଟାରି ପରୀକ୍ଷା କରା ନ ଯାଉ । ପରୀକ୍ଷା ସମୟରେ ପିଲାକୁ ବହି ଦେଖି ଉତ୍ତର ଦେବାର

ସ୍ୱାଧୀନତା ଦିଆଯାଉ । ଯେଉଁଠି ମନେ ପଡୁ ନାହିଁ, ସେଠାରେ ସେ ବହି ଦେଖି ଲେଖୁ । ମନରୁ ନ କହି ପାରିଲେ ବହି ଦେଖି କହୁ । ଉତ୍ତର ଦେଲାବେଳେ ସେ ବହିଗୁଡ଼ିକୁ କେମିତି ବ୍ୟବହାର କରୁଛି, ସେଇଟା ହିଁ ତା'ର ପରୀକ୍ଷା । ଏହାଛଡ଼ା ଆମେ ପିଲାମାନଙ୍କୁ ତିନି ଭାଗରେ ବିଭକ୍ତ କରିଦେବା – ଉପର ଶ୍ରେଣୀକୁ ଯିବା ପାଇଁ ଯୋଗ୍ୟ, ଅଯୋଗ୍ୟ ଏବଂ ଦୁର୍ବଳ (ଯେ କିଛି ଚେଷ୍ଟା କଲା ପରେ ଉପରକୁ ଯିବ) । ପାସ୍, ଫେଲ୍ ଶବ୍ଦ ଉଠାଇ ଦିଆଯାଉ ।''

ସେ କହି ଉଠିଲେ, ''ତା'ହେଲେ ଆସନ୍ତା ବର୍ଷ ତୁମକୁ ମୋର ସହାୟକ ହେବାକୁ ପଡ଼ିବ ।''

ମୁଁ ହସି ଦେଇ କହିଲି, ''ଏହି ପରୀକ୍ଷା ଶିକ୍ଷକମାନେ ହିଁ କରିବା ଉଚିତ । କେବଳ ସେହିମାନେ ପିଲାଙ୍କର କ୍ଷମତାକୁ ଠିକ୍ ଭାବରେ ଜାଣି ପାରିବେ । ପିଲାଙ୍କର ଦୁର୍ବଳତାର କାରଣ ବା ଉପର ଶ୍ରେଣୀକୁ ଯିବାର ଯୋଗ୍ୟତା ଇତ୍ୟାଦି ସାଙ୍ଗରେ କେବଳ ଶିକ୍ଷକ ପରିଚିତ । ଅବଶ୍ୟ ଜଣେ ସହାୟକର ଦରକାର ଅଛି । ପିଲାଙ୍କର ପରୀକ୍ଷା ପାଇଁ ନୁହେଁ ବରଂ ପରୀକ୍ଷକଙ୍କର ପରୀକ୍ଷା ନେବା ପାଇଁ । ଏକଥା ଦେଖିବା ପାଇଁ ଯେ ପରୀକ୍ଷକ ଜଣକ ଠିକ୍ ଭାବରେ ପରୀକ୍ଷା କରିବା ଜାଣିଛନ୍ତି ନା ନାହିଁ ?''

ଡେପୁଟୀ ଡାଇରେକ୍ଟର କହିଲେ, ''ଏ ତ ବହୁତ ସୁନ୍ଦର ଚିନ୍ତା !''

ମୁଁ କହିଲି, ''ଆଜ୍ଞା, ପ୍ରକୃତରେ ଏତିକି ତ କଥା ।'' ମୁଁ ପରୀକ୍ଷା ବିଷୟରେ ଆହୁରି ଅନେକ କଥା କହିବା ପାଇଁ ଚାହୁଁଥିଲି । କିନ୍ତୁ ତାଙ୍କର ଖାଇବା ସମୟ ହୋଇ ଯାଇଥିଲା । ତେଣୁ ସେ ଉଠି ଛିଡ଼ା ହେଲେ । ଶେଷରେ ହସି ହସି କହିଲେ, ''ଆଚ୍ଛା, ଏ ବିଷୟରେ ଆମେ ଆଉ ଥରେ କଥା ହେବା । ତୁମେ ସବୁ ଶିକ୍ଷକଙ୍କ ଆଗରେ ଏ ବିଷୟରେ ଥରେ ଭାଷଣ ଦିଅ ।''

(କ୍ରମଶଃ)

(ଅନୁବାଦକ : ପୁଷ୍ପଶ୍ରୀ ପଟ୍ଟନାୟକ ଓ
ନିଖିଳ ମୋହନ ପଟ୍ଟନାୟକ
ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ) ❑


**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Contact
**63800 00534 / 94422 49355**
Online Store : www.ayurlabsindia.com

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

চেতনার দিগ্‌বলয় :

# ଜଣେ ବୁଦ୍ଧିମାନ୍ ଜ୍ଞାନୀ ହୋଇପାରନ୍ତି – କିନ୍ତୁ ବୁଦ୍ଧିମାନ୍ ମାତ୍ରେ ଜ୍ଞାନୀ ନୁହନ୍ତି

***ପ୍ରଶ୍ନ :** ବୁଦ୍ଧିର ବିକାଶ ଓ ଚେତନାର ବିକାଶ ଭିତରେ ପ୍ରଭେଦ କ'ଣ ? ଜଣେ ବୁଦ୍ଧିମାନ୍ ବ୍ୟକ୍ତିକୁ ଆମେ ଜ୍ଞାନୀ ବୋଲି କହିପାରିବା ତ ?*

**ଉତ୍ତର :** ବୁଦ୍ଧି ଚେତନାର ଏକ ଉପାଦାନ, ବିଭାଗ ବା ଅଂଶ । ଚେତନାର ଅନ୍ତର୍ଭୁକ୍ତ ପ୍ରାଣ, ମନ, ଆତ୍ମା ତଥା ସେସବୁର ଅଭିବ୍ୟକ୍ତି ସୂଚାଉଥିବା ବିବେକ, ଜ୍ଞାନ, ପ୍ରଜ୍ଞା, ଅନୁଭୂତି, ଅଭିଜ୍ଞତା, ଅନ୍ତର୍ବୋଧ, ଚିନ୍ତା, ଭାବନା ଇତ୍ୟାଦି । ବୁଦ୍ଧି ମନର ହିଁ ଏକ ଗୁଣ । କ୍ରମବିକାଶରେ ପ୍ରାଣଶକ୍ତିର ବହୁବିଧ ବିକାଶ ହେବା ଅନ୍ତେ – ଉଦ୍ଭିଦ ଜଗତ, ଅଦୃଶ୍ୟ ଓ ଦୃଶ୍ୟମାନ କୀଟପତଙ୍ଗ, ପଶୁପକ୍ଷୀ ଇତ୍ୟାଦି ସୃଷ୍ଟି ହେବା ପରେ – ଆଦିମ ମଣିଷର ଅଭ୍ୟୁଦୟ ହୁଅନ୍ତେ ତା' ଭିତରେ ମନର ବିକାଶ ସମ୍ଭବ ହେଲା ଏବଂ ମନର ଏକ ବିଭବ ରୂପେ କ୍ରମେ ବୁଦ୍ଧି ଆମ ଜୀବନରେ ବିପୁଳ ଭୂମିକା ତୁଲାଇଲା ।

ଚେତନାର ବିକାଶ ବୋଇଲେ ଖାଲି ମନର ବା ବୁଦ୍ଧିର ବିକାଶ ନୁହେଁ, ତାହା ଚେତନାର ଅନ୍ତର୍ଭୁକ୍ତ ସମସ୍ତ ବିଭବ ଭିତରେ ଯଥାସମ୍ଭବ ସଂହତି ସାଧନ ସଙ୍ଗେ ସଙ୍ଗେ ମହତ୍ତର ମୂଲ୍ୟବୋଧ ଦ୍ୱାରା ଚାଳିତ ହେବାକୁ ବୁଝାଇବ । ''ଯଥାସମ୍ଭବ ସଂହତି'' କହିବାର କାରଣ, ସମ୍ପୂର୍ଣ୍ଣ ସଂହତିର ଦୃଷ୍ଟାନ୍ତ ଅତୀବ ବିରଳ – ଅସମ୍ଭବ କହିଲେ ମଧ୍ୟ ଅତ୍ୟୁକ୍ତି ନ ହୋଇପାରେ । ସମାଜରେ ବହୁ କୁସଂସ୍କାର ବିରୋଧରେ ସଂଗ୍ରାମ କରିଥିବା, ଅର୍ଥ ବା ଆରାମ ପ୍ରତି ସମ୍ପୂର୍ଣ୍ଣ ବୀତସ୍ପୃହ ମହାପୁରୁଷ ଭାବରେ ବିଦିତ ଜଣେ ବ୍ୟକ୍ତି କ୍ରୋଧାନ୍ୱିତ ହେଲେ ନିଜ ଚତୁର୍ଦ୍ଦିଗରେ ଆତଙ୍କଜନକ ବାତାବରଣ ସୃଷ୍ଟି କରୁଥିଲେ । ପାଶ୍ଚାତ୍ୟରେ ବେଶ୍ ପ୍ରଭାବ ବିସ୍ତାର କରିଥିବା, ଖାଲି ଜ୍ଞାନ ଓ ସାଧାରଣ ଜ୍ଞାନରେ ନୁହେଁ, ବିଜ୍ଞାନରେ ମଧ୍ୟ ବିପୁଳ ବ୍ୟୁତ୍ପତ୍ତିର ଅଧିକାରୀ, ପ୍ରଚୁର ଉପାର୍ଜନ ସଙ୍ଗେ ସଙ୍ଗେ ମୁକ୍ତ ହସ୍ତରେ ଅର୍ଥ ବିତରଣ କରୁଥିବା ଏବଂ ଗୁରୁ ଆସନ ଲାଭ କରିଥିବା ଜଣେ ବ୍ୟକ୍ତିଙ୍କର ଅକ୍ଷମଣୀୟ ଚାରିତ୍ରିକ ଦୁର୍ବଳତା ଥିଲା । ତାଲିକା ଦୀର୍ଘ ହେବ; ଏ ଦୁଇଟି ନମୁନା ଉପସ୍ଥାପନର କାରଣ, ଏମାନେ ବାସ୍ତବରେ ମାନସିକ ସ୍ତରରେ ଯଥେଷ୍ଟ ବିକଶିତ ହୋଇଥିଲେ ମଧ୍ୟ, ସଂସ୍କାରରେ ଉନ୍ନତ ଏବଂ ସାମାଜିକ ଜୀବନରେ ଯଥାର୍ଥରେ ଜ୍ଞାନୀ ବୋଲି ପରିଗଣିତ ହେଲେ ମଧ୍ୟ, ନିଜ ନିଜ ପ୍ରାଣ ସତ୍ତାର ଅଧୋଭାଗରେ ରହିଥିବା ଆବେଗ (Emotion), ପ୍ରବେଗ (Passion) ଏବଂ କ୍ଷିପ୍ରାବେଗ (Impulse) ଇତ୍ୟାଦି ଦୁର୍ବଳତାକୁ ଆୟତ୍ତ କରିପାରି ନଥା'ନ୍ତି ବା ସେ ଦିଗରେ ପ୍ରୟାସ କରି ନଥା'ନ୍ତି । ସେଭଳି ଜ୍ଞାନୀ ସ୍ତରର ବ୍ୟକ୍ତି ''ମୁଁ ଅଯଥାରେ କ୍ରୁଦ୍ଧ ହୁଏ ନାହିଁ; ମୋ କ୍ରୋଧ ସର୍ବଦା ଯଥାର୍ଥ'' (Mine is righteous anger) ଭଳି କୈଫିୟତ୍ ମଧ୍ୟ ଦେଇଥା'ନ୍ତି । ସାମୂହିକ ସମାଜ ଜୀବନରେ ସେଭଳି ତଥାକଥିତ ଯଥାର୍ଥ କ୍ରୋଧର ଭୂମିକା ରହିଛି ବୋଲି ଯୁକ୍ତି ଦିଆଯାଇପାରେ । କିନ୍ତୁ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ କ୍ରୋଧ ଏକ ମାରାତ୍ମକ ଦୁର୍ବଳତା । ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ, ଏକ ସୀମିତ ମୁହୂର୍ତ୍ତରେ ଜଣକର ଯଥାର୍ଥ କ୍ରୋଧ କିଛି ବିଜୟୀ ଭୂମିକା ତୁଲାଇ ଥାଇପାରେ; କିନ୍ତୁ କ୍ରୁଦ୍ଧ ବ୍ୟକ୍ତିଟିର ବ୍ୟକ୍ତିଗତ ଚେତନା ଉପରେ ତାହା ଅଜ୍ଞାନର ହିଁ ଏକ ବିଜୟ ।

ବାସ୍ତବରେ ଜଣେ ବିକଶିତ ଚେତନାବନ୍ତ ବ୍ୟକ୍ତି ଜାଣେ ଯେ ପୃଥିବୀରେ ଘଟି ଚାଲିଥିବା ଯାବତୀୟ ଅନ୍ୟାୟ, ଅବିଚାର, ନୃଶଂସତା, ଯାବତୀୟ ବିଭୀଷିକା ଅଜ୍ଞାନର ହିଁ କରାମତି ।

ପ୍ରଶ୍ନ ଉଠିପାରେ, ଜଣେ ବିଚାରକ ଯଦି ଏହି ପର୍ଯ୍ୟାୟର ବିକଶିତ ଚେତନାବନ୍ତ ମଣିଷ ହୋଇଥିବେ ତେବେ ତାଙ୍କ ଇଜଲାସରେ ଜଣେ ଅଭିଯୁକ୍ତର ଜଘନ୍ୟ କାର୍ଯ୍ୟକଳାପ ପ୍ରମାଣିତ ହେଲେ ମଧ୍ୟ ସେ ଉତ୍ତେଜିତ ହେବେ ନାହିଁ ଏବଂ ଅପରାଧୀର କାର୍ଯ୍ୟକଳାପକୁ ତା'ର ଅଜ୍ଞାନତା ମାତ୍ର ବୋଲି ମନେ କରିବେ । ତା'ହେଲେ ସେ ଦଣ୍ଡବିଧାନ କରିବେ କିପରି ?

ବିକଶିତ ଚେତନାବନ୍ତ ହୁଅନ୍ତୁ ବା ନ ହୁଅନ୍ତୁ, ଜଣେ ସ୍ୱାଭାବିକ ପର୍ଯ୍ୟାୟର ବିଚାରପତିଙ୍କୁ ଯେ ଦଣ୍ଡବିଧାନ କରିବା

ନିମନ୍ତେ ଅପରାଧୀ ବିରୋଧରେ ଉତ୍ତେଜିତ ହେବାକୁ ପଡ଼େ, ତାହା ନୁହେଁ । ସେ ଆଇନକାନୁନ ମୁତାବକ କର୍ତ୍ତବ୍ୟ ନିର୍ବାହ କରନ୍ତି । ବିକଶିତ ଚେତନାବନ୍ତ ହୋଇଥିଲେ ସେ ବୁଝିବେ ଏବଂ ମନାସିବେ ଯେ ଦଣ୍ଡଭୋଗ ଅଜ୍ଞାନତାର ଅବସାନ ଦିଗରେ ଅପରାଧୀର ସହାୟକ ହେଉ । (ଏମିତି ବି ହୁଏ, ସହୃଦୟ ବିଚାରକ ବୁଝୁଥା'ନ୍ତି ଯେ ଅପରାଧୀର ମାନସିକତାରେ ବହୁତ ପରିବର୍ତ୍ତନ ଘଟିଛି ଏବଂ ଅପରାଧୀ ପ୍ରତି ସେ ସହାନୁଭୂତି ଅନୁଭବ କରନ୍ତି । ତଥାପି ତାଙ୍କୁ ଆଇନର ବିଧି ଅନୁସାରେ ଦଣ୍ଡବିଧାନ କରିବାକୁ ପଡ଼େ ।)

ବୁଦ୍ଧିମାନ୍ ବ୍ୟକ୍ତିଟିଏ ଉତ୍ତମ ମଣିଷ ହୋଇପାରେ, ନ ହୋଇପାରେ । ବିଜ୍ଞାନ ତଥା ନାନାବିଧ ବୈଷୟିକ ପ୍ରଗତି ବୁଦ୍ଧିର ହିଁ ଅବଦାନ । ପୁଣି ବୁଦ୍ଧି ମଧ୍ୟ କେତେ ପ୍ରକାର ଦୁର୍ନୀତି ଓ ବ୍ୟଭିଚାର ପାଇଁ ଦାୟୀ । ବିବେକହୀନ ବୁଦ୍ଧି ଭୟାବହ । ନିଜ ସ୍ୱାର୍ଥ ସକାଶେ ଜଣେ ବୁଦ୍ଧିକୁ ଅକାତରେ ବ୍ୟବହାର କରେ – ସେଥିଯୋଗୁଁ ଅନ୍ୟର ବା ଦେଶର ଯେତେ କ୍ଷତି ହେଲେ ମଧ୍ୟ । ଜଣେ ବୁଦ୍ଧିମାନ୍ ବ୍ୟକ୍ତି ଜ୍ଞାନୀ ହୋଇପାରେ; କିନ୍ତୁ କହିବା ବାହୁଲ୍ୟ, ବୁଦ୍ଧିମାନ୍ ବ୍ୟକ୍ତି ମାତ୍ରେ ଜ୍ଞାନୀ ନୁହନ୍ତି ।

**– ମନୋଜ ଦାସ**

('ଜିଜ୍ଞାସାର ଦିଗ୍‌ଦିଗନ୍ତ'ରୁ ସଂଗୃହୀତ, ପୃ. ୧୧୭-୧୧୯)

❑❑❑


Let us give ourselves entirely and sincerely to the Divine
and we shall enjoy His protection.

*(MCW, Vol. 15, p. 47)* - The Mother

**Collected Works of The Mother – 17 Vols.**
**Rs. 3500 only** *(Till stocks last)*

**The Great Adventure – (New Revised Edition) : Rs. 350 only**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***) – Rs. 50.00**

**125 Drops of Nectar – Daily Quotations by the Divine Mother and Lord Sri Aurobindo – Rs. 175.00**

**VAK** - ***The Spiritual Book Shop***, Pondicherry - 605 001

E-mail: vakbooks@gmail.com, Contact Number: (0413) 2334542, (0413) 2336672, website: www.vakbooks.in

tarika

## AYURVEDIC HERBAL REMEDIES

### Pimple / Acne Remover
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

### Hair Vitaliser oil
Controls hair loss and improves hair growth
*Regular use prevents hair thinning*
*and receding hair line*

### Gum oil
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*

Contact
✆ **63800 00534 / 94422 49355**
Online Store : www.ayurlabsindia.com

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com
Website: www.ayurlabsindia.com

**Vol. LII, No. 11** **R.N.I. No. 18163/70.**
Navaprakash (Monthly), November, 2021 Registration No. PY/51/2021-23
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2021-23

**ବିଶେଷ ସୂଚନା :**

ଦିବ୍ୟଜନନୀ ଶ୍ରୀମାଙ୍କ ପଣ୍ଡିଚେରୀ ଆଗମନ ଶତବାର୍ଷିକୀର (୧୯୨୦-୨୦୨୦) ଶୁଭ ଅବସରରେ ପ୍ରକାଶିତ ହୋଇଛି

## ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ

**(ପ୍ରଥମ ଖଣ୍ଡ)**

ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ, ଦର୍ଶନ ଓ ଶିକ୍ଷା ଉପରେ ଆଧାରିତ ଶ୍ରୀ ପ୍ରପତ୍ତିଙ୍କ ରଚନାବଳିର ଏହା ଏକ ଅଭିନବ ସଂକଳନ ।




୫୬୮ ପୃଷ୍ଠା ସମ୍ୱଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **ଟ. ୬୦୦/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**